ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ସୋମବାର, ମେ ୬/୨୦୨୪ (୧୪ ପୃଷ୍ଠା) Bhubaneswar, Monday, May 6/2024 Page 14 ₹ 7.00
୫୦ଶ ଭାଗ ୧୬୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 161 ମୂଲ୍ୟ ₹୭/-

# ରତ୍ନଭଣ୍ଡାର ଖୋଲିବୁ, ୪ ଦ୍ୱାର ଫିଟାଇବୁ

## ଭାଜପାର ନିର୍ବାଚନୀ ଇସ୍ତାହାରରେ ୨୧ ସଂକଳ୍ପ

ଭୁବନେଶ୍ୱର,୫।୫(ସୁନିତ ମିଶ୍ର)

୨୦୨୪ ନିର୍ବାଚନ ନିମନ୍ତେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ରବିବାର ଓଡ଼ିଶା ପାଇଁ ଭୁବନେଶ୍ୱରରେ ନିର୍ବାଚନୀ ଇସ୍ତାହାର(ସଂକଳ୍ପପତ୍ର) ଉନ୍ମୋଚନ କରିଛନ୍ତି। ଓଡ଼ିଶାର ବହୁ ପ୍ରସଙ୍ଗ ମଧ୍ୟରୁ ଦଳ ୨୧ଟି ସଂକଳ୍ପ ଗୁରୁତ୍ୱ ଦେଇଛି। ସେଥିମଧ୍ୟରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସମ୍ପର୍କିତ କିଛି ପ୍ରମୁଖ ପ୍ରସଙ୍ଗ ସହ ଚିଟ୍‌ଫଣ୍ଡ ଠକେଇର ସମାଧାନ, ଦୁର୍ନୀତି ବିରୋଧରେ ଶୂନ୍ୟସହନଶୀଳତା ନୀତି ଆପଣାଇବା ବିଷୟ ସଂକଳ୍ପପତ୍ରରେ ଉଲ୍ଲେଖ ରହିଛି। ତେବେ ମହାନଦୀ ଜଳକୁ ନେଇ ପଡ଼ୋଶୀ ଛତିଶଗଡ଼ ସହ ଓଡ଼ିଶାର ଦୀର୍ଘ ଦିନ ଧରି ଚାଲିଥିବା ବିବାଦର ସମାଧାନ ବିଷୟରେ କିଛି ଉଲ୍ଲେଖ ନାହିଁ। ସେହିପରି ଆନ୍ଧ୍ର ସହ ଲାଗିରହିଥିବା କେତେକ ନଦୀ ଜଳ ଏବଂ ପ୍ରକଳ୍ପ ବିବାଦର ସମାଧାନ ନିମନ୍ତେ କିଛି ପ୍ରତିଶ୍ରୁତି ଦିଆଯାଇ ନାହିଁ। ଏପରି କି ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ଶୁଳ୍କ ହ୍ରାସ ଆଦି ବିଷୟରେ ମଧ୍ୟ ସଂକଳ୍ପପତ୍ରରେ ଉଲ୍ଲେଖ ନାହିଁ।

ସ୍ଥାନୀୟ ଏକ ହୋଟେଲରେ ସଂକଳ୍ପପତ୍ର ଉନ୍ମୋଚନ ଅବସରରେ ନଡ୍ଡା କହିଛନ୍ତି, ଏଥର


ଦଳର ନିର୍ବାଚନୀ ଇସ୍ତାହାର ଉନ୍ମୋଚନ ଅବସରରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା।

ଆମେ ବିରୋଧୀ ନୁହେଁ, ସରକାର ଗଢ଼ିବାକୁ ଲଢୁଛୁ। ରାଜ୍ୟରେ ଭାଜପା ସରକାରକୁ ଆସିଲେ ପୁରୀ ପରିକ୍ରମା ପ୍ରକଳ୍ପରେ ଭଙ୍ଗାଯାଇଥିବା ମଠଗୁଡ଼ିକର ପୁନରୁଦ୍ଧାର କରିବ। ଏହାସହ ଭକ୍ତମାନଙ୍କ ପାଇଁ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯିବ। ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କରାଯିବ। ରତ୍ନଭଣ୍ଡାର ଖୋଲି ଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତିର ତାଲିକା ପ୍ରସ୍ତୁତ କରି ରାଜ୍ୟବାସୀଙ୍କ ନିକଟରେ ରିପୋର୍ଟ ପ୍ରକାଶ କରିବ। ରତ୍ନଭଣ୍ଡାର ଡୁପ୍ଲିକେଟ ଚାବି ମିଳିବା କଥାର ମଧ୍ୟ ତଦନ୍ତ କରାଯିବ। ନଡ୍ଡା ଆହୁରି କହିଛନ୍ତି, ଓଡ଼ିଶାରେ କୃଷକଙ୍କ ଆୟ ଅନ୍ୟ ସବୁ ରାଜ୍ୟ ତୁଳନାରେ କମ୍ ରହିଛି। ଓଡ଼ିଆ ଲୋକ ଦାଦନ ଖଟିବାକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଓଡ଼ିଆପ୍ରେମୀ ନାହାନ୍ତି






# ପୁଞ୍ଚ ଆକ୍ରମଣ: ଫିକ୍ସିଂ ସନ୍ଦେହ

**ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲାରେ ଶନିବାର ଭାରତୀୟ ବାୟୁସେନା ଯବାନଙ୍କ ଉପରେ ଆକ୍ରମଣକୁ ନେଇ ରାଜନୀତି ଆରମ୍ଭ ହୋଇଛି। କଂଗ୍ରେସ ନେତା ପପୁ ଯାଦବ ଏହାକୁ ସାଂଘାତିକ ଷଡ଼ଯନ୍ତ୍ରର ଆଖ୍ୟା ଦେଇଛନ୍ତି। ଏହା ୨୦୧୯ ପୁଲୱାମା ଆକ୍ରମଣ ଭଳି 'ମ୍ୟାଚ୍ ଫିକ୍ସିଂ' ନୁହେଁ ତ କହି ସେ ମୋଦି ସରକାରଙ୍କ ଅଭିସନ୍ଧି ଉପରେ ପ୍ରଶ୍ନ ଉଠାଇଛନ୍ତି। କେବଳ ପପୁ ନୁହନ୍ତି, ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନି, ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ମନୋଜ ଝା ଏବଂ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ଭଳି କେତେଜଣ ନେତା ସୁରକ୍ଷା ବଳ ଉପରେ ହୋଇଥିବା ଆକ୍ରମଣର ସମୟକୁ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି।**

ନୂଆଦିଲ୍ଲୀ,୫।୫

୨୦୧୯ ଫେବୃଆରୀ ୧୪ରେ ଜମ୍ମୁ-କଶ୍ମୀରର ପୁଲୱାମା ଜିଲା ଲେଥିପୋରାରେ ସୁରକ୍ଷା ବଳ ଉପରେ ଆତ୍ମଘାତୀ ଆକ୍ରମଣ ହୋଇଥିଲା। ଏଥିରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ୪୦ ଯବାନ ଶହୀଦ ହୋଇଥିଲେ। ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିସ୍‌କଭରି ଚ୍ୟାନେଲ ପାଇଁ 'ମ୍ୟାନ୍ ଭର୍ସେସ୍ ୱାଇଲ୍ଡ' ଶୀର୍ଷକ ଶୋ'ର ଶୁଟିଂରେ ବ୍ୟସ୍ତ ଥିଲେ। ଏତେ ସଂଖ୍ୟକ ଯବାନଙ୍କ ମୃତ୍ୟୁ ସମ୍ପର୍କରେ ଜାଣି ସୁଦ୍ଧା ପ୍ରଧାନମନ୍ତ୍ରୀ ନୌକା ବିହାର ଜାରି ରଖି ଉକ୍ତ ଚ୍ୟାନେଲକୁ ସାକ୍ଷାତକାର ଦେଇଚାଲିଥିଲେ। ଦେଶରେ ସରକାରଙ୍କ ବିରୋଧରେ ପ୍ରବଳ ଭିତିରି ପବନ ବହୁଥିବା ସତ୍ତ୍ୱେ ଏହାର ୨ ମାସ ପରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ଭାଜପା ଆଶାତୀତ ସଫଳତା ପାଇଥିଲା। ଏହି ଆକ୍ରମଣର ୫ ବର୍ଷ ପରେ ଦେଶରେ ପୁଣି ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଉଛି। ଏଥର କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଆଗରେ ମଜଭୁତ ଚ୍ୟାଲେଞ୍ଜର ରୂପେ ଉଭା ହୋଇଛି ୨୮ ବିରୋଧୀ ଦଳକୁ ନେଇ ଗଠିତ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)। ପ୍ରଥମ ଦୁଇଟି ପର୍ଯ୍ୟାୟରେ ମତଦାନ ହାର ଯଥାକ୍ରମେ ୬୬.୧୪% ଓ ୬୬.୭% ଦର୍ଶାଇଛି ଯେ, ସରକାରଙ୍କ ପ୍ରତି ଭାରତୀୟ ଭୋଟର ବିମୁଖ। ମେ' ୭ରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ଓ ତାଙ୍କ ସହଯୋଗୀମାନେ ଅସଲ ପ୍ରସଙ୍ଗଗୁଡ଼ିକୁ ବାଦ୍‌ଦେଇ ଧ୍ରୁବୀକରଣ ଅସ୍ତ୍ର ଧରିଛନ୍ତି। ବିରୋଧୀ କଂଗ୍ରେସକୁ ଟାର୍ଗେଟ କରିବାକୁ ଯାଇ ମୋଦି ପାକିସ୍ତାନକୁ ନିର୍ବାଚନୀ ମଇଦାନକୁ ଟାଣିବା ପରେ ଶନିବାର ସନ୍ଧ୍ୟାରେ ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲାରେ ଆତଙ୍କବାଦୀମାନେ ଭାରତୀୟ ବାୟୁସେନା (ଆଇଏଏଫ୍)ର ଦୁଇଟି ଭ୍ୟାନ୍‌କୁ ଅତର୍କିତ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଜଣେ ଯବାନ ଶହୀଦ ହୋଇଥିବାବେଳେ ୪ ଆହତ ହୋଇଛନ୍ତି। ଇତିମଧ୍ୟରେ ଆକ୍ରମଣରେ ପାକିସ୍ତାନୀ ଆତଙ୍କବାଦୀଙ୍କ ସମ୍ପୃକ୍ତିକୁ ଭାରତୀୟ ସେନା ସ୍ୱୀକାର କରିଛି। ଆତଙ୍କବାଦୀମାନଙ୍କୁ ଆଶ୍ରୟ ଦେଇ ଖାଦ୍ୟ ଯୋଗାଇବା ଅଭିଯୋଗରେ ୬ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ମହମ୍ମଦ ରଜାକ୍ ନାମକ ଅଭିଯୁକ୍ତ ପାକିସ୍ତାନୀ ଆତଙ୍କବାଦୀଙ୍କୁ ସାହାଯ୍ୟ କରିଥିବା ବିଷୟ ମାନିଛନ୍ତି। ତେବେ ଏନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି, ଠିକ୍ ନିର୍ବାଚନ ବେଳେ ଏଭଳି ଆକ୍ରମଣ କାହିଁକି ହେଉଛି?

## ପୁଅ ଜନ୍ମଦିନ ପାଇଁ ଘରକୁ ଯାଇଥାନ୍ତେ



ଶହୀଦ କର୍ପୋରାଲ ଭିକି ପାଣ୍ଡେ ମଧ୍ୟପ୍ରଦେଶର ଛିନ୍ଦୱାଡ଼ା ବାସିନ୍ଦା ଥିଲେ। ସେ ୨୦୧୧ରେ ଆଇଏଏଫ୍‌ରେ ସାମିଲ ହୋଇଥିଲେ। ମଙ୍ଗଳବାର ହେବାକୁ ଥିବା ତାଙ୍କ ପୁଅ ଜନ୍ମଦିନ ପାଳନ ପାଇଁ ଘରକୁ ଫେରିବା ଯୋଜନା କରିଥିଲେ। କିନ୍ତୁ ଏହା ପୂର୍ବରୁ ଆତଙ୍କବାଦୀଙ୍କ ଆକ୍ରମଣର ଶିକାର ହୋଇ ଶହୀଦ ହୋଇଗଲେ।



ପୁଞ୍ଚ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷାବଳର ତଲାସି ଅଭିଯାନ।

## ତେଜିଲା ରାଜନୀତି

ବିହାର ପୂର୍ଣ୍ଣିୟା ଲୋକ ସଭା ଆସନର ସ୍ୱାଧୀନ ପ୍ରାର୍ଥୀ ପପୁ ଯାଦବ ପିଟିଆଇକୁ କହିଛନ୍ତି, ନିର୍ବାଚନ ଆସିବ ଓ ଯିବ। କିନ୍ତୁ ନିଜ ସ୍ୱାର୍ଥ ହାସଲ ପାଇଁ ଦେଶ ସେବାରେ ନିୟୋଜିତ ସୈନ୍ୟମାନଙ୍କ ବଳିଦାନକୁ ନେଇ ରାଜନୀତି କରାଯିବା ଅନୁଚିତ। ଦେଶରେ ମୋଦି ହାୱା ଶେଷ ହୋଇଯାଇଛି। ଏନ୍‌ଡିଏ ସରକାର କ୍ଷମତାକୁ ଆଉ ଆସିବ ନାହିଁ। ତେଣୁ ପ୍ରଧାନମନ୍ତ୍ରୀ ଇଆଡୁ ସିଆଡୁ କଥା କହୁଛନ୍ତି। ପୁଲୱାମା ଶହୀଦଙ୍କ ବଳିଦାନକୁ ନେଇ ସେତେବେଳେ ରାଜନୀତି ହୋଇଥିଲା। ବର୍ତ୍ତମାନ ଏହି ଆକ୍ରମଣକୁ ନେଇ ରାଜନୀତି କରା ନ ଯାଉ।

କଂଗ୍ରେସ ନେତା ଚରଣଜିତ୍ ସିଂ ଚନ୍ନି ନ୍ୟୁଜ୍ ଏଜେନ୍ସି ଏଏନ୍‌ଆଇକୁ କହିଛନ୍ତି, ପୁଞ୍ଚ ଆକ୍ରମଣ ଏକ 'ଷ୍ଟଣ୍ଟବାଜି'। ନିର୍ବାଚନରେ ଭାଜପାକୁ ସାହାଯ୍ୟ କରିବା ପାଇଁ ଏପରି କରାଯାଇଛି। ନିର୍ବାଚନ ଆସିଲେ ଭାଜପାକୁ ଜିତାଇବା ଲାଗି ଏପରି ପ୍ରାୟୋଜିତ ଆକ୍ରମଣ କରାଯାଇଥାଏ। ଆର୍‌ଜେଡି ଏମ୍‌ପି ମନୋଜ ଝାଙ୍କ ମତରେ ପୁଲୱାମା ରିପୋର୍ଟ ଆଜି ଯାଏ ଆସିଲା ନାହିଁ। ପୁଞ୍ଚ ଆକ୍ରମଣ ଗୋଇନ୍ଦା ବିଫଳତା ନୁହେଁ କି? ସରକାରଙ୍କ ନିୟନ୍ତ୍ରଣ ବାହାରକୁ ସବୁ ଚାଲିଯାଇଛି। ସେହିପରି ଏନ୍‌ସି ମୁଖ୍ୟ ଫାରୁକ୍ ଅବ୍‌ଦୁଲ୍ଲା ଏହି ଆକ୍ରମଣକୁ ନିନ୍ଦା କରିବା ସହ କହିଛନ୍ତି, କେନ୍ଦ୍ରର ଭାଜପା ସରକାର ଉପତ୍ୟକାରେ ଆତଙ୍କବାଦ ପାଇଁ ପୂର୍ବରୁ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଦାୟୀ କରୁଥିଲେ। ୩୭୦ ଉଚ୍ଛେଦ ପରେ କେନ୍ଦ୍ରଶାସିତ ଅଞ୍ଚଳରେ ଏବେ ମଧ୍ୟ ଆତଙ୍କବାଦୀଙ୍କ ଭୟ ଜୀବିତ ରହିଛି। ପୁଞ୍ଚ ଆକ୍ରମଣ ଏହାର ପ୍ରମାଣ ଦେଇଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଲୋକ ସଭା ନିର୍ବାଚନ ଶେଷ ହେବା ପରେ ଜମ୍ମୁ-କଶ୍ମୀରରେ ଆତଙ୍କବାଦ ନିରୋଧୀ ଅଭିଯାନକୁ ମଜଭୁତ୍ କରିବା ଦିଗରେ ଇଣ୍ଡିଆ ବ୍ଲକ୍‌ର ସହଯୋଗୀ ଦଳଗୁଡ଼ିକ କୌଣସି ସୁଯୋଗକୁ ହାତଛଡ଼ା କରିବେ ନାହିଁ।

## ସଂକ୍ଷେପରେ

### ୩ୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ

**ନୂଆଦିଲ୍ଲୀ, ୫।୫:** ମେ ୭ରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ରବିବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୧ ରାଜ୍ୟର ୯୨ ଆସନ ପାଇଁ ୧୨୦ ମହିଳାଙ୍କ ସମେତ ୧,୩୦୦ ପ୍ରାର୍ଥୀ ଭାଗ୍ୟ ପରୀକ୍ଷା କରୁଛନ୍ତି। ଗୁଜରାଟର ସର୍ବାଧିକ ୨୫ ଆସନ, କର୍ନାଟକ ୧୪, ମହାରାଷ୍ଟ୍ର ୧୧, ଉତ୍ତରପ୍ରଦେଶ ୧୦, ମଧ୍ୟପ୍ରଦେଶ ୮, ଛତିଶଗଡ଼ ୭, ବିହାର ୫, ପଶ୍ଚିମବଙ୍ଗ ଓ ଆସାମର ୪ ଆସନ ପାଇଁ ଭୋଟ ଗ୍ରହଣ କରାଯିବ।

### ଗୁରୁଦ୍ୱାରାରେ ଯୁବକଙ୍କୁ ପିଟି ହତ୍ୟା

**ଚଣ୍ଡିଗଡ଼, ୫।୫:** ପଞ୍ଜାବର ଫିରୋଜପୁରସ୍ଥିତ ଗୁରୁଦ୍ୱାରାରେ ଜଣେ ୧୯ ବର୍ଷୀୟ ଯୁବକ ପ୍ରବେଶ କରି ପବିତ୍ର ଗୁରୁଗ୍ରନ୍ଥ ସାହିବ୍‌ର କେତେକ ପୃଷ୍ଠା ଚିରିଦେବା ଅଭିଯୋଗରେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ପିଟି ମାରିଦେଇଛନ୍ତି। ମୃତକ ବକ୍ସିସ ସିଂ ମାନସିକ ଅସୁସ୍ଥ ଥିଲେ ବୋଲି ତାଙ୍କ ବାପା କହିବା ସହ ହତ୍ୟାକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷରେ ଗୁରୁଗ୍ରନ୍ଥ ସାହିବରୁ ପୃଷ୍ଠା ଚିରିବା ଅଭିଯୋଗରେ ବକ୍ସିସଙ୍କ ନାଁରେ ଏକ ମାମଲା ରୁଜୁ ହୋଇଛି। ଅପବିତ୍ରୀକରଣ ମାମଲାରେ ସରକାର କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଲୋକେ ଆଇନକୁ ହାତକୁ ନେବାକୁ ବାଧ୍ୟ ହେଲେ ବୋଲି ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ଏସ୍‌ଜିପିସି) ପକ୍ଷରୁ କୁହାଯାଇଛି।

### ହ୍ୱାଇଟ୍ ହାଉସ୍ ବାହ୍ୟ ଗେଟ୍‌ରେ କାର୍ ଧକ୍କା ଦେଇ ଡ୍ରାଇଭର ମୃତ

**ୱାଶିଂଟନ, ୫।୫:** ହ୍ୱାଇଟ୍ ହାଉସ୍‌ର ବାହ୍ୟ ଗେଟ୍‌କୁ ଏକ କାର୍ ଶନିବାର ବିଳମ୍ବିତ ରାତିରେ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ କାର୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ଆମେରିକା ସିକ୍ରେଟ୍ ସର୍ଭିସ ପକ୍ଷରୁ କୁହାଯାଇଛି। ସିକ୍ରେଟ୍ ସର୍ଭିସ୍‌ର ସୂଚନା ଅନୁଯାୟୀ ହ୍ୱାଇଟ୍ ହାଉସ୍ କମ୍ପ୍ଲେକ୍ସର ବାହାର ସୁରକ୍ଷା ବଳୟ ଗେଟ୍‌କୁ ଏକ କାର୍ ଦ୍ରୁତ ବେଗରେ ଆସି ଧକ୍କା ଦେଇଥିଲା। ତେବେ ହ୍ୱାଇଟ୍ ହାଉସ୍ ପ୍ରତି କୌଣସି ବିପଦ ନ ଥିବା କୁହାଯାଇଛି। ଦୁର୍ଘଟଣାର କାରଣ ସମ୍ପର୍କରେ ସିକ୍ରେଟ୍ ସର୍ଭିସ ସମେତ ପୋଲିସ, ଅଗ୍ନିଶମ ବିଭାଗ ତଦନ୍ତ ଚଳାଇଛି।

### କୋଟା ରାଜନୀତି: ମୋଦି, ଚନ୍ଦ୍ରାବାବୁଙ୍କ ଭିନ୍ନ ପ୍ରତିଶ୍ରୁତି

**ନୂଆଦିଲ୍ଲୀ, ୫।୫:** ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣରୁ ମୁସଲମାନଙ୍କୁ ଧର୍ମ ଆଧାରରେ କୋଟା ଦିଆଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର ବେଳେ ଦୃଢ଼ ପ୍ରତିଶ୍ରୁତି ଦେଉଥିବାବେଳେ ଭାଜପାର ସହଯୋଗୀ ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମୁସଲମାନଙ୍କ ପାଇଁ ୪ ପ୍ରତିଶତ କୋଟା ପ୍ରସ୍ତାବକୁ ସମର୍ଥନ ଜଣାଇଛି। ଟିଡିପି ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁ ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟକୁ ବିରୋଧ କରି ମୁସଲମାନଙ୍କ ପାଇଁ କୋଟା ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ଆନ୍ଧ୍ରପ୍ରଦେଶର ମୁସଲମାନ ସମ୍ପ୍ରଦାୟ ପାଇଁ ୪ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିବ ବୋଲି ସେ ରବିବାର କହିଛନ୍ତି।

## ନୂପୁର ଶର୍ମାଙ୍କୁ ହତ୍ୟା ଧମକ ଦେଇଥିବା ମୌଲବୀ ଗିରଫ

**ସୁରଟ,୫।୫:** ଭାଜପାର ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କୁ ହତ୍ୟା ଧମକ ଦେବା ସହ ହିନ୍ଦୁ ସଂଗଠନର ଜଣେ ନେତାଙ୍କୁ ହତ୍ୟା ଯୋଜନା କରିଥିବା ଅଭିଯୋଗରେ ସୁରଟର ଜଣେ ମୌଲବୀଙ୍କୁ ଗୁଜରାଟ ପୋଲିସ ଶନିବାର ଗିରଫ କରିଛି। ମୌଲବୀ ସୋହେଲ ଅବୁବକର ତିମୋଲ(୨୭) ମୁସଲମାନ ପିଲାମାନଙ୍କୁ ଇସ୍‌ଲାମ ଉପରେ ଘରୋଇ ଟିଉଶନ ଦେଉଥିଲେ। ଏହା ବ୍ୟତୀତ ସେ ଏକ ସୂତା କାରଖାନାରେ କାମ କରୁଥିଲେ। ଏଥିସହିତ ମୌଲବୀ ସୋହେଲ ତାଙ୍କର ପାକିସ୍ତାନ ଓ ନେପାଳ ପରିଚାଳକଙ୍କ ସହ ମିଶି ସୁଦର୍ଶନ ଟେଲିଭିଜନ ଚ୍ୟାନେଲର ମୁଖ୍ୟ ସମ୍ପାଦକ ତଥା ଭାଜପାର ତେଲଙ୍ଗାନା ବିଧାୟକ ରାଜା ସିଂଙ୍କୁ ମଧ୍ୟ ଧମକ ଦେଇଥିଲେ ବୋଲି ପୋଲିସ କହିଛି।

## ଅଦାଲତ ଟେପ୍ ରେକର୍ଡର ନ ହୁଅନ୍ତୁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୫।୫:** ମାମଲାଗୁଡ଼ିକର ବିଚାର ପ୍ରକ୍ରିୟାରେ ଅଦାଲତଗୁଡ଼ିକୁ ସହଭାଗୀ ଭୂମିକା ନେବାକୁ ହେବ। ସେମାନେ କେବଳ ଟେପ୍ ରେକର୍ଡର ଭଳି କାର୍ଯ୍ୟ କରିବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଆପରାଧିକ ମାମଲାଗୁଡ଼ିକର ଶୁଣାଣି ବେଳେ ତଥ୍ୟ ଲୁଚାଉଥିବା ସାକ୍ଷୀମାନଙ୍କୁ ସରକାରୀ ଓକିଲମାନେ ପ୍ରଭାବୀ ଏବଂ ଭାବପୂର୍ଣ୍ଣ ଢଙ୍ଗରେ ଜବାବ ସୁଆଲ କରୁ ନ ଥିବାରୁ ସର୍ବୋଚ୍ଚ ଅଦାଲତ କ୍ଷୋଭ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ବିଚାରପତିମାନଙ୍କୁ ନ୍ୟାୟ ସହାୟତାରେ ମୋକଦ୍ଦମା ପରିଚାଳନା ଉପରେ ନଜର ରଖିବାକୁ ହୋଇଥାଏ। ପ୍ରସିକ୍ୟୁଟର କୌଣସି ପ୍ରକାରେ ନିଷ୍କ୍ରିୟ ମନେହେଲେ ମଧ୍ୟ କୋର୍ଟ ବିଚାର ପ୍ରକ୍ରିୟାକୁ ପ୍ରଭାବଶାଳୀ ଭାବେ ନିୟନ୍ତ୍ରଣ କରିବା ଉଚିତ, ଯଦ୍ୱାରା ସତ ପଦାକୁ ଆସିପାରିବ। ସାର୍ବଜନିକ ଅଭିଯୋଜନା ସେବା ଏବଂ ନ୍ୟାୟପାଳିକା ମଧ୍ୟରେ ସମ୍ପର୍କ ଆପରାଧିକ ନ୍ୟାୟ ବ୍ୟବସ୍ଥାର ଆଧାରଶିଳା ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି।

## ଇସ୍ରାଏଲ୍‌ରେ ଅଲ୍ ଜଜିରା ଅଫିସ୍ ବନ୍ଦ

ତେଲ୍ ଆଭିଭ,୫।୫

କାତାର ମାଲିକାନାରେ ଥିବା ପ୍ରସାରଣ ସଂସ୍ଥା ଅଲ୍ ଜଜିରାର ଇସ୍ରାଏଲସ୍ଥିତ ସମସ୍ତ କାର୍ଯ୍ୟାଳୟ ବନ୍ଦ ହୋଇଛି। ଏଥିପାଇଁ ଇସ୍ରାଏଲ୍ କ୍ୟାବିନେଟରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିବା ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ରବିବାର କହିଛନ୍ତି। ଏହି ନ୍ୟୁଜ୍ ଚ୍ୟାନେଲ ସହ ଦୀର୍ଘଦିନରୁ ଇସ୍ରାଏଲ୍‌ର ବିବାଦ ରହିଥିଲା। କାତାର ମଧ୍ୟସ୍ଥତାରେ ହମାସ୍ ସହ ଇସ୍ରାଏଲ୍‌ର ଯୁଦ୍ଧବିରତି ପାଇଁ କଥାବାର୍ତ୍ତା ଚାଲିଥିବାବେଳେ ଏହି ବିବାଦ ଅଧିକ ତୀବ୍ର ହୋଇଥିଲା। ଅଲ୍ ଜଜିରା ଇସ୍ରାଏଲ୍ ବିରୋଧୀ ଖବର ପ୍ରସାର କରି ଏହା ବିରୋଧରେ ଜନମତକୁ ଉସୁକାଉଥିବା ଅଭିଯୋଗ ହୋଇଥିଲା।

## ରୋହିତ ଭେମୁଲା ଆତ୍ମହତ୍ୟା: ପୁନଃ ତଦନ୍ତ କରାଇବେ ତେଲଙ୍ଗାନା ସରକାର

ହାଇଦ୍ରାବାଦ, ୫।୫

ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଗବେଷଣା ଛାତ୍ର ରୋହିତ ଭେମୁଲା ଆତ୍ମହତ୍ୟା ମାମଲାର ପୁନଃ ତଦନ୍ତ କରାଯିବ। ଏନେଇ ଖୁବ୍‌ଶୀଘ୍ର କୋର୍ଟରେ ଆବେଦନ କରାଯିବ ବୋଲି ତେଲଙ୍ଗାନା ସରକାରଙ୍କ ସୂତ୍ରରୁ ଜଣାପଡ଼ିଛି। ୨୦୧୬ରେ ଆତ୍ମହତ୍ୟା କରିଥିବା ରୋହିତ ଦଳିତ ନ ଥିଲେ ଏବଂ ତାଙ୍କ ଆତ୍ମହତ୍ୟାରେ ତତ୍କାଳୀନ କୁଳପତି ପୋଡିଲେ ଆପ୍ପା ରାଓ ଏବଂ ଭାଜପା ନେତାମାନଙ୍କ ସମ୍ପୃକ୍ତି ନ ଥିବା ଦର୍ଶାଇ ଶୁକ୍ରବାର ପୋଲିସ କ୍ଲିନଚିଟ ଦେଇଥିଲା। ଏଥି ସହ କୋର୍ଟରେ କ୍ଲୋଜର ରିପୋର୍ଟ ଦାଖଲ କରାଯାଇଥିଲା। ତେବେ ଉକ୍ତ ରିପୋର୍ଟରେ ଅନେକ ଅନିୟମିତତା ଥିବା ଦର୍ଶାଇ କଂଗ୍ରେସ ନେତା କେ.ସି. ଭେଣୁଗୋପାଳ ରବିବାର ଅଭିଯୋଗ ଆଣିଛନ୍ତି। ତେଲଙ୍ଗାନାର ରେବନ୍ତ ରେଡ୍ଡୀ ସରକାର ରୋହିତଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବେ ବୋଲି ସେ କହିଛନ୍ତି। ସେହିପରି କେନ୍ଦ୍ରରେ କଂଗ୍ରେସ ସରକାର ଆସିଲେ ରୋହିତ ବେମୁଲା ଆଇନ ଅଣାଯିବ। ବିଶ୍ୱବିଦ୍ୟାଳୟ କ୍ୟାମ୍ପସଗୁଡ଼ିକରେ ସାମାଜିକ ଓ ଆର୍ଥିକ ଅନଗ୍ରସର ଛାତ୍ରଙ୍କ ପ୍ରତି ଜାତି ଓ ଧର୍ମ ଭିତ୍ତିକ ଉତ୍ପୀଡ଼ନ ବିରୋଧରେ ଏହି ଆଇନ ଆସିବ ବୋଲି ସେ କହିଛନ୍ତି।

## ପାରୋଲରେ ଆସି ଜେଡିୟୁ ରାଲିରେ ଆର୍‌ଜେଡି ନେତା

ନୂଆଦିଲ୍ଲୀ,୫।୫

ବିହାରରେ ଆପରାଧିକ ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ଜଣେ ପୂର୍ବତନ ଆର୍‌ଜେଡି ବିଧାୟକ ପାରୋଲରେ ଆସି ଜେଡିୟୁ ପ୍ରାର୍ଥୀଙ୍କ ସମର୍ଥନରେ ରୋଡ୍‌ଶୋ'ରେ ଭାଗ ନେଇଛନ୍ତି। ଛୋଟେ ସର୍କାର ଭାବେ ଜଣାଶୁଣା ମୋକମାର ୫ ଥରର ବିଧାୟକ ଅନନ୍ତ କୁମାର ସିଂ ରବିବାର ସକାଳେ ପାଟନାର ବେଉର କେନ୍ଦ୍ରୀୟ ଜେଲରୁ ୧୫ ଦିନିଆ ପାରୋଲରେ ବାହାରିଥିଲେ। ତାଙ୍କୁ ଭବ୍ୟ ସ୍ୱାଗତ ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ସେ ରୋଡ୍ ଶୋ'ରେ ଆସି ମୁଙ୍ଗେର୍‌ର ଜେଡିୟୁ ପ୍ରାର୍ଥୀ ଲଲନ ସିଂଙ୍କ ସମର୍ଥନରେ ରାଲିରେ ସାମିଲ ହୋଇଥିଲେ। ୨୦୨୦ରେ ଆର୍‌ଜେଡି ଟିକେଟରେ ବିହାର ବିଧାନସଭାକୁ ନିର୍ବାଚିତ ହୋଇଥିବା ଅନନ୍ତ ସିଂ ଏକ ଆପରାଧିକ ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ତାଙ୍କ ଘରେ ଚଢ଼ାଉ ବେଳେ ଏକେ-୪୭ ରାଇଫଲ, ୨ଟି ହ୍ୟାଣ୍ଡ ଗ୍ରେନେଡ୍, ୨୬ଟି ଗୁଳି, ମାଗାଜିନ ଆଦି ଅସ୍ତ୍ରଶସ୍ତ୍ର ମିଳିଥିଲା।

## ପାଲେଷ୍ଟାଇନ୍ ସମର୍ଥକ-ପୋଲିସ ସଂଘର୍ଷ



ଆମେରିକାର ଭର୍ଜିନିଆ ବିଶ୍ୱବିଦ୍ୟାଳୟରେ ପାଲେଷ୍ଟାଇନକୁ ସମର୍ଥନ କରି ଆନ୍ଦୋଳନରତ ଜଣେ ଛାତ୍ରୀଙ୍କୁ ଧାରଣାସ୍ଥଳରୁ ପୋଲିସ ଉଠାଇନେଉଛି।

ୱାଶିଂଟନ, ୫।୫

### ୨୫ ଗିରଫ

ଆମେରିକାର ଭର୍ଜିନିଆ ବିଶ୍ୱବିଦ୍ୟାଳୟରେ ରବିବାର ପାଲେଷ୍ଟାଇନ ସମର୍ଥିତ ଆନ୍ଦୋଳନ ଉଗ୍ର ରୂପ ଧାରଣ କରିଛି। ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ସଂଘର୍ଷ ହୋଇଥିବାରୁ ୨୫ ଜଣ ଆନ୍ଦୋଳନକାରୀ ଗିରଫ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ତମ୍ବୁ ହଟାଇବାକୁ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ପୋଲିସ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ପୋଲିସର ନିର୍ଦ୍ଦେଶ ନ ମାନି ଧାରଣାରେ ବସି ରହିଥିଲେ। ଫଳରେ ପୋଲିସ ଓ ଉତ୍ତ୍ୟକ୍ତ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିବା ସହ ପୋଲିସ ଆନ୍ଦୋଳନକାରୀଙ୍କ ଉପରେ ଲୁହବୁହା ଗ୍ୟାସ ବ୍ୟବହାର କରିଥିଲା। ବିଶ୍ୱବିଦ୍ୟାଳୟ ପରିସରରେ ବେଆଇନ ସଭା ଓ ହିଂସାତ୍ମକ ଆଚରଣ ପ୍ରଦର୍ଶନ ଯୋଗୁ ୨୫ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇଥିବା ସ୍ଥାନୀୟ ପୋଲିସ କହିଛି। ସୂଚନାଯୋଗ୍ୟ, ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧ ବିରୋଧରେ ଆମେରିକାର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗତ ମାସରୁ ପ୍ରତିବାଦ ହେଉଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୦୦୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇଛି।

## ଫୁର୍‌ସତ୍

### ଗଧରେ ଚଢ଼ି ନାମାଙ୍କନ କଲେ



**ଗୋପାଳଗଞ୍ଜ:** ବିହାରର ଗୋପାଳଗଞ୍ଜ ଲୋକ ସଭା ଆସନରୁ ସତ୍ୟେନ୍ଦ୍ର ବୈଠା ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ ଗଧ ପିଠିରେ ବସି ନାମାଙ୍କନପତ୍ର ଦାଖଲ କରିବାକୁ ଆସିଥିବାବେଳେ ତାଙ୍କୁ ଦେଖିବାକୁ ସେଠାରେ ବହୁ ଲୋକ ଏକତ୍ର ହୋଇଥିଲେ। ଗୋପାଳଗଞ୍ଜ ଜିଲାର କୁଚାଇକୋଟ ଥାନା ଶାମପୁର ଗ୍ରାମ ନିବାସୀ ୪୫ ବର୍ଷୀୟ ସତ୍ୟେନ୍ଦ୍ର ୨୦୦୧ରୁ ରାଜନୀତିରେ ସକ୍ରିୟ ରହିଛନ୍ତି। ସେ ଚଳିତ ଲୋକ ସଭା ନିର୍ବାଚନରେ ତୃତୀୟ ଥର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପୂର୍ବରୁ ସେ ୨ ଥର ଲୋକ ସଭା ନିର୍ବାଚନ ଲଢ଼ିଥିଲେ ମଧ୍ୟ ସଫଳତା ପାଇ ନ ଥିଲେ। ସେହିପରି ସତ୍ୟେନ୍ଦ୍ର ପୂର୍ବରୁ ଜିଲା ପରିଷଦ ସଦସ୍ୟ ଭାବେ ମଧ୍ୟ ନିର୍ବାଚିତ ହୋଇଛନ୍ତି। ନାମାଙ୍କନପତ୍ର ଦାଖଲ ପରେ ସତ୍ୟେନ୍ଦ୍ର କହିଛନ୍ତି, ଲୋକ ସଭା ନିର୍ବାଚନରେ ଜିତି ଏମ୍‌ପି ଭାବେ ନିର୍ବାଚିତ ହେବା ପରେ ଜନ ପ୍ରତିନିଧିମାନେ ଦିଲ୍ଲୀ ଯାଇ ଅଞ୍ଚଳର ବିକାଶ ପ୍ରତି ଧ୍ୟାନ ଦିଅନ୍ତି ନାହିଁ। ଗତ ତିନି ଦଶନ୍ଧି ଧରି ଗୋପାଳଗଞ୍ଜରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇ ନ ଥିବା ସେ ଅଭିଯୋଗ ଆଣିଛନ୍ତି। ତେଣୁ ସେ ଗଧରେ ଚଢ଼ି ନିଜର ନାମାଙ୍କନପତ୍ର ଦାଖଲ କରିଥିବା କହିଛନ୍ତି।

### ତେଜସ୍ୱୀ ସୂର୍ଯ୍ୟା ମାଛ ଖାଉଛନ୍ତି: କଙ୍ଗନା



କଙ୍ଗନା ରାଣାୱତ୍

**ନୂଆଦିଲ୍ଲୀ:** ଅଭିନେତ୍ରୀରୁ ନେତ୍ରୀ ହୋଇଥିବା କଙ୍ଗନା ରାଣାୱତ୍‌ଙ୍କ ଟାର୍ଗେଟରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଥିବାବେଳେ ସେ ଭୁଲ୍‌ବଶତଃ ନିଜ ଦଳର ତେଜସ୍ୱୀ ସୂର୍ଯ୍ୟାଙ୍କୁ ସମାଲୋଚନା କରି ଚର୍ଚ୍ଚାକୁ ଆସିଛନ୍ତି। ଦୁଇଜଣଙ୍କ ନାଁ ସମାନ ହୋଇଥିବାରୁ ଏହା କଙ୍ଗନାଙ୍କୁ ଅଡୁଆରେ ପକାଇଥିଲା। ଶନିବାର ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କଲାବେଳେ କଙ୍ଗନା କହିଥିଲେ, ଏଠାରେ ନଷ୍ଟ ରାଜକୁମାରମାନଙ୍କ ଦଳ ରହିଛି, ଯେଉଁଠି ରାହୁଲ ଗାନ୍ଧୀ ଚନ୍ଦ୍ରରେ ଆଳୁ ଚାଷ କରିବାକୁ ଚାହୁଁଥିବାବେଳେ ତେଜସ୍ୱୀ ସୂର୍ଯ୍ୟା ଗୁଣ୍ଡାଗର୍ଦ୍ଦି କରିବା ସହ ମାଛ ଖାଉଛନ୍ତି। ବାସ୍ତବରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ସମାଲୋଚନା କରିବା ତାଙ୍କର ଉଦ୍ଦେଶ୍ୟ ଥିଲା। କାରଣ ଆର୍‌ଜେଡି ନେତାଙ୍କ ଏକ ଭିଡିଓରେ ସେ ମାଛ ଖାଉଥିବା ଦେଖାଯାଇଥିଲା। ତେଜସ୍ୱୀ ସୂର୍ଯ୍ୟା ବେଙ୍ଗାଲୁରୁ ସାଉଥ୍ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଛନ୍ତି।

### ଟ୍ରୋଲ୍ ହେଲେ ରାକ୍ଷୀ



**ମୁମ୍ବାଇ:** ଅଭିନେତ୍ରୀ ରାକ୍ଷୀ ସାୱନ୍ତ ସର୍ବଦା ନିଜ ବ୍ୟକ୍ତିଗତ ଜୀବନ ଓ ବିବାହକୁ ନେଇ ବିବାଦ ମଧ୍ୟରେ ରହିଆନ୍ତି। ବଲିଉଡ୍‌ର ଏହି ଡ୍ରାମା କ୍ୱିନ୍‌ଙ୍କୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଲାଗି ରହିଥାଏ। ପୂର୍ବତନ ସ୍ୱାମୀ ଆଦିଲ ଦୁରାନୀଙ୍କ ସହ ଚାଲିଥିବା ବିବାଦ ମଧ୍ୟରେ ଅଭିନେତ୍ରୀଙ୍କ ଏକ ଭିଡିଓକୁ ନେଇ ଏବେ ଝଡ଼ ସୃଷ୍ଟି ହୋଇଛି। ଏହି ଭିଡିଓରେ ରାକ୍ଷୀ ତାଙ୍କର ଜଣେ ପ୍ରଶଂସକଙ୍କୁ ଅସଦାଚରଣ କରୁଥିବା ନଜର ଆସିଛନ୍ତି। ନିକଟରେ ରାକ୍ଷୀ ମୁମ୍ବାଇର ଏକ ରାସ୍ତା ମଝିରେ ଜଣେ ମହିଳା ପ୍ରଶଂସକଙ୍କ ସହ ଯୁକ୍ତିତର୍କ କରୁଥିବାର ଏକ ଭିଡିଓ ସାମନାକୁ ଆସିଛି। ଯେତେବେଳେ ଅଭିନେତ୍ରୀ ଜଣକ ନିଜ କାର୍ ନିକଟରେ ଠିଆ ହୋଇଥିଲେ, ତାଙ୍କର ଜଣେ ମହିଳା ପ୍ରଶଂସକ ଭିଡ଼ ଭିତରୁ ବାହାରି ଅଭିନେତ୍ରୀଙ୍କ ନିକଟକୁ ଚାଲି ଆସିଥିଲେ। ସେ ହଠାତ୍ ରାକ୍ଷୀଙ୍କ ସହ ସେଲ୍ଫି ନେବାକୁ ଚାହିଁଥିଲେ। ଫଳରେ ରାକ୍ଷୀ ସମ୍ପୃକ୍ତ ମହିଳା ପ୍ରଶଂସକଙ୍କ ଉପରେ କ୍ରୋଧିତ ହୋଇ ପଡ଼ିଥିଲେ। ଘଟଣାସ୍ଥଳରେ ସେ ଅତ୍ୟଧିକ ରାଗିଯାଇ ଉକ୍ତ ମହିଳାଙ୍କ ହାତ ଧରି ତାଙ୍କୁ ଠେଲି ଦେଇଥିବା ଭାଇରାଲ ହୋଇଥିବା ଏହି ଭିଡିଓରେ ଦେଖିବାକୁ ମିଳିଛି। ରାକ୍ଷୀଙ୍କର ଏପରି ଆଚରଣ ଦେଖି ଆଖପାଖର ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏସବୁ ପରେ ମଧ୍ୟ ମହିଳା ପ୍ରଶଂସକ ଜଣକ ଅପମାନିତ ମନେ ନ କରି ରାକ୍ଷୀଙ୍କୁ ତାଙ୍କ ସହ ସେଲ୍ଫି ନେବାକୁ ପୁନର୍ବାର ନିବେଦନ କରିଥିଲେ। ଏହାପରେ ଯାଇ ରାକ୍ଷୀଙ୍କ କ୍ରୋଧ ଶାନ୍ତ ହୋଇଥିଲା ଓ ସେ ଉକ୍ତ ମହିଳା ପ୍ରଶଂସକଙ୍କ ସହ ସେଲ୍ଫି ନେଇଥିଲେ। ତେବେ ଏହି ଭାଇରାଲ ଭିଡିଓରେ ଅଭିନେତ୍ରୀଙ୍କ ଆଚରଣକୁ ଦେଖି ସୋସିଆଲ ମିଡିଆ ୟୁଜର୍ସ ତାଙ୍କୁ ଟ୍ରୋଲ୍ କରିଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ପୂର୍ବେ ରାକ୍ଷୀ ତାଙ୍କ ପୂର୍ବତନ ସ୍ୱାମୀ ଆଦିଲ ଖାନ୍ ଦୁରାନୀଙ୍କ ସହ ଛାଡପତ୍ର ହେତୁ ଚର୍ଚ୍ଚାରେ ଥିଲେ। ରାକ୍ଷୀ ତାଙ୍କୁ ହଇରାଣ ଓ ପ୍ରତାରଣା କରିଥିବା ନେଇ ଆଦିଲ ଅଭିଯୋଗ ଆଣିଥିଲେ।

**ସୀମାନ୍ତରେ ମାଓବାଦୀ ପୋଷ୍ଟର**

ରାଉରକେଲା,୫।୫(ଦିନେଶ ମିଶ୍ର): ରାଉରକେଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ସିଟୁ ୟୁନିଅନ କାର୍ଯ୍ୟାଳୟ, ରେଙ୍ଗଡା, ସୋୟମ୍ବା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଶନିବାର ବିଳମ୍ବିତ ରାତିରେ ମାଓବାଦୀମାନେ ଭୋଟ ବର୍ଜନ କରିବା ଓ ଦେଶର କାନୁନ୍ ତିଆରି କରୁଥିବା ନେତାଙ୍କ ବିରୋଧରେ ଧଳା ବ୍ୟାନର ଓ ନାଲିରଙ୍ଗରେ ମାଓବାଦୀପୋଷ୍ଟର ମାରି ଉକ୍ତ ଅଞ୍ଚଳରେ ଥିବା ଭୋଟରଙ୍କୁ ଧମକ ଦେଇଛନ୍ତି। ରବିବାର ଏହା ଜଣାପଡ଼ିବା ପରେ ଉକ୍ତ ଅଞ୍ଚଳରେ ଜୋରଦାର କୋମ୍ବିଂ ଅପରେଶନ ଆରମ୍ଭ ହୋଇଛି।

# ଆଜି ଆଇସିଏସ୍ଇ ଦଶମ, ଆଇଏସ୍ସି ଦ୍ୱାଦଶ ରେଜଲ୍ଟ

**ଭୁବନେଶ୍ୱର, ୫।୫(ଅସମାପିକା ସାହୁ)**

କାଉନ୍ସିଲ୍ ଫର୍ ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏକ୍ଜାମିନେଶନ୍ସ (ସିଆଇଏସ୍ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍ଇ ଦଶମ ଏବଂ ଆଇଏସ୍ସି ଦ୍ୱାଦଶ ପରୀକ୍ଷା ଫଳ ସୋମବାର ପୂର୍ବାହ୍ନ ୧୧ଟାରେ ପ୍ରକାଶ ପାଇବ। ଏ ନେଇ ରବିବାର ସିଆଇଏସ୍ସିଇ ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରୀଛାତ୍ର cisce.org ଏବଂ results.cisce.org ୱେବସାଇଟ୍ରେ ସେମାନଙ୍କ ରେଜଲ୍ଟ ଦେଖିପାରିବେ। ସେମାନେ ରିଚେକିଂ ଏବଂ ରିଭାଲୁଏଶନ ପାଇଁ ଆବେଦନ କରିପାରିବେ। ରିଚେକିଂ ପାଇଁ ଗୋଟିଏ ବିଷୟ ପେପର ଲାଗି ୧,୦୦୦ ଟଙ୍କା ଥିବା ବେଳେ ରିଭାଲୁଏଶନ ନିମନ୍ତେ ୧,୫୦୦ ଟଙ୍କା ରହିଛି। ତେବେ ରେଜଲ୍ଟ ପ୍ରକାଶ ପାଇବା ପରଠାରୁ ୧୦ ତାରିଖ ମଧ୍ୟରେ ଛାତ୍ରୀଛାତ୍ର ରିଚେକିଂ ପାଇଁ ଆବେଦନ କରିପାରିବେ। ଏହାପରେ ୪ ସପ୍ତାହ ମଧ୍ୟରେ ରିଚେକିଂର ରେଜଲ୍ଟ ବାହାର କରାଯିବ। ସେହିଭଳି ରିଭାଲୁଏଶନ ପାଇଁ ରେଜଲ୍ଟ ପ୍ରକାଶ ପାଇବାର ୨୪ ଘଣ୍ଟା ମଧ୍ୟରେ ଆବେଦନ କରିବାକୁ ପଡ଼ିବ। ଆଇସିଏସ୍ଇ ଦଶମ ଏବଂ ଆଇଏସ୍ସି ଦ୍ୱାଦଶର କମ୍ପାର୍ଟମେଣ୍ଟ ପରୀକ୍ଷା ଚଳିତବର୍ଷଠାରୁ ବନ୍ଦ ହୋଇଯାଇଛି। ଯେଉଁ ଛାତ୍ରୀଛାତ୍ର ସେମାନଙ୍କ ମାର୍କ/ଗ୍ରେଡ୍ରେ ଉନ୍ନତି ଚାହୁଁଥିବେ ସେମାନେ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ। କିନ୍ତୁ ତାହା ସର୍ବାଧିକ ଦୁଇଟି ବିଷୟରେ ଦେଇହେବ। ଏହି ଏକ୍ଜାମିନେଶନ ଜୁଲାଇରେ ଅନୁଷ୍ଠିତ ହେବ ବୋଲି ସିଆଇଏସ୍ସିଇ ପକ୍ଷରୁ ସୂଚନା ଦିଆଯାଇଛି।

# ହିଟ୍ ଆଣ୍ଡ ରନ୍ରେ ଜଣେ ମୃତ, ଜଣେ ଗୁରୁତର

**ଅନୁଗୋଳ,୫।୫ (ଅମିତ ସାମଲ)**

ଅନୁଗୋଳ ଟାଉନ ଥାନା ଶିଶୁଉଦ୍ୟାନ ନିକଟରେ ରବିବାର ରାତିରେ ହିଟ୍ ଆଣ୍ଡ ରନ୍ରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାଧାରମଣପଡାର ମୋହିତ୍ ମହାଲି (୫୫)। ଗୁରୁତର ହେଲେ ସତ୍ୟବ୍ରତ ସାହୁ। ସୂଚନାଯୋଗ୍ୟ, ଅନୁଗୋଳ ଶିଶୁ ଉଦ୍ୟାନ ନିକଟରେ ମୋହିତ୍ ଗୁପ୍ଚୁପ୍ ଚାଟ ବିକ୍ରି କରୁଥିଲେ। ଏହି ସମୟରେ ଶିଶୁ ଉଦ୍ୟାନରୁ ଏନ୍ଏଚ୍ଆଇ କଲୋନୀ ଅଭିମୁଖେ ଆସୁଥିବା ଏକ କାର ଦ୍ରୁତ ଗତିରେ ଆସି ପ୍ରଥମେ ଗୁପ୍ଚୁପ୍ ଠେଲାକୁ ଘୋଷାଡି ନେଇଥିଲା। ପରେ ସେଠାରେ ସ୍କୁଟି ଉପରେ ବସିଥିବା ସତ୍ୟବ୍ରତଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ମୋହିତ ଓ ସତ୍ୟବ୍ରତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ମୋହିତଙ୍କୁ ମୃତ ଘୋଷଣା କରିଥିଲେ। ସତ୍ୟବ୍ରତଙ୍କ ଚିକିତ୍ସା ଚାଲିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର ଡ୍ରାଇଭର ଅଟକ ରଖି ତଦନ୍ତ ଚଳାଇଛି।

# ପାହାଡ଼ରୁ ପଥର ଖସି ମାଲ୍ବାହୀ ଟ୍ରେନ୍ ଇଞ୍ଜିନ ଲାଇନଚ୍ୟୁତ




**କୋରାପୁଟ,୫।୫ (ଅମିତାଭ ବେହେରା )**

ଆନ୍ଧ୍ରର ଶିବଲିଙ୍ଗପୁରମ ନିକଟସ୍ଥ ରେଳ ଧାରଣାରେ ପାହାଡ଼ରୁ ପଥର ଖସି ରବିବାର ଭୋର ସମୟରେ ଏକ ମାଲବାହୀ ଟ୍ରେନ୍ ଇଞ୍ଜିନ ଲାଇନଚ୍ୟୁତ ହୋଇଛି। ଫଳରେ ମାଲବାହୀ ଟ୍ରେନର ଇଞ୍ଜିନ ତା'ର ଟ୍ରାକ୍ରୁ କିଛି ଅଂଶ ଖସିଯାଇଛି। ଟ୍ରାକ୍ ଉପରେ ବଡ ପଥର ପଡ଼ିଯିବାରୁ ଟ୍ରେନ ଇଞ୍ଜିନ ଲାଇନଚ୍ୟୁତ ହୋଇଥିବା ଜଣାପଡ଼ିଛି। ଏଥିଯୋଗୁ ଉକ୍ତ ଲାଇନରେ ପ୍ରାୟ ୨ ଘଣ୍ଟା ଧରି କୋରାପୁଟ-ଆରକୁ-ବିଶାଖାପାଟଣା ରେଳ ଚଳାଚଳ ବନ୍ଦ ରହିଥିଲା। ଏ ସମ୍ପର୍କରେ ଖବର ପାଇ ରେଲୱେ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଏହି ରୁଟ୍ରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିବା କୋରାପୁଟ ରେଳବାଇ ପକ୍ଷରୁ କୁହାଯାଇଛି।




ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ରବିବାର ଭାରତୀୟ ବିଦ୍ୟାଭବନଠାରେ 'ସମ୍ବିଧାନ-ପ୍ରଦତ୍ତ ସୂଚନା ଅଧିକାର ଓ ନିର୍ବାଚନୀ ବଣ୍ଡ' ଶୀର୍ଷକ ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେଉଛନ୍ତି ଏନ୍‌ସିପିଆର୍‌ଆଇ ଜାତୀୟ ଆବାହକ ଅଞ୍ଜଳି ଭରଦ୍ୱାଜ। ମଞ୍ଚାସୀନ ଅଛନ୍ତି (ଡାହାଣରୁ) ଏନ୍‌ସିପିଆର୍‌ଆଇ ସଦସ୍ୟା ଅମ୍ରିତା ଜୋହରି, ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ, ସ୍ତମ୍ଭକାର ରବି ଦାସ ଓ ଓଡ଼ିଶା ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ।

# ସୂଚନା ଅଧିକାର ଆଇନକୁ ଦୁର୍ବଳ କରୁଛନ୍ତି ସରକାର

## ନିର୍ବାଚନୀ ବଣ୍ଡ୍ ସ୍କାମ୍ ଦେଶର ସବୁଠାରୁ ବଡ଼ ଦୁର୍ନୀତି : ପ୍ରଶାନ୍ତ ଭୂଷଣ

**ଭୁବନେଶ୍ୱର, ୫।୫(ଅସମାପିକା ସାହୁ)**

ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) ପକ୍ଷରୁ ରବିବାର ଭାରତୀୟ ବିଦ୍ୟାଭବନଠାରେ 'ସମ୍ବିଧାନ ପ୍ରଦତ୍ତ ସୂଚନା ଅଧିକାର ଓ ନିର୍ବାଚନୀ ବଣ୍ଡ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନ୍ୟାଶନାଲ କ୍ୟାମ୍ପେନ୍ ଫର୍ ପିପୁଲ୍ସ ରାଇଟ୍ ଟୁ ଇନ୍‌ଫର୍ମେଶନ (ଏନ୍‌ସିପିଆର୍‌ଆଇ)ର ଜାତୀୟ ଆବାହକ ଅଞ୍ଜଳି ଭରଦ୍ୱାଜ ବକ୍ତାଭାବେ ଯୋଗଦେଇ କହିଲେ, ସାରା ଦେଶରେ ଆମ ସମସ୍ତଙ୍କ ସଂଘର୍ଷ ବଳରେ ୨୦୦୫ରେ ସୂଚନା ଅଧିକାର ଆଇନ ଆସିଲା। ଏହାକୁ ବିଶ୍ୱରେ ସବୁଠାରୁ ଭଲ ଆଇନ କୁହାଯାଏ, କାରଣ ଏହା ଲୋକଙ୍କ ସଂଘର୍ଷ ଦ୍ୱାରା ଆସିଛି। କିନ୍ତୁ ଏହି ଆଇନ କିପରି ଦୁର୍ବଳ ହେବ ସେଥିପାଇଁ ବାରମ୍ବାର ସରକାର ଚାହୁଁଛନ୍ତି। କାରଣ ଲୋକଙ୍କ ପାଖରେ ସୂଚନା ରଖିବା ପାଇଁ ସରକାର ଚାହାନ୍ତି ନାହିଁ। ଗତ ୧୦ବର୍ଷରେ ସୂଚନା ଅଧିକାର ଆଇନ ଉପରେ ବହୁବାର ଆକ୍ରମଣ ହୋଇଛି। ଲୋକତନ୍ତ୍ର ନଷ୍ଟ ହେଉ, ତାହା ଆମେ ହଜମ କରିବା କଥା ନୁହେଁ। ସୂଚନା ଅଧିକାର ଉପରେ ୩ପ୍ରକାର ଆକ୍ରମଣ ହେଉଛି। ପ୍ରଥମ ଯିଏ ସୂଚନା ମାଗିଲା ଏବଂ ପ୍ରଶ୍ନ କଲା ତାଙ୍କ ଉପରେ ଆକ୍ରମଣ କରାଯାଉଛି। ଦେଶର ଓଡ଼ିଶାରେ ସର୍ବାଧିକ ସୂଚନା ଅଧିକାର ବଳରେ ପ୍ରଶ୍ନ ପଚରାଯାଉଛି। ଏଥିପାଇଁ ସେମାନେ ଆକ୍ରମଣର ବି ଶିକାର ହେଉଥିବା ଦେଖାଯାଇଛି। ଦ୍ୱିତୀୟ ହେଲା ଗତ ୪ବର୍ଷରେ କେନ୍ଦ୍ର ସରକାର ଏହି ଆଇନକୁ ଦୁଇଥର ସଂଶୋଧନ କରିଦେଲେ। ସେହି ସଂଶୋଧନ ଆଇନ ଭଲ ହେଲା ନାହିଁ, ବରଂ ତାକୁ ଆହୁରି ଦୁର୍ବଳ କରିଦିଆଗଲା। ସରକାର ସମସ୍ତ ସୂଚନା ଲୁଚାଇ ରଖିବା ପାଇଁ ଏହି ଆଇନକୁ ସଂଶୋଧିତ କଲେ। ତୃତୀୟରେ ଏହି ଆଇନକୁ ବନ୍ଦ କରିବା ପାଇଁ ସରକାର ବାରମ୍ବାର ଯୋଜନା ଆଣୁଛନ୍ତି ବୋଲି ଅଞ୍ଜଳି ଗୁରୁତର ଅଭିଯୋଗ ରଖିଥିଲେ।

ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଯୋଗଦେଇ କହିଲେ, ନିର୍ବାଚନୀ ବଣ୍ଡ୍ ସ୍କାମ୍ ସମ୍ଭବତଃ ଦେଶର ସବୁଠାରୁ ବଡ଼ ଦୁର୍ନୀତି, ଯାହା ଏକ ସ୍ୱାଧୀନ ସଂସ୍ଥା ଦ୍ୱାରା ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନର ଆବଶ୍ୟକ କରୁଛି। ରାଜନୈତିକ ସଂସ୍କାର ଆଣିବା ପାଇଁ ଲୋକମାନେ ଆଗେଇ ଆସିବାକୁ ପଡ଼ିବ ବୋଲି ପ୍ରଶାନ୍ତ ଆହ୍ୱାନ ଦେଇଛନ୍ତି। ସେ କହିଲେ, ସାଧାରଣ ଲୋକେ ଯାହାକୁ ଭୋଟ ଦେଉଛନ୍ତି, ତାଙ୍କ ବିରୋଧରେ କ'ଣ ଆପରାଧିକ ମାମଲା ରହିଛି ତାହା ଜାଣିବା ସେମାନଙ୍କର ମୌଳିକ ଅଧିକାର। ସେହିଭଳି କେନ୍ଦ୍ର ସରକାର ସିବିଆଇ, ଇଡି, ଆଇଟି ବିଭାଗକୁ ବ୍ୟବହାର କରି ବହୁ ଫାଇଦା ନେଉଛନ୍ତି। କୌଣସି ବିରୋଧୀ ଦଳର ନେତା ଇଡିର ସାମ୍ନା ହେଲେ ସେମାନେ ହୁଏତ ଭାଜପାକୁ ପଳାଇ ଆସୁଛନ୍ତି, ନଚେତ ତାଙ୍କ ସଙ୍ଗଠନ ଦୁର୍ବଳ ହୋଇଯାଉଛି। ସେହିଭଳି କୌଣସି କମ୍ପାନୀ ଟାକ୍ସ ଭରି ନ ଥିଲେ କିମ୍ବା ମନି ଲଣ୍ଡରିଂ କରିଥିଲେ, ତା' ବିରୋଧରେ ଇଡି କେସ୍ କରାଯାଉଛି। ଫଳରେ ସେ କମ୍ପାନୀ ମୋଟା ଅଙ୍କର ଅର୍ଥ ଦେଇ ସରକାରଙ୍କ ପ୍ରିୟ ହୋଇଯାଉଛି। ଆଉ ତା'ପରେ ସେସବୁ କେସ୍ ବନ୍ଦ କରିଦିଆଯାଉଛି କିମ୍ବା ଉକ୍ତ ଫାଇଲକୁ ଚାପି ଦିଆଯାଉଛି। ଏହାଦ୍ୱାରା କମ୍ପାନୀଗୁଡ଼ିକୁ ଇନ୍‌କମ୍ ଟାକ୍ସ ଚୋରି କରିବାର ବାଟ ମିଳିଗଲା। ଯଦି ସେହି କେସ୍‌ସବୁ ବନ୍ଦ ହୋଇ ନ ଥାନ୍ତା, ହୁଏତ ଆହୁରି ବଡ଼ ବଡ଼ ଇନକମ୍ ଟାକ୍ସ ଦୁର୍ନୀତିର ପର୍ଦାଫାଶ ହୋଇଥାନ୍ତା ବୋଲି ପ୍ରଶାନ୍ତ ଭୂଷଣ କହିଥିଲେ। ଆଲୋଚନାଚକ୍ରରେ ଏନ୍‌ସିପିଆର୍‌ଆଇ ସଦସ୍ୟ ଅମ୍ରିତା ଜୋହରୀ ଯୋଗଦେଇ ସୂଚନା ଅଧିକାର ଆଇନ ସମ୍ପର୍କରେ ଆଲୋକପାତ କରିବା ସହିତ ୪ଟି ରାଜ୍ୟରେ କିଭଳି ସୂଚନା ଅଧିକାର କମିଶନ ବନ୍ଦ କରିଦିଆଯାଇଛି। ସେ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓସା ସଦସ୍ୟ ଶ୍ରୀକାନ୍ତ ପାକଳ ଓ ପ୍ରକାଶ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଜିଠୁ ଓଜେଇଇ

## ପରୀକ୍ଷା ଦେବେ ୬୫,୭୪୨ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୫।୫ (ଅସମାପିକା ସାହୁ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ୨୦୨୪ ସୋମବାରଠାରୁ ଆରମ୍ଭ ହେବ। ସିବିଟି ମୋଡ୍‌ରେ ହେବାକୁ ଥିବା ଏହି ପରୀକ୍ଷା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ତିନୋଟି ସିଫ୍ଟରେ ଦୁଇଘଣ୍ଟା ବ୍ୟବଧାନରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ସିଫ୍ଟ ସକାଳ ୮ଟା ୩୦ରୁ ୧୦ଟା ୩୦, ଦ୍ୱିତୀୟ ସିଫ୍ଟ ଅପରାହ୍ନ ୧୨ଟା ୩୦ରୁ ୨ଟା ୩୦ ଏବଂ ତୃତୀୟ ସିଫ୍ଟ ୪ଟା ୩୦ରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ରହିଛି। ଏହି ପରୀକ୍ଷା ପାଇଁ ମୋଟ ୬୦ଟି ପରୀକ୍ଷା କେନ୍ଦ୍ର ହୋଇଛି। ଓଡ଼ିଶାରେ ୫୭ଟି କେନ୍ଦ୍ର ଥିବାବେଳେ ଏଥିମଧ୍ୟରୁ ଭୁବନେଶ୍ୱରରେ ସର୍ବାଧିକ ୧୧ଟି କେନ୍ଦ୍ର ରହିଛି। ଏହାବାଦ୍ ଓଡ଼ିଶା ବାହାରେ ତିନୋଟି ସହର ଯଥା କୋଲକାତା, ପାଟଣା, ରାଞ୍ଚିରେ ୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏହି ପରୀକ୍ଷା ଦେବାକୁ ମୋଟ ୬୫,୭୪୨ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ କରିଛନ୍ତି ବୋଲି ଓଜେଇଇ ପକ୍ଷରୁ ସୂଚନା ଦିଆଯାଇଛି। ୬ ତାରିଖ ସୋମବାର ଏଲ୍ଇ ଟେକ୍(ଡିପ୍ଲୋମା) ପାଇଁ ପ୍ରବେଶିକା ପରୀକ୍ଷା ଥିବାବେଳେ ୭ ତାରିଖରେ ଏଲ୍ଇ ଟେକ୍(ଡିପ୍ଲୋମା), ଇଣ୍ଟିଗ୍ରେଟେଡ ଏମ୍‌ବିଏ(ଏକଘଣ୍ଟା) ଏବଂ ଏଲ୍ଇ ଟେକ୍ ବିଏସ୍‌ସି(ଏକଘଣ୍ଟା)ର ପରୀକ୍ଷା ରହିଛି। ସେହିଭଳି ୮ ତାରିଖରେ ଏମ୍‌ବିଏ, ବି.କ୍ୟାଟ୍ (ସିନେମାଟୋଗ୍ରାଫି/ସାଉଣ୍ଡ ରେକର୍ଡିଂ ଏବଂ ଡିଜାଇନ-ଏକଘଣ୍ଟା) ଏବଂ ଏଲ୍ଇ ଫାର୍ମ(ଏକଘଣ୍ଟା) ପରୀକ୍ଷା ରହିଛି। ୯ରେ ବି.ଫାର୍ମ ପରୀକ୍ଷା ଥିବା ବେଳେ ୧୦ତାରିଖରେ ଏମ୍‌ସିଏ, ବି.କ୍ୟାଟ୍(ଫିଲ୍ମ ଏଡିଟିଂ-ଏକଘଣ୍ଟା), ଏମ୍.ଫାର୍ମ(ଏକଘଣ୍ଟା), ଏମ୍.ଆର୍କ, ଏମ୍.ପ୍ଲାନ ଏବଂ ଏମ୍.ଟେକ୍ ପାଇଁ ପ୍ରବେଶିକା ପରୀକ୍ଷା ରହିଛି।

# ଓଡ଼ିଶାରେ ମୋଦି, ଆଜି ବ୍ରହ୍ମପୁର, ନବରଙ୍ଗପୁରରେ ପ୍ରଚାର କରିବେ

**ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)**

୨୦୨୪ ନିର୍ବାଚନ ପାଇଁ ପ୍ରଚାର କରିବାକୁ ଭାଜପା କେନ୍ଦ୍ରୀୟ ନେତାମାନେ ଘନଘନ ଓଡ଼ିଶା ଗସ୍ତ ଆରମ୍ଭ କରିଦେଇଛନ୍ତି। ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଦିନିକିଆ ଓଡ଼ିଶା ଗସ୍ତ ଶେଷ କରି ରବିବାର ଫେରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାତ୍ରି ପ୍ରାୟ ୧୦ଟା ୪୫ ମିନିଟ୍‌ରେ ସ୍ୱତନ୍ତ୍ର ବିମାନ ଯୋଗେ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଛନ୍ତି। ମୋଦିଙ୍କୁ ସ୍ୱାଗତ କରିବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟର ବହୁ ଆଗଧାଡ଼ିର ନେତା ଓ ଶତାଧିକ କର୍ମୀ ବିମାନବନ୍ଦରଠାରେ ଉପସ୍ଥିତ ଥିଲେ। ମୋଦିଙ୍କୁ ଭବ୍ୟ ସ୍ୱାଗତ ସହ ବିଭିନ୍ନ ପ୍ରକାର ନାଚ, ଗୀତର ଆୟୋଜନ ହୋଇଥିଲା। ଶତାଧିକ ସମର୍ଥକ ମଧ୍ୟ ମୋଦିଙ୍କ ଓଡ଼ିଶା ଗସ୍ତ ନେଇ ଖୁସିରେ ନାଚୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ମୋଦି ମୋଦି ନାରାରେ ବିମାନବନ୍ଦର ପ୍ରକମ୍ପିତ ହୋଇଉଠିଥିଲା। ପ୍ରଧାନମନ୍ତ୍ରୀ ବିମାନବନ୍ଦରରୁ ସିଧାସଳଖ ରାଜଭବନ ଅଭିମୁଖେ ଗସ୍ତ କରିଥିବାବେଳେ ସ୍ୱାଗତ ଜଣାଇବାକୁ ରାସ୍ତାପାର୍ଶ୍ୱରେ ବହୁ କର୍ମୀ ଏବଂ ସାଧାରଣଲୋକ ଅପେକ୍ଷା କରି ଠିଆ ହୋଇଥିଲେ। ମୋଦି ମଧ୍ୟ ଗାଡ଼ି ଭିତରେ ବସି କର୍ମୀ ଏବଂ ସାଧାରଣ ଜନତାଙ୍କୁ ଭାଜପାର ନିର୍ବାଚନୀ ଚିହ୍ନ ଥିବା ସିମ୍ବଲ ଲାଇଟ୍ ଦେଖାଇ ଖୁସି ବ୍ୟକ୍ତ କରିଥିଲେ। ମୋଦି ସୋମବାର ପୂର୍ବାହ୍ନ ୧୦ଟାରେ ବ୍ରହ୍ମପୁର ନିକଟସ୍ଥ କନିସି ଛକ ଏବଂ ମଧ୍ୟାହ୍ନ ୧୨.୩୦ରେ ନବରଙ୍ଗପୁରର ଚିକିଲି ଛକଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ମୋଦିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଛି।

## ୮ରେ ରାଜନାଥ, ୧୨ରେ ଆସିବେ ଶାହା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ରାଜଭବନ ଅଭିମୁଖେ ଯାଉଛନ୍ତି।

ଅନ୍ୟପଟେ ଆସନ୍ତା ୮ ତାରିଖରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରାୟଗଡ଼ା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଆସନ୍ତା ୧୨ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଥିବା ଦଳର ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର ସୂଚନା ଦେଇଛନ୍ତି।

# ୫ ଆସନରେ ପ୍ରାର୍ଥୀ ବଦଳାଇଲା କଂଗ୍ରେସ

**ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)**

୨୦୨୪ ନିର୍ବାଚନ ଲାଗି କଂଗ୍ରେସ ୧୪୬ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବାକି ରହିଥିବା ନୀଳଗିରି ଆସନ ପାଇଁ ରବିବାର ପ୍ରାର୍ଥୀ ଘୋଷଣା କରିଛି। ଏଠାରୁ ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କୁ ଦଳ ପ୍ରାର୍ଥୀ କରିଛି। ୧୯୮୦ ଓ ୧୯୯୫ରେ ଅକ୍ଷୟ ନୀଳଗିରିରୁ ବିଧାୟକ ହୋଇଥିଲେ। ଏଥିସହିତ ୫ଟି ବିଧାନସଭା ଆସନରେ ଦଳ ପ୍ରାର୍ଥୀ ପରିବର୍ତ୍ତନ କରାଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଜାରି ହୋଇଥିବା ବିବୃତ୍ତିରେ ଜଳେଶ୍ୱର, ବରୀ, ଆଠମଲ୍ଲିକ, ଆଠଗଡ଼ ଏବଂ ପୁରୀରେ ପ୍ରାର୍ଥୀ ପରିବର୍ତ୍ତନ କରାଯାଇଛି। ଜଳେଶ୍ୱରରେ ଦଳ ପକ୍ଷରୁ ପୂର୍ବରୁ ପ୍ରସନ୍ନ ଚାନ୍ଦଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ତାଙ୍କୁ ପରିବର୍ତ୍ତନ କରି ସେଠାରେ ସୁଦର୍ଶନ ଦାସଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ସେହିପରି ଶନିବାର ଦଳରେ ଯୋଗ ଦେଇଥିବା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକଙ୍କୁ ବରୀରୁ କଂଗ୍ରେସ ପ୍ରାର୍ଥୀ କରିଛି। ପୂର୍ବରୁ ଦଳ ଏହି ଆସନ ପାଇଁ ଆରତି ଦେଓଙ୍କ ନାଁ ଘୋଷଣା କରିଥିଲା। ଆଠମଲ୍ଲିକରେ ହିମାଂଶୁ ଚାଉଳିଆଙ୍କୁ କଂଗ୍ରେସ ଟିକେଟ ଦେଇଥିବା ବେଳେ ପୂର୍ବରୁ ପ୍ରାର୍ଥୀ ହୋଇଥିବା ବିଜୟାନନ୍ଦ ଚାଉଳିଆଙ୍କୁ ପରିବର୍ତ୍ତନ କରାଯାଇଛି। ଆଠଗଡ଼ରେ ମଧ୍ୟ ଦଳ ପ୍ରାର୍ଥୀ ପରିବର୍ତ୍ତନ କରିଛି। ପୂର୍ବରୁ ଏହି ଆସନ ପାଇଁ ମେହବୁବ ଅହମ୍ମଦ ଖାନ୍‌ଙ୍କ ନାଁ ଘୋଷଣା କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ସୁଦର୍ଶନ ସାହୁଙ୍କୁ କଂଗ୍ରେସ ଭରସା କରିଛି। ଅନ୍ୟପଟେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ଉପରେ ଦଳ ଭରସା କରିଛି। ବିଳମ୍ବ ହେଲେ ମଧ୍ୟ ପୁରୀରେ ଉମାବଲ୍ଲଭଙ୍କୁ ଦଳ ପ୍ରାର୍ଥୀ କରିଛି। ସେଠାରେ ଦଳ ପୂର୍ବରୁ ସୁଜିତ ମହାପାତ୍ରଙ୍କୁ ପ୍ରାର୍ଥୀ କରିଥିଲା। ସୁଜିତଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଉମାବଲ୍ଲଭ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

# ୪୫ ଡିଗ୍ରୀ ସହ ଟିଟିଲାଗଡ଼ ସବୁଠୁ ଉତ୍ତପ୍ତ

**ଭୁବନେଶ୍ୱର, ୫।୫(ଅସମାପିକା ସାହୁ)**



ରାଜ୍ୟରେ ଗତ ଏପ୍ରିଲ ୧୫ରୁ ୨୧ଦିନ ଧରି ଲଗାତର ଭାବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ରବିବାର ବଲାଙ୍ଗୀର, ନୟାଗଡ଼, ନୂଆପଡ଼ା, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର ଏବଂ ବୌଦ୍ଧ ଜିଲାରେ ଅଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଛି। ୨୬ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଥିବାବେଳେ ୪୫ ଡିଗ୍ରୀ ସହିତ ଟିଟିଲାଗଡ଼ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ରହିଥିଲା। ସେହିଭଳି ୧୨ ସହରରେ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଥିଲା। ସେପଟେ ବିଭିନ୍ନ ସ୍ଥାନରେ ତାପମାତ୍ରା କମ୍ ଥିଲେ ମଧ୍ୟ ଆର୍ଦ୍ରତା ଅଧିକ ଥିବାରୁ ଅନୁଭୂତ ତାପମାତ୍ରା(ହିଟ୍ ଇଣ୍ଡେକ୍ସ) ଅଧିକ ରହୁଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାର ଅପରାହ୍ନ ସାଢ଼େ ୨ଟାରେ ରାଜଧାନୀ ଭୁବନେଶ୍ୱରରେ ୩୯.୯ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଆର୍ଦ୍ରତା ୫୪% ଥିବାରୁ ଅନୁଭୂତ ତାପମାତ୍ରା ବା ହିଟ୍ ଇଣ୍ଡେକ୍ସ ୫୭ ଡିଗ୍ରୀ ରହିଥିଲା। ସେହିଭଳି ବାଲେଶ୍ୱରରେ ୩୯.୨ ଡିଗ୍ରୀ ତାପମାତ୍ରା ଥିଲେ ମଧ୍ୟ ଆର୍ଦ୍ରତା ୬୫% ଥିବାରୁ ଅନୁଭୂତ ତାପମାତ୍ରା ୬୪ ଡିଗ୍ରୀ ରହିଥିଲା। ଅନ୍ୟପକ୍ଷରେ ସୋମବାରଠାରୁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ନେଇ କୌଣସି ସତର୍କ ସୂଚନା ନାହିଁ। ତେବେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ କାଳବୈଶାଖୀ ନେଇ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।


**ବୈଦ୍ୟନାଥ**

**ପ୍ରାକୃତିକ ପ୍ରତିକାର ପାଇଁ ମାର୍ଗଦର୍ଶିକା**

| ରୋଗ | ଔଷଧ |
| --- | --- |
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆର୍ଥ୍ରାଇଟିସ୍ | ଆର୍ଥ ଅଏଲ୍ ଓ ଆର୍ଥ ପ୍ଲସ୍ କ୍ୟାପ୍ସୁଲ୍ |
| କୋଷ୍ଠକାଠିନ୍ୟ | ବୈଦ୍ୟନାଥ ତ୍ରିଫଳା ଚୂର୍ଣ |
| ଗ୍ୟାସ ଓ ପେଟ ଫାମ୍ପିବା | ଗ୍ୟାସାନ୍ତକ୍ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍, ସ୍ପିରୁଲିନା ପ୍ଲସ୍ |
| କେଶର ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ ରକ୍ତ ଶର୍କରା | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଆର୍କ, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ, ଥଣ୍ଡା କଲ୍ୟାଣ ତେଲ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ମହିଳାଙ୍କ ସମସ୍ୟା | ସୁନ୍ଦରୀ ସଖୀ, ମେନୋ ଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଡାଙ୍ଗାଦି ଲୌହ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ ମେନ୍, ଭିଟା ଏକ୍ସ ଗୋଲ୍ଡ ଓମେନ୍ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍ସୁଲ୍, ନିମ୍ ଅଏଲ୍ |
| ମୂତ୍ରର ସମସ୍ୟା | ପ୍ରୋଷ୍ଟେଡ୍ ଟାବଲେଟ୍, ଗୋକ୍ଷୁରାଡି ଗୁଗ୍ଗୁଲୁ |

ଆୟୁର୍ବେଦିକ ସୋରୁମ୍ ସହିତ ଡାକ୍ତର ପରାମର୍ଶ :
CUTTACK: 9437511462 BHUBANESWAR: 9437301302 PURI: 9861068109 GANJAM/BERHAMPUR: 9437646389 JAJPUR: 9853909674 ANGUL: 8658021555 BOLANGIR: 9437126153 BARIPADA: 7325940817 BALASORE: 9438725025 SAMBALPUR: 7008508066, 9437256336 BARGARH: 9861246674 KORAPUT: 7008421308 RAYAGADA: 9937649097 GAJAPATI: 9437513129 SONEPUR: 9777776468 ROURKELA: 9337400604 JHARSUGUDA: 8260211300

**ଆଜିର ମନ୍ତବ୍ୟ**

"ଭାଜପା ଅର୍ଥବଳରେ ସନ୍ଦେଶଖାଲିରେ ଅସତ୍ୟର ପ୍ରସାର କରିଥିଲା। ଷ୍ଟିଙ୍ଗ୍ ଅପରେଶନରୁ ଏହାର ଷଡ଼ଯନ୍ତ୍ର ଜଣାପଡ଼ିଛି। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୁମ୍ଭୀର କାନ୍ଦଣା ବନ୍ଦ କରନ୍ତୁ।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଜେଇଏମ୍ ସ୍କୁଲ ପକ୍ଷରୁ ସମର କ୍ୟାମ୍ପ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୬ଟା ୩୦।
- ବିଧାୟକ ପ୍ରାର୍ଥୀ ସତ୍ୟପ୍ରିୟ ବେହେରାଙ୍କ ପ୍ରାର୍ଥୀପତ୍ର ଦାଖଲ ଶୋଭାଯାତ୍ରା, ସ୍ଥାନ: ମା' ଗିରିଙ୍ଗେଶ୍ୱରୀଙ୍କ ପୀଠ, ବାଲିପାଟଣା, ସମୟ: ସକାଳ ୮ଟା।
- କ୍ଷେତ୍ରୀୟ ଶିକ୍ଷା ସଂସ୍ଥାନର ୬୧ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସଂସ୍ଥାନ ପରିସର, ସଚିବାଳୟ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଉଜ୍ଜ୍ୱଳା ଦିଦି ସଂଘ ପକ୍ଷରୁ ଧାରଣା, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ନାଟକ 'ଅଗ୍ନି ପତଙ୍ଗ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ରାମଲୀଳା ର ମଞ୍ଚସ୍ଥ ନାଟକ, 'ମହିରାବଣ ବଧ', ସ୍ଥାନ: ରାମଲୀଳା ପଡ଼ିଆ, ବେଣ୍ଣୁପୁର, ବାଲିଅନ୍ତା, ସମୟ: ରାତି ୧୧ଟା ୩୦।

## କଟକ

- ବିଜେଡି ତରଫରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ବିନ୍ଧାଣିମା ପଞ୍ଚାୟତ, ତିଗିରିଆ ବ୍ଲକ, ସମୟ: ସକାଳ ୯ଟା।
- ନୂଆବଜାର ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଶ୍ରୀରାମଲୀଳା ମହୋତ୍ସବର ଉଦ୍‌ଘାଟନ, ସ୍ଥାନ: କଟକ ନୂଆବଜାର, ସମୟ: ଅପରାହ୍ନ ୫ଟା।
- ବିଜେଡି ତରଫରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ନିଜିଗଡ ପଞ୍ଚାୟତ, ତିଗିରିଆ ବ୍ଲକ,ସମୟ: ଅପରାହ୍ନ ୫ଟା।

## ପୁରୀ

- ଓଁ ଶ୍ରୀ ଶ୍ରୀ ଭଗବତ ବାସୁଦେବ ମେଳଣର ଜମାଣ ଉତ୍ସବ, ସ୍ଥାନ: ଭୁବନିପୁର, ନିମାପଡ଼ା, ସମୟ: ପ୍ରାତଃ ୪ଟା।
- ପ୍ରଥମ ବାର୍ଷିକ ନଦିଆ, ଓଡ଼ିଶୀ ସଂକୀର୍ତ୍ତନ ମଣ୍ଡଳୀ ସମାରୋହ, ସ୍ଥାନ: ଅଖେଣ୍ଡଳେଶ୍ୱର ମନ୍ଦିର ପରିସର, ଗୋପ, ସମୟ: ପୂର୍ବାହ୍ନ ୧୦ଟା।
- ନବକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞର ତୃତୀୟ ଦିବସରେ ସୂର୍ଯ୍ୟପୂଜା, ଚଣ୍ଡୀପାଠ, ଆହୁତି ପ୍ରଦାନ, ସ୍ଥାନ: ଦକ୍ଷିଣ କାଳି ପୀଠ, ବୀରଗୋବିନ୍ଦପୁର ଶାସନ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଚାରକ ଅନନ୍ତ ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ସାଧାରଣ ସଭା ଓ କବିତା ପାଠୋତ୍ସବ, ସ୍ଥାନ: ଜାଭିୟର ହାଇସ୍କୁଲ ପରିସର, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୫ଟା ୩୦।
- ପଞ୍ଚସଖା ଗୋଷ୍ଠୀର ଏକ ନିଷ୍ଠ ତ୍ୟାଗୀ ଓ କର୍ମଯୋଗୀ ପୂଣ୍ୟାତ୍ମା ପ୍ରଚାରକ ଅନନ୍ତ ମିଶ୍ରଙ୍କ ୮୮ତମ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଉତ୍ସବ, ସ୍ଥାନ: ଜାଭିୟର ହାଇସ୍କୁଲ, ବସ୍‌ଷ୍ଟାଣ୍ଡ ପାଖ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୫ଟା ୩୦।

## ଖୋର୍ଦ୍ଧା

- ଖୋର୍ଦ୍ଧା ଜିଲା ସ୍କାଉଟ୍‌ସ ଓ ଗାଇଡ୍‌ସ ପକ୍ଷରୁ ଜଳଛତ୍ର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଡିଇଓ ଅଫିସ ପାର୍ଶ୍ୱ, ନୟାଗଡ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମଚରିତ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀନୃସିଂହ ଦେବଙ୍କ ପୀଠ, ପଣ୍ଡାଳମ, ବେଗୁନିଆ ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଭାଜପା ପକ୍ଷରୁ ପୂଜାର୍ଚ୍ଚନା ଓ ସଭା, ସ୍ଥାନ: ଲଙ୍ଗଳେଶ୍ୱର ହରପାର୍ବତୀ ମନ୍ଦିର ପ୍ରାଙ୍ଗଣ, ବାଲିଆପାଳ, ସମୟ: ସକାଳ ୮ଟା
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଚୌଧୁରୀକୁଦ, ବାଲିଆପାଳ, ସମୟ: ରାତି ୧୦ଟା।
- ମା' ଶୀତଳାଙ୍କ ବାର୍ଷିକ ପୂଜା ଉଦ୍‌ଯାପନୀ କାର୍ଯ୍ୟକ୍ରମ,ସ୍ଥାନ: ଚୌଧୁରୀକୁଦ ପୂଜା ମଣ୍ଡପ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା୩୦।

## ଭଦ୍ରକ

- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ନିଳୋକ, ବନ୍ତ/ ବେନ୍ତାଳ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ପୂର୍ବତନ ସରପଞ୍ଚଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ମୂଷାଙ୍ଗ, ତିହିଡ଼ି, ସମୟ: ଅପରାହ୍ନ ୫ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: କୁବେରା, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ଭାଜପାର କର୍ମୀ ସମାବେଶ, ସ୍ଥାନ: ନଗରମଣ୍ଡଳ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଭାଜପାର ଯୁବ କାର୍ଯ୍ୟକର୍ତ୍ତା ବୈଠକ, ସ୍ଥାନ: ଆନନ୍ଦପୁର ଶିଶୁମନ୍ଦିର ପଡ଼ିଆ, ଧାମନଗର, ସମୟ: ସନ୍ଧ୍ୟା ୬ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: କୁମାରସାହି ପଡ଼ିଆ, କେଦାରପୁର, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ୩୦।

## କେନ୍ଦୁଝର

- ଘଷିପୁରା ବିଧାନସଭା ବିଜେଡି ପ୍ରାର୍ଥୀ ବଦ୍ରି ନାରାୟଣ ପାତ୍ରଙ୍କ ନାମାଙ୍କନ ଶୋଭାଯାତ୍ରା, ସ୍ଥାନ: ଆନନ୍ଦପୁର ଉପଖଣ୍ଡ, ସମୟ: ପୂର୍ବାହ୍ନ ୧୦ ଟା।
- ଭାଜପା ଘଷିପୁରା ପ୍ରାର୍ଥୀ ଶମ୍ଭୁ ନାଥ ରାଉତଙ୍କ ନାମାଙ୍କନ ପତ୍ର ଦାଖଲ ଶୋଭାଯାତ୍ରା, ସ୍ଥାନ: ଆନନ୍ଦପୁର ଉପଖଣ୍ଡ, ସମୟ: ପୂର୍ବାହ୍ନ ୧୧ ଟା।
- ପାଟଣା ବିଜେଡି ପ୍ରାର୍ଥୀ ଜଗନ୍ନାଥ ନାୟକଙ୍କ ନାମାଙ୍କନ ପତ୍ର ଶୋଭାଯାତ୍ରା, ସ୍ଥାନ: କେନ୍ଦୁଝର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ୧୧ ଟା।
- ଆନନ୍ଦପୁର ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: ଘସିପୁରା, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ବିଜେଡି ପକ୍ଷରୁ ବାଇକ ଶୋଭାଯାତ୍ରା, ସ୍ଥାନ: ବଡବିଲ କିରିବୁରୁ ଛକ, ସମୟ: ଅପରାହ୍ନ ୩ ଟା ୩୦।

## ମୟୂରଭଞ୍ଜ

- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ୍ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଭଞ୍ଜସେନାର ପଞ୍ଚାୟତସ୍ତରୀୟ ବୈଠକ.ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ବରକନ୍ଦ, ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ

- ଭାଜପା ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ବାଜିଚୌକ ଛକ ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାର୍ଥୀପତ୍ର ଦାଖଲର ଅନ୍ତିମ ଦିବସ, ସ୍ଥାନ: ଜିଲାପାଳ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ ପରିଷଦ ପକ୍ଷରୁ ଗୀତାଜ୍ଞାନ ଯଜ୍ଞ, ସ୍ଥାନ: ଦଧିବାବନଜୀଉ ମନ୍ଦିର ପରିସର, ରଥଗଡା ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଅଙ୍କୁରାରୋପଣ, ସ୍ଥାନ: ବଲାସିଂହା, ସମୟ: ସକାଳ ୭ଟା।
- କଂଗ୍ରେସ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- କଂଗ୍ରେସ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ, ସ୍ଥାନ: ଆଠମଲ୍ଲିକ ଉପଜିଲପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ବିଜେଡି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ, ସ୍ଥାନ: ଅନୁଗୋଳ ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ଗସ୍ତ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ, ସ୍ଥାନ: ଆଠମଲ୍ଲିକ ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ସକାଳ ୧୧ଟା୩୦।
- ଭାଜପା ପ୍ରାର୍ଥୀ ସଞ୍ଜିବ ସାହୁଙ୍କ ଶୋଭାଯାତ୍ରା, ସ୍ଥାନ: ମା' ମାହେଶ୍ୱରୀ ମନ୍ଦିରଠାରୁ ଆରମ୍ଭ ଆଠମଲ୍ଲିକ, ସମୟ: ପୂର୍ବାହ୍ନ ୧୧ଟା୩୦।

## ବ୍ରହ୍ମପୁର

- ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ, ସ୍ଥାନ: କନିଷି, ସମୟ: ପୂର୍ବାହ୍ନ୧୦ଟା।

## ଗଞ୍ଜାମ

- ଭାଜପାର ପ୍ରଚାର କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ସହରର ବିଭିନ୍ନ ସାହି, ସମୟ: ସକାଳ ୮ ଟା।
- ସିପିଆଇର ନିର୍ବାଚନୀ ସଭା, ସ୍ଥାନ: ପଣିବନ୍ଧ ସ୍ଥିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ଠାକୁରାଣୀ ଯାତ୍ରାର ପୂର୍ଣ୍ଣାହୁତି ଓ ଠାକୁରାଣୀଙ୍କ ଘର ବାହୁଡା, ସ୍ଥାନ: ତିନିଛକ ଅସ୍ଥାୟୀ ମନ୍ଦିର, ସମୟ: ସକାଳ ୯ଟାଠାରୁ କାର୍ଯ୍ୟକ୍ରମ ଆରମ୍ଭ।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଝିଞ୍ଜିରୀଗୁଡାର ଆମ୍ବତୋଟା, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା

- ଇଭିଏମ୍ ମେଶିନକୁ ପ୍ରାଧିକୃତ କରାଇବା କାର୍ଯ୍ୟକ୍ରମ, ସ୍ଥାନ: ଏକଲବ୍ୟ ବିଦ୍ୟାଳୟ, ରାୟଗଡ଼ା, ସମୟ: ସକାଳ ୭ଟା।
- ଭାଜପା ପକ୍ଷରୁ ବସ୍ତି ସମ୍ପର୍କ ଅଭିଯାନ, ସ୍ଥାନ: ମାଙ୍କଡ଼ ଝୋଲା, ରାୟଗଡା, ସମୟ: ସକାଳ ୮ଟା।

## କୋରାପୁଟ

- କୋରାପୁଟରେ ନିର୍ବାଚନ ନେଇ ଇଭିଏମ କମିଶନିଂ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଲାଣ୍ଡିଗୁଡାସ୍ଥିତ ସରକାରୀ ମହାବିଦ୍ୟାଳୟ, ସମୟ: ସକାଳ ୮ଟା।
- ମା' ମୁତ୍ୟାଲୁମାଙ୍କ ଘଟଯାତ୍ରା ଅବସରରେ ପ୍ରସାଦ ସେବନ ବ୍ୟବସ୍ଥା, ସ୍ଥାନ: କୋରାପୁଟସ୍ଥିତ ମା' ମୁତ୍ୟାଲୁମାଙ୍କ ପୂଜା ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା।
- ପ୍ରଭୁଦାନ ଭତ୍ରା ସ୍ମୃତି ସଂସଦ ପକ୍ଷରୁ ପ୍ରଭୁଦାନଙ୍କ ୯୨ତମ ଜୟନ୍ତୀ, ସ୍ଥାନ: ଜୟପୁରସ୍ଥିତ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ସମୟ: ଅପରାହ୍ନ ୪ଟା।
- କୋରାପୁଟ ଜିଲା ପଟ୍ଟାଙ୍ଗି ବଡଦେବତାଠାକୁରାଣୀଙ୍କ ବାର୍ଷିକ ଉତ୍ସବ,ସ୍ଥାନ: ଠାକୁରାଣୀ ପାହାଡ ପରିସର, ସମୟ: ସକାଳ ୬ଟା।
- ମା' ତାରିଣୀଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ, ସ୍ଥାନ: ସେମିଳିଗୁଡ଼ା ବସ୍‌ଷ୍ଟାଣ୍ଡ,ସମୟ: ସନ୍ଧ୍ୟା ୭ଟା।

## ମାଲକାନଗିରି

- ବିଜେଡିର ମିଶ୍ରଣ ପର୍ବ, ସ୍ଥାନ: କିଆଙ୍ଗ ପଞ୍ଚାୟତ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ଠାକୁରପାଟଣା, ଡେରାବିଶ, ସମୟ: ସକାଳ ୯ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଅଙ୍ଗୁଳାଇ, ମାର୍ଶାଘାଇ, ସମୟଷ ଅପରାହ୍ନ ୪ଟା।
- ଜୟରାଷ୍ଟ୍ର ପକ୍ଷରୁ ମତଦାତା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ଗ୍ରୀଷ୍ମକାଳୀନ ବହୁମୁଖୀ କ୍ରୀଡ଼ା ଶିବିର ଉଦ୍‌ଘାଟନ, ସ୍ଥାନ: ପିପିଏଲ୍, ଡିଏଭି ସ୍କୁଲ ଖେଳପଡ଼ିଆ, ପାରାଦୀପ, ସମୟ: ସକାଳ ୬ଟା।
- ବିଜେଡି ସାଙ୍ଗଠନିକ ବୈଠକ, ସ୍ଥାନ: ଏରସମା ବଜାର, ସମୟ : ପୂର୍ବାହ୍ନ ୧୧ଟା।
- ପାରାଦୀପ କଂଗ୍ରେସ ପକ୍ଷରୁ ଜନ ଆଶୀର୍ବାଦ ପଦଯାତ୍ରା, ସ୍ଥାନ: ବଗଦିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ବିଜେଡି ମହିଳା ସମାବେଶ, ସ୍ଥାନ: ଜିଲାନାସୀ, କୁଜଙ୍ଗ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ବିଜେଡିର ୱାର୍ଡ କମିଟି ଗଠନ କାର୍ଯ୍ୟକ୍ରମ, ସ୍ଥାନ: ବାଲିଝରା, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଧର୍ମଶାଳା ବ୍ଲକ ୧୨ ନମ୍ବର ଜୋନ ଅଞ୍ଚଳରେ ବିଜେଡିର ବାଇକ ଶୋଭାଯାତ୍ରା, ସ୍ଥାନ: ସଁପାରୁ ପଞ୍ଚାୟତ ପଡ଼ିଆ, ସମୟ : ସକାଳ ୭ଟା।
- ମା' ଶୁଳିଆ ଠାକୁରାଣୀଙ୍କ ପ୍ରଥମ ପ୍ରତିଷ୍ଠା ଦିବସର ୨ୟ ଦିବସ, ସ୍ଥାନ: ଗୋପୀନାଥପୁର ଶୁଳିଆ ଠାକୁରାଣୀଙ୍କ ପୀଠ, ଖଣ୍ଡପଡା, ସମୟ: ମଧ୍ୟାହ୍ନ ୧୨ଟା।
- ଖଣ୍ଡପଡା ରାମଲୀଳାର ୧୪ତମ ଦିବସ, ସ୍ଥାନ:ଖଣ୍ଡପଡା ଗଡଭିତର ସାହି, ସମୟ: ରାତି ୯ଟା।
- କଣ୍ଟିଲୋ ରାମଲୀଳା ୪ର୍ଥ ଦିବସ, ସ୍ଥାନ: କଣ୍ଟେଶ୍ୱର ପାଟଣା ରଘୁନାଥ ଜୀଉ ପୀଠ , ସମୟ: ରାତି ୧୦ଟା।

## ନୟାଗଡ଼

- ମା' ଶୁଳିଆ ଠାକୁରାଣୀଙ୍କ ପ୍ରଥମ ପ୍ରତିଷ୍ଠା ଦିବସର ୨ୟ ଦିବସ, ସ୍ଥାନ: ଗୋପୀନାଥପୁର ଶୁଳିଆ ଠାକୁରାଣୀଙ୍କ ପୀଠ, ଖଣ୍ଡପଡା, ସମୟ: ମଧ୍ୟାହ୍ନ ୧୨ଟା।
- ଖଣ୍ଡପଡା ରାମଲୀଳାର ୧୪ତମ ଦିବସ, ସ୍ଥାନ:ଖଣ୍ଡପଡା ଗଡଭିତର ସାହି, ସମୟ: ରାତି ୯ଟା।
- କଣ୍ଟିଲୋ ରାମଲୀଳା ୪ର୍ଥ ଦିବସ, ସ୍ଥାନ: କଣ୍ଟେଶ୍ୱର ପାଟଣା ରଘୁନାଥ ଜୀଉ ପୀଠ , ସମୟ: ରାତି ୧୦ଟା।

## ସମ୍ବଲପୁର

- ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ହଷ୍ଟେଲ ସମସ୍ୟାକୁ ନେଇ ସଚେତନତା ରଥ, ସ୍ଥାନ: ଜିଲା ସ୍କୁଲ ଛକ, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ମାଲିପଡା କଟରଧୁଆ, ସମୟ: ସକାଳ ୮ଟା।
- ସ୍ୱାଧୀନ ପ୍ରାର୍ଥୀ ଆତ୍ମାରାମ ସୁପକାରଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନ ପ୍ରାର୍ଥୀ ଜ୍ଞାନେନ୍ଦ୍ର ବେହେରାଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚାର, କୁଚିଣ୍ଡା, ସମୟ: ମଧ୍ୟାହ୍ନ ୧୨ଟା ।
- ଭାଜପା ବିଧାୟକ ପ୍ରାର୍ଥୀ ରବିନାରାୟଣ ନାଏକଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: କୁଚିଣ୍ଡା ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା।
- ଶଙ୍କର ଜ୍ୟୋତି ମାତୃସଂଘ ଓ ଭତରା ଗ୍ରାମବାସୀ ଆୟୋଜିତ ଶ୍ରୀମଦ ଭାଗବତ ମହାପୁରାଣ ତାତ୍ତ୍ୱିକ ପ୍ରବଚନ, ସ୍ଥାନ: ଭତରା ଶଙ୍କର ମଠ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ବଲାଙ୍ଗୀରର ପ୍ରସିଦ୍ଧ ରାମଲୀଳା, ସ୍ଥାନ: ଜଗନ୍ନାଥ ମନ୍ଦିର ସମ୍ମୁଖ, ଜଗନ୍ନାଥପଡ଼ା, ସମୟ: ରାତି ୧୦ଟା ୩୦।

## ସୁବର୍ଣ୍ଣପୁର

- କଂଗ୍ରେସର ନିର୍ବାଚନୀ ପ୍ରଚାର, ସ୍ଥାନ: ଗରିଆମୁଣ୍ଡରୁ ଖଣ୍ଡହତା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ଭାଜପାର ନିର୍ବାଚନୀ ପ୍ରଚାର, ସ୍ଥାନ: ଧର୍ମଶାଳା ମଣ୍ଡଳ, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୯ ଟା।
- ବିଧାୟକ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର, ସ୍ଥାନ: ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ଉପଜିଲାପାଳ ତଥା ବୀରମହାରାଜପୁର ନିର୍ବାଚନମଣ୍ଡଳୀ ରିଟର୍ନିଂ ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଦକ୍ଷିଣକାଳୀ ମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ, କାରୁଶାଳା ବିଧାନ, ସ୍ଥାନ: ସେକ୍ଟର-୧, ସମୟ: ସକାଳ ୮ଟା।
- କଂଗ୍ରେସ ରାଉରକେଲା ପ୍ରାର୍ଥୀଙ୍କ ନିର୍ବାଚନୀ ଗସ୍ତ, ସ୍ଥାନ: କୋଏଲନଗର, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କର୍ମଶାଳା, ସ୍ଥାନ: ତେଲିପଡା ବସ୍ତି, ସମୟ: ସକାଳ ସାଢେ ୮ଟା।
- ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର,ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ମହାଦେବ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ପୂଜାରମ୍ଭ, ସ୍ଥାନ: ପିପିଲିପାଲି, ସୋହେଲା
- ସମୟ: ସକାଳ ୭ଟା।
- ଶିବ ମନ୍ଦିର ରତ୍ନମୋଦକ ସ୍ଥାପନ ସମାରୋହ, ସ୍ଥାନ: କୁଲୁପାଲି, ଝାରବନ୍ଧ, ସମୟ: ସକାଳ ୮ଟା।
- ରାମାୟଣ ପାରାୟଣ, ସ୍ଥାନ: ମହାପାତ୍ର ପଡ଼ା କଲ୍ୟାଣ ମଣ୍ଡପ, ସରଣ୍ଡା, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକର ଦପଲା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଦପଲା ଗ୍ରାମ୍ୟ ପୂଜା ମଣ୍ଡପ, ସମୟ: ସକାଳ ୯ଟା।
- କଣ୍ଟାମାଳ ଖୁଣ୍ଟିଗୋରା କ୍ରିକେଟ କ୍ଲବ ପକ୍ଷରୁ ପଞ୍ଚମ ରାତ୍ରିକାଳୀନ ଧମାକା ସାର୍କିଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ, ସ୍ଥାନ: ଖୁଣ୍ଟିଗୋରା ସତସଙ୍ଗ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ବିଜେଡି ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ ଓ ଶୋଭାଯାତ୍ରା, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।

## ଝାରସୁଗୁଡ଼ା

- ଅଷ୍ଟପ୍ରହର ନାମଯଜ୍ଞ ପ୍ରାରମ୍ଭ, ସ୍ଥାନ: ଝାରସୁଗୁଡା ସଦର ବ୍ଲକସ୍ଥିତ ଭାଗିପାଳି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ମିଶ୍ରଣ ପର୍ବ ଓ ଶୋଭାଯାତ୍ରା, ସ୍ଥାନ: ଝାରସୁଗୁଡା ପୁରୁଣା ବସଷ୍ଟାଣ୍ଡରୁ ବେହେରାମାଲ ଛକ ପର୍ଯ୍ୟନ୍ତ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ଓ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ସଭାସମିତି, ରାଜନୀତି, କଳା, ସାହିତ୍ୟ, ସଂଗଠନ ତଥା ଅଧ୍ୟାପନା କ୍ଷେତ୍ରରୁ ପ୍ରଶଂସା ମିଳିବ। କିନ୍ତୁ ଠିକ୍ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି।

**ବୃଷ**
ଅର୍ଥନୈତିକ ପ୍ରଗତି, ପାରିବାରିକ ସଦ୍‌ଭାବ, ବନ୍ଧୁଙ୍କ ସାହାଯ୍ୟ ଲାଭକରି କାମ ହାସଲ କରିବେ। କର୍ମକ୍ଷେତ୍ରରେ ସମ୍ଭାବ୍ୟ ସମସ୍ୟାକୁ ପ୍ରତିରୋଧ କରିବାରେ ସମର୍ଥ ହେବେ। ପାରିବାରିକ ଟେନସନ୍ ଦୂର ହେବ ଏବଂ କଳ୍ପନା କିମ୍ବା ଆଶା କରି ନ ଥିବା ଜିନିଷ ଲାଭ କରିବେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମିଥୁନ**
ଗତକାଲିଠାରୁ ଯାହା ଚିନ୍ତା କରିଛନ୍ତି ଆଜି ତାହା ବାସ୍ତବତାରେ ପରିଣତ ହେବାରେ ପ୍ରତିବନ୍ଧକ ରହିବ ନାହିଁ। ବୌଦ୍ଧିକତାର ଅଭିବୃଦ୍ଧି ସହ ବୁଦ୍ଧିଜୀବୀ ଗହଣରେ ପ୍ରଶଂସା ଓ ପ୍ରତିଷ୍ଠା ପାଇବେ। ଆରଦ୍ରା ନକ୍ଷତ୍ର ସକାଶେ ସମସ୍ତ ସୁବିଧା ଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ**
ଆଜି ଯାହା ଓ ଯେତିକି ପାଇବା କଥା ତାହା ଅବଶ୍ୟ ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କେତେକ କାମ ସକାଶେ ଅବଶ୍ୟ ବନ୍ଧୁମାନଙ୍କ ସାହାଯ୍ୟ ନେବାକୁ ପଡ଼ିପାରେ। ସଭାସମିତିରେ ସଫଳତା ହାସଲ କରିବେ କିନ୍ତୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ ବୁଝିପାରନ୍ତି। ପୁନର୍ବସୁ ନକ୍ଷତ୍ର ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ସିଂହ**
ରାଶ୍ୟାଧିପ ରବିଙ୍କ ଉଚ୍ଚାବସ୍ଥାନ ଯୋଗୁ ରାଜକୀୟ ଠାଣି ଆପଣଙ୍କ ପ୍ରାଧାନ୍ୟକୁ ପ୍ରକଟିତ କରିବ। କିନ୍ତୁ ସାମୟିକ ଭାବରେ ଆପଣଙ୍କ ଚିନ୍ତାଧାରାର ବିପରୀତ ଆଚରଣକୁ ବରଦାସ୍ତ କରିପାରିବେ ନାହିଁ। ଭୁଲ୍ ନିଷ୍ପତ୍ତି ନେବା କାରଣରୁ କେତେକ କ୍ଷେତ୍ରରେ ଅଶାନ୍ତ ପରିସ୍ଥିତି ସୃଷ୍ଟିର କାରଣ ହୋଇପାରେ।

**କନ୍ୟା**
ଆପଣଙ୍କ କଥା ଓ କାମକୁ ବନ୍ଧୁମାନେ ପସନ୍ଦ କରିପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ହେବେ। ସାଧାରଣ କଥାକୁ ଜଟିଳକରି ଅଯଥା ପରିବାରରେ ଅଶାନ୍ତିର ଆଶଙ୍କା ରହିଛି। ହସ୍ତା ନକ୍ଷତ୍ର ଅର୍ଥ ସଙ୍କଟ ହେତୁ କାମଗୁଡିକ ସମ୍ପନ୍ନ ଦିଗରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କାକୁ ଏଡି ହେବନାହିଁ।

**ତୁଳା**
ଆଜି ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ପାରିବାରିକ ସନ୍ତୋଷ ଯୋଗୁ ଖୁସି ରହିବେ। ପାରିପାର୍ଶ୍ୱିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମନକୁ ଉଲ୍ଲସିତ କରିବ। କୌଣସି ଅସୁବିଧା ନ ଥିଲେ ମଧ୍ୟ ଅନ୍ୟମାନଙ୍କ କାର୍ଯ୍ୟକଳାପକୁ ନେଇ ତର୍କବିତର୍କ ଲାଗିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ପ୍ରଭୃତିରେ ପ୍ରତିଦ୍ୱନ୍ଦ୍ୱିତା ଆଶଙ୍କା ରହିଛି।

**ବିଛା**
ଅଧିକାଂଶ କ୍ଷେତ୍ରରେ ନୀରବତା ହିଁ ଆପଣଙ୍କ ଭାବମୂର୍ତ୍ତିକୁ ବୃଦ୍ଧି କରିବ। ଯୁକ୍ତିଯୁକ୍ତ ଭାବଗର୍ଭକ ମନ୍ତବ୍ୟ ବିଜ୍ଞବ୍ୟକ୍ତିଙ୍କ ଗ୍ରହଣୀୟ ହୋଇପାରେ। ପଦସ୍ଥ ବ୍ୟକ୍ତିଙ୍କ ସୁଦୃଷ୍ଟି, ସାମାଜିକ, ରାଜନୈତିକ ଓ ପ୍ରଶାସନିକ କ୍ଷେତ୍ର ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବ। ଅର୍ଥ ସଙ୍କଟ ଦୂର ହେବ, କାର୍ଯ୍ୟରେ ପୂର୍ଣ୍ଣତା ଆସିବ ଏବଂ ଶତ୍ରୁତାର ଅବସାନ ମଧ୍ୟ ଘଟିବ।

**ଧନୁ**
ପାରିବାରିକ ସମ୍ପର୍କ ଓ ପାରିପାର୍ଶ୍ୱିକ ସମ୍ପର୍କ ବହୁତ ଭଲ ରହିବ। କର୍ମକ୍ଷେତ୍ରରେ ପ୍ରତ୍ୟେକ କାମ ସହଜରେ ହାସଲ କରିପାରିବେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡିବେ, କିନ୍ତୁ କୌଣସି କାମ ଅଟକିବ ନାହିଁ। ମୂଳା ନକ୍ଷତ୍ର ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

**ମକର**
ଆଜି ଧନିଷ୍ଠା ଆନୁଷ୍ଠାନିକ କାମରେ ସାମାଜିକ ପ୍ରତିଷ୍ଠା ବୃଦ୍ଧିପାଇବ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ହଠାତ୍ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହେବାରୁ ଦୁଶ୍ଚିନ୍ତା ବଢିଯାଇପାରେ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ସହକର୍ମୀଙ୍କୁ ବିଭିନ୍ନ ବିନୟପୂର୍ଣ୍ଣ କଥା କହିପାରନ୍ତି।

**କୁମ୍ଭ**
ଆଜି ସମ୍ପର୍କୀୟଙ୍କ ସହଯୋଗରୁ ପ୍ରତ୍ୟେକ କାମକୁ ସୁବିଧାରେ ସମ୍ପନ୍ନ କରିବେ। ପୂର୍ବଭାଦ୍ର ନକ୍ଷତ୍ରର ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ରାସ୍ତା ଖୋଲିଯିବ। ରାଜନୀତି କ୍ଷେତ୍ରରେ କିମ୍ବା ଆଲୋଚନା କାଳରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ପରିବାରର ବ୍ୟତିକ୍ରମ ଘଟଣାଟି ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ।

**ମୀନ**
ବିଭିନ୍ନ ଘରୋଇ ସମସ୍ୟା ମନକୁ ଭାରାକ୍ରାନ୍ତ କରିବା ହେତୁ ମନସ୍ତାପ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ସୃଷ୍ଟି ହୋଇପାରେ। ପଡ଼ୋଶୀ କିମ୍ବା ଅନ୍ତରଙ୍ଗ ବନ୍ଧୁମାନେ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇପାରନ୍ତି। ବେଳକୁ ବେଳ ପରିବାରର ଖର୍ଚ୍ଚଭାର ବୃଦ୍ଧି ଯୋଗୁ ଚିନ୍ତା ପ୍ରକଟ କରିବେ।

ଆଜି ମେ' ୬ ତାରିଖ, ବୈଶାଖ କୃଷ୍ଣ, ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ସୋମବାର, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ରାଶି ନକ୍ଷତ୍ର- ରେବତୀ/ ମୀନ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୮ ଗତେ, ଦିବା ଘ.୦୬।୫୪ ମଧ୍ୟେ, ଘ.୧୦।୨୬ ଗତେ, ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୬।୫୪ ମି. ଗତେ, ଘ.୦୮।୩୧ ମଧ୍ୟେ ରାହୁକାଳ।

## ରତ୍ନଭଣ୍ଡାର ଖୋଲିବୁ...

ପ୍ରଥମ ପୃଷ୍ଠାରୁ...

ଯିବା ବିଷୟ ସବୁ ଘର ଭିତରୁ ଗୁଞ୍ଜରଣ ହେଉଛି। ଫସଲର ଦର ଏଠାରେ ଠିକ୍ ଭାବେ ମିଳୁନି। ମହିଳାଙ୍କ ପ୍ରତି ନିର୍ଯ୍ୟାତନା ଓ ହିଂସା ଏଠାରେ ବଢ଼ିଚାଲିଛି। ମହିଳା ଉତ୍ପୀଡ଼ନରେ ଓଡ଼ିଶା ଏକ ନମ୍ବରରେ ପହଞ୍ଚିଛି। ବିଜେଡିର ୪୫ ଜଣ ନେତା ନାରୀ ନିର୍ଯ୍ୟାତନା, ବଳାତ୍କାର ଘଟଣାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ରହିଛନ୍ତି। ବିଦ୍ୟୁତ୍ ବିଲ୍ ଓଡ଼ିଶା ଲୋକ ସବୁଠୁ ଅଧିକ ଦେଉଛନ୍ତି। ଶୀତଳଭଣ୍ଡାର ରାଜ୍ୟରେ ବନ୍ଦ ପଡ଼ିଛି। ରାଜ୍ୟରେ ଡାକ୍ତରଖାନାଗୁଡିକ କୋମା ଅବସ୍ଥାକୁ ଚାଲିଯାଇଛି। ଜଗନ୍ନାଥଙ୍କ କୃପାରୁ ଓଡ଼ିଶା ଚାଲିଛି। ତେଣୁ ଯାହା ଇସ୍ତାହାରରେ ଉଲ୍ଲେଖ କରିଛୁ ତାହା ୫ ବର୍ଷରେ ପୂରଣ କରିବୁ। ବିଜେଡି ଖଣିଜ ସମ୍ପଦକୁ ନେଇ ଯେଉଁ ଦୁର୍ନୀତି କରୁଛି ତାକୁ ଶେଷ କରାଯିବ। ସେଥିରୁ ଯେଉଁ ରାଜସ୍ୱ ଆସିବ ତାହା ଓଡ଼ିଶା ଲୋକଙ୍କ କାମରେ ଲାଗିବ। ଚିଟ୍‌ଫଣ୍ଡ ଠକଙ୍କୁ ଦଣ୍ଡ ଦିଆଯିବ। ସରକାରକୁ ଆସିବାର ୧୮ମାସରେ ଛୋଟ ଜମାକାରୀଙ୍କୁ ଟଙ୍କା ଫେରାଯିବ ବୋଲି ସେ କହିଛନ୍ତି। ଭାଜପା ଇସ୍ତାହାରରେ ୨୧ଟି ପ୍ରତିଶ୍ରୁତି ଦେଇଥିବା ବେଳେ ନଡ୍ଡା କହିଛନ୍ତି, ସରକାରକୁ ଆସିଲେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିବୁ। ବିଜେଡି ସରକାରଙ୍କ ବ୍ୟାପକ ଦୁର୍ନୀତି ଏବଂ ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ବ୍ୟବସ୍ଥାକୁ ସମାପ୍ତ କରିଦିଆଯିବ। ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଡିବିଟି ଜରିଆରେ ୪୮ ଘଣ୍ଟାରେ ଚାଷୀଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରିବେ। ସୁଭଦ୍ରା ଯୋଜନା କରି ମହିଳାଙ୍କୁ ୫୦ ହଜାରର ନଗଦ ଭାଉଚର ଦିଆଯିବ। ଭାରତର ସବୁ ମେଟ୍ରୋ ସହରରେ ଓଡ଼ିଆ ସମୁଦାୟ ଭବନ ପ୍ରତିଷ୍ଠା କରିବ। ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯିବ। ଅଣଉତ୍ପାଦନ ସମୟରେ ମତ୍ସ୍ୟଜୀବୀଙ୍କୁ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ । ୭୫ ହଜାର କି.ମି.ର ଗ୍ରାମ୍ୟ ଓ ଜାତୀୟ ରାଜପଥ ନିର୍ମାଣ କରାଯିବ, ଯାହା ସିଧାସଳଖ ରାଜଧାନୀ ସହ ଯୋଡ଼ିବ। ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଏବଂ ବାଲେଶ୍ୱରରେ ଅତ୍ୟାଧୁନିକ ଆଇଟି ପାର୍କ ପ୍ରତିଷ୍ଠା ହେବ। ଓଡ଼ିଆରେ ଆଇନ, ମେଡିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମ ପ୍ରଚଳନ କରାଯିବ। ଆବାସ ଯୋଜନାରେ ୧୫ ଲକ୍ଷ ଘର ନିର୍ମାଣ, ପଶ୍ଚିମ ଓଡ଼ିଶାରେ ୩ଟି ଇଣ୍ଟିଗ୍ରେଟେଡ ଟେକ୍ସଟାଇଲ ପାର୍କ ସ୍ଥାପନ କରାଯିବ। ବୁଣାକାରଙ୍କ ପାଇଁ ଆର୍ଥିକ ସହାୟତା ବ୍ୟବସ୍ଥା ହେବ। ସରକାରକୁ ଆସିବାର ୧୦୦ ଦିନ ଭିତରେ ୮ ଲକ୍ଷ ତଳକୁ ବାର୍ଷିକ ଯେଉଁମାନଙ୍କ ରୋଜଗାର ସେମାନଙ୍କୁ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାରେ ଯୋଡ଼ିବୁ। ଦିବ୍ୟାଙ୍ଗ, ବିଧବା, ନିରାଶ୍ରୟମାନଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ଯୋଜନା ମାଧ୍ୟମରେ ୩୦୦୦ ଟଙ୍କାର ପେନ୍‌ସନ ପ୍ରଦାନ କରାଯିବ। ୮୦ ପ୍ରତିଶତ ଅକ୍ଷମତା ଥିବା ଦିବ୍ୟାଙ୍ଗ ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ୩୫୦୦ ଟଙ୍କା ପେନ୍‌ସନ ଦିଆଯିବ। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଇସିୟୁ, ଡାଏଲିସିସ୍ ଏବଂ ଅପରେଶନ ଥିଏଟର ଯୋଗାଯିବ। ରାଜ୍ୟରେ ପର୍ଯ୍ୟଟନ ଅର୍ଥନୀତି ବଢ଼ାଯିବ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ମାଧ୍ୟମରେ ଓଡ଼ିଶାର ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ମାଗଣା ବିଜୁଳି ଯୋଗାଯିବ ବୋଲି ନଡ୍ଡା କହିଛନ୍ତି।

ଗତ ୧୦ ବର୍ଷ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜନୈତିକ କାର୍ଯ୍ୟକ୍ରମରେ ସଂସ୍କାର ଆସିଛି। ନିର୍ବାଚନୀ ଇସ୍ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ। ଉପା ସରକାର ସମୟରେ ଏହାର କୌଣସି ମହତ୍ତ୍ୱ ନ ଥିଲା। ହେଲେ ମୋଦିଙ୍କ ନେତୃତ୍ୱରେ ଏହା ରାଜନୈତିକ ରିପୋର୍ଟ କାର୍ଡ ହୋଇଯାଇଛି। ତୃଣମୂଳସ୍ତରରୁ ଲୋକମାନଙ୍କ ପ୍ରସ୍ତାବ ନିଆଯାଇ ଖୁବ କମ୍ ସମୟ ମଧ୍ୟରେ ଏହା ଛପା ଯାଇଛି। ଯେଉଁ ରାଜ୍ୟଗୁଡ଼ିକରେ ଭାଜପା ସରକାର ନାହିଁ ସେଠାରେ ବିଭିନ୍ନ ପ୍ରକାର ଅନ୍ୟାୟ, ଅନୀତି, ଦୁର୍ନୀତି ଜାରି ରହିଛି। ଯେଉଁସବୁ ରାଜ୍ୟରେ ଭାଜପା ସରକାର ଅଛି ସେଠାରେ ବିକାଶ କାର୍ଯ୍ୟ ଜାରି ରହିଛି। ଦେଶର ଅର୍ଥନୀତି କଥା ହେଉ ବା ଆମ ଦେଶର ବିଭିନ୍ନ ଜିନିଷ ଯେପରି ମେଡିସିନ ଏବଂ ମୋବାଇଲ ଫୋନ୍ ପ୍ରସ୍ତୁତିରେ ବାହାର ଦେଶରେ ଆଦୃତିଲାଭ କରୁଛି। ମୋଦି ସରକାର ସମୟରେ ୨୫ କୋଟି ଲୋକ ପ୍ରଧାନମନ୍ତ୍ରୀ ଅନ୍ନ କଲ୍ୟାଣ ଯୋଜନା ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ଉପରକୁ ଆସିଛନ୍ତି। ଆବାସ ଯୋଜନାକୁ ଓଡ଼ିଶାରେ ଅଟକାଯାଇଛି। ଆୟୁଷ୍ମାନ ଯୋଜନା ଏଠାରେ ରାଜ୍ୟ ସରକାର ଲାଗୁ କରୁନାହାନ୍ତି। ଏହା ଲାଗୁ ହୋଇଥିଲେ ଏହାର ଲାଭ ସବୁ ଗରିବ ଲୋକଙ୍କୁ ମିଳୁଥାଆନ୍ତା ବୋଲି ନଡ୍ଡା କହିଛନ୍ତି। ତେବେ ଏହି ସମୟରେ ଦୁଇଥର ବିଜେଡିକୁ ଦୋଷ ଦେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମ ଉଚ୍ଚାରଣ ପରିବର୍ତ୍ତେ ବିଜୁ ପଟ୍ଟନାୟକ ବୋଲି ନଡ୍ଡା କହି ଦେଇଥିଲେ।

## ଭାଜପା ସଂକଳ୍ପପତ୍ରର କେତେକ ପ୍ରମୁଖ ପ୍ରତିଶ୍ରୁତି

- ■ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର, ପ୍ରକ୍ରିୟାକରଣ ୟୁନିଟ ସହ ଯୋଗାଣ ଶୃଙ୍ଖଳ ନେଟ୍‌ୱର୍କକୁ ବିସ୍ତାର କରି ଉତ୍ପାଦନ ପରବର୍ତ୍ତୀ କ୍ଷତିକୁ କମାଯିବ।
- ■ ୨୦୨୯ ସୁଦ୍ଧା ଜଳ ଯୋଗାଣ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ କରି ଜଳସେଚିତ କୃଷି ଜମିର ପରିମାଣ ବୃଦ୍ଧି କରାଯିବ
- ■ ସମ୍ବଲପୁରରେ ପ୍ରତିଷ୍ଠା ହେବ ଓଡ଼ିଶାର ଦ୍ୱିତୀୟ ଏମ୍‌ସ ଏବଂ କୃଷି ବିଶ୍ୱବିଦ୍ୟାଳୟ
- ■ ମତ୍ସ୍ୟ ଉତ୍ପାଦନ ବାର୍ଷିକ ୧୨୫୦ମେଟ୍ରିକ୍ ଟନ୍‌ରୁ ୫୦୦୦ ମେଟ୍ରିକ୍ ଟନ୍‌କୁ ବୃଦ୍ଧି
- ■ ୨୦୨୭ ସୁଦ୍ଧା ଦୁଗ୍ଧ ଉତ୍ପାଦନ କ୍ଷମତା ୧୦୦ଲକ୍ଷ ଟନ୍‌କୁ ବୃଦ୍ଧି କରି ଦୁଗ୍ଧ ବନ୍ୟା ମିଶନ ଆରମ୍ଭ କରାଯିବ
- ■ ଗୋ-ହତ୍ୟା ନିରୋଧୀ ଆଇନ ପ୍ରଣୟନ କରାଯିବ
- ■ ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମାଗଣା ଲାପ୍‌ଟପ୍/ଟାବ୍‌ଲେଟ ପ୍ରଦାନ କରାଯିବ
- ■ 'ଉଦ୍ୟମ କାନ୍ତି' ଯୋଜନାରେ ଯୁବବର୍ଗଙ୍କୁ ବିନା ସୁଧ ଏବଂ ୫୦% ସବ୍‌ସିଡିରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ
- ■ କଲେଜ ଛାତ୍ରୀଙ୍କୁ ସବ୍‌ସିଡ଼ିରେ ଦିଆଯିବ ବୈଦ୍ୟୁତିକ ୨ଚକିଆ ଯାନ
- ■ ୨୦୨୭ ଜୁନ୍ ସୁଦ୍ଧା ରାଉରକେଲା- ସମ୍ବଲପୁର- ପାରାଦୀପ- ଧାମରାକୁ ନେଇ ଶିଳ୍ପ କରିଡର
- ■ ୧.୫ ଲକ୍ଷ ଖାଲିଥିବା ସରକାରୀ ପଦବୀ ପୂରଣ କରାଯିବ
- ■ ଗର୍ଭବତୀ ମହିଳାଙ୍କୁ ୨୧ହଜାର ଟଙ୍କା ସହାୟତା ସହ ୬ଟି ପୁଷ୍ଟିକର କିଟ୍ ଦିଆଯିବ
- ■ ପ୍ରତି ଜିଲାରେ ନର୍ସିଂ କଲେଜ, ମେଡିକାଲ କଲେଜ, ସୁପର ସ୍ପେଶାଲିଟି ହସ୍ପିଟାଲ୍ ପ୍ରତିଷ୍ଠା ହେବ
- ■ ପ୍ରତି ଅଙ୍ଗନୱାଡି କର୍ମୀଙ୍କ ମାସିକ ଦରମା ୧୨ହଜାର ଓ ସହାୟିକାଙ୍କ ମାସିକ ଦରମା ୮ହଜାର ଟଙ୍କାକୁ ବୃଦ୍ଧି ହେବ
- ■ ଅଣସଂଗଠିତ ଶ୍ରମିକଙ୍କୁ ୫ଲକ୍ଷ ଟଙ୍କାର ବୀମା ପ୍ରଦାନ କରାଯିବ
- ■ ବସ୍ତିବାସିନ୍ଦାଙ୍କୁ ୬୦୦ ବର୍ଗଫୁଟର ଜମି/ଘର ଦିଆଯିବ
- ■ କୋଟିଆ ସୀମା ବିବାଦର ସମାଧାନ ପାଇଁ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ହେବ
- ■ ବିଜେଡି ସରକାରଙ୍କ ବ୍ୟାପକ ଦୁର୍ନୀତିକୁ ସମାପ୍ତ କରାଯିବ
- ■ ବେଆଇନ ଖଣି ଖନନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ
- ■ ନାଗରିକତ୍ୱ ସଂଶୋଧନ ଅଧିନିୟମ- ୨୦୧୯ କାର୍ଯ୍ୟକାରୀ କରାଯିବ
- ■ ୨୦୨୭ ସୁଦ୍ଧା ମହାନଦୀକୁ ପୁନରୁଦ୍ଧାର କରାଯିବ
- ■ ୨୪ X ୭ ବିଦ୍ୟୁତ୍ ଯୋଗାଣ କରି ସ୍ମାର୍ଟ ମିଟର ଜରିଆରେ ଭୁଲ୍ ବିଦ୍ୟୁତ୍ ବିଲ୍‌ରୁ ଲୋକଙ୍କୁ ମୁକ୍ତି ଦିଆଯିବ
- ■ କଳାକାରମାନଙ୍କୁ ୫ହଜାର ଟଙ୍କାର ସହାୟତା ଦିଆଯିବ
- ■ ଓଡ଼ିଶା ଜନଜାତି ସ୍ୱାଭିମାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ
- ■ ୬ମାସ ମଧ୍ୟରେ ଭୁବନେଶ୍ୱର, କଟକ ଏବଂ ରାଉରକେଲାରେ ୨୪ X ୭ ବଜାର ସ୍ଥାପନ କରାଯିବ।

**ମହିଳାଙ୍କୁ ଗଣବଳାତ୍କାର: ୫ କୋର୍ଟଚାଲାଣ** ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଗଣବଳାତ୍କାର କରିବା ଅଭିଯୋଗରେ ପୋଲିସ ୫ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନଳ ଗ୍ରାମର ବଣୁଆ ପାତ୍ର(୫୫), ଗୌର ପାତ୍ର(୩୨), ଶରତ ପାତ୍ର (୩୦), ଭରତ ପାତ୍ର (୨୪) ଓ ଅନାମ ପାତ୍ର (୪୫)। ଶନିବାର ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୨୩/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ବିକଶିତ ଭାରତ ପାଇଁ ସମସ୍ତେ ପ୍ରୟାସ କରନ୍ତୁ: ଜୟଶଙ୍କର



ବିଶ୍ୱବନ୍ଧୁ ଭାରତ ବୃତ୍ତିଜୀବୀ ସମ୍ମିଳନୀରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଉଦ୍‌ବୋଧନ ଦେଉଛନ୍ତି।

**କଟକ,୫।୫(ଶିଳ୍ପା ପ୍ରିୟଦର୍ଶିନୀ)**

## ବିଶ୍ୱବନ୍ଧୁ ଭାରତ ବୃତ୍ତିଜୀବୀ ସମ୍ମିଳନୀ

ଭାରତ ଆଜି ଏପରି ଏକ ଦେଶ ସମସ୍ତେ ଏଠାରେ ପୁଞ୍ଜି ନିବେଶ କରିବାକୁ ଚାହୁଁଛନ୍ତି। ସମଗ୍ର ବିଶ୍ୱ ଏବେ ଭାରତ ସହ ଯୋଡି ହେବାକୁ ଇଚ୍ଛା ପ୍ରକାଶ କରୁଛି। ବିଶ୍ୱବନ୍ଧୁ ହେଉଛି ସବ୍‌କା ସାଥ, ସବ୍‌କା ବିକାଶ ଓ ସକାରାତ୍ମକ ଚିନ୍ତାଧାରା। ୧୦ବର୍ଷ ପୂର୍ବରୁ ଭାରତ ଯେଉଁ ସ୍ଥିତିରେ ଥିଲା ମୋଦି ସରକାର ତାହାର ଚିତ୍ରକୁ ସମ୍ପୂର୍ଣ୍ଣ ଭାବେ ବଦଳାଇଛନ୍ତି। ୧୦ବର୍ଷ ହେବ ମୋଦି ସରକାର ଯେଉଁ କାର୍ଯ୍ୟ କରିଆସୁଛନ୍ତି ଏବଂ ଆଗାମୀ ଦିନରେ ବିକାଶ ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି ତାହା ହେଉଛି ମୋଦି ସରକାରଙ୍କ ଗ୍ୟାରେଣ୍ଟି। ଭାରତକୁ ବିକଶିତ କରିବା ପାଇଁ ସମସ୍ତେ ପ୍ରୟାସ କରିବା ଆବଶ୍ୟକ। ନୂଆ ଟେକ୍ନୋଲୋଜି, ଡିଜିଟାଲାଇଜେସନ୍‌କୁ ସଭିଏଁ ଆପଣାଇଲେ ଉନ୍ନତୀକରଣ ସମ୍ଭବ ହୋଇପାରିବ। ଭାରତ କେବଳ କୋଭିଡ୍ ମହାମାରୀ ସହ ଲଢ଼ିନି ବରଂ ଅର୍ଥନୈତିକ ସ୍ତରରେ ଲଢ଼ି ବିଜୟୀ ହୋଇଛି। ଓଡ଼ିଆର ଅସ୍ମିତା ବିଷୟରେ ଆମେ ଆଲୋଚନା କରୁଛେ, ହେଲେ ଯେପର୍ଯ୍ୟନ୍ତ ନିଜ ସଂସ୍କୃତିକୁ ନେଇ ଆମେ ଗର୍ବ ନ କରିଛେ, ସେପର୍ଯ୍ୟନ୍ତ ଅସ୍ମିତାର ଅର୍ଥ ବୁଝିପାରିବା ନାହିଁ। ଅତୀତରେ ଚାଇନାରୁ ଆସୁଥିବା ୪-ଜି, ୫-ଜି ଏବେ ଭାରତରେ ପ୍ରସ୍ତୁତ କରାଯାଇଛି। ଏହାକୁ ଆଧାର କରି ଭାରତ ଆସନ୍ତା ୨୫ ବର୍ଷର ଯାତ୍ରା ପ୍ରସ୍ତୁତ କରିବ। ମେକ୍ ଇନ୍ ଇଣ୍ଡିଆ ଭାରତର ଭାବମୂର୍ତ୍ତିକୁ ବିଶ୍ୱରେ ଉଜ୍ଜ୍ୱଳିତ କରିପାରିଛି। ବିଭିନ୍ନ ଉତ୍ପାଦନ କ୍ଷେତ୍ରରେ ଭାରତ ଏବେ ସ୍ୱାବଲମ୍ବୀ ହୋଇଛି। କୋଭିଡ୍ ଭ୍ୟାକ୍ସିନ୍ ଭାରତରେ ପ୍ରସ୍ତୁତ କରାଯାଇ ସମଗ୍ର ବିଶ୍ୱକୁ ଚକିତ କରିଛି। ତେଣୁ ବିକଶିତ ଭାରତ ଏକ ସଫଳ କାର୍ଯ୍ୟକ୍ରମରେ ପରିଣତ ହୋଇଛି। ପୋଲିଂ ବଟନ୍ ଦବାଇଲେ ହିଁ ଭାରତର ଭାଗ୍ୟ ପରିବର୍ତ୍ତନ କରିହେବ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। କଟକ ଲିଙ୍କରୋଡସ୍ଥିତ ନିଶାମଣୀ କନ୍‌ଭେନ୍‌ସନ୍ ସେଣ୍ଟରରେ ଭାଜପା ପକ୍ଷରୁ ବିଶ୍ୱବନ୍ଧୁ ଭାରତ ବୃତ୍ତିଜୀବୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଜୟଶଙ୍କର ଯୋଗଦେଇ ଉପରୋକ୍ତ ବିଷୟରେ କହିଛନ୍ତି।

ସେହିପରି ଭାଜପା କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ କହିଛନ୍ତି, ଭାରତର ଦୃଢ଼ତା ଓ କୂଟନୈତିକ ସ୍ତରରେ ଦକ୍ଷତା ଭାଜପା ସରକାର ସମୟରେ ସମ୍ଭବ ହୋଇପାରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, କୋଣାର୍କ ଚକ୍ର, ବେଳାଭୂମି, କଟକର ତାରକସି, ବାରବାଟୀ ଦୁର୍ଗ ହେଉଛି ପ୍ରତ୍ୟେକ ଓଡ଼ିଆଙ୍କ ଅସ୍ମିତାର ପ୍ରତୀକ। ହେଲେ ଶାସକ ଦଳର ସରକାର ଏବେ ଓଡ଼ିଆଙ୍କ ଅସ୍ମିତାଙ୍କୁ ଚିହ୍ନି ପାରୁନାହିଁ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ସେଣ୍ଟ୍ରାଲ୍ ବିଶ୍ୱବିଦ୍ୟାଳୟ କରିବା ପାଇଁ ଯେଉଁ କୁଚକ୍ରାନ୍ତ କରାଯାଉଛି ତାହାର ଜବାବ ଭୋଟ୍ ମାଧ୍ୟମରେ ଜନସାଧାରଣ ଦେବେ ବୋଲି ଆଶା କରୁଛି। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଏମ୍‌ପି ଚନ୍ଦ୍ରପ୍ରକାଶ ଜୋଷୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି, ଭାଜପା କଟକ ସଦର ବିଧାନସଭା ପ୍ରାର୍ଥୀ ଇଂ. ପ୍ରକାଶ ସେଠୀ, ବାରବାଟୀ-କଟକ ପ୍ରାର୍ଥୀ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଚୌଦ୍ୱାର-କଟକ ପ୍ରାର୍ଥୀ ନୟନ କିଶୋର ମହାନ୍ତି ଯୋଗଦେଇଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିନୋଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ଉପସ୍ଥିତ ବୁଦ୍ଧିଜୀବୀମାନେ କେନ୍ଦ୍ରମନ୍ତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିବାବେଳେ ସେ ଏହାର ଉତ୍ତର ଦେଇଥିଲେ। କାର୍ଯ୍ୟକ୍ରମ ପରେ ମନ୍ତ୍ରୀ ଜୟଶଙ୍କର କଟକ ବିହାରୀବାଗସ୍ଥିତ ପ୍ରଜାତନ୍ତ୍ର କାର୍ଯ୍ୟାଳୟ ଓ ହରେକୃଷ୍ଣ ମହତାବଙ୍କ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଏହାପରେ ଭାଜପା ଯୁବମୋର୍ଚ୍ଚାର କର୍ମୀମାନଙ୍କ ସହିତ ଆଲୋଚନା କରିଥିଲେ।

# ବୈତରଣୀରେ ହାତୀପଲଙ୍କ ଜଳକ୍ରୀଡ଼ା



ବୈତରଣୀରେ ଜଳକ୍ରୀଡ଼ା କରୁଥିବା ହାତୀ।

**ଯୋଡ଼ା,୫।୫(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ସେକ୍ସନର ଗୁରୁବେଡ଼ା ବୈତରଣୀ ନଦୀରେ ରବିବାର ହାତୀପଲଙ୍କ ଜଳକ୍ରୀଡ଼ା ଦେଖିବାକୁ ମିଳିଛି। ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ବନ୍ୟପ୍ରାଣୀ ମଧ୍ୟ ରୌଦ୍ରତାପରେ ଅଥୟ ହେଉଛନ୍ତି। ଅପରାହ୍ନରେ ୧୩ଟି ହାତୀ ଜଳକ୍ରୀଡ଼ା କରୁଥିବା ବନ ବିଭାଗ କହିଛି। ଏଥିରେ ୪ ଦନ୍ତା, ୬ ମାଈ ଓ ୩ ଛୁଆହାତୀ ଥିବା ଜଣାପଡ଼ିଛି। ସନ୍ଧ୍ୟା ପରେ ହାତୀ ନଈରୁ ବାହାରି ଗ୍ରାମାଭିମୁଖୀ ହେବାର ଆଶଙ୍କା ଥିବାରୁ ବନ ବିଭାଗର ହାତୀ ସୁରକ୍ଷା ଟିମ୍ ସଜାଗ ଥିବା ଯୋଡ଼ା ବନପାଳ ତ୍ରିନାଥ ଜେନା କହିଛନ୍ତି। ସେହିପରି ୪ରୁ ୫ଦିନ ହେବ ଅସହ୍ୟ ଗୁଳୁଗୁଳି ଓ ତାତିରୁ ରକ୍ଷା ପାଇବା ପାଇଁ ଖଣ୍ଡବନ୍ଧ ଅଞ୍ଚଳର ସୁନାନଦୀରେ ମଧ୍ୟ ୧୫ ହାତୀ ଜଳକ୍ରୀଡ଼ା କରୁଥିବା ଦେଖିବାକୁ ମିଳିଥିଲା।

# ନୟାଗଡ଼ ଜିଲା ଧରିତ୍ରୀ ଖବରଦାତାଙ୍କ ପିତୃ ବିୟୋଗ



ବୈକୁଣ୍ଠନାଥ ମିଶ୍ର

**ରଣପୁର,୫।୫ (ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ଧରିତ୍ରୀ ଖବରଦାତା ଲୋକନାଥ ମିଶ୍ରଙ୍କ ପିତା ବୈକୁଣ୍ଠନାଥ ମିଶ୍ର(୮୦)ଙ୍କର ଶନିବାର ରାତି ୧୨ଟା ୪୦ ମିନିଟ୍‌ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ରାତିରେ ନୟାଗଡ଼ ଜିଲା ଗୋଡ଼ିପଡ଼ା ଶ୍ମଶାନରେ ମୃତଦେହ ସଂସ୍କାର କରାଯାଇଛି। ତାଙ୍କର ୩ ପୁଅ ମାନସ, ଲୋକନାଥ ଓ ଗଣେଶ୍ୱର, ପୁତ୍ରବଧୂ ମମତା, ସସ୍ମିତା, ସ୍ତ୍ରୀ ଚନ୍ଦ୍ରକଳା, ନାତି ଗୁଗୁଲା, ସୁଧାଂଶୁ, ନାତୁଣୀ ଚୁଲ୍‌ବୁଲି, ସୋମା ଓ ଗୁଗୁଲିଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ବଡ଼ପୁଅ ମାନସ ମୁଖାଗ୍ନି ଦେଇଥିଲେ। ଗୋଡ଼ିପଡ଼ା ମହନ୍ତସାହିର ବୈକୁଣ୍ଠ ବିଶିଷ୍ଟ ପୂଜକ ଭାବେ ନୟାଗଡ଼, ରଣପୁର ଓ ଓଡ଼ଗାଁ ବ୍ଲକ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁରେ ଗୋଡ଼ିପଡ଼ା ଓ ଆଖପାଖ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁ ପରେ ମରଶରୀରକୁ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯାଇଥିଲା।

# କର୍‌କରେଙ୍କ ହତ୍ୟାକାରୀ ଆର୍‌ଏସ୍‌ଏସ୍ ସହ ଜଡ଼ିତ

**ମୁମ୍ବାଇ,୫।୫**



ହେମନ୍ତ କର୍‌କରେ

## କଂଗ୍ରେସ ନେତାଙ୍କ ଦାବିକୁ ନେଇ ବିବାଦ



ବି.ଏନ୍. ୱାଡେଟ୍ଟିକର

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ବେଳେ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍)ର ତତ୍କାଳୀନ ମୁଖ୍ୟ ହେମନ୍ତ କର୍‌କରେଙ୍କୁ ଆତଙ୍କବାଦୀ ଅଜମଲ କସବ ହତ୍ୟା କରି ନ ଥିଲେ, ବରଂ ଆର୍‌ଏସ୍‌ଏସ୍ ସହ ସମ୍ପୃକ୍ତ ଜଣେ ପୋଲିସ ଅଧିକାରୀ ମାରିଥିଲେ ବୋଲି ମହାରାଷ୍ଟ୍ରର ବିରୋଧୀ ଦଳ ନେତା ବିଜୟ ନମଦେବରାଓ ୱାଡେଟ୍ଟିକର କହିବା ପରେ ବିବାଦ ଉଠିଛି। କଂଗ୍ରେସ ନେତା ୱାଡେଟ୍ଟିକର କର୍‌କରେ ପ୍ରସଙ୍ଗ ଉଠାଇ ମୁମ୍ବାଇ ନର୍ଥ ସେଣ୍ଟ୍ରାଲର ଭାଜପା ପ୍ରାର୍ଥୀ ଉଜ୍ଜ୍ୱଳ ନିକମଙ୍କୁ କଡ଼ା ସମାଲୋଚନା କରିଛନ୍ତି। ୨୬/୧୧ ଆକ୍ରମଣ ମାମଲାରେ ନିକମ ସରକାରୀ ଓକିଲ ଥିଲେ। ୱାଡେଟ୍ଟିକରଙ୍କ କହିବା ଅନୁଯାୟୀ, ଯେଉଁ ଗୁଳିରେ କର୍‌କରେ ପ୍ରାଣ ହରାଇଥିଲେ, ତାହା କସବଙ୍କ ବନ୍ଧୁକରୁ ଫାୟାର ହୋଇ ନ ଥିଲା। ସେତେବେଳେ ଆର୍‌ଏସ୍‌ଏସ୍‌ର ଅନୁଗତ ଥିବା ଜଣେ ପୋଲିସ ଅଫିସରଙ୍କ ବନ୍ଧୁକରୁ ଉକ୍ତ ଗୁଳି ଫୁଟିଥିଲା। କୋର୍ଟରେ ସତ ଲୁଚାଇଥିବା ନିକମଙ୍କୁ ଭାଜପା ଟିକେଟ ଦେଇଛି। ଭାଜପା କାହିଁକି ଜଣେ ଦେଶଦ୍ରୋହୀଙ୍କୁ ପ୍ରାର୍ଥୀ କରିଛି, ତାହାର ଜବାବ ଦେଉ ବୋଲି ୱାଡେଟ୍ଟିକର କହିଛନ୍ତି। ଅନ୍ୟପକ୍ଷରେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିନୋଦ ତାୱଡେ କହିଛନ୍ତି, ସ୍ୱତନ୍ତ୍ର ଭୋଟ ବ୍ୟାଙ୍କକୁ ଖୁସି କରିବା ପାଇଁ କଂଗ୍ରେସ ଯେକୌଣସି ସ୍ତରକୁ ଖସିଯାଇପାରେ। ୨୬/୧୧ ଆତଙ୍କବାଦୀଙ୍କୁ କ୍ଲିନ୍‌ଚିଟ୍ ଦେଇ କଂଗ୍ରେସ ନେତା ତାହା ପ୍ରମାଣିତ କରିଥିବା ତାୱଡେ କହିଛନ୍ତି। କଂଗ୍ରେସ ଏବଂ ଏହାର ଯୁବରାଜଙ୍କ ବିଜୟ ପାଇଁ ପାକିସ୍ତାନରେ କାହିଁକି ପ୍ରାର୍ଥନା କରାଯାଉଛି, ତାହା ଏଥିରୁ ସ୍ପଷ୍ଟ ହୋଇଥିବା ଭାଜପା ନେତା କହିଛନ୍ତି।

# ମାଓବାଦୀ ଶିବିର ଧ୍ୱଂସ କଲେ ଯବାନ

**ମାଲକାନଗିରି,୫।୫(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ସୁକ୍‌ମା ଜିଲାରେ ଗୋଟିଏ ମାଓବାଦୀ ଶିବିରକୁ ଯବାନମାନେ ଧ୍ୱଂସ କରିବା ସହ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଛନ୍ତି। ସୂଚନା ଅନୁଯାୟୀ, ସୁକ୍‌ମା ଜିଲା ଚିନ୍ନାବୋଡକେଲ, ରାଇଗୁଡା ଏବଂ ଏହାର ଆଖପାଖ ଅଞ୍ଚଳରେ ପୋଲିସ, ଡିଆର୍‌ଜି, ବସ୍ତର ଫାଇଟର୍ସ ଏବଂ କୋବ୍ରା ବାହିନୀର ଯବାନମାନେ ମିଳିତ ତଲାସି ଅଭିଯାନ କରିଥିଲେ। ଏହି ସମୟରେ ଜଙ୍ଗଲରେ ମାଓବାଦୀମାନେ ଯବାନଙ୍କୁ ଦେଖି ଗୁଳିଚାଳନା କରିବା ସହ ବିଜିଏଲ୍ ଲଞ୍ଚରରେ ଆକ୍ରମଣ କରିଥିଲେ। ଏହାର ଜବାବରେ ସୁରକ୍ଷା ବାହିନୀ ପାଲଟା ଆକ୍ରମଣ କରିଥିଲା। ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ସାମ୍ନା କରି ନ ପାରି ମାଓବାଦୀମାନେ ଜଙ୍ଗଲକୁ ଲୁଚି ପଳାଇ ଯାଇଥିଲେ। ପରେ ଉକ୍ତ ଅଞ୍ଚଳରେ ଯବାନମାନେ ତଲାସି ଅଭିଯାନକୁ ପୁନଃ ଆରମ୍ଭ କରିଥିବା ବେଳେ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରିବା ସହ ଶିବିର ଠାବ କରିଥିଲେ। ସେଠାରୁ ବିପୁଳ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସାମଗ୍ରୀ ଓ ମାଓବାଦୀ ସାମଗ୍ରୀ ଯବାନମାନେ ଜବତକରି ଶିବିର ଧ୍ୱଂସ କରିଥିଲେ।

# ଏସ୍‌ସିବି ସେଣ୍ଟ୍ରାଲ ଆଇସିୟୁରେ ଅଗ୍ନିକାଣ୍ଡ



**କଟକ,୫।୫(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଏସ୍‌ସିବି ମେଡିକାଲର ସେଣ୍ଟ୍ରାଲ ଆଇସିୟୁରେ ରବିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ସେଣ୍ଟ୍ରାଲ ଆଇସିୟୁରେ ଭେଣ୍ଟିଲେଟରରୁ ହଠାତ୍ ନିଆଁ ବାହାରିଥିଲା। ଏହା ଦେଖିବା ମାତ୍ରେ ତୁରନ୍ତ ମେଡିକାଲ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ପରେ ଉକ୍ତ ଭେଣ୍ଟିଲେଟର ଲାଗିଥିବା ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ନିଆଁ ବାହାରିବାରୁ କିଛି ସମୟ ପାଇଁ ଆଇସିୟୁ ପରିସରରେ ସ୍ଥିତି ଅସମ୍ଭାଳ ହୋଇପଡିଥିଲା। କିଛି ସମୟ ପାଇଁ ମେଡିକାଲରେ ରୋଗୀ ସେବାରେ ବାଧା ଉପୁଜିଥିଲା। ଖବରପାଇ ଅଗ୍ନିଶମ ବିଭାଗର ଏକ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। ଏନେଇ ମେଡିକାଲର ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ କହିଛନ୍ତି, ଭେଣ୍ଟିଲେଟରରେ ଧୂଆଁ ବାହାରିବାରୁ ତାହାକୁ କଢ଼ାଯାଇଛି। ଏଥିରେ ରୋଗୀଙ୍କର କ୍ଷତି ହୋଇନାହିଁ। ଅପରପକ୍ଷରେ ଅଗ୍ନିଶମ ବିଭାଗ ଡେପୁଟି ଅଧିକାରୀ ସନାତନ ମହାପାତ୍ର କହିଛନ୍ତି, ଶର୍ଟ ସର୍କିଟ ଯୋଗୁଁ ଭେଣ୍ଟିଲେଟରରୁ ନିଆଁ ବାହାରିଥିଲା। ଏବେ ସ୍ଥିତି ଆୟତ୍ତରେ ରହିଛି। ସୂଚନାଯୋଗ୍ୟ, ଉକ୍ତ ଆଇସିୟୁରେ ୧୦ରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାର ବ୍ରତ ତେର ଓଷା;**
**ତେବେ କରିବୁ ପୁଅରେ ଆଶା।**

ପୁଅ ଝିଅ ଉଭୟେ ସମାନ। କେହି କାହାରିଠୁ କୌଣସି ଗୁଣରେ ଊଣା ନୁହଁନ୍ତି। ତେବେ ଆଗକାଳରେ ସଭିଏ ପୁଅକୁ ଅଧିକ ପ୍ରାଧାନ୍ୟ ଦେଉଥିଲେ। ବୁଢ଼ା କାଳରେ ସାହା ହେବ ବୋଲି ପୁଅ ପ୍ରତି ଅଧିକ ମନ ବଳାଉଥିଲେ। ଫଳସ୍ୱରୂପ ପୁଅଟିଏ ପାଇବା ପାଇଁ ନାନା ପ୍ରକାର ଓଷା ବାର ବ୍ରତ କରିବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବଡ଼ଲୋକର ବାଏଁ ଯାଏ,**
**ବଡ଼ ଲୋକ ମୁଁ ବୋଲଉ ଥାଏ।**

ଧନୀ ବା ବଡ଼ଲୋକ ଯୁଆଡେ ଯାଆନ୍ତି ସେଠାରେ ଅଯାଚିତ ଭାବେ ମାନ ସମ୍ମାନ ହାସଲ କରିଥାନ୍ତି। ତାଙ୍କ ଆଖପାଖରେ ରହୁଥିବା ବ୍ୟକ୍ତି ବେଳପଡିଲେ ଆଦର ସମ୍ମାନ ମଧ୍ୟ ପାଇଯାଇଥାନ୍ତି। ନିଜର ସେଭଳି ପରିଚୟ ସୃଷ୍ଟି କରିପାରି ନ ଥିବା ବ୍ୟକ୍ତି ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଗହଣରେ ରହି ଉପକୃତ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କୋଟା ଆତ୍ମହତ୍ୟା: ଏପ୍ରିଲ-ମେ' ସବୁଠୁ ବିପଦ

**ଜୟପୁର,୫।୫**

କୋଚିଂ ହବ୍ ଭାବେ ପରିଚିତ ରାଜସ୍ଥାନର କୋଟାରେ ଶିକ୍ଷାର୍ଥୀଙ୍କ ଆତ୍ମହତ୍ୟା ଘଟଣା ବଢ଼ିଚାଲିଥିବାବେଳେ ଏନ୍‌ଇଇଟି ଏବଂ ଜେଇଇ ଆଶାୟୀମାନଙ୍କ ପାଇଁ ଏପ୍ରିଲ ଏବଂ ମେ' ସବୁଠୁ ବିପଦ ମାସ ବୋଲି ବିଶେଷଜ୍ଞମାନେ କହିଛନ୍ତି। ସେଥିପାଇଁ ସବୁ ପିଜି ଏବଂ ହଷ୍ଟେଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ପାଇଁ କାଉନସେଲିଂକୁ ବାଧ୍ୟତାମୂଳକ କରିବାକୁ ବିଶେଷଜ୍ଞମାନେ ଜିଲା ପ୍ରଶାସନକୁ ଆହ୍ୱାନ ଦେଇଛନ୍ତି। ମେ' ୫ରେ ଏନ୍‌ଇଇଟି ପରୀକ୍ଷା ଥିବାବେଳେ ଏହା ପୂର୍ବରୁ କୋଟାରେ ୪୮ ଘଣ୍ଟା ମଧ୍ୟରେ ୨ ଜଣ ଛାତ୍ର ଆତ୍ମହତ୍ୟା କରିଥିଲେ। ଏନ୍‌ଇଇଟି ପାଇଁ ପ୍ରସ୍ତୁତି ଭଲ ନ ହେବାରୁ ଆତ୍ମହତ୍ୟା କରିଥିବା ଭରତ ନାମକ ଛାତ୍ର ତାଙ୍କ ସୁଇସାଇଡ୍ ନୋଟ୍‌ରେ ଲେଖିଥିଲେ। ଶିକ୍ଷିତ ରୋଜଗାର କେନ୍ଦ୍ର ପ୍ରବନ୍ଧକ ସମିତିର ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଭୂପେଶ ଦୀକ୍ଷିତଙ୍କ କହିବା ଅନୁଯାୟୀ, ଏପ୍ରିଲ ଏବଂ ମେ'ରେ ଅଧିକାଂଶ ବଡ଼ ପ୍ରବେଶିକା ପରୀକ୍ଷା ହେଉଥିବାରୁ ଏହି ଦୁଇମାସ ପିଲାମାନଙ୍କ ପାଇଁ ସବୁଠୁ ବିପଦ। ତେଣୁ କୋଚିଂ ସେଣ୍ଟର ଚାଲୁଥିବା ସ୍ଥାନଗୁଡ଼ିକ ଉପରେ ପ୍ରଶାସନ ଅଧିକ ଧ୍ୟାନ ଦେବା ଆବଶ୍ୟକ। ଜିଲା ଓ ପୋଲିସ ପ୍ରଶାସନକୁ ସତର୍କ ରହିବାକୁ ହେବ। ସମସ୍ତ ପିଜି ଏବଂ ହଷ୍ଟେଲ ଉପରେ ନଜର ରଖାଯିବା ସହ ଛାତ୍ରୀଛାତ୍ରଙ୍କ କାଉନସେଲିଂକୁ ବାଧ୍ୟତାମୂଳକ କରିବା ଉପରେ ଦୀକ୍ଷିତ ଜୋର୍ ଦେଇଛନ୍ତି। ଏଥିସହିତ ରାତି ସମୟରେ ପାଟ୍ରୋଲିଂ ବଢ଼ାଇବା ଏବଂ ଛାତ୍ରୀଛାତ୍ରଙ୍କ କାର୍ଯ୍ୟ ଉପରେ ନଜର ରଖିବା ପାଇଁ ରାପିଡ୍ ଆକ୍ସନ ଟିମ୍ ଗଠନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ଟପ୍ପର ସୃଷ୍ଟି କରିବାରେ ନାଁ ଥିବା କୋଟା କୋଚିଂ ହବ୍ ୫,୦୦୦ କୋଟି ଟଙ୍କାର ଶିଳ୍ପରେ ପରିଣତ ହୋଇଛି। ତେବେ ଦୁଃଖର ବିଷୟ ଗତ କିଛି ବର୍ଷ ହେଲା ସେଠାରେ କ୍ରମାଗତ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ଘଟିଚାଲିଥିବାବେଳେ ଏହାକୁ ରୋକିବା ଦିଗରେ ସମାଧାନ ସୂତ୍ର ବାହାର କରିବାରେ ପ୍ରଶାସନ ବିଫଳ ହୋଇଛି। ଗତବର୍ଷ ୨୯ ଜଣ ଆତ୍ମହତ୍ୟା କରିଥିବାବେଳେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୯ ଜଣ ଜୀବନ ହାରିଲେଣି। କୋଟାରେ ଆତ୍ମହତ୍ୟା ବୃଦ୍ଧି ପାଇଁ ମନସ୍ତତ୍ତ୍ୱବିତ୍ ଇନା ବୁଧରାଜା ବର୍ଦ୍ଧିତ ଉପଭୋକ୍ତାବାଦକୁ ଦାୟୀ କରିଛନ୍ତି।

# ବିପତ୍ତି ଡାକୁଛି ଜଙ୍ଗଲ ନିଆଁ

**ଡେରାଡୁନ୍,୫।୫**



ଉତ୍ତରାଖଣ୍ଡ ଜଙ୍ଗଲରେ ଗତ ନଭେମ୍ବରରୁ ଅଦ୍ୟାବଧି ୮୮୬ ଥର ନିଆଁ ଲାଗିଛି। ବନାଗ୍ନିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜାଣିଶୁଣି ନିଆଁ ଲଗାଇବା ଅଭିଯୋଗରେ ୬୪ ଜଣଙ୍କୁ ଗିରଫ କରାଗଲାଣି। ଏହି ନିଆଁରେ ୧,୧୦୭ ହେକ୍ଟର ଜଙ୍ଗଲ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଏହି ଜଙ୍ଗଲ ନିଆଁ ଯୋଗୁ ହିମବାହ ତରଳି ସମ୍ପୃକ୍ତ ଅଞ୍ଚଳର ଜୈବବିବିଧତାକୁ ନଷ୍ଟକରି ପରିବେଶକୁ ବଡ଼ କ୍ଷତି ପହଞ୍ଚାଇବ ବୋଲି ବୈଜ୍ଞାନିକମାନେ ସତର୍କ କରାଇଛନ୍ତି। ଦେବଭୂମି ରୂପେ ପରିଚିତ ଉତ୍ତରାଖଣ୍ଡର ଚାମୋଲିସ୍ଥିତ ଜଙ୍ଗଲରେ କିଛି ଦିନ ହେଲା ଭୀଷଣ ନିଆଁ ଲାଗିଥିବାବେଳେ ଏହାକୁ କିଛିମାତ୍ରାରେ ଆୟତ୍ତ କରାଯାଇଛି। ତେବେ ଏହି ଅଞ୍ଚଳ ବିପଦମୁକ୍ତ ହୋଇପାରିନାହିଁ। ଏହାର ପ୍ରଭାବ ଉପରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହିମାଳୟାନ୍ ଜିଓଲୋଜିର ପୂର୍ବତନ ବୈଜ୍ଞାନିକ ପି.ଏସ୍. ନେଗି ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ନେଗି କହିଛନ୍ତି, ଗ୍ରୀଷ୍ମଋତୁରେ ଜଙ୍ଗଲ ନିଆଁରୁ ଉଠୁଥିବା ଧୂଆଁ ଯୋଗୁ ଏହି ଅଞ୍ଚଳର ଆକାଶରେ କଳା ଅଙ୍ଗାରର ଏକ ଘନ ଆସ୍ତରଣ ବସିଯିବ। ଏହାର ପ୍ରଭାବରେ ହିମାଳୟର ହିମବାହ ତରଳିବ, ଯାହାକି ସମ୍ପୂର୍ଣ୍ଣ ଜୈବଶୃଙ୍ଖଳକୁ ପ୍ରଭାବିତ କରିବ। ବିଶ୍ୱବ୍ୟାଙ୍କ ପକ୍ଷରୁ ସଦ୍ୟ ପ୍ରକାଶିତ ଏକ ଅଧ୍ୟୟନରେ ବରଫ ତରଳିବାରେ କଳା ଅଙ୍ଗାର ଭୂମିକା ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଉକ୍ତ ରିପୋର୍ଟ ଅନୁସାରେ କଳା ଅଙ୍ଗାର ଜମାଟ ବାନ୍ଧିଲେ ହିମବାହ ସୌର ବିକିରଣ କରିବା ବଢ଼ିଯାଇଥାଏ। ଏଥିଯୋଗୁ ବାୟୁମଣ୍ଡଳର ତାପମାତ୍ରା ମଧ୍ୟ ବୃଦ୍ଧିପାଏ, ଯାହାକି ଗ୍ଲେସିଅର ତରଳିବାରେ ପୁଣି ସହାୟକ ହୋଇଥାଏ।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। –ଶ୍ରୀମା



# ଓଡ଼ିଆପ୍ରେମୀ ନାହାନ୍ତି

ଓଡ଼ିଶାରେ ନିର୍ବାଚନ ଚାଲିଥିବା ବେଳେ ଏବେ 'ଅସ୍ମିତା' ସର୍ବାଧିକ ବ୍ୟବହୃତ ଶବ୍ଦ ପାଲଟିଯାଇଛି। ସବୁ ଦଳ ଏହି ପ୍ରସଙ୍ଗକୁ ନେଇ ପରସ୍ପରକୁ ଦୋଷାରୋପ କରୁଛନ୍ତି। ସାହିତ୍ୟ, ସଂସ୍କୃତି, କଳା, ଧର୍ମ, ଖାଦ୍ୟରୁଚିଠାରୁ ଆରମ୍ଭକରି ପ୍ରତିଟି ଓଡ଼ିଆ ବିଷୟ ସହ ଏହାକୁ ଯୋଡ଼ି ଦିଆଯାଉଛି। ହେଲେ ଏହି ଅସ୍ମିତାକୁ ସେହିମାନେ ଭଲ ଭାବେ ବର୍ଣ୍ଣନା କରିପାରୁ ନ ଥିବା ଦେଖିବାକୁ ମିଳୁଛି। ଓଡ଼ିଆ ଅଭିଧାନରେ ଏହାର ଅର୍ଥ 'ଅହଂଜ୍ଞାନ' ରହିଛି। କେହି ଅସ୍ମିତାର ବ୍ୟୁତ୍ପତ୍ତିଗତ ବ୍ୟାଖ୍ୟାନ କରିବାକୁ ଯାଇ 'ସ୍ୱାଭିମାନ', 'ଗର୍ବ' ଆଦି ଶବ୍ଦକୁ ଏହାର ସମାର୍ଥବୋଧକ ବୋଲି ବିଚାର କରୁଛନ୍ତି। ସାମାଜିକ ଗଣମାଧ୍ୟମରେ କେତେକ ବୁଦ୍ଧିଜୀବୀ ଅସ୍ମିତାକୁ ଅହଂକାର ଓ ହମ୍‌ବଡ଼ାପଣ ଭାବେ ମଧ୍ୟ ଅଭିହିତ କରୁଛନ୍ତି। କେତେକେ ମଧ୍ୟ କହୁଛନ୍ତି ଅସ୍ମିତା ଶବ୍ଦ ବଙ୍ଗଳା ଭାଷାରୁ ଆମଦାନୀ କରାଯାଇଛି। ତେଣୁ ଅସ୍ମିତା ପରିବର୍ତ୍ତେ ସ୍ୱାଭିମାନ ଶବ୍ଦ ବ୍ୟବହାର କଲେ ଅଧିକ ଓଡ଼ିଆତ୍ୱର ବାସ୍ନା ମିଳିପାରିଥାଏ ବୋଲି ଆଉ କିଛି କହୁଛନ୍ତି।

ଦେଶର ଷଷ୍ଠ ଭାଷା ଭାବେ ଓଡ଼ିଆ ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇଥିଲେ ମଧ୍ୟ ଏହାର ସୁରକ୍ଷା ଦିଗରେ କେହି ଚିନ୍ତିତ ଥିବା ଭଳି ଦେଖାଯାଉନାହାନ୍ତି। ଏଠି ଓଡ଼ିଆ ଭାଷାରେ 'ଅସ୍ମିତା' ଶବ୍ଦର ବ୍ୟବହାରକୁ ନେଇ ମୌଳିକ ପ୍ରଶ୍ନ ଉଠୁନାହିଁ। ନିର୍ବାଚନୀ ଉଷ୍ମତାରେ ରାଜନୈତିକ ବ୍ୟକ୍ତିମାନେ ଓଡ଼ିଆ ଭାଷାକୁ କିଭଳି ବିକୃତ କରୁଛନ୍ତି ଏବଂ ଯେଉଁଠି ପାରୁଛନ୍ତି ସେଠି ଭାଷାକୁ କଦର୍ଥ କରି ଦେଉଥିବାରୁ ପ୍ରତିଟି ଓଡ଼ିଆ ଲଜ୍ଜିତ ହେବା କଥା। ୧୯୩୬ରେ ଭାଷାଭିତ୍ତିକ ପ୍ରଦେଶ ମାନ୍ୟତା ପାଇଥିବା ଓଡ଼ିଶାରେ ଏବେ ଭାଷା ସଙ୍କଟ ମଧ୍ୟ ଦେଇ ଗତି କରୁଛି। ପ୍ରତ୍ୟେକ ରାଜନୈତିକ ଦଳରେ ଏଭଳି ଅନେକ ରାଜନେତା ଭାଷଣ ଦେଉଥିବା ବେଳେ ଧାଡ଼ି ରଖି କଥା କହିପାରୁନାହାନ୍ତି। ସଭା ଆଗରେ ଅସଂଖ୍ୟ ଲୋକଙ୍କୁ ଦେଖିବା ମାତ୍ରେ କେତେକ ଉତ୍ତେଜିତ ହୋଇ ଅପଶବ୍ଦ ମଧ୍ୟ ବ୍ୟବହାର କରିଦେଉଛନ୍ତି। ସବୁଠାରୁ କୌତୂହଳର କଥା ହେଉଛି ଯେଉଁମାନେ ଓଡ଼ିଆ ଅସ୍ମିତା କଥା କହୁଛନ୍ତି ସେମାନେ ମଧ୍ୟ ଓଡ଼ିଆର ଅସ୍ତିତ୍ୱ ତଳେ ପକାଇ ଦେଉଛନ୍ତି। ଏଭଳି କାହିଁକି ହେଉଛିର ମୂଳ ଖୋଜିଲେ 'ଦିନେ ନାହିଁ, କାଲେ ନାହିଁ, ଗହ୍ମାପୂନେଇଁରେ ମାଈଁ' ଆପ୍ତବାକ୍ୟ ମନକୁ ଆସୁଛି। ଲୋକଙ୍କୁ ସତ କହିବାକୁ ଚାହୁଁଥିଲେ ସେମାନେ ଝୁଣ୍ଟି ପଡ଼ନ୍ତେ ନାହିଁ। ଦେଖାଯାଉଛି ମିଥ୍ୟାର ଆଶ୍ରୟ ନେବା ସହ ଅବାଞ୍ଛିତ ପ୍ରତିଶ୍ରୁତି ଦେଉଥିବାରୁ ରାଜନେତାମାନେ ବାଉଳା ହୋଇଯାଉଛନ୍ତି। ଫଳରେ ଭୋଟର ଭକୁଆ ଭଳି ସେମାନଙ୍କୁ ଅନାଇ ରହୁଛି। ଏହି ପରିପ୍ରେକ୍ଷୀରେ ଅନେକେ ଶୁଣିଥିବା ଏକ ଲୋକକଥା ମନେପଡୁଛି। ଥରେ ଜଣେ ରାଜା ପାଲିଙ୍କିରେ ନଗର ପରିକ୍ରମା କରୁଥିଲେ। ପାଲିଙ୍କି ବାହକମାନଙ୍କ କଷ୍ଟକୁ ଦେଖି ରାଜା ପଚାରିଦେଲେ 'ସ୍କନ୍ଧଂ କିଂ ବାଧତି'। ସେମାନଙ୍କ ମଧ୍ୟରୁ ଜଣେ ଉତ୍ତର ଦେଲେ –ସ୍କନ୍ଧଂ ନ ବାଧତେ ରାଜନ୍, ତବ 'ବାଧତି' ବାଧତେ। ବାସ୍ତବରେ ରାଜାଙ୍କ ଉଚ୍ଚାରଣ 'ବାଧତି' ନ ହୋଇ 'ବାଧତେ' ହୋଇଥାଆନ୍ତା। ଏଥିରୁ ଏହା ବୁଝିବାକୁ ହେବ ଯେ, ସେହି ସମୟରେ ସାଧାରଣ ପ୍ରଜା ନିଜ ଭାଷା ପ୍ରତି କେତେ ସଚେତନ ଥିଲେ। ଦୀର୍ଘକାଳ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଲୋକମୁଖରେ ଏହି ରାଜା–ପ୍ରଜା ବାର୍ତ୍ତାଳାପ ଶାସକଙ୍କ ଖୁଣକୁ ଦର୍ଶାଇବାରେ ଶାସିତ ବର୍ଗ କିଭଳି ସଫଳ ହୋଇଥିଲେ, ଏହା ଥିଲା ତାହାର ଏକ ମାର୍ମିକ ପ୍ରତିବେଦନ। ବର୍ତ୍ତମାନ ପରିପ୍ରେକ୍ଷୀରେ ଅର୍ଥାତ୍ ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିରେ ଆମ ପାଖରେ ଭାଷାଜ୍ଞାନ ସମୃଦ୍ଧ କରିବା ପାଇଁ ସବୁ ସାଧନ ଥିଲେ ମଧ୍ୟ ଅନେକେ ତାହାକୁ ବିକୃତ କରିବାରେ ଲାଗିଛନ୍ତି। ଦଳେ ଓଡ଼ିଆ ଭାଷାକୁ ଦକ୍ଷିଣୀ କଳା ବେଳକୁ ଆଉ ଦଳେ ହିନ୍ଦୀ ଭାଷାରେ ପ୍ରଭାବିତ କରାଇ ଆମ ଭାଷାକୁ ହତ୍ୟା କରୁଛନ୍ତି। ସେହିଭଳି ଓଡ଼ିଶାର ହିନ୍ଦୁ ଧର୍ମକୁ ଦେଖିଲେ ଯେଉଁ ମାତୃଶକ୍ତିକୁ ପ୍ରତ୍ୟେକ ଗାଁର ଗ୍ରାମଦେବୀଙ୍କ ମନ୍ଦିରରେ ପୂଜା କରାଯାଏ, ସେଠାରେ ଏକ ଉତ୍ତର ଭାରତର ପ୍ରଭାବକୁ ଆଣି ଥୋଇଦେବାର ପ୍ରୟାସ ପ୍ରମାଣ କରୁଛି ଯେ, ଓଡ଼ିଶାରେ ରାଜନୀତି କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ବାସ୍ତବ ଓଡ଼ିଆପ୍ରେମୀ ବୋଇଲେ କେହି ନାହାନ୍ତି। କ୍ଷମତା ଲୋଭରେ ନିଜ ମାତାପିତାଙ୍କୁ ଯେଉଁମାନେ ଭୁଲିଯାଆନ୍ତି, ସେମାନେ କୌଣସି ଅସ୍ମିତାକୁ ରକ୍ଷା କରିବାକୁ ଚେଷ୍ଟା ମଧ୍ୟ କରିବେ ନାହିଁ ବୋଲି ଜଳଜଳ ଦିଶୁଛି।

**ଦଳେ ଓଡ଼ିଆ ଭାଷାକୁ ଦକ୍ଷିଣୀ କଳା ବେଳକୁ ଆଉ ଦଳେ ହିନ୍ଦୀ ଭାଷାରେ ପ୍ରଭାବିତ କରାଇ ଆମ ଭାଷାକୁ ହତ୍ୟା କରୁଛନ୍ତି। ସେହିଭଳି ଓଡ଼ିଶାର ହିନ୍ଦୁ ଧର୍ମକୁ ଦେଖିଲେ ଯେଉଁ ମାତୃଶକ୍ତିକୁ ପ୍ରତ୍ୟେକ ଗାଁର ଗ୍ରାମଦେବୀଙ୍କ ମନ୍ଦିରରେ ପୂଜା କରାଯାଏ, ସେଠାରେ ଏକ ଉତ୍ତର ଭାରତର ପ୍ରଭାବକୁ ଆଣି ଥୋଇଦେବାର ପ୍ରୟାସ ପ୍ରମାଣ କରୁଛି ଯେ, ଓଡ଼ିଶାରେ ରାଜନୀତି କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ବାସ୍ତବ ଓଡ଼ିଆପ୍ରେମୀ ବୋଇଲେ କେହି ନାହାନ୍ତି।**

## su | do | ku
Puzzles by Srikant Ghosh
## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 6 | | 3 | | | | | | |
| 1 | 4 | | | | 9 | | 3 | |
| | | 5 | 8 | | | | 2 | |
| | | | 5 | 1 | | | | |
| | | | | 3 | | | 6 | 2 |
| | | | | | | 4 | | |
| | 2 | | | | 5 | | 9 | 7 |
| | 5 | | | 8 | | | | |
| | 6 | 4 | | | 1 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 9 | 7 | 3 | 6 | 4 | 1 | 2 |
| 3 | 6 | 1 | 5 | 4 | 2 | 8 | 9 | 7 |
| 7 | 4 | 2 | 8 | 1 | 9 | 3 | 5 | 6 |
| 4 | 3 | 5 | 9 | 2 | 8 | 7 | 6 | 1 |
| 2 | 7 | 6 | 1 | 5 | 3 | 9 | 4 | 8 |
| 1 | 9 | 8 | 4 | 6 | 7 | 2 | 3 | 5 |
| 6 | 2 | 4 | 3 | 8 | 1 | 5 | 7 | 9 |
| 9 | 8 | 3 | 6 | 7 | 5 | 1 | 2 | 4 |
| 5 | 1 | 7 | 2 | 9 | 4 | 6 | 8 | 3 |

ଗତକାଲିର ଉତ୍ତର

# ଓଡ଼ିଶାରେ ଭାଷା



ଲୋକନାଥ ପଣ୍ଡା

ଫେବୃଆରୀ ମାସରେ ତିନିଦିନ ଧରି ଭୁବନେଶ୍ୱରଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା। ଇତିମଧ୍ୟରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ମଧ୍ୟ ଖୋଲା ହୋଇଛି। ନିକଟରେ ଓଡ଼ିଆ ଭାଷାର ପ୍ରଚାର ଓ ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକାର ପଦକ୍ଷେପ ନେବା ପାଇଁ ସରକାର ଘୋଷଣା କରିଛନ୍ତି। ନିଶ୍ଚୟ ସମସ୍ତେ ଆଶା ରଖିବେ ଯେ, ଓଡ଼ିଆ ଭାଷା ଏହି ଦୃଷ୍ଟିରୁ ପ୍ରଚାର ଓ ପ୍ରସାର ହେବା ସହିତ ବିକାଶ ହୋଇପାରିବ ଏବଂ ଓଡ଼ିଆ ଭାଷାଭାଷୀ ଲୋକେ ନିଜ ମାତୃଭାଷାକୁ ଅଧିକରୁ ଅଧିକ ଭଲ ପାଇବେ।

ଓଡ଼ିଶା ସରକାର ଏବଂ କେନ୍ଦ୍ର ସରକାର ଉଭୟଙ୍କର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ବୋଲି ଗୋଟିଏ ବିଭାଗ ରହିଛି। ସେହି ବିଭାଗ ତରଫରୁ ୬୨ ପ୍ରକାର ଜନଜାତି ଭାଷାଭାଷୀ ଲୋକ ଓଡ଼ିଶାରେ ବସବାସ କରନ୍ତି ବୋଲି ଦର୍ଶାଯାଉଛି। ଯଦି ବର୍ତ୍ତମାନ ପରିପ୍ରେକ୍ଷୀରେ ଆମେ କହିବା, ତେବେ ପାଖାପାଖି ୩୦ ପ୍ରକାର ଭାଷାଭାଷୀ ଲୋକ ବର୍ତ୍ତମାନ ମଧ୍ୟ କଥିତ ଭାଷାରେ କଥା ହେଉଛନ୍ତି ବୋଲି ବିଭିନ୍ନ ପ୍ରକାର ଗବେଷଣା ଓ ଅଧ୍ୟୟନରୁ ଜଣାପଡ଼େ। ଆମେ ଯଦି ଏଥିମଧ୍ୟରୁ ପ୍ରମୁଖ ଭାଷାଭାଷୀ ଜନଜାତି ଭାଷା ଦେଖିବା, ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଆଦିବାସୀ ଭାଷାରେ ପ୍ରାଥମିକ ସ୍ତରରେ ୧୪ଟି ଭାଷାରେ ସରକାରଙ୍କ ତରଫରୁ ଶିକ୍ଷାଦାନ ହେଉଛି ବୋଲି ସରକାରଙ୍କ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ତରଫରୁ ଦର୍ଶାଯାଉଛି। ଅଙ୍ଗନୱାଡ଼ିରେ ମାତୃଭାଷାରେ ଶିକ୍ଷାଦାନ ଦେବାର ବ୍ୟବସ୍ଥା ରହିଛି। ଓଡ଼ିଆ ଭାଷା ସହିତ ଯଦି ଆମେ ଅନ୍ୟ କିଛି ଭାଷା, ଯେଉଁ ଭାଷାଗୁଡ଼ିକ ଆଦିମ ଭାଷା ଏବଂ ଓଡ଼ିଶାର ଭାଷାକୁ ସମ୍ମାନ ଦେବାର ବ୍ୟବସ୍ଥା କରିଥାଆନ୍ତେ, ତେବେ ଆମେ ଓଡ଼ିଆବାସୀଙ୍କୁ ସମ୍ମାନ ଦେବା ସହିତ ଜନଜାତିଙ୍କୁ ତଥା ବିବିଧତା ମଧ୍ୟରେ ଏକତାକୁ ମଧ୍ୟ ସମ୍ମାନ ଦେଇଥାଆନ୍ତେ ଏବଂ ଅନ୍ୟ ଜନଜାତି ଭାଷାଭାଷୀ ମଧ୍ୟ ସେମାନଙ୍କର ଭାଷାକୁ ନେଇ ସ୍ୱାଭିମାନୀ ହୋଇପାରନ୍ତେ!

ବିଭିନ୍ନ ଜନଜାତି ତଥା ଆଦିମ ଭାଷାଭାଷୀଙ୍କ ବିକାଶ ନିମନ୍ତେ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଗଠିତ ହୋଇଛି। ଏଥିସହିତ ଓଡ଼ିଶାର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ୱତନ୍ତ୍ର ଭାବରେ ଜନଜାତିଙ୍କ ବିକାଶ ନିମନ୍ତେ ସ୍ୱତନ୍ତ୍ର ସଂସ୍ଥା ରହିଛି, ଯଥା: ଗଜପତି ଓ ରାୟଗଡ଼ାରେ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା, ମାଲକାନଗିରିରେ ବଣ୍ଡା ଉନ୍ନୟନ ସଂସ୍ଥା, ପାହାଡ଼ି ଭୂୟାଁ ଉନ୍ନୟନ ସଂସ୍ଥା ପରି ଅନେକ ସଂସ୍ଥା ରହିଛି। ଏଥିସହିତ ସରକାରୀ ଓ ବେସରକାରୀ ସ୍ତରରେ ଅନେକ ସଂସ୍ଥା ରହିଛି, ଯେଉଁ ସଂସ୍ଥାଗୁଡ଼ିକ ଅନୁସୂଚିତ ଜନଜାତିଙ୍କ ବିକାଶ ନିମନ୍ତେ ତୃଣମୂଳ ସ୍ତରରେ ସେମାନଙ୍କର ଉନ୍ନତି କିପରି ହେବ, ସେଥିନିମନ୍ତେ କାର୍ଯ୍ୟ କରୁଛନ୍ତି। ଯଦି ଆମେ ପର୍ଯ୍ୟାଲୋଚନା କରିବା ତେବେ ଭାଷା, ସଂସ୍କୃତିକୁ ବଞ୍ଚାଇବା ପାଇଁ ଯାହା କିଛି କାର୍ଯ୍ୟକ୍ରମ ହେଉଛି, ସେମାନଙ୍କର ଭାଷାକୁ ବଞ୍ଚେଇବାରେ ବିଶେଷ ଫଳପ୍ରଦ ହେଉନାହିଁ। ଏହା ସୂଚନା ଦେବାର ଉଦ୍ଦେଶ୍ୟ ଯଦି ଆମେ ବିଶ୍ୱ




ସଙ୍ଗଠନର ବିଭିନ୍ନ ଅଧ୍ୟୟନରୁ ଦେଖିବା ଓଡ଼ିଶାର ଅନେକ ଜନଜାତି ଭାଷା ଆସ୍ତେ ଆସ୍ତେ ଲୋପ ପାଇବାକୁ ବସିଲାଣି କିମ୍ବା ବ୍ୟବହାରରେ କମିବାରେ ଲାଗିଛି ଏବଂ ବିପଦସଙ୍କୁଳ ଅବସ୍ଥାରେ ରହିଛି।

ଯଦି ଆମେ ତଥ୍ୟ ଦେଖିବା, ତେବେ ଓଡ଼ିଶାରେ ଅନେକ ଜନଜାତିଙ୍କ ଭାଷା ରହିଛି, ଯେଉଁ ଭାଷାଗୁଡ଼ିକ ଲୋପ ପାଇବାକୁ ବସିଲାଣି କିମ୍ବା ଦ୍ରୁତ ଗତିରେ କମି କମି ଆସୁଛି। ତଥ୍ୟ କହୁଛି ସାରା ବିଶ୍ୱରେ ଭାଷାଗୁଡ଼ିକ ହଜି ହଜି ଯାଉଛି। ସବୁଠାରୁ ବଡ଼ କଥା ହେଲା, ଆଦିବାସୀଙ୍କ ବିକାଶ ପାଇଁ ଯେଉଁ ସରକାରୀ ଉନ୍ନୟନ ସଂସ୍ଥାଗୁଡ଼ିକ ରହିଛି, ସେହି ସଂସ୍ଥାଗୁଡ଼ିକ ଭାଷାକୁ ବଞ୍ଚେଇବା ପାଇଁ ବିଶେଷ ପଦକ୍ଷେପ ନେବା ନିମନ୍ତେ ତାଙ୍କର କାର୍ଯ୍ୟସୂଚୀରେ ନାହିଁ। ସରକାରଙ୍କ ନୀତି ରହିଛି ସମସ୍ତଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା! ସରକାରଙ୍କ ତରଫରୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆର୍ଥିକ ସ୍ତରରେ ଏବଂ ଭାଗୀଦାରି ମାଧ୍ୟମରେ ମୁଖ୍ୟସ୍ରୋତରେ ସାମିଲ ପାଇଁ ପ୍ରୟାସ କରୁଛନ୍ତି। କିନ୍ତୁ ଭାଷାର ଉନ୍ନତି, ଭାଷା ବଞ୍ଚିବା ପାଇଁ ବିଶେଷ କାର୍ଯ୍ୟକ୍ରମ ହେଉନାହିଁ। ଯଦି ହେଉଛି ତାହା ଫଳପ୍ରଦ ହେଉନାହିଁ। ଯଦିଓ ଭାଷାର ଭବିଷ୍ୟତକୁ ନେଇ ସଠିକ୍ ଭାବରେ ଗବେଷଣା ହୋଇପାରିଥାଆନ୍ତା, ତେବେ ଏହାର ପ୍ରଭାବ ଭଲ ପଡ଼ିଥାଆନ୍ତା।

ଦେଖାଯାଉଛି, ଯେଉଁ ଆଦିବାସୀ ଅଞ୍ଚଳରେ ବିକାଶ ପହଞ୍ଚିଛି, ସେଠାରେ ଭାଷାମାନ ଆଉ ପରପିଢ଼ିକୁ ସମ୍ପ୍ରସାରିତ ହେଉନାହିଁ! ଆମ ରାଜ୍ୟରେ ମଧ୍ୟ ଅନେକ ଭାଷା ମୃତ୍ୟୁମୁଖରେ ପଡ଼ିବେ, ଏ ସବୁ ଆଶଙ୍କା ଦେଖାଦେଲାଣି! ଓଡ଼ିଶାରେ ସାନ୍ତାଳୀଙ୍କୁ ଛାଡ଼ିଦେଲେ ଆଦିବାସୀ ଭାଷାଗୁଡ଼ିକ ବ୍ୟାବହାରିକ କ୍ଷେତ୍ରରେ ଅଧିକ ଅବହେଳା କରିବାର ଦେଖାଯାଏ। ସାନ୍ତାଳୀ ଭାଷାର ବିକାଶ ମୁଖ୍ୟତଃ ସେହି ଗୋଷ୍ଠୀଙ୍କ ଦ୍ୱାରା ହିଁ ହୋଇଛି। ସେମାନଙ୍କର ଆତ୍ମବିଶ୍ୱାସ ଓ ନିଜର ଭାଷାକୁ ଭଲପାଇବା ଦ୍ୱାରା ହିଁ ଆଜି ଭଲ ସ୍ଥିତିରେ ପହଞ୍ଚିଛି। ଭାଷା ହେଉଛି ଜ୍ଞାନର ଭଣ୍ଡାର। ପରିବେଶକୁ ପୁଷ୍ଟ କରିବାର ଏଥିରେ ନିଜସ୍ୱ ଜ୍ଞାନ ଭରି ରହିଛି। କିନ୍ତୁ ଅନ୍ୟ ଭାଷାଭାଷୀ ସମ୍ପର୍କରେ ଦେଖିବା, ଭାଷାକୁ ଉପେକ୍ଷା କରିବା ଦ୍ୱାରା ହିଁ କାଳଚକ୍ରରେ ପଡ଼ି ଆଦିମ ଭାଷାଗୁଡ଼ିକ ଲୋପ ପାଇଯାଆନ୍ତି। ଭାଷା ମରିଯିବା ଦ୍ୱାରା ହଜାର ହଜାର ବର୍ଷର ସାଇତା ସଂସ୍କୃତି, ଇତିହାସ, ଲୋକକଥା, ବିଜ୍ଞାନ ସବୁ ହଜି ଯାଇଥାଏ। ଭାଷାଟିଏ ହଜିଗଲେ ମାନବ ସମାଜ କେବଳ ଦରିଦ୍ର ହୁଏ ନାହିଁ, ବିପନ୍ନ ମଧ୍ୟ ହୁଏ। ଅନେକ ଭାଷାବିଜ୍ଞାନୀ କହିଲେଣି, ଭାଷା ବିପନ୍ନ ହେବା ମାନବ ଜାତି ପାଇଁ ମଧ୍ୟ ବିପନ୍ନ ଆଣିଦେଇଥାଏ।

କିଛି ବର୍ଷ ପୂର୍ବେ ମୁଁ କିଛି ଆଦିବାସୀ ଅଞ୍ଚଳର ଅଭିଭାବକଙ୍କ ସହ ଆଲୋଚନା କରୁଥିଲି। ଅଧିକାଂଶ ଅଭିଭାବକ ଥିଲେ ଚାଷୀ ତଥା ଖଟିଖିଆ ଓ ଶ୍ରମିକ ବର୍ଗର। ମୁଖ୍ୟତଃ ସଉରା, କୁଇ ଏବଂ ଡଙ୍ଗରିଆ କନ୍ଧଙ୍କ ସହ ଆଲୋଚନା କରୁଥିଲି। ସଉରା ଅଭିଭାବକଙ୍କ ସହ କଥା ହେବା ବେଳେ ଅଭିଭାବକ ଜଣକ କହିଲେ, ଆମ ଶିଶୁର ମାତୃଭାଷା ହେଉଛି ସଉରା। ସେ ଓଡ଼ିଆ ପଢ଼ିଲା ବେଳକୁ ତା' ପାଇଁ ଓଡ଼ିଆ ହେଉଛି ବିଦେଶ ଭାଷା। ସେ ଓଡ଼ିଆ ବଦଳରେ କାହିଁକି ଇଂଲିଶ୍ ପଢ଼ିବ ନାହିଁ? ଇଂଲିଶ୍ ପଢ଼ିଥିଲେ ଅନ୍ତତଃ ସେ ବାହାରକୁ ଜିମି (ଅରୁଣାଚଳ ପ୍ରଦେଶ), ହାଇଦ୍ରାବାଦ କିମ୍ବା ଅନ୍ୟ କେଉଁଠିକୁ କାମ କରିବାକୁ ଗଲାବେଳେ ତାକୁ ଭାଷା ସାହାଯ୍ୟ କରିବ। ଏହି ଦୃଷ୍ଟିରୁ ଆମେ ଆମ ଶିଶୁଙ୍କୁ ବାହାର ରାଜ୍ୟରେ ଥିବା ହଷ୍ଟେଲ (ମାଗଣା)ରେ ନେଇ ଛାଡ଼ୁଛୁ।

ଓଡ଼ିଆରେ ଯେତେ ଭାଷା ଆଦିମ ଭାବରେ ରହିଆସିଛି, ସେହି ଭାଷା ବିଷୟ ଚିନ୍ତା କରିବା ଜରୁରୀ। କାରଣ ଭାଷା–ଭାଷୀ ସଂଖ୍ୟା ଓ ଐତିହ୍ୟ ଥାଇ ମଧ୍ୟ ଭାଷାସବୁ ସୁରକ୍ଷିତ ନୁହନ୍ତି। ଭାଷାର ଜୀବନ ଶକ୍ତି ରହିଛି, ଭାଷାଭାଷୀଙ୍କର ଭାଷା–ପ୍ରାଣ, ମାନସିକତା ଓ ଭାଷା ପ୍ରତି ପ୍ରତିବଦ୍ଧତାରେ ପ୍ରତିଫଳିତ ହୁଏ। ଆତ୍ମ–ପରିଚୟ ନିଜର ଭାଷା ହିଁ ଦେଇଥାଏ। ଓଡ଼ିଶାରେ ଭାଷାର ବିବିଧତା ଯାହା ରହିଛି, ତାହାକୁ ଆମକୁ ସମୃଦ୍ଧିର ପ୍ରତୀକ ଭାବରେ ଗ୍ରହଣ କରିବାକୁ ପଡ଼ିବ। ଗୋଟିଏ ଶ୍ରେଣୀଗୃହରେ ଯଦି ତିନି ଚାରି ପ୍ରକାର ଭାଷାଭାଷୀ ଶିଶୁ ଅଛନ୍ତି, ତାହାହେଲେ ଶିକ୍ଷକ ନିଜକୁ ଭାଗ୍ୟବାନ ମନେ କରି ଏହିମାନଙ୍କୁ ବହୁଭାଷୀୟ ଶିକ୍ଷାଦାନ କିପରି ହୋଇପାରିବ, ସେଥିନିମନ୍ତେ ନିଜେ ପ୍ରୟୋଗ କରି ପର୍ଯ୍ୟବେକ୍ଷଣ କରିବାକୁ ପଡ଼ିବ। ଭାଷାକୁ ବଞ୍ଚେଇବା ପାଇଁ ଗୋଷ୍ଠୀ ସ୍ତରରେ ପ୍ରୟାସ କରିବାକୁ ପଡ଼ିବ। ଗୋଷ୍ଠୀ ଏଥିରେ ପ୍ରମୁଖ ଭୂମିକା ନେବାକୁ ପଡ଼ିବ।

ଓଡ଼ିଶାରେ ଭାଷା, ସଂସ୍କୃତି, ଧର୍ମକୁ ନେଇ ବିବିଧତା ରହିଛି। ଆମେ ବିବିଧତା ମଧ୍ୟରେ ଏକତାରେ ରହିବା। ବିବିଧତାକୁ ସମ୍ମାନ ଦେବା। ଓଡ଼ିଆ ଭାଷାକୁ ଯେପରି ଆଦର କରୁଛେ, ଆଦିବାସୀ ଭାଷାଗୁଡ଼ିକ କିପରି ସମୃଦ୍ଧ ହେବ, ସମୃଦ୍ଧ ନ ହେଲେ ମଧ୍ୟ ବଞ୍ଚି ରହିବ, ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଗୋଟିଏ ପ୍ରମୁଖ ବାକ୍ୟ ଥିଲା, 'ଭାଷା ହିଁ ଭବିଷ୍ୟତ'। ଓଡ଼ିଶାରେ ବର୍ତ୍ତମାନ ଯେତିକି କଥିତ ଓ ଲିଖିତ ଭାଷା ରହିଛି, ଅବଶ୍ୟ ଆମେ ସେହି ଭାଷାଗୁଡ଼ିକ ଭବିଷ୍ୟତରେ ରହିବା ପାଇଁ ପ୍ରୟାସ କରିବା। ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ଯେପରି ପ୍ରୟାସ ହେଉଛି, ଆଦିବାସୀ ଭାଷାକୁ ବଞ୍ଚାଇବା ପାଇଁ ପ୍ରୟାସ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଉପଯୁକ୍ତ ଭାବରେ ଏବଂ ସଠିକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଗବେଷଣା ହେବା ଦରକାର। ଜନଜାତିଙ୍କ ମଧ୍ୟରେ ଯେପରି ଆତ୍ମସମ୍ମାନ, ଆତ୍ମବିଶ୍ୱାସ ବିକାଶ ହେବ, ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡ଼ିବ। କେବଳ ନାଚ, ଗୀତ ମଧ୍ୟରେ ନ ରହି ସେମାନଙ୍କର ସଂସ୍କୃତି, ଭାଷା ଶିକ୍ଷା, ଜ୍ଞାନକୌଶଳକୁ ନେଇ ଗବେଷଣା କରିବାକୁ ପଡ଼ିବ ଏବଂ ଏଥିପାଇଁ ଯୁବବର୍ଗଙ୍କୁ ଉତ୍ସାହିତ ଓ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଯଦି ଆଦିବାସୀ ଭାଷାଗୁଡ଼ିକ ମୃତ୍ୟୁମୁଖରେ ପଡ଼ିବ, ତେବେ ଓଡ଼ିଆ ଭାଷାର ସ୍ଥିତି ମଧ୍ୟ ଆଜି ନ ହେଲେ ପରବର୍ତ୍ତୀ ସମୟରେ ଚିନ୍ତାର ବିଷୟ ହେବ, ଏଥିରେ ସନ୍ଦେହ ନାହିଁ।

**୪ର୍ଥ ଗଳି, ହାତିପଥର ରାସ୍ତା, ରାଣୀଗୁଡ଼ା, ରାୟଗଡ଼ା, ମୋ: ୯୪୩୮୦୮୧୪୩୦**

# ତୁମ ଆଡ଼େ କେମିତି



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ସକାଳୁ ସକାଳୁ ମନେ ପଡ଼ିଗଲା କି କ'ଣ ଦୂର ବାଟ ବନ୍ଧୁ ଜଣେ ଫୋନ୍ କଲେ। ଚାଲି ଚାଲି ମୋବାଇଲର କଲ୍‌କୁ ରିସିଭ କଲେ ଚନ୍ଦ୍ର। ସକାଳୁଆ ଚାଲିକୁ ଉତୁଉତା ଗରମ। ଦେହରୁ ପାଣି ଝରି ପଡୁଥାଏ। ସେପଟୁ ବନ୍ଧୁ ଜଣକ ସମ୍ବୋଧନ ନ କରି ସିଧା ପଚାରିଲେ – 'କିରେ ଭାଇ! ତୁମ ଆଡେ କେମିତି ସବୁ?' ଟିକେ ବିରକ୍ତରେ ଉତ୍ତର ଦେଲେ ଚନ୍ଦ୍ର – ''ଆରେ ଭାଇ! ସେ ରାଜନୀତିରୁ ଆମକୁ କ'ଣ ମିଳିବ। କୋଉ ଆଦର୍ଶଟା ଅଛି ଏ ପଲିଟିକ୍ସରେ। ସବୁ ତ ସେଇ ଏକା ଲାଉର ମଞ୍ଜି। ଖାଲି ନାଁ ଅଲଗା। ଦଳକୁ ଛାଡ଼ି ବ୍ୟକ୍ତିକୁ ଯଦି ଦେଖିବା ସେତକ ମଧ୍ୟ ଏଇ ନେତା ଗଣ୍ଡାକ ପୋଡ଼ି ପାଉଁଶ କରିଦେଲେ। କଥାରେ ଅଛି ସବୁ ଯାଉ ଚରିତ୍ର ଥାଉ। କିନ୍ତୁ ଏବର ଏଇ ନିର୍ବାଚନକୁ ଦେଖିଲେ ଲାଗିଲାଣି ବିଚାର ବଦଳିଗଲା। ଚରିତ୍ର ଯାଉ ପଛେ ଟିକେଟ ଖଣ୍ଡେ ମିଳିଯାଉ। ହାର୍‌ଜିତ୍ ପଛେ, ରାଜନୀତିର ଗୋଳିଆ ପାଣି ଭିତରେ ଘାଣ୍ଟି ହୋଇ ରହିବାକୁ ଯେଉଁ ଦଳର ହେଉ ପଛେ ଟିକେଟ ଖଣ୍ଡେ ଲୋଡ଼ା। ଟିକେଟ ମିଳିଲେ ଦଳ ଦାୟିତ୍ୱ ମୁଣ୍ଡେଇବ। ତଳିଆ କର୍ମୀ ହମହମ ହେବେ। ନ ହେଲେ ସେମାନଙ୍କ କାତ୍ତି ବି ଦି'ପାଞ୍ଜିରୁ ଯିବ। କୁଜି ନେତା ବାହାରିଲେ ପଛକୁ ସବୁ ଅନୁଗତ ଆସିବେ। ସବୁ ମିଶିଲେ ରାଜନୀତିରେ ଫୁଲ୍ ପଲିଟିକ୍ସ ପଶିବ। ତେଣିକି ପାର୍ଟି ଚାନ୍ଦା ଆସିବ। ସେଥିରୁ କିଛି ହାତ ଚିକ୍କଣ କରିଦେଲେ କାମ ତୁଟିଲା। ନ ଜିତିଲେ ବି ପାଞ୍ଚ ବର୍ଷର ଧଁ ସଁ ହୋଇ ବଞ୍ଚି ହୋଇଯିବ। ଏମିତି କାରବାର ଭିତରେ ଆମେ ହେଲୁ ସାଧାରଣ ଭୋଟର। କିଏ ଲଲିପପ୍ ଯାଚିବ, ଆଉ କିଏ ମିଠେଇ , ପୁଣି ଆଉ କିଏ ରସମଲେଇ। ସେଇ ଲୋଭରେ ଥୋକାଏ ହାମୁଡ଼ିବେ। ପ୍ରାପ୍ତିର ବିଭୋରପଣରେ ଭୋଟ ସବୁ ନାଦି ଦେଇଯିବେ।'' 'ସେ କଥା ନୁହଁରେ ଭାଇ!' ସେପଟୁ ପୁଣି ସେ କହିଲା। ଚନ୍ଦ୍ର ସହ ଚାଲୁଥିବା ବନ୍ଧୁ ଜଣକ ମୋବାଇଲରୁ ନିର୍ଗତ ଧ୍ୱନିରୁ ଶୁଣିପାରୁଥିଲେ କଥା ସବୁ। କ'ଣ ବୁଝିଲେ କେଜାଣି ଆଖି ଠାରି ଆହୁରି ଶୁଣେଇବାକୁ ଇସାରା ଦେଲେ। ଆଉ କ'ଣ ଅଟକି ହେବ। ପୁଣି ଚାଲିଲା ଚନ୍ଦ୍ରର ପ୍ରବଚନ।

''ଆରେ ଭାଇ! ଆମ ଭଳି ସବ୍ ଜାନ୍ତା ଭୋଟରର ଗତି କୁଆଡ଼େ। ଆମେ ପାଠ ପଢ଼ିଲୁ। ସବୁ ପଢ଼ିଶୁଣି ଦେଖି ହରେକ କଥାକୁ ବୁଝିଲୁ। ଭଲ କୋଉଟା ମନ୍ଦ କୋଉଟା ମଧ୍ୟ ଜାଣିଲୁ। ହେଲେ କ'ଣ ହେବ କହିଲୁ। କର୍ମଚାରୀ ଭୋଟର ତ ନିର୍ବାଚନ କାମର ସୈନିକ ହେବେ। ନିଜ ଭୋଟ ଦେବା ସୁଯୋଗକୁ ହାତଛଡ଼ା କରିବେ। ପୋଷ୍ଟାଲ ବାଲଟର ଝିନ୍‌ଝଟକୁ ଯିବେନି। ବାକି ଯେଉଁ ଶିକ୍ଷିତ ବର୍ଗ ରହିଲେ ପ୍ରତିପତ୍ତି ଓ ଇଜ୍ଜତ ନାମରେ ଭୋଟଦାନ କେନ୍ଦ୍ରକୁ ଯାଇ ଲାଇନରେ ଠିଆ ହୋଇ ଭୋଟ ଦେବାକୁ କୁଣ୍ଠୁ କୁଣ୍ଠୁ ହେବେ। ଯେତକ ଦେବେ ପୂରା ସଲିଡ ଦେବେ। ସବୁ ଯଦି ଦିଅନ୍ତେ ତାହା ହେଲେ ଗଣତନ୍ତ୍ର ପ୍ରକ୍ରିୟା ଭିତରକୁ ଅଗା ବଗା ଖଗା ସବୁ ପଶି ନ ଥାନ୍ତେ। ଯାହା କହ ପଛେ ନେତାଙ୍କ ଅହୋଃ ଭାଗ୍ୟ। ଭୋଟ ଦେବେ



ଜନତା। କ୍ଷମତାରେ ପାଞ୍ଚ ବର୍ଷ ରହି ରାଜୁତି କରିବେ ନେତା। ପାଞ୍ଚ ବର୍ଷଯାକ ଜନତା ଏକଦମ ଭକୁଆ। ଆଉ କିଛି କରିପାରିବେନି ଜନତା। ତେଣୁ ବୁଝିଲୁ ଭାଇ! ତୁମ ଆଡେ ଯେମିତି, ଆମ ଆଡେ ସେମିତି। ଯେତକ ହନୁମନ୍ତ ସମସ୍ତେ ବାସ୍ତରି ହାତ। କିଛି ନୂଆ ନାହିଁ। କିନ୍ତୁ ବାପଧନ! ଭୋଟ ଦେବାକୁ ଜରୁର୍ ଯିବୁ। ଇଭିଏମ୍‌ର ସୁଇଚ୍ ଟିପି ମନର ରାଗଟିକୁ ତ ଶୁଝେଇ ପାରିବୁ।'' ସେପଟେ ସେ ବିରକ୍ତ ହୋଇ କହିଲା – ''ବୁଝିଲୁ ତୋର ସେଇ ପୁରୁଣା ପ୍ରକୃତି ଗଲାନି। ଆସି ବୁଢ଼ା ହେବାକୁ ବସିଲୁ ସେମିତି ହିଁ ରହିଲୁ। ମୁଁ ପଚାରୁଛି କ'ଣ। ତୁ କହୁଛୁ କ'ଣ। ପୂରା ନ ଶୁଣି ଗପି ଚାଲିଛୁ।'' 'ଆଚ୍ଛା ଏମିତି କଥା! ଏ ସମୟରେ ତୁମ ଆଡେ କେମିତି ବୋଲି ପଚାରିଲେ କ'ଣ ଉତ୍ତର ଦେବି। ଏବେ ତ ସବୁଠି ରାଜନୀତି।' ଚନ୍ଦ୍ର ପୁଣି କହିଲା 'ବାବୁ! ତୁମ ପାହାଡ଼ିଆ ଇଲାକାରେ ଖରାର ତାତି କେମିତି ପଚାରୁଥିଲି?'

ଠୋ ଠୋ ହସିଲା ଚନ୍ଦ୍ର। ଲମ୍ବା ନିଶ ହଳକ ଆଉ ଟିକେ ଲମ୍ବିଗଲା। ଏଥର ପୁଣି କହିଲା ସେ – 'ଆରେ ଭାଇ! କହନା। କି ତାତି। ପାରଦ ୪୩ ଡିଗ୍ରୀକୁ ଛୁଇଁଲା। ନାଁକୁ ମାଳଭୂମି। କିନ୍ତୁ ସବୁଆଡ଼େ ଟାଙ୍ଗରା। ପୋତୁଚାଷକୁ କାଠମାଫିଆ ମିଶି ବଣକୁ ସାରିଦେଲେ। ଚୈତ୍ର ମାସ ନ ଆସୁଣୁ ଖରାର ତାଣ୍ଡବ। ତା'ପରେ ବୈଶାଖ ଓ ଜ୍ୟେଷ୍ଠ ମାସରେ ତ ଉହ ଉହ ଖରା। ଆମ ଇଲାକାର ପୋଖରୀ, ଗାଡ଼ିଆ, ଝୋଲା ଝରଣା ଏବେ ଠିଆ ଠିଆ ଶୁଖିଲା। ପାଣି ମୁନ୍ଦିଏ ପାଇଁ ଉହଳବିକଳ ଗାଁ ଲୋକ। ନିଜର ଦୋଷକୁ ନ ବୁଝି ସରକାର ଓ ପ୍ରଶାସନ ଉପରେ ଲୋକଙ୍କ ରାଗ। ମାଟି ତଳେ ପାଣିର ସ୍ତର, ପାଖରେ ଥିଲେ ତ ନଳକୂପ ଖୋଳି ପାଣି ଯୋଗାଇବ ପ୍ରଶାସନ। ଲୋକେ ଗଛ ହାଣିବେ। ଚାରିଆଡେ କଂକ୍ରିଟ ରାସ୍ତା କରିବେ। ପାଣି ଭିତରକୁ ଯିବ କେମିତି! ଏ ବର୍ଷ ନଳକୂଅ ଖୋଳାହେଲେ ଆର ବର୍ଷକୁ ସେଥିରୁ ପାଣି ବାହାରୁନି। କୋଉଠି କେମିତି ଆକାଶକୁ ହାତ ଯୋଡ଼ି ଠିଆ ହୋଇଥିବା ଗଛ ସବୁ ତ୍ରାହି ତ୍ରାହି ଡାକୁଛନ୍ତି। ପାହାଡ଼ ସୁଦ୍ଧୁ ଲଙ୍ଗଳା। ନଣ୍ଡା ପଥର ଦାନ୍ତ ନେଫେଡି ହସୁଛି ଯେମିତି। ଚାରିପଟ ପାହାଡ଼ର ପଥର ତାତିଲେ ମଝିରେ ଥିବା ଗାଁଗଣ୍ଡାର ଅବସ୍ଥା କ'ଣ ହେଉଥିବ ବୁଝୁଥିବୁ। ଖରାବେଳ ସାରା ଉଷୁନା ଧାନ ସିଝିଲା ଭଳି ସ୍ଥିତି। ଆଗକୁ ଲୋକେ ଠାଇ ଠାଇ ହୋଇ ମରିବେ। ଗଛ ନ ଲଗାଇଲେ ଆଗକୁ ପରିସ୍ଥିତି ଭୟଙ୍କର।'

'ଆମର ଏଠି ତ ଖଣି ଓ କାରଖାନା। ବର୍ଷସାରା ତାତି। ଖରାଦିନେ ଭୟଙ୍କର ସ୍ଥିତି। ମାଟି ଗଲା, ପାଣି ଶୁଖିଲା, ପବନରେ କଳା ମିଶିଲା ଆଉ ଜଳବାୟୁ ଶୁଷ୍କ। ଆମ ରାଜଧାନୀ ତ ଦେଶର ଦ୍ୱିତୀୟ ଗରମ ସହରର ରେକର୍ଡ କଲା। ଓଡ଼ିଶା ପୂରା ତତଲା। ତାହାହେଲେ ତୁମ ଆଡେ ବି ଏବେ ଘାଏଲା।'

ଏତିକିରେ ଫୋନ୍ କଟିଗଲା। ଚନ୍ଦ୍ର ଓ ସବୁ କଥା ଶୁଣୁଥିବା ତା'ର ବନ୍ଧୁ ଏଥର ପାର୍କର ଏକ ଗଛ ତଳେ ଥିବା ଚେୟାରରେ ବସିଲେ। ବସୁ ବସୁ ମୁଣ୍ଡ ଉପରେ ଥିବା ଗଛକୁ ଚାହିଁଲେ। ତଳ ଓଠକୁ ବାହାରକୁ କାଢ଼ି ଦୁଇ ହାତକୁ ବିପରୀତ ଦିଗକୁ ମୋଡ଼ିଲେ। ଇସାରାରେ ପରସ୍ପରକୁ ଯେମିତି ଜଣାଇବାକୁ ଚାହୁଁଥିଲେ ଗଛ ହିଁ ମଣିଷର ଗତି ଓ ମୁକ୍ତି।

**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ଉତ୍ତରପ୍ରଦେଶର ଭାରତୀୟ ବନ ସେବା (ଆଇଏଫଏସ୍) ଅଧିକାରୀ ବିକାଶ ନାୟକ ଇକୋଟୁରିଜମ୍‌କୁ ପ୍ରୋତ୍ସାହିତ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ବଡ଼ କଥା ହେଉଛି ଏକ ଶୁଷ୍କ ତଥା ଚାଷ ଅନୁପଯୋଗୀ ଜମିରେ ଏହି ପର୍ଯ୍ୟଟନ କେନ୍ଦ୍ର କରାଯାଇଛି। ଫିରୋଜାବାଦ ଜିଲାର ଶିଖୋହାବାଦ ନିକଟରେ ଏହି ଇକୋଟୁରିଜମ୍ କେନ୍ଦ୍ର ଖୋଲାଯାଇଛି। ମାର୍ଚ୍ଚ ୨୦୨୩ରେ ଏହାର କାର୍ଯ୍ୟ ଆରମ୍ଭ କରାଯାଇଥିଲା । ବିକାଶ ଏବଂ ତାଙ୍କ ଟିମ୍‌ର ଅକ୍ଲାନ୍ତ ପରିଶ୍ରମରେ ୧୧ ମାସ ପରେ ଏହା ଶେଷ କରାଯାଇଛି। ଚଳିତ ବର୍ଷ ଫେବୃଆରୀରେ ଏହାର ଉଦ୍‌ଘାଟନ କରାଯାଇଥିଲା ଓ ସେହିଦିନ ୧୦୦ ଲୋକ ସେଠାକୁ ବୁଲିବାକୁ ଯାଇଥିଲେ। ସେଠାରେ ରହିବା ଲାଗି କାଠରେ ତିଆରି ଘର କରାଯାଇଛି। ଏହାବାଦ୍ ସ୍ପିଡ୍ ବୋଟିଂ, ପକ୍ଷୀ ଦେଖିବା ସ୍ଥାନ ଏବଂ ଗୁମ୍ଫା ଅନ୍ୱେଷଣର ସୁବିଧା କରାଯାଇଛି। ଏକ ପ୍ରଜାପତି ପାର୍କ ବି ଅଛି। ଏହି ଅଞ୍ଚଳକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ମୁକ୍ତ କରିବାରେ ବିକାଶ ସକ୍ଷମ ହୋଇପାରିଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀ ସେଠାରେ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ବିକ୍ରି କରୁଛନ୍ତି। ଆଇଏଫଏସ୍ ଅଧିକାରୀ ବିକାଶଙ୍କ ଏହି ଇକୋଟୁରିଜମ୍ ସେଣ୍ଟରରେ ନିଯୁକ୍ତି ସୃଷ୍ଟି ହେବା ସହ ଜୈବବିବିଧତାର ସୁରକ୍ଷା ମଧ୍ୟ ହୋଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୬ ମେ ୧୯୭୫

- ଭାରତୀୟ କ୍ରାନ୍ତି ଦଳର ଉତ୍ତର ପ୍ରଦେଶ ଶାଖାର ଅଧ୍ୟକ୍ଷ ଜୟରାମ ବର୍ମା ତାଙ୍କ ଦଳକୁ ଭାଙ୍ଗିଦେଇ କଂଗ୍ରେସରେ ଯୋଗ ଦେଲେ ବୋଲି ଘୋଷଣା କରିଛନ୍ତି।
- ଇସ୍‌ଲାମାବାଦରେ ପୃଥିବୀର ବୃହତ୍ତମ ମସଜିଦ୍ ନିର୍ମାଣ ପାଇଁ ପାକିସ୍ତାନକୁ ସାଉଦିଆରବର ୧୨ ନିୟୁତ ଡଲାର ଦାନ।

## ଚିରନ୍ତନୀ

ଜଡ଼ର ଦେହେ ଜଗାଇ ନବ
ସ୍ପନ୍ଦନ ହେ ସ୍ପନ୍ଦନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ!

–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପାଲା ଅନୁଷ୍ଠାନକୁ ସହାୟତା ମିଳୁ

ମହାଶୟ,

ରାଜ୍ୟରେ ପାଲା ଓ ଘୋଡ଼ାନାଚର ଆଦର ରହିଛି। ଏଣୁ ସବୁ ପୁରାତନ ପାଲା ଅନୁଷ୍ଠାନ କିମ୍ବା ଘୋଡ଼ାନାଚ ପ୍ରତି ରୁଚି ବୃଦ୍ଧି ପାଇଁ ସରକାର ପ୍ରୋତ୍ସାହନ ଦେବା ଆବଶ୍ୟକ। ଆର୍ଥିକ ଦୁର୍ଗତି ଯୋଗୁ ଏତି କଳାକୁ ବଞ୍ଚାଇ ରଖିବା କଷ୍ଟସାଧ୍ୟ ହେବାରୁ ସରକାର ସହାୟତା ଦେବା ଜରୁରୀ । ୫୦ ବର୍ଷରୁ ଊର୍ଦ୍ଧ୍ୱ ଅନୁଷ୍ଠାନକୁ ତାଲିକାଭୁକ୍ତ କରି ଆର୍ଥିକ ସହଯୋଗ ଯୋଗାଇପାରିଲେ ଆର୍ଥିକ ସଙ୍କଟରୁ ମୁକ୍ତି ମିଳିପାରନ୍ତା। ପାଲା ଦ୍ୱାରା ବହୁ ଅନାଲୋଚିତ ବିଷୟ ତଥା ଶିକ୍ଷଣୀୟ ତଥ୍ୟ ମିଳିଥାଏ। ଜନସାଧାରଣଙ୍କ ଆସ୍ଥାଭାଜନ ହେବା ପାଇଁ ଆଗ୍ରହ ପ୍ରକାଶ କରାଗଲେ ପାଲାନୁଷ୍ଠାନ ଦୀର୍ଘଜୀବୀ ହେବ । ଆର୍ଥିକ ଦୁଶ୍ଚିନ୍ତା ଦୂର ହୋଇ ସକ୍ଷମ ହୋଇପାରନ୍ତା ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସମସ୍ୟା ବଢ଼ାଉଛି ରାସ୍ତା କଡ଼ ଆମିଷ ବଜାର

**ନିୟମ କରି ହାତବାନ୍ଧି ବସିଛି ବିଏମ୍‌ସି**

- ଗୋଲାପି କପଡ଼ା ବାନ୍ଧୁନାହାନ୍ତି ମାଂସ ବ୍ୟବସାୟୀ
- ଅସନ୍ତୋଷ ବ୍ୟକ୍ତ କଲା ଆମିଷ ବ୍ୟବସାୟୀ ମହାସଂଘ

ଭୁବନେଶ୍ୱର, ୫।୫ (ବନ୍ଦନା ସେଠୀ)

ରାଜଧାନୀ ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ମାଂସ ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ପ୍ରତି ୱାର୍ଡରେ ଆଧୁନିକ ମାଂସ ମାର୍କେଟ ନିର୍ମାଣ ହେବା ସହ ଆମିଷ ବ୍ୟବସାୟକୁ ବ୍ୟବସ୍ଥିତ କରାଯିବ ବୋଲି ପ୍ରାୟ ଦେଢ଼ବର୍ଷ ତଳେ ବ୍ୟବସାୟୀ ମହାସଂଘକୁ ପ୍ରତିଶ୍ରୁତି ଦେଇଥିଲା ବିଏମ୍‌ସି। ମାତ୍ର ଇତିମଧ୍ୟରେ ବିଏମ୍‌ସି ଏନେଇ ପାଦେ ମଧ୍ୟ ଆଗେଇ ପାରିନାହିଁ। ଅପରପକ୍ଷେ ରାଜରାସ୍ତା କଡ଼ରେ କେହି ଆମିଷ ବିକ୍ରି କରିପାରିବେ ନାହିଁ ବୋଲି ବିଏମ୍‌ସି ଯେଉଁ ଆଇନ କରିଥିଲା ତାହାର ସ୍ଥିତି କ'ଣ ଜଣାପଡୁନି। ବ୍ୟବସାୟୀଙ୍କୁ ଥଇଥାନ କରାଯାଉ ନ ଥିବାରୁ ସେମାନେ ପୁଣିଥରେ ରାସ୍ତା କଡ଼ରେ ଆମିଷ ବିକ୍ରି ଆରମ୍ଭ କରି ଦେଲେଣି। ମାଛ, କୁକୁଡ଼ା, ଛେଳିରୁ ବାହାରୁଥିବା ଆବର୍ଜନା ଚାରିଆଡେ ପଡୁଛି। ବିଶେଷକରି ସହରର ମାଛ ମାର୍କେଟଗୁଡିକ ଅବ୍ୟବସ୍ଥିତ ଅବସ୍ଥାରେ ରହିଛି। ରାସ୍ତାକଡ଼, ଗଛତଳ, ଗଳିମୁଣ୍ଡ, ଫୁଟ୍‌ପାଥ୍ ଆଦିରେ ମାଛ ବେପାରୀ ପସରା ମେଲାଉଛନ୍ତି। ଏପରିକି କେତେକ ବେପାରୀ ବୁଲିବୁଲି ମାଛ ବିକ୍ରି କରୁଛନ୍ତି। ଗ୍ରାହକଙ୍କ ଘର ଆଗରେ ମାଛ କାଟିବା ପରେ ସେଥିରୁ ବାହାରୁଥିବା ବର୍ଜ୍ୟକୁ ପାଖରେ ଥିବା ଖାଲି ଜାଗା କିମ୍ବା ଡ୍ରେନ୍‌ରେ ପକାଇ ଦେଉଛନ୍ତି। ଆମିଷ କିଣିବା ପାଇଁ ଗ୍ରାହକମାନେ ରାସ୍ତାକଡ଼ରେ ଗାଡ଼ି ରଖି ଗହଳି କରୁଥିବାରୁ ଟ୍ରାଫିକ୍ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ପୁଣି ଆମିଷ ପାଣି ବୋହି ରାସ୍ତା ଉପରକୁ ମାଡୁଥିବାବେଳେ ଆମିଷ ହାଟର ଆବର୍ଜନା ସହର ପରିବେଶକୁ ଦୁର୍ଗନ୍ଧମୟ କରିଦେଉଛି। ମାତ୍ର ଏନେଇ ବିଏମ୍‌ସିର କୌଣସି ନିଘା ନାହିଁ।

ଏହାବାଦ୍ ରାସ୍ତାକଡ଼ରେ ଖୋଲିଥିବା ମାଂସ ଦୋକାନ ଆଗରେ ଗୋଲାପି କିମ୍ବା ନାଲି କପଡା ଗୁଡାଇବା ପାଇଁ ବିଏମ୍‌ସି ନିୟମ କରିଥିଲା। ଏହାଦ୍ୱାରା ମାଂସ କାଟିବାର ଦୃଶ୍ୟ ସାଧାରଣଲୋକେ କିମ୍ବା କୋମଳମତି ପିଲା ଦେଖିବେ ନାହିଁ ବୋଲି ଯୋଜନା ରହିଥିଲା। ନିୟମ ହେବାର କିଛିଦିନ ପର୍ଯ୍ୟନ୍ତ ଅଳ୍ପ କେତେଜଣ ବ୍ୟବସାୟୀ ଏହାକୁ ପାଳନ କରିଥିଲେ। ମାତ୍ର ଏବେ କୌଣସି ଦୋକାନୀ ଏହା କରୁନାହାନ୍ତି। ଖୋଲାଖୋଲି ଭାବେ ମାଂସ କଟା ଯାଉଥିବା ଦୃଶ୍ୟ ଏବଂ ଜୀବମାନଙ୍କର ବିକଳଚିତ୍କାର ଯାତାୟାତ କରୁଥିବା ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି। ବିଏମ୍‌ସି ନିୟମ କରି ତଦାରଖ କରୁ ନ ଥିବାରୁ ବ୍ୟବସାୟୀମାନେ ବାରମ୍ବାର ଏହାର ଖିଲାପ କରୁଛନ୍ତି।

ଅପରପକ୍ଷେ ୨ବର୍ଷ ମଧ୍ୟରେ ସବୁ ୱାର୍ଡ଼ରେ ମାର୍କେଟ ନିର୍ମାଣ ହେବ ଓ ପ୍ରତ୍ୟେକ ୨ମାସରେ ଥରେ ବ୍ୟବସାୟୀଙ୍କ ସହ ମେୟର ଆଲୋଚନା କରିବେ ବୋଲି ୨୦୨୨ ଡିସେମ୍ବର ୫ରେ ପ୍ରଥମ କରି ବ୍ୟବସାୟୀଙ୍କ ସହ ବିଏମ୍‌ସି ମଧ୍ୟରେ ହୋଇଥିବା ଆଲୋଚନାରେ ନିର୍ଦ୍ଧାରିତ ହୋଇଥିଲା। ମାତ୍ର ଏହାପରେ ନା କୌଣସି ବୈଠକ ହେଲା, ନା ଆମିଷ ମାର୍କେଟ ନିର୍ମାଣ ପାଇଁ ଯୋଜନା କରାଗଲା। କେବଳ ଘାଟିକିଆଠାରେ ଗୋଟିଏ ଆଧୁନିକ ମାଂସ ମାର୍କେଟ କରିଦେଇ ବିଏମ୍‌ସି ହାତବାନ୍ଧି ବସିଛି। ଏହି ମାର୍କେଟରେ ମାତ୍ର ୧୨ଜଣ ବ୍ୟବସାୟୀଙ୍କୁ ଦୋକାନ ଆଲଟ୍ କରାଯାଇଥିବାବେଳେ ଆହୁରି ଶହଶହ ଆମିଷ ବେପାରୀ ରାସ୍ତାକଡ଼ରେ ବସିବାକୁ ବାଧ ହେଉଥିବା ସେମାନେ ଅସନ୍ତୋଷର ସହ କହିଛନ୍ତି।

ଏନେଇ ମହାସଂଘ ରାଜ୍ୟ ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସ କହିଛନ୍ତି, ସହରରେ ୩ହଜାର ୩୫୦ରୁ ଊର୍ଦ୍ଧ୍ୱ ଆମିଷ ବ୍ୟବସାୟୀ ରହିଛନ୍ତି। ବିଏମ୍‌ସି ରାସ୍ତାକଡ଼ରେ ବ୍ୟବସାୟ କରିବାକୁ ମନା କରିଥିଲା, କିନ୍ତୁ କେଉଁଠାରେ ବ୍ୟବସାୟ କରିବେ ସେ ନେଇ ଜାଗା ଚିହ୍ନଟ କଲାନାହିଁ। ବ୍ୟବସାୟ ନ କଲେ ସେମାନେ କ'ଣ ଖାଇବେ, ପରିବାର କେମିତି ପୋଷିବେ। ତେଣୁ ଯିଏ ଯେଉଁଠି ପାରୁଛି ବେପାର କରୁଛି। ବିଏମ୍‌ସି ବହୁ ଜାଗାରେ ଜବରଦଖଲ ଉଚ୍ଛେଦ କରି ପାଚେରି କରୁଛି। ଘରୋଇ କମ୍ପାନୀକୁ ଦେବାକୁ ଜାଗା ଅଛି, କିନ୍ତୁ ବ୍ୟବସାୟୀଙ୍କ ପାଇଁ ନାହିଁ। ଭୁବନେଶ୍ୱରରେ ଗୋଟିଏ କଂସେଇଖାନା ରହିଛି। ପ୍ରତିଦିନ ସେଠାକୁ ଯାଇ ମାଂସ କାଟି ଆଣି ଦୋକାନରେ ବ୍ୟବସାୟ କରିବା ସମ୍ଭବ ନୁହେଁ। ତେବେ ବିଏମ୍‌ସିର ନିୟମ ଅନୁଯାୟୀ ଅନେକ ମାଂସ ଦୋକାନୀ ତାଙ୍କ ଦୋକାନ ଆଗରେ ନାଲି କପଡ଼ା ଗୁଡାଉଛନ୍ତି। ଏହି ନିୟମ କିପରି ସମସ୍ତ ବ୍ୟବସାୟୀ ପାଳନ କରିବେ ସେ ନେଇ ମହାସଂଘ ଧ୍ୟାନ ଦେବ ବୋଲି ମୁନ୍ତାକିମ୍ କହିଛନ୍ତି।



ଲୋକେ ରାସ୍ତାରେ ଗାଡ଼ି ରଖି ଆମିଷ ବଜାରରୁ କିଣାକିଣି କରୁଛନ୍ତି।

# ବଟି ମାଗି ଜଣେ ଗିରଫ, ବନ୍ଧୁକ ସହ ଟଙ୍କା ଜବତ

ପୁରୀ,୫।୫ (ଅଜିତ୍ ମହାନ୍ତି)

ଦାଦାବଟି ମାଗିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କାଚେରା ମଠ ଲେନ୍‌ର ସୁବାସ ମହାନ୍ତି ଓରଫ ଗିଲ୍‌ଟି କାଲୁ। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ସହ ନଗଦ ୫୦୦ ଟଙ୍କା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, କୁମ୍ଭାରପଡ଼ା ଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ସମୟରେ ବିଶେଷ ସୂତ୍ରରୁ ଖବର ମିଳିଥିଲା ଯେ, ଜଣେ ବ୍ୟକ୍ତି ବଡଶଙ୍ଖଠାରେ ସ୍ଥାନୀୟ ଦୋକାନୀମାନଙ୍କୁ ବନ୍ଧୁକ ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେଇ ଦାଦାବଟି ଆଦାୟ କରୁଛନ୍ତି। ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ତାଙ୍କୁ ଗିରଫ କରିବା ସହ ଦେଶୀ ବନ୍ଧୁକ ଜବତ କରିଥିଲା।





ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ଅନ୍ୟ ଦଳର ନେତା ଓ କର୍ମୀଙ୍କୁ ବିଧାୟକ ସୁଶାନ୍ତ ରାଉତ ବିଜେଡିରେ ସାମିଲ କରୁଛନ୍ତି।

# ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର,୫।୫ (ସୁବାସ ଚନ୍ଦ୍ର ପ୍ରଧାନ)

ବତ୍ରିଶ ସିଂହାସନ ବରିଷ୍ଠ ନାଗରିକ ମଞ୍ଚ ଭୀମଟାଙ୍ଗି ଓ ଚନ୍ଦକାସ୍ଥିତ ଇନଷ୍ଟିଚ୍ୟୁଟ ଅଫ ହେଲ୍‌ଥ ସାଇନ୍ସର ମିଳିତ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ବହୁ ସଦସ୍ୟ ଇନଷ୍ଟିଚ୍ୟୁଟ ଅଫ ହେଲ୍‌ଥ ସାଇନ୍ସ ଅନୁଷ୍ଠାନ ପରିସରରେ ଥିବା ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ଚିକିତ୍ସା ପାଇଁ ଉଦିଷ୍ଟ ବିଭିନ୍ନ ବିଭାଗ ସହିତ ପଞ୍ଚ କର୍ମ ବିଭାଗ ପରିଦର୍ଶନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସତ୍ୟ ମହାପାତ୍ର, ଉପଦେଷ୍ଟା ଡ.ସନ୍ତୋଷ ମହାନ୍ତି, ପ୍ରୋଜେକ୍ଟ ଡାଇରେକ୍ଟର ନଳିନୀ ମହାନ୍ତି ଅନୁଷ୍ଠାନର ଉଦ୍ଦେଶ୍ୟ ଏବଂ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ପାଇଁ ନିଆଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ନାଗରିକ ମଞ୍ଚର ସଭ୍ୟମାନେ ନିଜର ସ୍ୱାସ୍ଥ୍ୟ ସମ୍ପର୍କରେ ବିଶେଷଜ୍ଞମାନଙ୍କୁ ପଚାରି ବୁଝିଥିଲେ। ଶେଷରେ ମଞ୍ଚ ସଭାପତି ଗଣେଶ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# 'ରାମନାମ ଦ୍ୱାରା ସତ୍ୟ-ଧର୍ମକୁ ରକ୍ଷା କରାଯାଇପାରିବ'



ମହୋତ୍ସବରେ ଅତିଥିଙ୍କ ସମେତ ଅନ୍ୟମାନେ।

**ରାମଲୀଳା ମହୋତ୍ସବ ଉଦ୍‌ଯାପିତ**

କଟକ,୫।୫ (କାର୍ତ୍ତିକ ସାହୁ)

କଟକ ଚୌଧୁରୀବଜାରସ୍ଥିତ ମାରୁତିମଣ୍ଡପ ଠାରେ କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତି ଦ୍ୱାରା ଆୟୋଜିତ ରାମଲୀଳା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହନ୍ତ ବାବାଜୀ ଅମୃତାନନ୍ଦ ଦାସ ମହାରାଜ ଯୋଗଦେଇ କହିଛନ୍ତି, ରାମନାମ ଦ୍ୱାରା ସତ୍ୟ-ଧର୍ମକୁ ରକ୍ଷା କରାଯାଇ ପାରିବ। ଉଦ୍‌ଯାପନୀ ମହୋତ୍ସବରେ ଶ୍ରୀ ଶ୍ରୀ ଅମଣିଆ ପାଟଣା ରାମଲୀଳା ପ୍ରଚାର ସମିତି ପକ୍ଷରୁ ନାଟକ 'ରାବଣ ବଧ' ମଞ୍ଚସ୍ଥ ହୋଇଥିଲା। ସମିତି ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଭିନେତା ଶ୍ରୀତମ ଦାସ, ସୌମ୍ୟରଞ୍ଜନ ସ୍ୱାଇଁ, ଆଇନଜୀବୀ କ୍ଷେତ୍ରମୋହନ ଧଳ, ବସନ୍ତ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ସମିତିର କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ଦିଲୀପ କୁମାର ସ୍ୱାଇଁ, କାର୍ଯ୍ୟକ୍ରମ ଅଧ୍ୟକ୍ଷ ଶିବଦାସ ପୂର୍ଣ୍ଣଚନ୍ଦ୍ର ସିଂହ, ଉପସଭାପତି ନଳିନ କୁମାର ସେନାପତି, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଗୋପାଳ ଚନ୍ଦ୍ର ମିଶ୍ର, ଲୋକସମ୍ପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ପ୍ରତ୍ୟେକ ଜନସାଧାରଣ ମତାଧିକାର ସାବ୍ୟସ୍ତ କରନ୍ତୁ'

**ପ୍ରଥମ ଥର ଭୋଟ ଦେବୁ**

କଟକ,୫।୫(କାର୍ତ୍ତିକ ସାହୁ)

ଆସନ୍ତା ୨୫ ତାରିଖରେ କଟକ ଜିଲାରେ ମତଦାନ। ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ବିଭିନ୍ନ ରାଜନୈତିକ ଦଳ ସମେତ ସ୍ୱାଧୀନ ପ୍ରାର୍ଥୀମାନେ ନିର୍ବାଚନ ରଣାଙ୍ଗନରେ ଯୁବ ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଚଳିତବର୍ଷ ପ୍ରଥମ ଥର ପାଇଁ ଭୋଟଦେବାକୁ ଯାଉଥିବା ମତଦାତାମାନେ ରାଜନୈତିକ ପାଣିପାଗ, ଦେଶ ତଥା ରାଜ୍ୟର ଅର୍ଥନୈତିକ ସ୍ଥିତି, ଶାସନରେ ସ୍ଥିରତା, ସର୍ବୋପରି ଯୋଗ୍ୟ ପ୍ରାର୍ଥୀଙ୍କୁ ନିଜ ମାନଦଣ୍ଡରେ ପରଖୁଛନ୍ତି। ବର୍ତ୍ତମାନର ଯୁବ ଭୋଟର ଅନ୍ୟ ଦ୍ୱାରା ପ୍ରଭାବିତ ହେବା ପରିବର୍ତ୍ତେ ନିଜ ସ୍ୱାଧୀନ ମତଦାନ ଉପରେ ବିଶ୍ୱାସ ରଖୁଥିବା ମତପ୍ରକାଶ ପାଇଛି।

" ପ୍ରଥମ ଥର ପାଇଁ ମତଦାନ ସାବ୍ୟସ୍ତ କରିବାକୁ ଯାଉଥିଲେ ବି ମୋର ଭୋଟକୁ ସଦୁପଯୋଗ କରିବି। ନେତାଙ୍କ ଫାଙ୍କା ପ୍ରତିଶ୍ରୁତିରେ କେବେ ବିଶ୍ୱାସ କରିବି ନାହିଁ। ଆମେମାନେ ଏଭଳି ପ୍ରାର୍ଥୀଙ୍କୁ ଜିତାଇବା ଦରକାର, ଯିଏ ଆମକୁ ସୁଶାସନ ଦେବା ସହ ଦୁର୍ନୀତିମୁକ୍ତ ପ୍ରଶାସନିକ ବ୍ୟବସ୍ଥାର ପରିପନ୍ଥୀ ହେବ।



**ପୁଷ୍ପାଞ୍ଜଳି ସାହୁ, ଛାତ୍ରୀ, ଡିଏମ୍‌ଏଲ୍‌ଟି, ଏସ୍‌ସିବି ମେଡିକାଲ କଲେଜ**

" ଚଳିତବର୍ଷ ପ୍ରଥମଥର ମତଦାନ କରିବାକୁ ଯାଉଥିବାରୁ ଖୁବ୍ ଉତ୍ସାହିତ ଅଛି। ଗଣତନ୍ତ୍ରର ଭୋଟଦାନ ପର୍ବରେ ନିଜକୁ ସାମିଲ କରି ମୋର ମତାଧିକାର ସାବ୍ୟସ୍ତ କରିବି। ମୁଁ ଚାହିଁବି ଦେଶର ପ୍ରତ୍ୟେକ ଜନସାଧାରଣ ଏଥିରେ ଅଂଶଗ୍ରହଣ କରନ୍ତୁ। କାରଣ ପ୍ରତି ଭୋଟ ମୂଲ୍ୟବାନ। ଭୋଟଦାନରୁ କେହି ବିରତ ନ ରହି ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠାରେ ନିଜକୁ ସହଯୋଗୀ କରିବାକୁ ନିବେଦନ କରୁଛି।



**ମନୀଷା ରାଣୀ ବାରିକ, ଛାତ୍ରୀ, ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ**

" ପ୍ରଥମ ଥର ମତଦାନ ସାବ୍ୟସ୍ତ କରିବାକୁ ଯାଉଥିବାରୁ ମନରେ ଉତ୍ସୁକତା ରହିଛି। ଦେଶ ପ୍ରତି ନିଜର ଦାୟିତ୍ୱବୋଧ ରହିଛି। ମୋ ଭୋଟ, ମୋ ଅଧିକାର ପିଲାଟିବେଳୁ ଶୁଣି ଆସୁଥିଲେ। ହେଲେ ଆଜି ସେହି ସମୟ ଉପନୀତ। ନିଜେ ଭୋଟ ଦେବାର ସୁଯୋଗ ପାଇଥିବାରୁ ନିଜକୁ ଖୁବ୍ ଧନ୍ୟ ମନେକରୁଛି।



**ଅଙ୍କିତା ଆଚାର୍ଯ୍ୟ, ଛାତ୍ରୀ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

" ପ୍ରତ୍ୟେକ ନାଗରିକ ଭୋଟ ଦେବା ନିମନ୍ତେ ସାମ୍ବିଧାନିକ ଅଧିକାର ପାଇଛନ୍ତି। ନିଜର ଭୋଟ ଦେଶର ଭାଗ୍ୟ ବଦଳାଇବାରେ ସକ୍ଷମ। ଏକଥା ପ୍ରତ୍ୟେକେ ବୁଝିବା ଦରକାର। ବିଶେଷକରି ଶିକ୍ଷିତ ବର୍ଗ ନିଶ୍ଚିତ ଭାବେ ଭୋଟ ଦେବା ଆବଶ୍ୟକ। ଭୋଟଦାନର ହାର ବୃଦ୍ଧି ପାଇଲେ ନିଶ୍ଚିତ ଭାବେ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ସମ୍ଭବ ହୋଇପାରିବ।



**ଆକାଂକ୍ଷା ସାହାଣୀ, ଛାତ୍ରୀ, ଜେକେବିକେ ମହାବିଦ୍ୟାଳୟ**

" ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଶାସନ ପାଇଁ ମତଦାନରେ ମୋତେ ଭାଗନେବାକୁ ଅଧିକାର ମିଳିଛି। ଭୋଟରଙ୍କ ମତଦାନ ଆଗାମୀ ୫ ବର୍ଷ ନିମନ୍ତେ ଦେଶର ଭାଗ୍ୟ ନିର୍ଦ୍ଧାରଣ କରିବ। ଯୁବବର୍ଗଙ୍କ ଉନ୍ନତିରେ ଦେଶର ପ୍ରଗତି। ଏ କଥା ପ୍ରତ୍ୟେକ ବୁଝିବା ଦରକାର। ବିଶେଷକରି ଯେଉଁ ସଂଖ୍ୟା ଗରିଷ୍ଠ ଦଳ ସରକାର ଗଠନ କରିବ ସେମାନେ ଏଥିପ୍ରତି ଗୁରୁତ୍ୱ ଦେବା ନିହାତି ଆବଶ୍ୟକ।



**ଅନନ୍ୟା ଅପରାଜିତା ଦାସ, ଛାତ୍ରୀ, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ**

" ଦେଶର ବିକାଶ ପାଇଁ ଯୁବଶକ୍ତିର ଯୋଗଦାନ ଅପରିହାର୍ଯ୍ୟ। ଯୁବଶକ୍ତିକୁ ସବୁକ୍ଷେତ୍ରରେ ସାମିଲ କରାଯିବା ସହ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ଼ କରିବା ଦିଗରେ ସରକାର ଅଧିକ ଯୋଜନା କାର୍ଯ୍ୟକାରୀ କରାନ୍ତି। ମୂଲ୍ୟଯୁକ୍ତ ଶିକ୍ଷା ସହ ସେମାନଙ୍କ ନିଯୁକ୍ତି ସୁନିଶ୍ଚିତ କରାଇ ରୋଜଗାରକ୍ଷମ କରାଇବା ଏକ ପ୍ରମୁଖ ଲକ୍ଷ୍ୟ ହେଉ। ତେବେ ଆମ ମତଦାନର ମୂଲ୍ୟ ରହିବ।



**କାଶିସ କିରନ୍ ସାହୁ, ଛାତ୍ରୀ, ଅର୍ଥନୀତି ବିଜ୍ଞାନ, ଇମର୍ତ୍ତିଦେବୀ କଲେଜ**


ଇଣ୍ଡିଆନ୍ ବ୍ୟାଙ୍କ Indian Bank इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ,
ପୋ.: ମର୍କତ ନଗର, କଟକ - ୭୫୩୦୧୪
zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
{ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ

**ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ଏବଂ ଧାରା୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ **"ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.mstcecommerce.com

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ବକେୟା ପରିମାଣ / ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
| --- | --- | --- | --- | --- |
| ୧. | **କଟକ ମଧୁପାଟଣା ଶାଖା /** ଋଣଗ୍ରହୀତାମାନେ: ୧) ମେସର୍ସ ହେଲ୍‌ଥ ସଲ୍ୟୁସନ, ସ୍ୱତ୍ୱାଧିକାରୀ: ରଶ୍ମି ରଞ୍ଜନ ଦାସ, ପିତା: ପଦ୍ମ ଚରଣ ଦାସ, ପ୍ଲଟ୍ ନଂ.: ୮୭୦, ମହାନଦୀ ବିହାର, କଟକ-୭୫୩୦୦୪, ୨) ରଶ୍ମି ରଞ୍ଜନ ଦାସ (ବନ୍ଧକଦାତା), ପିତା: ପଦ୍ମ ଚରଣ ଦାସ, ସା: ମହାନଦୀ ବିହାର, ପ୍ଲଟ୍ ନଂ.: ୭୨୯, ନୟାବଜାର, କଟକ-୭୫୩୦୦୪ | ରଶ୍ମି ରଞ୍ଜନ ଦାସଙ୍କ ନାମରେ ଥିବା ସମ୍ପତ୍ତି (ଖାଲିଥିବା ଜମି)ର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୮୭/୩୯୦୫ ଏବଂ ୧୮୮/୩୯୦୬, ଖାତା ନଂ.: ୨୪୭/୧୬୨୫, ମୌଜା: ଉତ୍ତମପୁର, ଥାନା: କଟକ ସଦର ନଂ.: ୩୭, ତହସିଲ: କଟକ, ଜିଲ୍ଲା: କଟକ, **ସମୁଦାୟ କ୍ଷେତ୍ର: ଏକର୦.୦୮୦ଡିସିମିଲି,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୮୭ ଏବଂ ୧୮୮ରେ ହୋଇଥିବା ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୮୭ ଏବଂ ୧୮୮ର ଅଂଶ, ପୂର୍ବ: ପ୍ଲଟ୍ ନଂ.: ୧୮୮, ପଶ୍ଚିମ: ପ୍ଲଟ୍ ନଂ.: ୧୮୭ | ୩୦.୦୫.୨୦୨୩ / ୦୭.୦୮.୨୦୨୩ / ୦୪.୦୫.୨୦୨୪ ସୁଦ୍ଧା ଟ.୪୩,୩୦,୩୪୦/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଭୌତିକ | ଟ.୨୬.୬୬ ଲକ୍ଷ / ଟ.୨.୬୭ ଲକ୍ଷ / ଟ.୦.୧୦ ଲକ୍ଷ |
| ୨. | **କଟକ ମଧୁପାଟଣା ଶାଖା /** ଋଣଗ୍ରହୀତା: ସୁଦର୍ଶନ ଦାସ, ପିତା: ଦୁଃଶାସନଦାସ, ଋଣଗ୍ରହୀତା/ବନ୍ଧକଦାତା: ସଞ୍ଜୁକ୍ତା ଦାସ, ସ୍ୱାମୀ: ଦୁଃଶାସନ ଦାସ, ଉଭୟଙ୍କ ବାସସ୍ଥାନ ଠିକଣା-୧୨୦ ୧/ବି, ବିଶଲ୍ୟ କରଣୀ ଲେନ୍, ମଧୁପାଟଣା, କଟକ-୭୫୩୦୧୦ | ସଞ୍ଜୁକ୍ତା ଦାସ, ସ୍ୱାମୀ: ଦୁଃଶାସନ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୫୬, ଖାତା ନଂ.: ୮୬୧/୩୦୦, କ୍ଷେତ୍ର: ଏକର୦.୦୨୨.୫ ଡିସିମିଲି (୯୮୦.୧ ବର୍ଗଫୁଟ), ମୌଜା: କଟକ ସହର ୟୁନିଟ୍ ନଂ.: ୩୨, ଥାନା: ମଧୁପାଟଣା ନଂ.୦୭, ତହସିଲ: କଟକ ନଂ. ୨୩୧, ଜିଲ୍ଲା: କଟକ, ଏହାରଚାରିପାର୍ଶ୍ୱରେ- ଦକ୍ଷିଣ: ପ୍ଲଟ୍ ନଂ. ୪୫୦, ଉତ୍ତର: ରାସ୍ତା, ପଶ୍ଚିମ:ପ୍ଲଟ୍ ନଂ. ୪୫୦, ପୂର୍ବ: ପ୍ଲଟ୍‌ର ଅବଶିଷ୍ଟ ଅଂଶ | ୩୦.୦୮.୨୦୨୩/ ୦୮.୧୧.୨୦୨୩ / ୦୪.୦୫.୨୦୨୪ ସୁଦ୍ଧା ଟ.୧୩,୭୦,୪୧୬/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୪୬.୪୨ ଲକ୍ଷ / ଟ.୪.୬୪ ଲକ୍ଷ / ଟ.୦.୧୦ ଲକ୍ଷ |
| ୩. | **କଟକ କ୍ୟାଣ୍ଟେନମେଣ୍ଟ ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ଶ୍ରୀମତୀ ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ୨) ଶ୍ରୀ ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ୩) ଶ୍ରୀ ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସ, ସମସ୍ତଙ୍କ ବାସସ୍ଥାନ ଠିକଣା- ସା: ସୁବେଦାର ଲେନ୍, ପୋ: ବକ୍ସି ବଜାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୧ | ଶ୍ରୀମତୀ ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ଶ୍ରୀ ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ ଏବଂ ଶ୍ରୀ ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସଙ୍କ ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତାନଂ.: ୩୨୦-ଡ଼ି୧, ପ୍ଲଟ୍ ନଂ.: ୨୯୩/୯୩୦, କ୍ଷେତ୍ର: ଏକର୦.୦୦୬ ଡିସିମିଲି, ମ୍ୟୁଟେସନ ଖାତା ନଂ.: ୩୨୧-ଡ଼ି୧, ପ୍ଲଟ୍ ନଂ.: ୨୯୨/୯୨୯, କ୍ଷେତ୍ର: ଏକର୦.୦୦୯ ଡିସିମିଲି ୧/୨ କଡି ଏବଂ **ସମୁଦାୟ କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଏବଂ ୧/୨ କଡି,** କିସମ: ଘରବାରି, ମୌଜା: କଟକ ସହର ୟୁନିଟ୍ ନଂ.-୧୭, ମାଛୁଆବଜାର, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଡିଏସଆରଓ: କଟକ, ଜିଲ୍ଲା: କଟକ-୭୫୩୦୦୧, ଓଡ଼ିଶା, ବିକ୍ରୟ ଦଲିଲ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ-ଉତ୍ତର: ସୁରଜ କୁମାର ଦାସ, ପଶ୍ଚିମ: ରାସ୍ତା | ୧୯.୦୮.୨୦୨୩ / ୦୯.୦୨.୨୦୨୪ / ୦୪.୦୫.୨୦୨୪ ସୁଦ୍ଧା ଟ.୧୪,୧୨,୦୬୨/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୧.୨୭ ଲକ୍ଷ / ଟ.୨.୧୩ ଲକ୍ଷ / ଟ.୦.୧୦ ଲକ୍ଷ |

**ଇ-ନିଲାମ ତାରିଖ ଏବଂ ସମୟ: ୨୨.୦୫.୨୦୨୪ (ବୁଧବାର) ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

**ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୨୧.୦୫.୨୦୨୪ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)**

**ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୮.୦୫.୨୦୨୪ରିଖ ଠାରୁ ତା.୧୭.୦୫.୨୦୨୪ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ**

ନିୟମ ଓ ସର୍ତ୍ତାବଳୀ : ୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: https://www.mstcecommerce.com/auctionhome/ibapi/index.jsp and https://ibapi.in ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ ଶାଖାରେ ଯୋଗାଯୋଗ କରିପାରିବେ। ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ ୧୫ ଦିନିଆ ନୋଟିସ୍ ଅଟେ। ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ। ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ।

**ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।**

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

**ସ୍ଥାନ: କଟକ, ତାରିଖ: ୦୪.୦୫.୨୦୨୪** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଭୁବନେଶ୍ୱର,୫।୫ (ସୂର୍ଯ୍ୟକାନ୍ତବେହେରା)**

ବ୍ରାଉନସୁଗାର ଧରି ଗ୍ରାହକ ଅପେକ୍ଷାରେ ଥିବାବେଳେ ଖଣ୍ଡଗିରି ଥାନା ପୋଲିସ ସ୍ଥାନୀୟ ଏକ ହୋଟେଲ ନିକଟରେ ଚଢାଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜାଗମରା ଅଞ୍ଚଳର ଶକ୍ତି ପ୍ରସାଦ ଜେନା। ତାଙ୍କଠାରୁ ୨୦ଗ୍ରାମ ବ୍ରାଉନସୁଗାର, ନଗଦ ୩୬୦୦ ଟଙ୍କା ଓ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଜବତ ହୋଇଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟ ୨ ଲକ୍ଷ ହେବ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ପ୍ରଥମ ସ୍ତ୍ରୀଙ୍କୁ ଧମକ: ଦ୍ୱିତୀୟ ସ୍ତ୍ରୀ ସହ ସ୍ୱାମୀ ଗିରଫ

**ଭୁବନେଶ୍ୱର,୫।୫ (ସୂର୍ଯ୍ୟକାନ୍ତ ବେହେରା)**

ଦ୍ୱିତୀୟ ସ୍ତ୍ରୀ ସହ ମିଶି ପ୍ରଥମ ସ୍ତ୍ରୀଙ୍କୁ ଗାଳିଗୁଲଜ ଓ ଧମକଚମକ ଦେଇଥିଲେ। ଏନେଇ ଅଭିଯୋଗ ପରେ ଭରତପୁର ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀ ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ ଗିରଫ କରିଛି। ସେମାନେ ହେଲେ କୋଳଥିଆ ଜଗନ୍ନାଥ ମନ୍ଦିର ନିକଟରେ ରହୁଥିବା ଶିବ ସାହୁ ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀ ସସ୍ମିତା ସାହୁ। ସୂଚନା ଅନୁସାରେ, ଅଭିଯୋଗକାରିଣୀ ଯମୁନା ସାହୁ ଅଭିଯୁକ୍ତ ଶିବଙ୍କୁ ଗତ ୨୦୧୦ ମସିହାରେ ବିବାହ କରିଥିଲେ। ବିବାହର କିଛିବର୍ଷ ପରେ ଅଭିଯୁକ୍ତ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏନେଇ ଯମୁନା ସ୍ୱାମୀ ଶିବଙ୍କ ବିରୋଧରେ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ଏହାସତ୍ତ୍ୱେ ନିର୍ଯାତନା ଅସହ୍ୟ ହେବାରୁ ଯମୁନା ଦୁଇ ପିଲାଙ୍କୁ ନେଇ ବାପଘରକୁ ପଳାଇଥିଲେ। ଶିବ କଟକ ନରାଜସ୍ଥିତ ସିଦ୍ଧେଶ୍ୱର ମନ୍ଦିରରେ ସସ୍ମିତା ସାହୁଙ୍କୁ ଦ୍ୱିତୀୟ ବିବାହ କରିଥିଲେ। କିନ୍ତୁ କୋର୍ଟରେ ମାମଲା ଥିବାରୁ ଯମୁନା ଓ ଅଭିଯୁକ୍ତ ଶିବଙ୍କ ସହିତ ବିବାହ ବିଚ୍ଛେଦ ସମ୍ପୂର୍ଣ୍ଣ ହୋଇ ନ ଥିଲା। ତେବେ ସ୍ୱାମୀ ଶିବ ଦ୍ୱିତୀୟ ବିବାହ କରିଥିବା ଖବର ଶୁଣିବା ପରେ ଯମୁନା ତାଙ୍କ ଭାଇଙ୍କ ସହିତ କୋଳଥିଆସ୍ଥିତ ଘରକୁ ଆସିଥିଲେ। ସେଠାରେ ଅଭିଯୁକ୍ତ ସ୍ୱାମୀ ଶିବ ଦ୍ୱିତୀୟ ସ୍ତ୍ରୀଙ୍କ ସହ ମିଶି ଯମୁନା ଓ ତାଙ୍କ ଭାଇଙ୍କୁ ଧମକ ଦେଇଥିଲେ।

### ନିରଞ୍ଜନଙ୍କ ସ୍ମୃତିରେ ଆର୍ଥିକ ସହାୟତା ପ୍ରଦାନ



**ଟାଙ୍ଗୀ,୫।୫ (ରଘୁନାଥ ସାହୁ)**

ବଡ଼ପାରୀ ଗ୍ରାମର ରାମଚନ୍ଦ୍ର ବଳିୟାରସିଂହଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ନିରଞ୍ଜନ ଧଳଙ୍କ ସ୍ମୃତିରେ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରାମଚନ୍ଦ୍ରଙ୍କ ପରିବାର ଗରିବ ହୋଇଥିବାରୁ ଏହି ସହାୟତା ପ୍ରଦାନ କରାଯାଇଛି। ନିରଞ୍ଜନ ଧଳଙ୍କ ସ୍ମୃତିରେ ତାଙ୍କ ଭାଇ ରମେଶ ପ୍ରସାଦ ଧଳ, ଉମେଶ ପ୍ରସାଦ ଧଳ ଓ ପୁତୁରା ସବ୍ୟସାଚୀ ଧଳ ରାମଚନ୍ଦ୍ରଙ୍କ ପରିବାରକୁ ଭେଟି ସହାୟତାର ହାତ ବଢ଼ାଇଛନ୍ତି।

# ଶାମ୍‌ପୁରରେ ୬୮ ଏକର ପୁଣି କବ୍‌ଜା

## ନିର୍ବାଚନ ଆଳରେ ବିଡିଏ ଚୁପ୍, ମାଡ଼ିଗଲେଣି ଜବରଦଖଲକାରୀ

**ଭୁବନେଶ୍ୱର,୫।୫ (ବନ୍ଦନା ସେଠୀ)**

ଶାମ୍‌ପୁର ମୌଜାରେ ଥିବା ମୂଲ୍ୟବାନ ୬୮ ଏକର ସରକାରୀ ଜମିରୁ ଜବରଦଖଲ ହଟାଇବାରେ ବିଡିଏ ବାରମ୍ବାର ବିଫଳ ହେଉଛି। ବାହାନା ପରେ ବାହାନା ଦେଖାଇ ଜବରଦଖଲ ଉଚ୍ଛେଦକୁ ଟାଳିବାରେ ଲାଗିଛି। ପ୍ରଥମେ ଏକାମ୍ର ଉତ୍ସବ ପରେ ବିଧାନସଭା ପାଇଁ ପୋଲିସ ନ ମିଳିବାର ବାହାନା ପରେ ଏବେ ନିର୍ବାଚନକୁ ଆଳ କରି ଚୁପ୍ ବସିଛି। ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିବାରୁ ଏବେ କୌଣସି ଉଚ୍ଛେଦ ହେବନାହିଁ। ନିର୍ବାଚନ ସରିବା ପରେ ଏନେଇ କିଛି ପଦକ୍ଷେପ ନିଆଯିବ ବୋଲି ବିଡିଏ ଅଧିକାରୀ କହିଛନ୍ତି। ଅପରପକ୍ଷେ ବିଲେଇ କପାଳକୁ ସିକା ଛିଡିବା ପରି ଏବେ ନିର୍ବାଚନ ପ୍ରସଙ୍ଗ ଜବରଦଖଲକାରୀଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଆଣି ଦେଇଛି। ପୂର୍ବରୁ ଯେଉଁଠି ୨୯/୩୦ଟି ଘର ତିଆରି ହୋଇଥିଲା ଏବେ ସେଠାରେ ୨ଶହରୁ ଊର୍ଦ୍ଧ୍ୱ ନିର୍ମାଣ ହୋଇଗଲାଣି। ତେବେ ୧୪୪ଧାରା ଲାଗୁହେବା ପରେ ମଧ୍ୟ ଜବରଦଖଲକାରୀମାନେ ବେଆଇନ୍ ନିର୍ମାଣ ଜାରି ରଖିବା ଏବଂ ସବୁ ଜାଣିଶୁଣି ବିଡିଏ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଶ୍ୟାମପୁର ମୌଜାରେ ବିଡିଏର ପ୍ରାୟ ୬୮ଏକର ଜମି ଥିଲା। ବିଡିଏ ଏଠାରେ ହାଉସିଂ ପ୍ରୋଜେକ୍ଟ କରିବାକୁ ପାଚେରି ମଧ୍ୟ ବୁଲାଇଥିଲା। ମାତ୍ର ଏହାସତ୍ତ୍ୱେ ଜମି ଜବରଦଖଲକୁ ଚାଲିଗଲା। ଜମି ଦଲାଲମାନେ ବିଡିଏ ଜମିକୁ ନିଜ କବ୍‌ଜାକୁ ନେଇ ପ୍ଲଟିଂ କରି ଅନ୍ୟମାନଙ୍କୁ ବିକିଦେଲେ। ଅନେକ ଘର ମଧ୍ୟ ନିର୍ମାଣ ହେଲା। ତେବେ ଘଟଣା ନେଇ ଅଭିଯୋଗ ହେବା ପରେ ବିଡିଏର ଏକ ଟିମ୍ ଶାମ୍‌ପୁର ଗସ୍ତରେ ଯାଇ ସର୍ଭେ କରି ରିପୋର୍ଟ ଦେଲେ।

ଏନେଇ ଇଓଡବ୍ଲ୍ୟୁଓରେ ମଧ୍ୟ ଏତଲା ଦିଆଗଲା। ପରେ ବିଡିଏର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସେଠାକୁ ଯାଇ ଗୋଟିଏ ଘର ଭାଙ୍ଗି ଚାଲିଆସିଲା। ମାତ୍ର ଜବରଦଖଲ ନ ହଟିବାରୁ ପରେ ଜଏଣ୍ଟ ସର୍ଭେ କରାଯାଇ ସେଠାରେ ୧୪୪ ଧାରା ଜାରି କରାଗଲା। ସମ୍ପୃକ୍ତ ଜମି ବିଡିଏର ହୋଇଥିବାରୁ ସେଠାରେ ପ୍ରବେଶ ନିଷେଧ ବୋଲି ବୋର୍ଡ ମରାଗଲା। ଏପରିକି ୨ଜଣ ସିକ୍ୟୁରିଟିଙ୍କୁ ମଧ୍ୟ ଜଗାଗଲା। ମାତ୍ର ଯଥା ପୂର୍ବଂ ତଥା ପରମ୍ ନୀତିରେ ଶାମ୍‌ପୁରରେ ଜବରଦଖଲ ହଟିବା ପରିବର୍ତ୍ତେ ଦିନକୁ ଦିନ ବଢି ଚାଲିଛି। ସହରର ଅନ୍ୟାନ୍ୟ ଅଞ୍ଚଳରେ ଜବରଦଖଲ ହଟାଉଥିବା ବିଡିଏ ଶାମପୁର ନେଇ ଜବରଦଖଲକୁ ଅନୁକମ୍ପା ଦେଖାଇ ଚାଲିଛନ୍ତି। ନିର୍ବାଚନ ସରିବା ପରେ ଉଚ୍ଛେଦ କରାଯିବ ବୋଲି ଅଧିକାରୀ କହୁଥିବାବେଳେ ସେତେବେଳକୁ ସେଠାରେ ଅଘୋଷିତ ବସ୍ତି ସୃଷ୍ଟି ହୋଇଯିବ ବୋଲି ଆଶଙ୍କା କରାଯାଉଛି। ସବୁଠାରୁ ବଡ କଥା ହେଉଛି ଦୀର୍ଘଦିନ ଧରି ଏହି ଜମିରେ ଜବରଦଖଲ ଚାଲିଥିବାବେଳେ ବିଡିଏର ବ୍ଲୁଇସ୍ ସେଲ୍ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ଧୀରେ ଧୀରେ ପୂରା ୬୮ଏକର ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲି ଗଲାଣି।

# ବିଜେଡିର କର୍ମୀ ସମ୍ମିଳନୀ



ବିଜେଡି ବିଧାୟକ ପ୍ରାର୍ଥୀ ବିଭୂତି ବଳବନ୍ତରାୟ ଉଦ୍‌ବୋଧନ ଦେଉଛନ୍ତି।

**ଜଟଣୀ,୫।୫ (ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀସ୍ଥିତ ମା' ଖଣ୍ଡୁଆଳି ମନ୍ଦିର ପରିସରରେ ରବିବାର ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଲୋକ ସଭା ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ଏବଂ ଜଟଣୀ ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇଥିଲେ। ଏହି ଅବସରରେ ଜଟଣୀ ନିର୍ବାଚନମଣ୍ଡଳୀ ଅଞ୍ଚଳର ବହୁ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିଲେ। ଘରକୁ ଘର ଯାଇ ଭୋଟରଙ୍କୁ ନିଜ ଦଳ ସପକ୍ଷରେ ଭୋଟ ପାଇଁ କିପରି ପ୍ରଭାବିତ କରିବେ ସେନେଇ ଆଲୋଚନା କରାଯାଇଥିଲା। ଉଭୟ ପ୍ରାର୍ଥୀ ନିଜ ସପକ୍ଷରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ସମ୍ମିଳନୀରେ ବହୁ କର୍ମୀ ଏବଂ ସଙ୍ଗଠକ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ ଆରମ୍ଭ



**ଭୁବନେଶ୍ୱର, ୫।୫ (ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଏକାଡେମୀର ୪୧ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ କଳିଙ୍ଗ ଆର୍ଟ ଗ୍ୟାଲେରୀରେ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଦର୍ଶନୀକୁ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ଚିତ୍ରଶିଳ୍ପୀ ବିନୋଦ ମହାରଣା, ଧର୍ମପଦ ପୁରସ୍କାରପ୍ରାପ୍ତ ଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ଉଦ୍‌ଘାଟନ କରିଥିଲେ।

ଓଡ଼ିଶାର ଚିତ୍ର ଓ ଭାସ୍କର୍ଯ୍ୟ କଳା ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଯୁବ ଶିଳ୍ପୀମାନେ ନିଜ କଳାକୃତି ମାଧ୍ୟମରେ ଏହାକୁ ଆହୁରି ଅଧିକ ପରିପୁଷ୍ଟ କରିବେ ବୋଲି ଅତିଥିମାନେ ଆଶାପ୍ରକାଶ କରିଥିଲେ। ଏକାଡେମୀ ସଚିବ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ କରିଥିଲେ। ପ୍ରଦର୍ଶନୀରେ ୪୧ତମ ରାଜ୍ୟ ପୁରସ୍କାର ପାଇଥିବା ଶିଳ୍ପୀଙ୍କ ଛବି ଓ ଭାସ୍କର୍ଯ୍ୟ ସ୍ଥାନ ପାଇଛି। ମୋଟ ୮୮ଟି ଚିତ୍ରକଳା, ୩୫ଟି ଭାସ୍କର୍ଯ୍ୟ, ୧୨ଟି ମୁଦ୍ରଣ କଳା ଓ ୮ଟି ପାରମ୍ପରିକ କଳା ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଶତାଧିକ ଅଟୋ ଯାଞ୍ଚ: ୫ ଜବତ, ଚାଳକଙ୍କୁ ଜରିମାନା

**ପୁରୀ, ୫।୫ (ଅଜିତ ମହାନ୍ତି)**

ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ସନ୍ଧ୍ୟାରେ ପୁରୀ ସହରର ସି ବିଚ୍ ଅଞ୍ଚଳରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ପୋଲିସ ପକ୍ଷରୁ ମିଳିତ ଭାବେ ଅଟୋ ଯାଞ୍ଚ କରାଯାଇଥିଲା। ଶତାଧିକ ଅଟୋ ଯାଞ୍ଚ କରାଯାଇଥିବାବେଳେ ୫ଟି ଅମାନିଆ ଅଟୋରିକ୍ସାକୁ ଜବତ କରାଯିବା ସହ ସମ୍ପୃକ୍ତ ଚାଳକମାନଙ୍କୁ ଅଟକ ରଖାଯାଇଛି। ସେମାନଙ୍କଠାରୁ ବିଭିନ୍ନ କେସ୍‌ରେ ସମୁଦାୟ ୭୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇ ଆଗକୁ ଗାଡ଼ିର ଅପ୍‌ଡେଟ ଲାଇସେନ୍ସ ସହିତ ପାର୍କିଂ ନିୟମ, ଚାଳକ ମୋବାଇଲ୍ ବ୍ୟବହାର ନ କରିବା, ନିର୍ଦ୍ଧାରିତ ଦରରେ ଭଡ଼ା ନେବା, ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଇତ୍ୟାଦିକୁ କଡ଼ାକଡ଼ି ଭାବେ ପାଳନ ପାଇଁ ତାଗିଦ୍ କରାଯାଇଛି। ଏ ନେଇ ସ୍ୱେଶାଲ ସର୍କିଟ ହାଉସଠାରେ ଜିଲା ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଟ୍ରାଫିକ ଓ ସି ବିଚ୍ ଥାନାର ଭାରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ। ଆଗକୁ ଗାଡ଼ି କାଗଜପତ୍ର ଅପ୍‌ଡେଟ ନ ରଖିଲେ ଓ ଟ୍ରାଫିକ ନିୟମ ନ ମାନିଲେ ସମ୍ପୃକ୍ତ ଅଟୋ ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

# ବ୍ଲକସ୍ତରୀୟ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ



ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ରାଜେନ୍ଦ୍ର ସାହୁ ଏବଂ ଅନ୍ୟମାନେ।

**ଟାଙ୍ଗୀ,୫।୫ (ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଛକରେ ରବିବାର ବିଜେଡିର ବ୍ଲକସ୍ତରୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ବିଧାନସଭା ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ ଉକ୍ତ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଅଶୋକ ମହାପାତ୍ର, ନୀଳକଣ୍ଠ ବେହେରା, ମହେନ୍ଦ୍ର କୁମାର ସାହୁ, ରମେଶ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଯୋଗଦେଇଥିଲେ। ଆସନ୍ତା ୯ ତାରିଖ ଅପରାହ୍ନ ୪ଟାରେ ଚିଲିକା ଷ୍ଟାଡିୟମଠାରେ ବିଜେଡିର ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ଏଥିରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ବହୁ ମହିଳା, ଯୁବ କର୍ମୀ ଉପସ୍ଥିତ ଥିଲେ।

# ପୁରୁଷୋତ୍ତମଙ୍କ ଅନୁକମ୍ପାରେ ଉତ୍କଳ କ୍ଷେତ୍ର ପୁଣ୍ୟଭୂମି

## 'ବ୍ରହ୍ମପୁରାଣରେ ଉତ୍କଳକ୍ଷେତ୍ରର ବର୍ଣ୍ଣନା' ଶୀର୍ଷକ ଆଲୋଚନାଚକ୍ର

**ପୁରୀ,୫।୫ (ଅଜିତ୍ ମହାନ୍ତି):** ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନା ଚକ୍ରରେ 'ବ୍ରହ୍ମପୁରାଣରେ ଉତ୍କଳକ୍ଷେତ୍ରର ବର୍ଣ୍ଣନା' ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଡ. ନୃସିଂହ ଚରଣ ସାହୁ ସଭାପତିତ୍ୱ କରିଥିଲେ। ଡ. ଶ୍ରୀନିବାସ ଆଚାର୍ଯ୍ୟ, ଅଧ୍ୟାପିକା ବାସନ୍ତୀ ଦେବୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଆଲୋଚନା ହୋଇଥିଲା ଯେ, ବ୍ରହ୍ମପୁରାଣର ପୂର୍ବଭାଗସ୍ଥ ୪୨ ଅଧ୍ୟାୟରେ ବ୍ରହ୍ମାଋଷି ସମ୍ବାଦ ପ୍ରକରଣରେ ଉତ୍କଳକ୍ଷେତ୍ର ବିଷୟ ବର୍ଣ୍ଣିତ ଯାହା ବିରଜା କ୍ଷେତ୍ରରୁ ଆରମ୍ଭ, ବିରଜ ନାମକ କ୍ଷେତ୍ରରେ ବିରଜା ନାମକ ମାତା ବ୍ରାହ୍ମଣୀ ପ୍ରତିଷ୍ଠିତା। ତାଙ୍କ ଦର୍ଶନ କଲେ ମନୁଷ୍ୟ ସ୍ୱୟଂ ବ୍ରହ୍ମଲୋକ ପ୍ରାପ୍ତ ହୁଏ। ସେଠାରେ ସର୍ବପାପ ହାରିଣୀ ବୈତରଣୀ ନଦୀ ରହିଛି। ବରାହ ରୂପୀ ସ୍ୱୟଂଭୂ ହରି ମଧ୍ୟ ସେଠାରେ ବିରାଜମାନ କରନ୍ତି। ତାଙ୍କୁ ପ୍ରଣାମ କରିବା ଦ୍ୱାରା ମନୁଷ୍ୟ ବିଷ୍ଣୁଲୋକକୁ ଯାଏ। ବିରଜା କ୍ଷେତ୍ରରେ ପିଣ୍ଡଦାନରେ ପିତର ଅକ୍ଷୟ ତୃପ୍ତି ପ୍ରାପ୍ତ ହୁଏ। ସମୁଦ୍ର ଉତ୍ତରତଟରେ ପାପନାଶନ, ମୋକ୍ଷଦାୟକ, ପରମଗୁପ୍ତ, ବାଲୁକାମୟ, ସର୍ବକାମପ୍ରଦ, ଦଶଯୋଜନ ବିସ୍ତୃତ ଦୁର୍ଲଭ ଉତ୍କଳ କ୍ଷେତ୍ର ରହିଛି। ଏହି କ୍ଷେତ୍ର ବୃକ୍ଷମାନଙ୍କ ଦ୍ୱାରା ସୁଶୋଭିତ। ସବୁ ଋତୁରେ ଏଠାରେ ବୃକ୍ଷ ଫଳପୁଷ୍ପରେ ପରିପୂର୍ଣ୍ଣ ଥାଏ। ଆଲୋଚନାଚକ୍ରରେ ଡ. ଭାସ୍କର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ବିନୋଦ କୁମାର ପଣ୍ଡା, ସତ୍ୟନାରାୟଣ ମିଶ୍ର, ଅନାମ ଚନ୍ଦ୍ର ସାହୁ, ଡ. ଦେବରାଜ ପ୍ରଧାନ, ନବକିଶୋର ଶତପଥୀ, ଅଶୋକ ଆଢ୍ୟ, ସୁନୀଲ ମିଶ୍ର, ରଞ୍ଜିତା ମହାପାତ୍ର, ଦେବେନ୍ଦ୍ର ଘଟୁଆରୀ, ଦେବାଶିଷ ଖୁଣ୍ଟିଆ, ରବୀନ୍ଦ୍ରନାଥ ମହାନ୍ତି ଅଂଶଗ୍ରହଣ କରିଥିଲେ।

## ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ

# ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରାଜଭବନ

**ଭୁବନେଶ୍ୱର,୫।୫ (ସତ୍ୟଜିତ୍ ରାଉତ)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱତନ୍ତ୍ର ବିମାନ ଯୋଗେ ରବିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଦୁଇଦିନ ପାଇଁ ସେ ଓଡ଼ିଶା ଗସ୍ତରେ ଆସିଥିବା ବେଳେ କମିଶନରେଟ ପୋଲିସ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଧାନମନ୍ତ୍ରୀ ରାଜଭବନରେ ରାତିଯାପନ କରିବେ ଓ ସକାଳେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିପାଇଁ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରାଜଭବନକୁ ରଖାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ତାଙ୍କ ସ୍ୱେଶାଲ ପ୍ରୋଟେକ୍ସନ ଗ୍ରୁପ୍‌ଙ୍କ ସହ ଏୟାରପୋର୍ଟ ସିଆଇଏସ୍‌ଏଫ୍, ରାଜଭବନ ସିକ୍ୟୁରିଟି ୱିଙ୍ଗ୍ ଓ ଭୁବନେଶ୍ୱର ପୋଲିସ ମିଳିତ ଭାବେ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ଏୟାରପୋର୍ଟରେ ଭୁବନେଶ୍ୱର ପୋଲିସ ଓ ସିଆଇଏସଏଫ୍ ମିଳିତ ସହଯୋଗରେ ଆକ୍ସେସ୍ କଣ୍ଟ୍ରୋଲ କରିବା ବ୍ୟବସ୍ଥା କରାଯାଇ ରୁଟ୍ ଲାଇନ୍‌କୁ ନାକା କରାଯାଇ ସମସ୍ତ ଯାନବାହନକୁ ଯାଞ୍ଚ କରାଯିବ। ଏଥିସହ ରୁଟ୍ ଲାଇନରେ ମଧ୍ୟ ଟ୍ରାଫିକ ଡିସିପି ରହି ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବେ। ସହରର ଉଚ୍ଚ କୋଠା ଉପରେ ସୁରକ୍ଷା କର୍ମୀମାନେ ନଜର ରଖିଛନ୍ତି। ଏୟାରପୋର୍ଟ, ରାଜଭବନ ଓ ରୁଟ୍ ଲାଇନକୁ ନୋ ଫ୍ଲାଇଁ ଜୋନ୍ କରାଯାଇଛି। କମିଶନରେଟ ପୋଲିସ ପକ୍ଷରୁ ବ୍ଲୁ ବୁକ୍ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଡଗ୍ ସ୍କ୍ୱାଡ୍, ବମ୍ ସ୍କ୍ୱାଡ୍ ଆଦିକୁ ନିୟୋଜିତ କରାଯାଇଛି। ଭୁବନେଶ୍ୱର ଡିସିପିଙ୍କ ନେତୃତ୍ୱରେ ୫ଜଣ ଡିସିପି, ୫ ଜଣ ଅତିରିକ୍ତ ଡିସିପି, ୧୩ଜଣ ଏସିପି, ୨୧ ଜଣ ଇନ୍‌ସ୍ପେକ୍ଟର, ୯୩ଜଣ ଓଆର୍ ପୋଲିସ କର୍ମଚାରୀ, ୨୫ ପ୍ଲାଟୁନ୍ ଫୋର୍ସ, ଗୋଟିଏ କମ୍ପାନୀ ସିଆର୍‌ପିଏଫ୍ ନିୟୋଜିତ କରାଯାଇଛି। ସେହିପରି କୌଣସି ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ୨ ୟୁନିଟ୍ ଏସ୍‌ଡିଓ ମୁତୟନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କିପରି ଶାନ୍ତି ଶୃଙ୍ଖଳାରେ ହେବ ସେଥିପ୍ରତି ସମସ୍ତ ଦିଗକୁ ନେଇ କମିଶନରେଟ ପୋଲିସ ସଜାଗ ରହିଛି।


ଇଣ୍ଡିଆନ ବ୍ୟାଙ୍କ Indian Bank | इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ,
ପୋ.: ମର୍କତ ନଗର, କଟକ - ୭୫୩୦୧୪
zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
{ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ

**ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ **"ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.mstcecommerce.com

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ବକେୟା ପରିମାଣ / ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **କଟକ ମଧୁପାଟଣା ଶାଖା /** **ଋଣଗ୍ରହୀତାମାନେ: ୧) ମେସର୍ସ ହେଲ୍‌ଥ ସଲ୍ୟୁସନ, ସ୍ୱତ୍ୱାଧିକାରୀ: ରଶ୍ମି ରଞ୍ଜନ ଦାସ,** ପିତା: ପଦ୍ମ ଚରଣ ଦାସ, ପ୍ଲଟ୍ ନଂ.: ୮୭୦, ମହାନଦୀ ବିହାର, କଟକ-୭୫୩୦୦୪, **୨) ରଶ୍ମି ରଞ୍ଜନ ଦାସ (ବନ୍ଧକଦାତା),** ପିତା: ପଦ୍ମ ଚରଣ ଦାସ, ସା: ମହାନଦୀ ବିହାର, ପ୍ଲଟ୍ ନଂ.: ୭୨୯, ନୟାବଜାର, କଟକ-୭୫୩୦୦୪ | **ରଶ୍ମି ରଞ୍ଜନ ଦାସଙ୍କ** ନାମରେ ଥିବା ସମ୍ପତ୍ତି (ଖାଲିଥିବା ଜମି)ର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୮୭/୩୯୦୫ ଏବଂ ୧୮୮/୩୯୦୬, ଖାତା ନଂ.: ୨୪୭/୧୬୨୫, ମୌଜା: ଉଭମପୁର, ଥାନା: କଟକ ସଦର ନଂ.: ୩୭, ତହସିଲ: କଟକ, ଜିଲ୍ଲା: କଟକ, **ସମୁଦାୟ କ୍ଷେତ୍ର: ଏକର୦.୦୮୦ଡିସିମିଲି,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୮୭ ଏବଂ ୧୮୮ରେ ହୋଇଥିବା ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୮୭ ଏବଂ ୧୮୮ର ଅଂଶ, ପୂର୍ବ: ପ୍ଲଟ୍ ନଂ.: ୧୮୮, ପଶ୍ଚିମ: ପ୍ଲଟ୍ ନଂ.: ୧୮୭ | ୩୦.୦୫.୨୦୨୩ / ୦୭.୦୮.୨୦୨୩ / ୦୪.୦୫.୨୦୨୪ ସୁଦ୍ଧା ଟ.୪୩,୩୦,୩୪୦/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଭୌତିକ | ଟ.୨୬.୬୬ ଲକ୍ଷ / ଟ.୨.୬୭ ଲକ୍ଷ / ଟ.୦.୧୦ ଲକ୍ଷ |
| ୨. | **କଟକ ମଧୁପାଟଣା ଶାଖା /** **ଋଣଗ୍ରହୀତା: ସୁଦର୍ଶନ ଦାସ,** ପିତା: ଦୁଃଶାସନଦାସ, **ଋଣଗ୍ରହୀତା/ବନ୍ଧକଦାତା: ସଞ୍ଜୁକ୍ତା ଦାସ,** ସ୍ୱାମୀ: ଦୁଃଶାସନ ଦାସ, ଉଭୟଙ୍କ ବାସସ୍ଥାନ ଠିକଣା-୧୨୦ ୧/ବି, ବିଶଲ୍ୟ କରଣୀ ଲେନ୍, ମଧୁପାଟଣା, କଟକ-୭୫୩୦୧୦ | **ସଞ୍ଜୁକ୍ତା ଦାସ,** ସ୍ୱାମୀ: ଦୁଃଶାସନ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୫୬, ଖାତା ନଂ.: ୮୬୧/୩୦୦, କ୍ଷେତ୍ର: ଏକର୦.୦୨୨.୫ ଡିସିମିଲି (୯୮୦.୧ ବର୍ଗଫୁଟ), ମୌଜା: କଟକ ସହର ୟୁନିଟ୍ ନଂ.: ୩୨, ଥାନା: ମଧୁପାଟଣା ନଂ.୦୭, ତହସିଲ: କଟକ ନଂ. ୨୩୧, ଜିଲ୍ଲା: କଟକ, ଏହାରଚରିପାର୍ଶ୍ୱରେ- ଦକ୍ଷିଣ: ପ୍ଲଟ୍ ନଂ. ୪୫୦, ଉତ୍ତର: ରାସ୍ତା, ପଶ୍ଚିମ:ପ୍ଲଟ୍ ନଂ. ୪୫୦, ପୂର୍ବ: ପ୍ଲଟ୍‌ର ଅବଶିଷ୍ଟ ଅଂଶ | ୩୦.୦୮.୨୦୨୩/ ୦୮.୧୧.୨୦୨୩ / ୦୪.୦୫.୨୦୨୪ ସୁଦ୍ଧା ଟ.୧୩,୭୦,୪୧୬/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୪୬.୪୨ ଲକ୍ଷ / ଟ.୪.୬୪ ଲକ୍ଷ / ଟ.୦.୧୦ ଲକ୍ଷ |
| ୩. | **କଟକ କ୍ୟାଣ୍ଟେନମେଣ୍ଟ ଶାଖା /** **ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ଶ୍ରୀମତୀ ମମତା ଦାସ,** ସ୍ୱାମୀ: ୰ ଶରତ କୁମାର ଦାସ, **୨) ଶ୍ରୀ ସୁବ୍ରତ କୁମାର ଦାସ,** ପିତା: ୰ ଶରତ କୁମାର ଦାସ, **୩) ଶ୍ରୀ ପ୍ରିୟବ୍ରତ ଦାସ,** ପିତା: ୰ ଶରତ କୁମାର ଦାସ, ସମସ୍ତଙ୍କ ବାସସ୍ଥାନ ଠିକଣା- ସା: ସୁବେଦାର ଲେନ୍, ପୋ: ବକ୍ସି ବଜାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୧ | **ଶ୍ରୀମତୀ ମମତା ଦାସ,** ସ୍ୱାମୀ: ୰ ଶରତ କୁମାର ଦାସ, **ଶ୍ରୀ ସୁବ୍ରତ କୁମାର ଦାସ,** ପିତା: ୰ ଶରତ କୁମାର ଦାସ ଏବଂ **ଶ୍ରୀ ପ୍ରିୟବ୍ରତ ଦାସ,** ପିତା: ୰ ଶରତ କୁମାର ଦାସଙ୍କ ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତାନଂ.: ୩୨୦-ଡ଼ି୧, ପ୍ଲଟ୍ ନଂ.: ୨୯୩/୯୩୦, କ୍ଷେତ୍ର: ଏକର୦.୦୦୬ ଡିସିମିଲି, ମ୍ୟୁଟେସନ ଖାତା ନଂ.: ୩୨୧-ଡ଼ି୧, ପ୍ଲଟ୍ ନଂ.: ୨୯୨/୯୨୯, କ୍ଷେତ୍ର: ଏକର୦.୦୦୯ ଡିସିମିଲି ୧/୨ କଡି ଏବଂ **ସମୁଦାୟ କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଏବଂ ୧/୨ କଡି,** କିସମ: ଘରବାରି, ମୌଜା: କଟକ ସହର ୟୁନିଟ୍ ନଂ.-୧୭, ମାଛୁଆବଜାର, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଡିଏସ୍‌ଆରଓ: କଟକ, ଜିଲ୍ଲା: କଟକ-୭୫୩୦୦୧, ଓଡ଼ିଶା, ବିକ୍ରୟ ଦଲିଲ ଅନୁଯାୟୀ ଏହାର ଚରିପାର୍ଶ୍ୱରେ-ଉତ୍ତର: ସୁରଜ କୁମାର ଦାସ, ପଶ୍ଚିମ: ରାସ୍ତା | ୧୯.୦୮.୨୦୨୩ / ୦୯.୦୨.୨୦୨୪ / ୦୪.୦୫.୨୦୨୪ ସୁଦ୍ଧା ଟ.୧୪,୧୨,୦୬୨/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୧.୨୭ ଲକ୍ଷ / ଟ.୨.୧୩ ଲକ୍ଷ / ଟ.୦.୧୦ ଲକ୍ଷ |

**ଇ-ନିଲାମ ତାରିଖ ଏବଂ ସମୟ: ୨୨.୦୫.୨୦୨୪ (ବୁଧବାର) ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

**ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୨୧.୦୫.୨୦୨୪ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)**

**ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୮.୦୫.୨୦୨୪ରିଖ ଠାରୁ ତା.୧୭.୦୫.୨୦୨୪ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ**

ନିୟମ ଓ ସର୍ତ୍ତାବଳୀ : ୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: https://www.mstcecommerce.com/auctionhome/ibapi/index.jsp and https://ibapi.in ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ ଶାଖାରେ ଯୋଗାଯୋଗ କରିପାରିବେ। ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ ୧୫ ଦିନିଆ ନୋଟିସ୍ ଅଟେ। ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ। ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ।

**ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।**

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

**ସ୍ଥାନ: କଟକ, ତାରିଖ: ୦୪.୦୫.୨୦୨୪** | **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୫।୨୦୨୪

| | |
|---|---|
| ୬,୪୬,୮୨୨ ଟଙ୍କା | |
| ସୁନା | ୫୧.୪୦୦ ଗ୍ରାମ୍ |
| ରୁପା | ୨୬.୩୦୦ ଗ୍ରାମ୍ |

# ଥଇଥାନ କରାଯାଉନି, ବ୍ୟବସାୟୀ ହଇରାଣ

## ଜବରଦଖଲ ଉଚ୍ଛେଦକୁ ୪ମାସ ବିତିଲା

ନିମାପଡ଼ା,୫।୫(ବିଚିତ୍ରାନନ୍ଦ ସାହୁ)



କୁଶଭଦ୍ରା ନଦୀବନ୍ଧ କଡ଼ ରାସ୍ତା ପାର୍ଶ୍ୱରେ ବସିଥିବା ପରିବା ଦୋକାନୀ ।

ନିମାପଡ଼ାକୁ ସହରୀକରଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଏନ୍ଏସି ପକ୍ଷରୁ ତଳଅଣ୍ଡିଆ ଛକଠାରୁ ଦୋଳବେଦି ଛକ ମୋହନଦାସ ମାର୍ଗ ପର୍ଯ୍ୟନ୍ତ ଚାରିଥାକିଆ (ଫୋର୍ ଲେନ) ପକ୍କା ଚଉଡ଼ା ରାସ୍ତା ଓ ଏହାର ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନ ଲାଗି ଡ୍ରେନ ନିର୍ମାଣ କରାଯାଉଛି। ନିମାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରାୟ ୧୧ କୋଟି ଟଙ୍କା ବ୍ୟୟରେ ୪ କି.ମି. ବିଶିଷ୍ଟ ଏହି ଫୋର୍ ଲେନ ନିର୍ମାଣ ଚାଲିଛି। ଏଥିପାଇଁ କୁଶଭଦ୍ରା ନଦୀ ବନ୍ଧ ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱସ୍ଥ ସରକାରୀ ଜାଗାରୁ ଦୀର୍ଘ ବର୍ଷ ଧରି ବ୍ୟବସାୟ କରୁଥିବା ୫ଶହରୁ ଊର୍ଦ୍ଧ୍ୱ କ୍ଷୁଦ୍ର ବ୍ୟବସାୟୀଙ୍କ ଦୋକାନ, କ୍ୟାବିନ ଆଦିକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଫୋରଲେନ ରାସ୍ତା ନିର୍ମାଣ ସରିଲେ ନିମାପଡ଼ା ସହରରେ ଆଉ ଟ୍ରାଫିକ ସମସ୍ୟା ସୃଷ୍ଟି ହେବନାହିଁ। ଗମନାଗମନ କ୍ଷେତ୍ରରେ ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ସ୍ଥାନୀୟ ବାସିନ୍ଦା ସନ୍ତୋଷ ସାହୁ, କୈଳାଶ ବେହେରା, ରାମଚନ୍ଦ୍ର ସାହୁ, ଯୁବନେତା ସନ୍ତୋଷ ଓଝା, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷରେ ଏହି ରାସ୍ତା ନିର୍ମାଣ ପାଇଁ ୫ଶହରୁ ଊର୍ଦ୍ଧ୍ୱ କ୍ଷୁଦ୍ର ବ୍ୟବସାୟୀ ଓ ଉଠାଦୋକାନୀ ଜୀବିକା ହରାଇ ବେସାହାରା ହୋଇପଡ଼ିଛନ୍ତି। ଜବରଦଖଲ ଉଚ୍ଛେଦବେଳେ ସମସ୍ତ ବ୍ୟବସାୟୀଙ୍କୁ ଖୁବ୍‌ଶୀଘ୍ର ବିଭିନ୍ନ ଛକଠାରେ ଭେଣ୍ଡିଂ ଜୋନ, ମାର୍କେଟ କମ୍ପ୍ଲେକ୍ସ ଆଦି ନିର୍ମାଣ କରାଯାଇ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ଇତିମଧ୍ୟରେ ଉଚ୍ଛେଦକୁ ୪ମାସ ବିତିଗଲାଣି। ହେଲେ ଏନ୍ଏସିର ଏହି ପ୍ରତିଶ୍ରୁତ ଉଚ୍ଛେଦ ବ୍ୟବସାୟୀଙ୍କ ପାଇଁ ପ୍ରତାରଣା ପାଲଟିଥିବା ସୁବାସ ସେନାପତି, ଈଶ୍ୱର ସାହୁ, କୈଳାସ, ବେହେରା, ପ୍ରଶାନ୍ତ ସାହୁ, ବିଦ୍ୟାଧର ପଣ୍ଡା ପ୍ରମୁଖ ବ୍ୟବସାୟୀମାନେ କହିଛନ୍ତି। ଉଚ୍ଛେଦ ହୋଇଥିବା ୫ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କୁ କେବେ ଥଇଥାନ କରାଯିବ, ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ଜୀବିକା ହରାଇ କେତେଜଣ ବ୍ୟବସାୟୀ କୁଶଭଦ୍ରା ନଦୀବନ୍ଧ କଡ଼ ଓ ମୁଖ୍ୟ ରାସ୍ତା କଡ଼ରେ ଗୁଜରାଣ ମେଣ୍ଟାଇବାକୁ ସମ୍ପ୍ରତି ପ୍ରଚଣ୍ଡ ଖରାରେ ଛତା ଟାଣି ପସରା ମେଲାଇ ବସୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ କହିଛନ୍ତି, ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ କରାଯିବାକୁ ଉଦ୍ୟମ ଚାଲିଛି। ନିର୍ବାଚନ ଆଚରଣ ବିଧି ଉଠିବା ପରେ ନୂଆ ବସ୍‌ଷ୍ଟାଣ୍ଡଠାରେ ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଗୃହ ଓ ବ୍ଲକ ଛକ ପୂର୍ତ୍ତ ବିଭାଗ ଅଫିସ ଛକ, ଡେଲ୍ଟା ଛକ, କୋର୍ଟ ଛକଠାରେ ପୂର୍ବରୁ ନିର୍ମିତ ଭେଣ୍ଡିଂଜୋନ୍‌ରେ ମଧ୍ୟ ଲଟେରି ଜରିଆରେ ବ୍ୟବସାୟୀଙ୍କୁ ଆବଣ୍ଟନ କରାଯିବ ବୋଲି ଦାଶ ଓ ଆଚାର୍ଯ୍ୟ କହିଛନ୍ତି।

## ଗହୀର ବଘେଇଙ୍କ ପୀଠରେ ଝାମୁଯାତ୍ରା

ବେଗୁନିଆ,୫।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଗ୍ରାମର ଆରାଧ୍ୟା ମା' ଗହୀର ବଘେଇଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୁଦ୍ଧପୂତ ଭାବେ ପୋଖରୀରେ ସ୍ନାନକରି ମାନସିକଧାରୀ ମାନେ ନିଆଁରେ ଚାଲିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥିଲା।

# ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରାଜଭବନ

## ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୫।୫(ସତ୍ୟଜିତ୍ ରାଉତ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱତନ୍ତ୍ର ବିମାନ ଯୋଗେ ରବିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଦୁଇଦିନ ପାଇଁ ସେ ଓଡ଼ିଶା ଗସ୍ତରେ ଆସିଥିବା ବେଳେ କମିଶନରେଟ୍ ପୋଲିସ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଧାନମନ୍ତ୍ରୀ ରାଜଭବନରେ ରହିଥିବାବେଳେ ଏଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରାଜଭବନକୁ ରଖାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ତାଙ୍କ ସ୍ପେସିଆଲ ପ୍ରୋଟେକ୍ସନ ଗ୍ରୁପଙ୍କ ସହ ଏୟାରପୋର୍ଟ ସିଆଇଏସ୍ଏଫ୍, ରାଜଭବନ ସେକ୍ୟୁରିଟୀ ୱିଙ୍ଗ ଓ ଭୁବନେଶ୍ୱର ପୋଲିସ ମିଳିତ ଭାବେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରିଛି। ଏୟାରପୋର୍ଟରେ ଭୁବନେଶ୍ୱର ପୋଲିସ ଓ ସିଆଇଏସଏଫ୍ ମିଳିତ ସହଯୋଗରେ ଆକ୍ସେସ୍ କଣ୍ଟ୍ରୋଲ କରିବା ବ୍ୟବସ୍ଥା କରାଯାଇ ରୁଟ୍ ଲାଇନ୍‌କୁ ନାକା କରାଯାଇ ସମସ୍ତ ଯାନବାହାନକୁ ଯାଞ୍ଚ କରାଯିବ। ଏଥିସହ ରୁଟ୍ ଲାଇନରେ ମଧ୍ୟ ଟ୍ରାଫିକ ଡିସିପି ରହି ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବେ। ସହରର ଉଚ୍ଚସ୍ତରୀୟ ବିଲ୍ଡିଂ ଉପରେ ସୁରକ୍ଷା ପ୍ରଦାନ କରାଯାଇଛି। ଏୟାରପୋର୍ଟ, ରାଜଭବନ ଓ ରୁଟ ଲାଇନକୁ ନୋ ଫ୍ଲାଇଁ ଜୋନ୍ କରାଯାଇଛି। କମିଶନରେଟ ପୋଲିସ ପକ୍ଷରୁ ବ୍ଲୁ ବୁକ୍ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଡଗ୍ ସ୍କ୍ୱାଡ୍, ବମ୍ବ ସ୍କ୍ୱାଡ୍ ଆଦିକୁ ନିୟୋଜିତ କରାଯାଇଛି। ଭୁବନେଶ୍ୱର ଡିସିପିଙ୍କ ନେତୃତ୍ୱରେ ୫ଜଣ ଡିସିପି, ୫ ଜଣ ଅତିରିକ୍ତ ଡିସିପି, ୧୩ଜଣ ଏସିପି, ୨୧ ଜଣ ଇନ୍ସପେକ୍ଟର, ୯୩ ଜଣ ଓଆର୍ ପୋଲିସ କର୍ମଚାରୀ, ୨୫ ପ୍ଲାଟୁନ୍ ଫୋର୍ସ, ଗୋଟିଏ କମ୍ପାନୀ ସିଆର୍‌ପିଏଫ୍ ନିୟୋଜିତ କରାଯାଇଛି। ସେହିପରି କୌଣସି ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ୨ ୟୁନିଟ୍ ଏସ୍‌ଓଜି ମୁତୟନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କିପରି ଶାନ୍ତି ଶୃଙ୍ଖଳାରେ ହେବ ସେଥିପ୍ରତି ସମସ୍ତ ଦିଗକୁ ନେଇ ପୋଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।

# ଘର ଘର ବୁଲି ଭୋଟ ମାଗିଲେ ଓମ୍‌ପ୍ରକାଶ



କଣାସ, ୫।୫(ବିଭୂତି ଭୂଷଣ ତ୍ରିପାଠୀ):

ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅଧୀନ କଣାସ ବ୍ଲକର ୨୮ ଏବଂ ସତ୍ୟବାଦୀ ବ୍ଲକର ୨୪ଟି ଗ୍ରାମପଞ୍ଚାୟତରେ ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ର ଘର ଘର ବୁଲି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ରବିବାର ଓମ୍‌ପ୍ରକାଶ ଗଡ଼ିଶାଗୋଦା ପଞ୍ଚାୟତର ଗଡିଶାଗୋଦା, ନଈକୂଳପାଟଣା, ନୂଆଗାଁ, ଶାସନ, ବିଲପାଟଣା ଗ୍ରାମର ଦ୍ୱାର ଦ୍ୱାରକୁ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନା ସମ୍ପର୍କରେ ବୁଝାଇବା ସହିତ ସେ ନିର୍ବାଚନରେ ଜିତିଲେ କଣାସ ଓ ସତ୍ୟବାଦୀ ବ୍ଲକର ଜଳସେଚନ, ବନ୍ୟାଜଳ ନିଷ୍କାସନ, ପାନୀୟଜଳ ଯୋଗାଣ, ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଆଦି ପ୍ରମୁଖ ସମସ୍ୟା ଦୂର ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇ ମତଦାତାମାନଙ୍କଠାରୁ ଆର୍ଶୀବାଦ ସହ ଭୋଟ୍ ଭିକ୍ଷା କରିଥିଲେ। ତାଙ୍କ ସହିତ ପ୍ରଚାରରେ କଣାସ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ୫ନଂ ଜୋନ୍ ଜିଲାପରିଷଦ ସଭ୍ୟା ଲତାମଣି ଜଗଦେବ ଏବଂ ଦଳର କର୍ମୀମାନେ ସାମିଲ ହୋଇଥିଲେ।

# ବହୁ ସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷକ ପଦବୀ ଖାଲି

## ଭୋଟ ଦେବା ପାଇଁ ମତଦାତାଙ୍କୁ ସଚେତନ କରିବ ଏବିଭିପି

ପୁରୀ,୫।୫(ଅଜିତ୍ ମହାନ୍ତି):




ଖବରଦାତା ସମ୍ମିଳନୀରେ ଏବିଭିପି କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

ଗଣତନ୍ତ୍ରର ମହାପର୍ବରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସାମିଲ ହୋଇ ଲୋକଙ୍କୁ ସଚେତନ କରିବ। ଶତପ୍ରତିଶତ ମତଦାନ କରିବାକୁ ଜନସାଧାରଣଙ୍କ ପାଖରେ ବାର୍ତ୍ତା ପହଞ୍ଚାଇବ। ଯୁବବର୍ଗ ଓ ପ୍ରଥମ ଥର ଭୋଟ ଦେବାକୁ ଯାଉଥିବା ଯୁବକମାନଙ୍କୁ ସଚେତନ କରିବା ପାଇଁ ନବ ମତାଦାତା ସମ୍ମିଳନୀ କରାଯିବ। ଏନେଇ ଏବିଭିପି ପୁରୀ ଶାଖା ପକ୍ଷରୁ ରବିବାର ନାୟକପ୍ଲାଜା ପରିସରରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏବିଭିପି ରାଜ୍ୟ ସମ୍ପାଦକ ଅଭିଜିତ ପଟ୍ଟନାୟକ ଏହି ସୂଚନା ଦେଇ କହିଛନ୍ତି, ପ୍ରଥମେ ମତଦାନ ତା' ପରେ ଜଳପାନ ପାଇଁ ପ୍ରତ୍ୟକଟି ଭୋଟରଙ୍କୁ ଆହ୍ୱାନ କରୁଛୁ। ପଥପ୍ରାନ୍ତ ନାଟକ ସହ ଘରକୁ ଘର ଯାଇ ଭୋଟରଙ୍କୁ ଶତ ପ୍ରତିଶତ ମତଦାନ କରିବା ପାଇଁ ଜନଜାଗରଣ କରାଯିବ। ଏହି ଅବସରରେ ପୋଷ୍ଟର ଓ ଲିଫ୍ଲେଟ୍ସ ମଧ୍ୟ ଉନ୍ମୋଚିତ ହୋଇଥିଲା। ସେହିପରି ଏବିଭିପି ଅଭିଯୋଗ କରିଛି ଯେ, ପୁରୀର ଛାତ୍ର ସମାଜ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଶିକ୍ଷାନୁଷ୍ଠାନରେ ଅଧ୍ୟାପକ ପଦବୀ ଖାଲିପଡ଼ିଛି। କ୍ୟାମ୍ପସରେ ଅରାଜକତା ସୃଷ୍ଟି ହେଉଛି। ଓଡ଼ିଶାରେ ୫୭% ଅଧ୍ୟାପକ ପଦବୀ ଖାଲି ପଡିଥିବାବେଳେ ପୁରୀ ଜିଲାର ସମସ୍ତ ମହାବିଦ୍ୟାଳୟରେ ବହୁ ଅଧ୍ୟାପକ ପଦବୀ ଖାଲିପଡ଼ିଛି। ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ୨୧ ଅଧ୍ୟାପକ ପଦବୀ ଥିବା ବେଳେ ବର୍ତ୍ତମାନ ୮ ଅଧ୍ୟାପକ ଅଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୩୮ରୁ ୧୮ ଅଧ୍ୟାପକ ପଦବୀ ଖାଲିପଡ଼ିଛି। ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇ-ଲାଇବ୍ରେରି, ଅତ୍ୟାଧୁନିକ ଲ୍ୟାବ୍, ୱାଇଫାଇ କ୍ୟାମ୍ପସ ହୋଇପାରିନାହିଁ ବୋଲି ଏବିଭିପି ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ବିଭାଗ ସଂଯୋଜକ ତାରାପ୍ରସାଦ ଦାଶ, ବିଭାଗ ଛାତ୍ରୀ ପ୍ରମୁଖ ସୁମିତ୍ରା ଜେନା, ଜିଲା ସଂଯୋଜକ ବିସ୍ମୟ ରଞ୍ଜନ ପଟ୍ଟନାୟକ, ନଗର ସମ୍ପାଦକ ହୃଦୟ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବଟି ମାଗି ଜଣେ ଗିରଫ, ବନ୍ଧୁକ ସହ ଟଙ୍କା ଜବତ

ପୁରୀ,୫।୫(ଅଜିତ୍ ମହାନ୍ତି)

ଦାଦାବଟି ମାଗିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କାଚେରା ମଠ ଲେନ୍‌ର ସୁବାସ ମହାନ୍ତି ଓରଫ ଗିଲ୍‌ଟି କାଲୁ। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ସହ ନଗଦ ୫୦୦ ଟଙ୍କା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, କୁମ୍ଭାରପଡ଼ା ଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ସମୟରେ ବିଶେଷ ସୂତ୍ରରୁ ଖବର ମିଳିଥିଲା ଯେ, ଜଣେ ବ୍ୟକ୍ତି ବଡଶଙ୍ଖଠାରେ ସ୍ଥାନୀୟ ଦୋକାନୀମାନଙ୍କୁ ବନ୍ଧୁକ ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେଇ ଦାଦାବଟି ଆଦାୟ କରୁଛନ୍ତି। ପୋଲିସ ଉକ୍ତ ସ୍ଥାନରେ ଚଡାଉ କରି ତାଙ୍କୁ ଗିରଫ କରିବା ସହ ଦେଶୀ ବନ୍ଧୁକ ଜବତ କରିଥିଲା।

# ଶ୍ରୀପୁରୁଷୋତ୍ତମଙ୍କ ଅନୁକମ୍ପାରେ ଉତ୍କଳ କ୍ଷେତ୍ର ପୁଣ୍ୟଭୂମି

## 'ବ୍ରହ୍ମପୁରାଣରେ ଉତ୍କଳ କ୍ଷେତ୍ରର ବର୍ଣ୍ଣନା' ଶୀର୍ଷକ ଆଲୋଚନାଚକ୍ର

ପୁରୀ,୫।୫(ଅଜିତ୍ ମହାନ୍ତି)

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନା ଚକ୍ରରେ 'ବ୍ରହ୍ମପୁରାଣରେ ଉତ୍କଳକ୍ଷେତ୍ରର ବର୍ଣ୍ଣନା' ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଡ. ନୃସିଂହ ଚରଣ ସାହୁ ସଭାପତିତ୍ୱ କରିଥିଲେ। ଡ. ଶ୍ରୀନିବାସ ଆଚାର୍ଯ୍ୟ, ଅଧ୍ୟାପିକା ବାସନ୍ତୀ ଦେବୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଆଲୋଚନା ହୋଇଥିଲା ଯେ, ବ୍ରହ୍ମପୁରାଣର ପୂର୍ବଭାଗସ୍ଥ ୪୨ ଅଧ୍ୟାୟରେ ବ୍ରହ୍ମାଋଷି ସମ୍ବାଦ ପ୍ରକରଣରେ ଉତ୍କଳକ୍ଷେତ୍ର ବିଷୟ ବର୍ଣ୍ଣିତ ଯାହା ବିରଜା କ୍ଷେତ୍ରରୁ ଆରମ୍ଭ, ବିରଜ ନାମକ କ୍ଷେତ୍ରରେ ବିରଜା ନାମକ ମାତା ବ୍ରାହ୍ମଣୀ ପ୍ରତିଷ୍ଠିତା। ତାଙ୍କ ଦର୍ଶନ କଲେ ମନୁଷ୍ୟ ସ୍ୱୟଂ ବ୍ରହ୍ମଲୋକ ପ୍ରାପ୍ତ ହୁଏ। ସେଠାରେ ସର୍ବପାପ ହାରିଣୀ ବୈତରଣୀ ନଦୀ ରହିଛି। ବରାହ ରୂପୀ ସ୍ୱୟଂଭୂ ହରି ମଧ୍ୟ ସେଠାରେ ବିରାଜମାନ କରନ୍ତି। ତାଙ୍କୁ ପ୍ରଣାମ କରିବା ଦ୍ୱାରା ମନୁଷ୍ୟ ବିଷ୍ଣୁଲୋକକୁ ଯାଏ। ବିରଜା କ୍ଷେତ୍ରରେ ପିଣ୍ଡଦାନରେ ପିତର ଅକ୍ଷୟ ତୃପ୍ତି ପ୍ରାପ୍ତ ହୁଏ। ସମୁଦ୍ର ଉତ୍ତରତଟରେ ପାପନାଶନ, ମୋକ୍ଷଦାୟକ, ପରମଗୁପ୍ତ, ବାଲୁକାମୟ, ସର୍ବକାମପ୍ରଦ, ଦଶଯୋଜନ ବିସ୍ତୃତ ଦୁର୍ଲଭ ଉତ୍କଳ କ୍ଷେତ୍ର ରହିଛି। ଏହି କ୍ଷେତ୍ର ବୃକ୍ଷମାନଙ୍କ ଦ୍ୱାରା ସୁଶୋଭିତ। ସବୁ ଋତୁରେ ଏଠାରେ ବୃକ୍ଷ ଫଳପୁଷ୍ପରେ ପରିପୂର୍ଣ୍ଣ ଥାଏ। ଅଶେଷ ବିଦ୍ୟାଗୁଡ଼ିକର କେନ୍ଦ୍ର ଓ ସମସ୍ତ ଧର୍ମଗୁଣର ନିଧି ରୂପେ ଏହି କ୍ଷେତ୍ର ବିବେଚିତ। ଏଠାରେ ଅନେକ ସରୋବର ରହିଛି। ଏହା ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ, ସନ୍ୟାସୀ, ଏବଂ ସ୍ୱଧର୍ମ ପରାୟଣ ଚାରିବର୍ଣ୍ଣର ମନୁଷ୍ୟମାନଙ୍କ ଦ୍ୱାରା ସେବିତ। ଏଠାରେ ପୁରୁଷୋତ୍ତମ ନାମରେ କୃଷ୍ଣ ଭଗବାନ ବିରାଜମାନ କରନ୍ତି। ଦିଗକ୍ରମରେ ଯେ ପର୍ଯ୍ୟନ୍ତ ଉତ୍କଳର ସୀମା ରହିଛି ସେ ପର୍ଯ୍ୟନ୍ତ ସେହି ଦେଶ ପୁରୁଷୋତ୍ତମଙ୍କ ଅନୁକମ୍ପାରେ ପୁଣ୍ୟତଟ ରୂପେ ସ୍ୱୀକୃତ। ଯେଉଁଠି ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ବିରାଜମାନ ସେଠାରେ ସବୁ କିଛି ଅବସ୍ଥିତ। ଯେଉଁ ଉତ୍କଳରେ ସାକ୍ଷାତ ମୁକ୍ତିଦାୟକ ପୁରୁଷୋତ୍ତମ ବିଜେ କରନ୍ତି ସେଠାରେ ନିବାସୀ ମଧ୍ୟ ଦେବତୁଲ୍ୟ। ତୀର୍ଥରାଜ ଜଳରେ ସ୍ନାନ କରି ପୁରୁଷୋତ୍ତମଙ୍କୁ ଦର୍ଶନ କଲେ ସ୍ୱର୍ଗଗାମୀ ହୁଅନ୍ତି। ସେଠାକାର ବାସିନ୍ଦା ଚର୍ମଚକ୍ଷୁରେ ବ୍ରହ୍ମରୂପୀ ପୁରୁଷୋତ୍ତମଙ୍କ ଦର୍ଶନ କରନ୍ତି ତାହା ତାଙ୍କର ପରମ ସୌଭାଗ୍ୟ ବୋଲି ମତପ୍ରକାଶ ପାଇଥିଲା। ଆଲୋଚନାଚକ୍ରରେ ଡ. ଭାସ୍କର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ବିନୋଦ କୁମାର ପଣ୍ଡା, ସତ୍ୟନାରାୟଣ ମିଶ୍ର, ଅନାମ ଚନ୍ଦ୍ର ସାହୁ, ଡ. ଦେବରାଜ ପ୍ରଧାନ, ନବକିଶୋର ଶତପଥୀ, ଅଶୋକ ଆଢ଼୍ୟ, ସୁନୀଲ ମିଶ୍ର, ରଞ୍ଜିତା ମହାପାତ୍ର, ଦେବେନ୍ଦ୍ର ଘଟୁଆରୀ, ଦେବାଶିଷ ଖୁଣ୍ଟିଆ, ରବୀନ୍ଦ୍ରନାଥ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।




ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥି ଓ ସଦସ୍ୟମାନେ ।


इंडियन बैंक Indian Bank
इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ,
ପୋ.: ମର୍କତ ନଗର, କଟକ - ୭୫୩୦୧୪
zocuttack@indianbank.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
{ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ "ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.mstcecommerce.com

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ବକେୟା ପରିମାଣ / ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | କଟକ ମଧୁପାଟଣା ଶାଖା / ଋଣଗ୍ରହୀତାମାନେ: ୧) ମେସର୍ସ ହେଲ୍‌ଥ ସଲ୍ୟୁସନ, ସ୍ୱତ୍ତ୍ୱାଧିକାରୀ: ରଶ୍ମି ରଞ୍ଜନ ଦାସ, ପିତା: ପଦ୍ମ ଚରଣ ଦାସ, ପ୍ଲଟ୍ ନଂ.: ୮୭୦, ମହାନଦୀ ବିହାର, କଟକ-୭୫୩୦୦୪, ୨) ରଶ୍ମି ରଞ୍ଜନ ଦାସ (ବନ୍ଧକଦାତା), ପିତା: ପଦ୍ମ ଚରଣ ଦାସ, ସା: ମହାନଦୀ ବିହାର, ପ୍ଲଟ୍ ନଂ.: ୭୨୯, ନୟାବଜାର, କଟକ-୭୫୩୦୦୪ | ରଶ୍ମି ରଞ୍ଜନ ଦାସଙ୍କ ନାମରେ ଥିବା ସମ୍ପତ୍ତି (ଖାଲିଥିବା ଜମି)ର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୮୭/୩୯୦୫ ଏବଂ ୧୮୮/୩୯୦୬, ଖାତା ନଂ.: ୨୪୭/୧୬୨୫, ମୌଜା: ଉତ୍ତମପୁର, ଥାନା: କଟକ ସଦର ନଂ.: ୩୭, ତହସିଲ: କଟକ, ଜିଲ୍ଲା: କଟକ, ସମୁଦାୟ କ୍ଷେତ୍ର: ଏକର୦.୦୮୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୮୭ ଏବଂ ୧୮୮ରେ ହୋଇଥିବା ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୮୭ ଏବଂ ୧୮୮ର ଅଂଶ, ପୂର୍ବ: ପ୍ଲଟ୍ ନଂ.: ୧୮୮, ପଶ୍ଚିମ: ପ୍ଲଟ୍ ନଂ.: ୧୮୭ | ୩୦.୦୫.୨୦୨୩ / ୦୭.୦୮.୨୦୨୩ / ୦୪.୦୫.୨୦୨୪ ସୁଦ୍ଧା ଟ.୪୩,୩୦,୩୪୦/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଭୌତିକ | ଟ.୨୬.୬୬ ଲକ୍ଷ / ଟ.୨.୬୭ ଲକ୍ଷ / ଟ.୦.୧୦ ଲକ୍ଷ |
| ୨. | କଟକ ମଧୁପାଟଣା ଶାଖା / ଋଣଗ୍ରହୀତା: ସୁଦର୍ଶନ ଦାସ, ପିତା: ଦୁଃଶାସନଦାସ, ଋଣଗ୍ରହୀତା/ବନ୍ଧକଦାତା: ସଞ୍ଜୁକ୍ତା ଦାସ, ସ୍ୱାମୀ: ଦୁଃଶାସନ ଦାସ, ଉଭୟଙ୍କ ବାସସ୍ଥାନ ଠିକଣା-୧୨୦ ୧/ବି, ବିଶଲ୍ୟ କରଣୀ ଲେନ୍, ମଧୁପାଟଣା, କଟକ-୭୫୩୦୧୦ | ସଞ୍ଜୁକ୍ତା ଦାସ, ସ୍ୱାମୀ: ଦୁଃଶାସନ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୫୬, ଖାତା ନଂ.: ୮୬୧/୩୦୦, କ୍ଷେତ୍ର: ଏକର୦.୦୨୨.୫ ଡିସିମିଲି (୯୮୦.୧ ବର୍ଗଫୁଟ), ମୌଜା: କଟକ ସହର ୟୁନିଟ୍ ନଂ.: ୩୨, ଥାନା: ମଧୁପାଟଣା ନଂ.୦୭, ତହସିଲ: କଟକ ନଂ. ୨୩୧, ଜିଲ୍ଲା: କଟକ, ଏହାରଚାରିପାର୍ଶ୍ୱରେ- ଦକ୍ଷିଣ: ପ୍ଲଟ୍ ନଂ. ୪୫୦, ଉତ୍ତର: ରାସ୍ତା, ପଶ୍ଚିମ:ପ୍ଲଟ୍ ନଂ. ୪୫୦, ପୂର୍ବ: ପ୍ଲଟ୍‌ର ଅବଶିଷ୍ଟ ଅଂଶ | ୩୦.୦୮.୨୦୨୩/ ୦୮.୧୧.୨୦୨୩ / ୦୪.୦୫.୨୦୨୪ ସୁଦ୍ଧା ଟ.୧୩,୭୦,୪୧୬/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୪୬.୪୨ ଲକ୍ଷ / ଟ.୪.୬୪ ଲକ୍ଷ / ଟ.୦.୧୦ ଲକ୍ଷ |
| ୩. | କଟକ କ୍ୟାଣ୍ଟେନମେଣ୍ଟ ଶାଖା / ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ଶ୍ରୀମତୀ ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ୨) ଶ୍ରୀ ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ୩) ଶ୍ରୀ ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସ, ସମସ୍ତଙ୍କ ବାସସ୍ଥାନ ଠିକଣା- ସା: ସୁବେଦାର ଲେନ୍, ପୋ: ବକ୍ସି ବଜାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୧ | ଶ୍ରୀମତୀ ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ଶ୍ରୀ ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ ଏବଂ ଶ୍ରୀ ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସଙ୍କ ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତାନଂ.: ୩୨୦-ଡ଼ି୧, ପ୍ଲଟ୍ ନଂ.: ୨୯୩/୯୩୦, କ୍ଷେତ୍ର: ଏକର୦.୦୦୬ ଡିସିମିଲି, ମ୍ୟୁଟେସନ ଖାତା ନଂ.: ୩୨୧-ଡ଼ି୧, ପ୍ଲଟ୍ ନଂ.: ୨୯୨/୯୨୯, କ୍ଷେତ୍ର: ଏକର୦.୦୦୯ ଡିସିମିଲି ୧/୨ କଡି ଏବଂ ସମୁଦାୟ କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଏବଂ ୧/୨ କଡି, କିସମ: ଘରବାରି, ମୌଜା: କଟକ ସହର ୟୁନିଟ୍ ନଂ.-୧୭, ମାଛୁଆବଜାର, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଡିଏସ୍ଆରଓ: କଟକ, ଜିଲ୍ଲା: କଟକ-୭୫୩୦୦୧, ଓଡ଼ିଶା, ବିକ୍ରୟ ଦଲିଲ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ-ଉତ୍ତର: ସୁରଜ କୁମାର ଦାସ, ପଶ୍ଚିମ: ରାସ୍ତା | ୧୯.୦୮.୨୦୨୩ / ୦୯.୦୨.୨୦୨୪ / ୦୪.୦୫.୨୦୨୪ ସୁଦ୍ଧା ଟ.୧୪,୧୨,୦୬୨/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୧.୨୭ ଲକ୍ଷ / ଟ.୨.୧୩ ଲକ୍ଷ / ଟ.୦.୧୦ ଲକ୍ଷ |

ଇ-ନିଲାମ ତାରିଖ ଏବଂ ସମୟ: ୨୨.୦୫.୨୦୨୪ (ବୁଧବାର) ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୨୧.୦୫.୨୦୨୪ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)

ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୮.୦୫.୨୦୨୪ରିଖ ଠାରୁ ତା.୧୭.୦୫.୨୦୨୪ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ

ନିୟମ ଓ ସର୍ତ୍ତାବଳୀ : ୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: https://www.mstcecommerce.com/auctionhome/ibapi/index.jsp and https://ibapi.in ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ ଶାଖାରେ ଯୋଗାଯୋଗ କରିପାରିବେ। ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ ୧୫ ଦିନିଆ ନୋଟିସ୍ ଅଟେ। ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ। ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ।

ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ସ୍ଥାନ: କଟକ, ତାରିଖ: ୦୪.୦୫.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# କଟକରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

**■ ଜଳୁନି ଟ୍ରାଫିକ୍ ସିଗନାଲ୍ ଲାଇଟ୍**
**■ ଟ୍ରାଫିକ୍ ପୋଷ୍ଟରେ ଉପସ୍ଥିତ ରହୁନାହାନ୍ତି କର୍ମଚାରୀ**

କଟକ,୫।୫ (ଦିବାକର ସାହୁ)

କଟକ ସହରରେ ଟ୍ରାଫିକ୍ ବ୍ୟବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। କେତେକ ସ୍ଥାନରେ ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ଲାଗିଥିବାବେଳେ ତାହା ଜଳୁନି। ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଟ୍ରାଫିକ୍ ପୋଷ୍ଟରେ ଟ୍ରାଫିକ ପୋଲିସ ମୁତୟନ କରାଯାଇଥିବାବେଳେ କେତେକ ସ୍ଥାନରେ ସେମାନଙ୍କୁ ଦେଖିବାକୁ ମିଳୁନି। ସେହିପରି କେତେକ ମୁଖ୍ୟ ସ୍ଥାନରେ ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ବ୍ୟବସ୍ଥା ନାହିଁ। ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା ଯୋଗୁ ସହରରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି। ଗତ ଏକ ସପ୍ତାହ ମଧ୍ୟରେ ସହରର ଦୁଇଟି ସ୍ଥାନରେ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି।

କଟକର ତ୍ରିଶୂଳିଆ ଛକ, ଜୁଡିସିଆଲ ଏକାଡେମୀ ଛକ, ସତୀଚୌରା ଛକ, କଟକ ନେତାଜୀ ବସ୍ ଟର୍ମିନାଲ ନିକଟ ଗୋଲେଇ ଛକରେ ଟ୍ରାଫିକ୍ ଅବ୍ୟବସ୍ଥା ଅଧିକ ଦେଖିବାକୁ ମିଳିଛି। ତ୍ରିଶୂଳିଆ ଗୋଲେଇ ଛକ ଭୁବନେଶ୍ୱର, କଟକ ଏବଂ ଆଠଗଡ଼ ରାସ୍ତାକୁ ସଂଯୋଗ କରୁଛି। ଏହି ଛକ ଦେଇ ସହର ଭିତରକୁ ବାଲି ବୋଝେଇ ହାଇୱାଗୁଡ଼ିକ ପ୍ରବେଶ କରୁଛି। ଏଠାରେ ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ବ୍ୟବସ୍ଥା ଥିବା ସତ୍ତ୍ୱେ ତାହା ଜଳୁ ନ ଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ସମୟରେ ଜଣେ ଟ୍ରାଫିକ୍ ପୋଲିସ୍ କିମ୍ବା ହୋମ୍‌ଗାର୍ଡ ଡ୍ୟୁଟି କରୁଛନ୍ତି। ଜୁଡିସିଆଲ ଏକାଡମୀ ଗୋଲେଇ ଛକ ସହରର ଏକ ମୁଖ୍ୟସ୍ଥାନ। ଏଠାରେ ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ବ୍ୟବସ୍ଥା ସହ ସକାଳ ଓ ସନ୍ଧ୍ୟାରେ ୩ ଜଣ ଲେଖାଏ ଟ୍ରାଫିକ୍ ପୋଲିସଙ୍କୁ ନିୟୋଜିତ କରାଯାଇଛି। କିନ୍ତୁ ପରିତାପର ବିଷୟ ଏଠାରେ ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ଜଳୁ ନ ଥିବାବେଳେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟ୍ରାଫିକ୍ ପୋଲିସ ରହୁନାହାନ୍ତି। ସେହିପରି ସତୀଚୌରା ଛକରେ ମଧ୍ୟ ଟ୍ରାଫିକ୍ ବ୍ୟବସ୍ଥା ଠିକ୍ ନାହିଁ। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏଠାରେ ଟ୍ରାଫିକ୍ ସିଗ୍ନାଲ୍ ନାହିଁ କି ଟ୍ରାଫିକ୍ ପୋଲିସ ନିୟୋଜିତ ନାହାନ୍ତି। ଫଳରେ ଗାଡ଼ିଗୁଡ଼ିକ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜୁଛି। ଅପରପକ୍ଷରେ କଟକ ନେତାଜୀ ବସ୍ ଟର୍ମିନାଲ ନିକଟ ରାସ୍ତାକୁ ଚଉଡ଼ା କରାଯାଇଥିବାବେଳେ ଟ୍ରାଫିକ୍‌ର ସୁବ୍ୟବସ୍ଥା ନାହିଁ। ଏତେ ବଡ଼ ଛକରେ ମାତ୍ର ଜଣେ ଟ୍ରାଫିକ୍ ପୋଲିସ ଭିଡ଼ ନିୟନ୍ତ୍ରଣ କରୁଥିବାବେଳେ ଟ୍ରାଫିକ୍ ସିଗ୍ନାଲ ଲାଇଟ୍‌ର ବ୍ୟବସ୍ଥା ମଧ୍ୟ ନାହିଁ। ଶତାଧିକ ବସ୍ ଏହି ଛକ ଦେଇ ଯାତାୟତ କରୁଥିବାବେଳେ ଟ୍ରାଫିକ୍ ଅବ୍ୟବସ୍ଥା ଚିନ୍ତା ବଢ଼ାଇଛି।

ଏନେଇ ଟ୍ରାଫିକ୍ ଏସିପି ସୁଶାନ୍ତ ସିଂହ କହିଛନ୍ତି, ରବିବାର ସତୀଚୌରା ଛକରେ କେଉଁ କାରଣ ପାଇଁ ଲାଇଟ୍ ଜଳିନାହିଁ ତାହା ଅନୁଧ୍ୟାନ କରାଯିବ। ଜୁଡିସିଆଲ ଏକାଡେମୀ ଛକ ଏକ ବଡ଼ ଗୋଲେଇ ଛକ ହୋଇଥିବାରୁ ଟ୍ରାଫିକ୍ ଲାଇଟ୍ ଲୋକଙ୍କୁ ଅସୁବିଧା କରାଇବ। ସେଥିପାଇଁ ସକାଳ ଓ ସନ୍ଧ୍ୟାରେ ଦୁଇଜଣ ଲେଖାଏ ଟ୍ରାଫିକ୍ ପୋଲିସଙ୍କୁ ନିୟୋଜିତ କରାଯାଇଛି। ଏଥିସହ ଜଣେ ହୋମ୍‌ଗାର୍ଡଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ହେଲେ ସେମାନେ କାହିଁକି ସେଠି ଅନୁପସ୍ଥିତ ରହୁଛନ୍ତି ତାହାର ତଦନ୍ତ କରାଯିବ। ଏହାଛଡ଼ା କଟକ ନେତାଜୀ ବସ୍ ଟର୍ମିନାଲ ଛକ ରାସ୍ତା ଓସାରିଆ କରାଯାଉଥିବାବେଳେ ସେଠାରୁ ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ଉଠାଇ ଦିଆଯାଇଥିଲା। ଆଗାମୀ ଦିନରେ ପୁନର୍ବାର ଲାଇଟ୍ ଲଗାଯିବ ବୋଲି ସେ କହିଛନ୍ତି।



ଜୁଡିସିଆଲ ଏକାଡେମୀ ଗୋଲେଇ ଛକରେ ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ଜଳୁନି।

## ସଂକ୍ଷେପରେ

### ଦାର୍ଶନିକ କାର୍ଲମାର୍କ୍ସଙ୍କ ଜୟନ୍ତୀ ପାଳିତ

କଟକ,୫।୫(କାର୍ତ୍ତିକ ସାହୁ)

ଇସ୍‌କଫ୍ ପକ୍ଷରୁ ବାରବାଟୀ ଷ୍ଟାଡିୟମସ୍ଥିତ ଇସ୍‌କଫ୍ ହଲ୍‌ରେ ରବିବାର କାର୍ଲମାର୍କ୍ସଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସର୍ବଭାରତୀୟ ସମ୍ପାଦକ ବିଜୟ କୁମାର ପଢ଼ିହାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ମହାନ୍ତି, ସମ୍ପାଦକ ସଞ୍ଜୟ ପରିଜା, ପ୍ରଭାସ ପ୍ରଧାନ, ପୀତାମ୍ବର ବେହେରା, ହେମନ୍ତ କୁମାର ପଟ୍ଟନାୟକ ଓ ରତ୍ନାକର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରବୀଣ ଦାର୍ଶନିକ କାର୍ଲମାର୍କ୍ସଙ୍କ ଜୀବନାଦର୍ଶ ସର୍ବକାଳୀନ ପ୍ରାସଙ୍ଗିକ ବୋଲି ବକ୍ତାମାନେ କହିଥିଲେ। ଦୀନବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ।

### ଦି ୟୁନିଭର୍ସରେ ସ୍ୱାସ୍ଥ୍ୟ ସଚେତନତା ଆଲୋଚନାଚକ୍ର

କଟକ,୫।୫(କାର୍ତ୍ତିକ ସାହୁ)

କଟକ ମୈତ୍ରୀ ସରଣୀସ୍ଥିତ ଦି ୟୁନିଭର୍ସ ସମ୍ମିଳନୀ କକ୍ଷରେ ଜଳବାୟୁ ପରିବର୍ତ୍ତନଜନିତ ସ୍ୱାସ୍ଥ୍ୟ ସଚେତନତା ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଆମେ ବିଜ୍ଞାନକୁ ଢାଲ କରି ପ୍ରକୃତି ଉପରେ ବିଜୟ ଅଭିଯାନରେ ମାତି ଆସିଛୁ। ଯାହାର ଫଳ ଭୋଗୁଛୁ। ଗଛଟିଏ ଲଗାଉନାହୁଁ, ବରଂ ରାତାରାତି କାଟିଦେଉଛୁ। ପରିବେଶକୁ ଶୀତଳ କରିବା ସହ ଅମ୍ଳଜାନ ସ୍ତର ବୃଦ୍ଧିରେ ସହାୟକ ହୁଏ ବର, ଅଶ୍ୱତ୍ଥ ଗଛ। ବଡ଼ ବଡ଼ ବାତ୍ୟାକୁ ସହିବାର କ୍ଷମତା ମଧ୍ୟ ଏହି ଗଛଦ୍ୱୟର ରହିଛି। ପୁଣି ଉପକୂଳରେ ଲୁଣା ଜଙ୍ଗଲ ବାତ୍ୟାକୁ ପ୍ରତିହତ କରିପାରେ। ମାତ୍ର ଏସବୁ ଏବେ ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି। ହିମାଳୟର ବରଫ ତରଳିବାରେ ଲାଗିଛି। ଆଣ୍ଟାର୍କଟିକାରୁ ବରଫ ପାହାଡ଼ ଆକାରର ତରଳିବାରେ ଲାଗିଛି। ରଥଯାତ୍ରା ପାଇଁ ବହୁ ପରିମାଣ ଗଛ କଟାଯାଉଛି ବୋଲି ବକ୍ତା ଡା. ଶୁଭେନ୍ଦୁ ଶେଖର ପଣ୍ଡା କହିଛନ୍ତି। ଏହି ଆଲୋଚନାଚକ୍ରରେ ଚିତ୍ତରଞ୍ଜନ ପାଣିଗ୍ରାହୀ, ଦେବୁ ଚାଟାର୍ଜୀ, ଡ. ପ୍ରଜ୍ଞା ମିଶ୍ର, ଲିପିକା ପଟ୍ଟନାୟକ, ଡା. ସଞ୍ଜିତ ପଟ୍ଟନାୟକ, ପତିତପାବନ ମହାପାତ୍ର, ଶାନ୍ତନୁ କୁମାର ବରାଳ, ବରେନ୍ଦ୍ର ସାହୁ, ସାବିତ୍ରୀ ନାୟକ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ବ୍ୟାପ୍ତି ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ କିଶୋର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



କଟକ ଆର୍ଟିଷ୍ଟ ଅର୍ଗାନାଇଜେଶନ ପକ୍ଷରୁ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ହେପାଟାଇଟିସ ବି ସମ୍ପର୍କିତ ପୋଷ୍ଟର ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

## ପୁଣି ତାର ଛିଣ୍ଡିଲା, ପୋଡ଼ିଗଲା ବିଦ୍ୟୁତ୍ ସରଞ୍ଜାମ

ଚୌଦ୍ୱାର,୫।୫(ଆଶୁତୋଷ ଦାସ)

ଚୌଦ୍ୱାର କଳିଙ୍ଗ ଛକ ନିକଟରେ ମାଟି ବୋଝେଇ ଏକ ହାଇୱା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ତାହା ଛିଣ୍ଡି ପଡିଥିଲା। ଫଳରେ ଚୌଦ୍ୱାର ସହରରେ ପ୍ରାୟ ଏକ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ କିମ୍ବା ରାସ୍ତା ନିର୍ମାଣକାରୀ ସଂସ୍ଥା ତରଫରୁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ରାଜରାସ୍ତା ନିର୍ମାଣ ପାଇଁ ରବିବାର ଅପରାହ୍ନରେ ଏକ ହାଇୱା ମାଟି ଅନ୍‌ଲୋଡ କରୁଥିବାବେଳେ ରାସ୍ତା ଉପରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ତାର ଛିଣ୍ଡି ରାସ୍ତା ଉପରେ ପଡିଥିଲା। ଉକ୍ତ ତାର ଉପରେ ନିର୍ଭର କରୁଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନର ସମସ୍ତ ବୈଦ୍ୟୁତିକ ଉପକରଣ ନଷ୍ଟ ହୋଇଯାଇଥିବା କଳିଙ୍ଗବଜାର ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଶନିବାର ଚୌଦ୍ୱାର ଓଟିଏମ୍ ଛକର ହନୁମାନ ବଜାରରେ ଶନିବାର ଏକ ହାଇୱା ମାଟି ଖାଲି କରୁଥିବାବେଳେ ପଛ ଡାଲା ବିଦ୍ୟୁତ୍ ତାରରେ ଲାଗିଯିବାରୁ ତାହା ଛିଣ୍ଡି ପଡିଥିଲା। ଫଳରେ ନିଆଁ ଲାଗି ଏକ ଡ୍ରେସ୍ ଦୋକାନ ପୋଡି ଯାଇଥିଲା।

## 'ରାମନାମ ଦ୍ୱାରା ସତ୍ୟ-ଧର୍ମକୁ ରକ୍ଷା କରାଯାଇପାରିବ'



ମହୋତ୍ସବରେ ଅତିଥିଙ୍କ ସମେତ ଅନ୍ୟମାନେ।

**ରାମଲୀଳା ମହୋତ୍ସବ ଉଦ୍‌ଯାପିତ**

କଟକ,୫।୫ (କାର୍ତ୍ତିକ ସାହୁ)

କଟକ ଚୌଧୁରୀବଜାରସ୍ଥିତ ମାରୁତିମଣ୍ଡପ ଠାରେ କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତି ଦ୍ୱାରା ଆୟୋଜିତ ରାମଲୀଳା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହନ୍ତ ବାବାଜୀ ଅମୃତାନନ୍ଦ ଦାସ ମହାରାଜ ଯୋଗଦେଇ କହିଛନ୍ତି, ରାମନାମ ଦ୍ୱାରା ସତ୍ୟ-ଧର୍ମକୁ ରକ୍ଷା କରାଯାଇ ପାରିବ। ଉଦ୍‌ଯାପନୀ ମହୋତ୍ସବରେ ଶ୍ରୀ ଶ୍ରୀ ଅମଣିଆ ପାଟଣା ରାମଲୀଳା ପ୍ରଚାର ସମିତି ପକ୍ଷରୁ ନାଟକ 'ରାବଣ ବଧ' ମଞ୍ଚସ୍ଥ ହୋଇଥିଲା। ସମିତି ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଭିନେତା ଶ୍ରୀତମ ଦାସ, ସୌମ୍ୟରଞ୍ଜନ ସ୍ୱାଇଁ, ଆଇନଜୀବୀ କ୍ଷେତ୍ରମୋହନ ଧଳ, ବସନ୍ତ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ସମିତିର କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ଦିଲୀପ କୁମାର ସ୍ୱାଇଁ, କାର୍ଯ୍ୟକ୍ରମ ଅଧ୍ୟକ୍ଷ ଶିବଦାସ ପୂର୍ଣ୍ଣଚନ୍ଦ୍ର ସିଂହ, ଉପସଭାପତି ନଳୀନ କୁମାର ସେନାପତି, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଗୋପାଳ ଚନ୍ଦ୍ର ମିଶ୍ର, ଲୋକସମ୍ପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବେଆଇନ ଗଞ୍ଜେଇ ଚାଲାଣ, ୫ ଗିରଫ

ମଙ୍ଗୁଳି-ଜଗତପୁର,୫।୫(ମାନସ ସାମଲ)

ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ଟାଙ୍ଗୀ ପୋଲିସ ୫ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିହାର ଅଞ୍ଚଳର ରୋଶନ କୁମାର ଚୌଧୁରୀ, କଟକ ଜିଲା ସିଆର୍‌ଆର୍‌ଆଇ ଥାନା ଅଞ୍ଚଳର ମାନସ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, କନ୍ଧମାଳର ସନ୍ଦୀପ ଦିଗଲ ଓ ବିକାଶ ପ୍ରଧାନ। ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ଖବର ପାଇଥିଲା। ଫଳରେ ଟାଙ୍ଗୀସ୍ଥିତ ଶିବଶକ୍ତି ଫ୍ୟାକ୍ଟ୍ରି ନିକଟରେ ଏକ ବୋଲେରୋ ଓ କାରକୁ ଅଟକାଇ ପୋଲିସ ଯାଞ୍ଚ କରିଥିଲା। ଯାଞ୍ଚବେଳେ ଉଭୟ ଗାଡ଼ିରେ ବିପୁଳ ପରିମାଣର ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଜବତ ଗଞ୍ଜେଇର ଓଜନ ୪୯ କିଲୋ ୨୫୦ ଗ୍ରାମ୍ ବୋଲି ପୋଲିସ ସୂଚନା ଦେଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୧୫/୨୪) ରୁଜୁ ହୋଇଛି।

## କଟକ ୟୁନିଅନ କ୍ଲବ୍ ନୂତନ କର୍ମକର୍ତ୍ତା ନିର୍ବାଚିତ



କଟକ,୫।୫(ଶିଲ୍ପା ପ୍ରିୟଦର୍ଶିନୀ)

ମିଶନ୍ ରୋଡସ୍ଥିତ କଟକ ୟୁନିଅନ କ୍ଲବ୍‌ର କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ସଦସ୍ୟ ବିଷ୍ଣୁପ୍ରସାଦ ପ୍ରଧାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ସଭାପତି ଭାବେ ସ୍ୱରୂପ ରଞ୍ଜନ ସିଂହସାମନ୍ତ, ଉପସଭାପତି ଅଜୟ କୁମାର ମିଶ୍ର, ସମ୍ପାଦକ ସଞ୍ଜୀବ କୁମାର ସାହୁ, ଯୁଗ୍ମସମ୍ପାଦକ ଅପର୍ଣ୍ଣ ପ୍ରସାଦ ଦାସ, କୋଷାଧ୍ୟକ୍ଷ ଭାବେ ଦିଲ୍ଲୀପ କୁମାର ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ କର୍ପୋରେଟର ବସନ୍ତ କୁମାର ବେହେରା, ସସ୍ମିତ ଚୌଧୁରୀ, ଏ. ଉମେଶ କୁମାର ରାଓ, ସୁଚିତ୍ରା ପ୍ରସାଦ, ବିପ୍ରଚରଣ ସାହୁ, ନିକୁଞ୍ଜ କୁମାର ଦେଓ, ଡ. ଅଭିଳାଷ ରାଉତ ନିର୍ବାଚିତ ହୋଇଛନ୍ତି।

# 'ପ୍ରତ୍ୟେକ ଜନସାଧାରଣ ମତାଧିକାର ସାବ୍ୟସ୍ତ କରନ୍ତୁ'

## ପ୍ରଥମ ଥର ଭୋଟ ଦେବୁ

କଟକ,୫।୫(କାର୍ତ୍ତିକ ସାହୁ)

ଆସନ୍ତା ୨୫ ତାରିଖରେ କଟକ ଜିଲାରେ ମତଦାନ। ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ବିଭିନ୍ନ ରାଜନୈତିକ ଦଳ ସମେତ ସ୍ୱାଧୀନ ପ୍ରାର୍ଥୀମାନେ ନିର୍ବାଚନ ରଣାଙ୍ଗନରେ ଯୁବ ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଚଳିତବର୍ଷ ପ୍ରଥମ ଥର ପାଇଁ ଭୋଟଦେବାକୁ ଯାଉଥିବା ମତଦାତାମାନେ ରାଜନୈତିକ ପାଣିପାଗ, ଦେଶ ତଥା ରାଜ୍ୟର ଅର୍ଥନୈତିକ ସ୍ଥିତି, ଶାସନରେ ସ୍ଥିରତା, ସର୍ବୋପରି ଯୋଗ୍ୟ ପ୍ରାର୍ଥୀଙ୍କୁ ନିଜ ମାନଦଣ୍ଡରେ ପରଖୁଛନ୍ତି। ବର୍ତ୍ତମାନର ଯୁବ ଭୋଟର ଅନ୍ୟ ଦ୍ୱାରା ପ୍ରଭାବିତ ହେବା ପରିବର୍ତ୍ତେ ନିଜ ସ୍ୱାଧୀନ ମତଦାନ ଉପରେ ବିଶ୍ୱାସ ରଖୁଥିବା ମତପ୍ରକାଶ ପାଇଛି।

" ପ୍ରଥମ ଥର ପାଇଁ ମତଦାନ ସାବ୍ୟସ୍ତ କରିବାକୁ ଯାଉଥିଲେ ବି ମୋର ଭୋଟକୁ ସଦୁପଯୋଗ କରିବି। ନେତାଙ୍କ ଫାଙ୍କା ପ୍ରତିଶ୍ରୁତିରେ କେବେ ବିଶ୍ୱାସ କରିବି ନାହିଁ। ଆମେମାନେ ଏଭଳି ପ୍ରାର୍ଥୀଙ୍କୁ ଜିତାଇବା ଦରକାର, ଯିଏ ଆମକୁ ସୁଶାସନ ଦେବା ସହ ଦୁର୍ନୀତିମୁକ୍ତ ପ୍ରଶାସନିକ ବ୍ୟବସ୍ଥାର ପରିପନ୍ଥୀ ହେବ।



**ପୁଷ୍ପାଞ୍ଜଳି ସାହୁ, ଛାତ୍ରୀ, ଡିଏମ୍‌ଏଲ୍‌ଟି, ଏସ୍‌ସିବି ମେଡିକାଲ କଲେଜ**

" ଚଳିତବର୍ଷ ପ୍ରଥମଥର ମତଦାନ କରିବାକୁ ଯାଉଥିବାରୁ ଖୁବ୍ ଉତ୍ସାହିତ ଅଛି। ଗଣତନ୍ତ୍ରର ଭୋଟଦାନ ପର୍ବରେ ନିଜକୁ ସାମିଲ କରି ମୋର ମତାଧିକାର ସାବ୍ୟସ୍ତ କରିବି। ମୁଁ ଚାହିଁବି ଦେଶର ପ୍ରତ୍ୟେକ ଜନସାଧାରଣ ଏଥିରେ ଅଂଶଗ୍ରହଣ କରନ୍ତୁ। କାରଣ ପ୍ରତି ଭୋଟ ମୂଲ୍ୟବାନ। ଭୋଟଦାନରୁ କେହି ବିରତ ନ ରହି ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠାରେ ନିଜକୁ ସହଯୋଗୀ କରିବାକୁ ନିବେଦନ କରୁଛି।



**ମନୀଷା ରାଣୀ ବାରିକ, ଛାତ୍ରୀ, ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ**

" ପ୍ରଥମ ଥର ମତଦାନ ସାବ୍ୟସ୍ତ କରିବାକୁ ଯାଉଥିବାରୁ ମନରେ ଉତ୍ସୁକତା ରହିଛି। ଦେଶ ପ୍ରତି ନିଜର ଦାୟିତ୍ୱବୋଧ ରହିଛି। ମୋ ଭୋଟ, ମୋ ଅଧିକାର ପିଲାଟିବେଳୁ ଶୁଣି ଆସୁଥିଲେ। ହେଲେ ଆଜି ସେହି ସମୟ ଉପନୀତ। ନିଜେ ଭୋଟ ଦେବାର ସୁଯୋଗ ପାଇଥିବାରୁ ନିଜକୁ ଖୁବ୍ ଧନ୍ୟ ମନେକରୁଛି।



**ଅଙ୍କିତା ଆଚାର୍ଯ୍ୟ, ଛାତ୍ରୀ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

" ପ୍ରତ୍ୟେକ ନାଗରିକ ଭୋଟ ଦେବା ନିମନ୍ତେ ସାମ୍ବିଧାନିକ ଅଧିକାର ପାଇଛନ୍ତି। ନିଜର ଭୋଟ ଦେଶର ଭାଗ୍ୟ ବଦଳାଇବାରେ ସକ୍ଷମ। ଏକଥା ପ୍ରତ୍ୟେକେ ବୁଝିବା ଦରକାର। ବିଶେଷକରି ଶିକ୍ଷିତ ବର୍ଗ ନିଶ୍ଚିତ ଭାବେ ଭୋଟ ଦେବା ଆବଶ୍ୟକ। ଭୋଟଦାନର ହାର ବୃଦ୍ଧି ପାଇଲେ ନିଶ୍ଚିତ ଭାବେ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ସମ୍ଭବ ହୋଇପାରିବ।



**ଆକାଂକ୍ଷା ସାହାଣୀ, ଛାତ୍ରୀ, ଜେକେବିକେ ମହାବିଦ୍ୟାଳୟ**

" ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଶାସନ ପାଇଁ ମତଦାନରେ ମୋତେ ଭାଗନେବାକୁ ଅଧିକାର ମିଳିଛି। ଭୋଟରଙ୍କ ମତଦାନ ଆଗାମୀ ୫ ବର୍ଷ ନିମନ୍ତେ ଦେଶର ଭାଗ୍ୟ ନିର୍ଦ୍ଧାରଣ କରିବ। ଯୁବବର୍ଗଙ୍କ ଉନ୍ନତିରେ ଦେଶର ପ୍ରଗତି। ଏ କଥା ପ୍ରତ୍ୟେକ ବୁଝିବା ଦରକାର। ବିଶେଷକରି ଯେଉଁ ସଂଖ୍ୟା ଗରିଷ୍ଠ ଦଳ ସରକାର ଗଠନ କରିବ ସେମାନେ ଏଥିପ୍ରତି ଗୁରୁତ୍ୱ ଦେବା ନିହାତି ଆବଶ୍ୟକ।



**ଅନନ୍ୟା ଅପରାଜିତା ଦାସ, ଛାତ୍ରୀ, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ**

" ଦେଶର ବିକାଶ ପାଇଁ ଯୁବଶକ୍ତିର ଯୋଗଦାନ ଅପରିହାର୍ଯ୍ୟ। ଯୁବଶକ୍ତିକୁ ସବୁକ୍ଷେତ୍ରରେ ସାମିଲ କରାଯିବା ସହ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ଼ କରିବା ଦିଗରେ ସରକାର ଅଧିକ ଯୋଜନା କାର୍ଯ୍ୟକାରୀ କରାନ୍ତୁ। ମୂଲ୍ୟଯୁକ୍ତ ଶିକ୍ଷା ସହ ସେମାନଙ୍କ ନିଯୁକ୍ତି ସୁନିଶ୍ଚିତ କରାଇ ରୋଜଗାରକ୍ଷମ କରାଇବା ଏକ ପ୍ରମୁଖ ଲକ୍ଷ୍ୟ ହେଉ। ତେବେ ଆମ ମତଦାନର ମୂଲ୍ୟ ରହିବ।



**କାଶିସ କିରନ୍ ସାହୁ, ଛାତ୍ରୀ, ଅର୍ଥନୀତି ବିଜ୍ଞାନ, ଇମର୍ତ୍ତିଦେବୀ କଲେଜ**

ଇଣ୍ଡିଆନ୍ ବ୍ୟାଙ୍କ / Indian Bank / ଇଲାହାବାଦ / ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪
zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
{ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ

**ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ **"ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ **https://www.mstcecommerce.com**

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ବକେୟା ପରିମାଣ / ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
| --- | --- | --- | --- | --- |
| ୧. | **କଟକ ମଧୁପାଟଣା ଶାଖା /** ଋଣଗ୍ରହୀତାମାନେ: ୧) ମେସର୍ସ ହେଲ୍‌ଥ ସଲ୍ୟୁସନ, ସ୍ୱତ୍ୱାଧିକାରୀ: ରଶ୍ମି ରଞ୍ଜନ ଦାସ, ପିତା: ପଦ୍ମ ଚରଣ ଦାସ, ପ୍ଲଟ୍ ନଂ.: ୮୭୦, ମହାନଦୀ ବିହାର, କଟକ-୭୫୩୦୦୪, ୨) ରଶ୍ମି ରଞ୍ଜନ ଦାସ (ବନ୍ଧକଦାତା), ପିତା: ପଦ୍ମ ଚରଣ ଦାସ, ସା: ମହାନଦୀ ବିହାର, ପ୍ଲଟ୍ ନଂ.: ୭୨୯, ନୟାବଜାର, କଟକ-୭୫୩୦୦୪ | ରଶ୍ମି ରଞ୍ଜନ ଦାସଙ୍କ ନାମରେ ଥିବା ସମ୍ପତ୍ତି (ଖାଲିଥିବା ଜମି)ର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୮୭/୩୯୦୫ ଏବଂ ୧୮୮/୩୯୦୬, ଖାତା ନଂ.: ୨୪୭/୧୬୨୫, ମୌଜା: ଉତ୍ତମପୁର, ଥାନା: କଟକ ସଦର ନଂ.: ୩୭, ତହସିଲ: କଟକ, ଜିଲ୍ଲା: କଟକ, **ସମୁଦାୟ କ୍ଷେତ୍ର: ଏକର୦.୦୮୦ଡିସିମିଲି,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୮୭ ଏବଂ ୧୮୮ରେ ହୋଇଥିବା ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୮୭ ଏବଂ ୧୮୮ର ଅଂଶ, ପୂର୍ବ: ପ୍ଲଟ୍ ନଂ.: ୧୮୮, ପଶ୍ଚିମ: ପ୍ଲଟ୍ ନଂ.: ୧୮୭ | ୩୦.୦୫.୨୦୨୩ / ୦୭.୦୮.୨୦୨୩ / ୦୪.୦୫.୨୦୨୪ ସୁଦ୍ଧା ଟ.୪୩,୩୦,୩୪୦/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଭୌତିକ | ଟ.୨୬.୬୬ ଲକ୍ଷ / ଟ.୨.୬୭ ଲକ୍ଷ / ଟ.୦.୧୦ ଲକ୍ଷ |
| ୨. | **କଟକ ମଧୁପାଟଣା ଶାଖା /** ଋଣଗ୍ରହୀତା: ସୁଦର୍ଶନ ଦାସ, ପିତା: ଦୁଃଶାସନଦାସ, ଋଣଗ୍ରହୀତା/ବନ୍ଧକଦାତା: ସଞ୍ଜୁକ୍ତା ଦାସ, ସ୍ୱାମୀ: ଦୁଃଶାସନ ଦାସ, ଉଭୟଙ୍କ ବାସସ୍ଥାନ ଠିକଣା-୧୨୦ ୧/ବି, ବିଶଲ୍ୟ କରଣୀ ଲେନ୍, ମଧୁପାଟଣା, କଟକ-୭୫୩୦୧୦ | **ସଞ୍ଜୁକ୍ତା ଦାସ,** ସ୍ୱାମୀ: ଦୁଃଶାସନ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୫୬, ଖାତା ନଂ.: ୮୬୧/୩୦୦, କ୍ଷେତ୍ର: ଏକର୦.୦୨୨.୫ ଡିସିମିଲି (୯୮୦.୧ ବର୍ଗଫୁଟ), ମୌଜା: କଟକ ସହର ୟୁନିଟ୍ ନଂ.: ୩୨, ଥାନା: ମଧୁପାଟଣା ନଂ.୦୭, ତହସିଲ: କଟକ ନଂ. ୨୩୧, ଜିଲ୍ଲା: କଟକ, ଏହାରଚାରିପାର୍ଶ୍ୱରେ- ଦକ୍ଷିଣ: ପ୍ଲଟ୍ ନଂ. ୪୫୦, ଉତ୍ତର: ରାସ୍ତା, ପଶ୍ଚିମ:ପ୍ଲଟ୍ ନଂ. ୪୫୦, ପୂର୍ବ: ପ୍ଲଟ୍‌ର ଅବଶିଷ୍ଟ ଅଂଶ | ୩୦.୦୮.୨୦୨୩/ ୦୮.୧୧.୨୦୨୩ / ୦୪.୦୫.୨୦୨୪ ସୁଦ୍ଧା ଟ.୧୩,୭୦,୪୧୬/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୪୬.୪୨ ଲକ୍ଷ / ଟ.୪.୬୪ ଲକ୍ଷ / ଟ.୦.୧୦ ଲକ୍ଷ |
| ୩. | **କଟକ କ୍ୟାଣ୍ଟୋନମେଣ୍ଟ ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ଶ୍ରୀମତୀ ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ୨) ଶ୍ରୀ ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ୩) ଶ୍ରୀ ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସ, ସମସ୍ତଙ୍କ ବାସସ୍ଥାନ ଠିକଣା- ସା: ସୁବେଦାର ଲେନ୍, ପୋ: ବକ୍ସି ବଜାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୧ | **ଶ୍ରୀମତୀ ମମତା ଦାସ,** ସ୍ୱାମୀ: ୰ ଶରତ କୁମାର ଦାସ, **ଶ୍ରୀ ସୁବ୍ରତ କୁମାର ଦାସ,** ପିତା: ୰ ଶରତ କୁମାର ଦାସ ଏବଂ **ଶ୍ରୀ ପ୍ରିୟବ୍ରତ ଦାସ,** ପିତା: ୰ ଶରତ କୁମାର ଦାସଙ୍କ ନାମରେ ରେକର୍ଡଭୁକ୍ତ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତାନଂ.: ୩୨୦-ଡ଼ି୧, ପ୍ଲଟ୍ ନଂ.: ୨୯୩/୯୩୦, କ୍ଷେତ୍ର: ଏକର୦.୦୦୬ ଡିସିମିଲି, ମ୍ୟୁଟେସନ ଖାତା ନଂ.: ୩୨୧-ଡ଼ି୧, ପ୍ଲଟ୍ ନଂ.: ୨୯୨/୯୨୯, କ୍ଷେତ୍ର: ଏକର୦.୦୦୯ ଡିସିମିଲି ୧/୨ କଡି ଏବଂ **ସମୁଦାୟ କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଏବଂ ୧/୨ କଡି,** କିସମ: ଘରବାରି, ମୌଜା: କଟକ ସହର ୟୁନିଟ୍ ନଂ.-୧୭, ମାଛୁଆବଜାର, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଡିଏସ୍‌ଆରଓ: କଟକ, ଜିଲ୍ଲା: କଟକ-୭୫୩୦୦୧, ଓଡ଼ିଶା, ବିକ୍ରୟ ଦଲିଲ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ-ଉତ୍ତର: ସୁରଜ କୁମାର ଦାସ, ପଶ୍ଚିମ: ରାସ୍ତା | ୧୯.୦୮.୨୦୨୩ / ୦୯.୦୨.୨୦୨୪ / ୦୪.୦୫.୨୦୨୪ ସୁଦ୍ଧା ଟ.୧୪,୧୨,୦୬୨/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୧.୨୭ ଲକ୍ଷ / ଟ.୨.୧୩ ଲକ୍ଷ / ଟ.୦.୧୦ ଲକ୍ଷ |

**ଇ-ନିଲାମ ତାରିଖ ଏବଂ ସମୟ: ୨୨.୦୫.୨୦୨୪ (ବୁଧବାର) ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

**ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୨୧.୦୫.୨୦୨୪ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)**

**ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୮.୦୫.୨୦୨୪ରିଖ ଠାରୁ ତା.୧୭.୦୫.୨୦୨୪ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ**

ନିୟମ ଓ ସର୍ତ୍ତାବଳୀ : ୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: **https://www.mstcecommerce.com/auctionhome/ibapi/index.jsp and https://ibapi.in** ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ ଶାଖାରେ ଯୋଗାଯୋଗ କରିପାରିବେ। ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ ୧୫ ଦିନିଆ ନୋଟିସ୍ ଅଟେ। ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ। ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ।

**ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।**

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

**ସ୍ଥାନ: କଟକ, ତାରିଖ: ୦୪.୦୫.୨୦୨୪** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୫।୫ (ସୂର୍ଯ୍ୟକାନ୍ତ ବେହେରା) – ବ୍ରାଉନସୁଗାର ଧରି ଗ୍ରାହକ ଅପେକ୍ଷାରେ ଥିବାବେଳେ ଖଣ୍ଡଗିରି ଥାନା ପୋଲିସ ସ୍ଥାନୀୟ ଏକ ହୋଟେଲ ନିକଟରେ ଚଢାଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜାଗମରା ଅଞ୍ଚଳର ଶକ୍ତି ପ୍ରସାଦ ଜେନା। ତାଙ୍କଠାରୁ ୨୦ଗ୍ରାମ ବ୍ରାଉନସୁଗାର, ନଗଦ ୩୬୦୦ ଟଙ୍କା ଓ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଜବତ ହୋଇଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟ ୨ ଲକ୍ଷ ହେବ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ପ୍ରଥମ ସ୍ତ୍ରୀଙ୍କୁ ଧମକ: ଦ୍ୱିତୀୟ ସ୍ତ୍ରୀ ସହ ସ୍ୱାମୀ ଗିରଫ

ଭୁବନେଶ୍ୱର,୫।୫ (ସୂର୍ଯ୍ୟକାନ୍ତ ବେହେରା): ଦ୍ୱିତୀୟ ସ୍ତ୍ରୀ ସହ ମିଶି ପ୍ରଥମ ସ୍ତ୍ରୀଙ୍କୁ ଗାଳିଗୁଲଜ ଓ ଧମକଚମକ ଦେଇଥିଲେ। ଏନେଇ ଅଭିଯୋଗ ପରେ ଭରତପୁର ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀ ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ ଗିରଫ କରିଛି। ସେମାନେ ହେଲେ କୋଳଥିଆ ଜଗନ୍ନାଥ ମନ୍ଦିର ନିକଟରେ ରହୁଥିବା ଶିବ ସାହୁ ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀ ସସ୍ମିତା ସାହୁ। ଅଭିଯୋଗକାରିଣୀ ଯମୁନା ସାହୁ ଅଭିଯୁକ୍ତ ଶିବଙ୍କୁ ଗତ ୨୦୧୦ ମସିହାରେ ବିବାହ କରିଥିଲେ। ବିବାହର କିଛିବର୍ଷ ପରେ ଅଭିଯୁକ୍ତ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏନେଇ ଯମୁନା ସ୍ୱାମୀ ଶିବଙ୍କ ବିରୋଧରେ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ୍ ଦାଖଲ ମଧ୍ୟ କରିଥିଲେ। ଏହାସତ୍ତ୍ୱେ ନିର୍ଯାତନା ଅସହ୍ୟ ହେବାରୁ ଯମୁନା ଦୁଇ ପିଲାଙ୍କୁ ନେଇ ବାପଘରକୁ ପଳାଇ ଆସିଥିଲେ। ଏହା ଭିତରେ ଶିବ କଟକ ନରାଜସ୍ଥିତ ସିଦ୍ଧେଶ୍ୱର ମନ୍ଦିରରେ ସସ୍ମିତା ସାହୁଙ୍କୁ ଦ୍ୱିତୀୟ ବିବାହ କରିଥିଲେ। କିନ୍ତୁ କୋର୍ଟରେ ମାମଲା ଥିବାରୁ ଯମୁନା ଓ ଅଭିଯୁକ୍ତ ଶିବଙ୍କ ସହିତ ବିବାହ ବିଚ୍ଛେଦ ସମ୍ପୂର୍ଣ୍ଣ ହୋଇ ନ ଥିଲା। ତେବେ ସ୍ୱାମୀ ଶିବ ଦ୍ୱିତୀୟ ବିବାହ କରିଥିବା ଖବର ଶୁଣିବା ପରେ ଯମୁନା ତାଙ୍କ ଭାଇଙ୍କ ସହିତ କୋଳଥିଆସ୍ଥିତ ଘରକୁ ଆସିଥିଲେ। ସେଠାରେ ଅଭିଯୁକ୍ତ ସ୍ୱାମୀ ଶିବ ଦ୍ୱିତୀୟ ସ୍ତ୍ରୀଙ୍କ ସହ ମିଶି ଯମୁନା ଓ ତାଙ୍କ ଭାଇଙ୍କୁ ଧମକ ଦେଇଥିଲେ। ଏନେଇ ଯମୁନା ପୁଣି ଭରତପୁର ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ।

# ଶାମ୍‌ପୁରରେ ୬୮ ଏକର ପୁଣି କବ୍‌ଜା

**ନିର୍ବାଚନ ଆଳରେ ବିଡିଏ ଚୁପ୍, ମାଡ଼ିଗଲେଣି ଜବରଦଖଲକାରୀ**

ଭୁବନେଶ୍ୱର, ୫।୫ (ବନ୍ଦନା ସେଠୀ)

ଶାମ୍‌ପୁର ମୌଜାରେ ଥିବା ମୂଲ୍ୟବାନ ୬୮ ଏକର ସରକାରୀ ଜମିରୁ ଜବରଦଖଲ ହଟାଇବାରେ ବିଡିଏ ବାରମ୍ବାର ବିଫଳ ହେଉଛି। ବାହାନା ପରେ ବାହାନା ଦେଖାଇ ଜବରଦଖଲ ଉଚ୍ଛେଦକୁ ଟାଳିବାରେ ଲାଗିଛି। ପ୍ରଥମେ ଏକାମ୍ର ଉତ୍ସବ ପରେ ବିଧାନସଭା ପାଇଁ ପୋଲିସ ନ ମିଳିବାର ବାହାନା ପରେ ଏବେ ନିର୍ବାଚନକୁ ଆଳ କରି ଚୁପ୍ ବସିଛି। ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିବାରୁ ଏବେ କୌଣସି ଉଚ୍ଛେଦ ହେବନାହିଁ। ନିର୍ବାଚନ ସରିବା ପରେ ଏନେଇ କିଛି ପଦକ୍ଷେପ ନିଆଯିବ ବୋଲି ବିଡିଏ ଅଧିକାରୀ କହିଛନ୍ତି। ଅପରପକ୍ଷେ ବିଲେଇ କପାଳକୁ ସିକା ଛିଡିବା ପରି ଏବେ ନିର୍ବାଚନ ପ୍ରସଙ୍ଗ ଜବରଦଖଲକାରୀଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଆଣି ଦେଇଛି। ପୂର୍ବରୁ ଯେଉଁଠି ୨୯/୩୦ଟି ଘର ତିଆରି ହୋଇଥିଲା ଏବେ ସେଠାରେ ୨ଶହରୁ ଊର୍ଦ୍ଧ୍ୱ ନିର୍ମାଣ ହୋଇଗଲାଣି। ତେବେ ୧୪୪ଧାରା ଲାଗୁହେବା ପରେ ମଧ୍ୟ ଜବରଦଖଲକାରୀମାନେ ବେଆଇନ୍ ନିର୍ମାଣ ଜାରି ରଖିବା ଏବଂ ସବୁ ଜାଣିଶୁଣି ବିଡିଏ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଶ୍ୟାମପୁର ମୌଜାରେ ବିଡିଏର ପ୍ରାୟ ୬୮ଏକର ଜମି ଥିଲା। ବିଡିଏ ଏଠାରେ ହାଉସିଂ ପ୍ରୋଜେକ୍ଟ କରିବାକୁ ପାଚେରି ମଧ୍ୟ ବୁଲାଇଥିଲା। ମାତ୍ର ଏହାସତ୍ତ୍ୱେ ଜମି ଜବରଦଖଲକୁ ଚାଲିଗଲା। ଜମି ଦଲାଲମାନେ ବିଡିଏ ଜମିକୁ ନିଜ କବ୍‌ଜାକୁ ନେଇ ପ୍ଲଟିଂ କରି ଅନ୍ୟମାନଙ୍କୁ ବିକିଦେଲେ। ଅନେକ ଘର ମଧ୍ୟ ନିର୍ମାଣ ହେଲା। ତେବେ ଘଟଣା ନେଇ ଅଭିଯୋଗ ହେବା ପରେ ବିଡିଏର ଏକ ଟିମ୍ ଶାମ୍‌ପୁର ଗସ୍ତରେ ଯାଇ ସର୍ଭେ କରି ରିପୋର୍ଟ ଦେଲେ। ଏନେଇ ଇଓଡବ୍ଲ୍ୟୁଓରେ ମଧ୍ୟ ଏତଲା ଦିଆଗଲା। ପରେ ବିଡିଏର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସେଠାକୁ ଯାଇ ଗୋଟିଏ ଘର ଭାଙ୍ଗି ଚାଲିଆସିଲା। ମାତ୍ର ଜବରଦଖଲ ନ ହଟିବାରୁ ପରେ ଜଏଣ୍ଟ ସର୍ଭେ କରାଯାଇ ସେଠାରେ ୧୪୪ ଧାରା ଜାରି କରାଗଲା। ସମ୍ପୃକ୍ତ ଜମି ବିଡିଏର ହୋଇଥିବାରୁ ସେଠାରେ ପ୍ରବେଶ ନିଷେଧ ବୋଲି ବୋର୍ଡ ମରାଗଲା। ଏପରିକି ୨ଜଣ ସିକ୍ୟୁରିଟିଙ୍କୁ ମଧ୍ୟ ଜଗାଗଲା। ମାତ୍ର ଯଥା ପୂର୍ବଂ ତଥା ପରମ୍ ନୀତିରେ ଶାମ୍‌ପୁରରେ ଜବରଦଖଲ ହଟିବା ପରିବର୍ତ୍ତେ ଦିନକୁ ଦିନ ବଢି ଚାଲିଛି। ସହରର ଅନ୍ୟାନ୍ୟ ଅଞ୍ଚଳରେ ଜବରଦଖଲ ହଟାଉଥିବା ବିଡିଏ ଶାମପୁର ନେଇ ଜବରଦଖଲକୁ ଅନୁକମ୍ପା ଦେଖାଇ ଚାଲିଛନ୍ତି। ନିର୍ବାଚନ ସରିବା ପରେ ଉଚ୍ଛେଦ କରାଯିବ ବୋଲି ଅଧିକାରୀ କହୁଥିବାବେଳେ ସେତେବେଳକୁ ସେଠାରେ ଅଘୋଷିତ ବସ୍ତି ସୃଷ୍ଟି ହୋଇଯିବ ବୋଲି ଆଶଙ୍କା କରାଯାଉଛି। ସବୁଠାରୁ ବଡ କଥା ହେଉଛି ଦୀର୍ଘଦିନ ଧରି ଏହି ଜମିରେ ଜବରଦଖଲ ଚାଲିଥିବାବେଳେ ବିଡିଏର ବ୍ଲୁଇସ୍ ସେଲ୍ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ଧୀରେ ଧୀରେ ପୂରା ୬୮ଏକର ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲି ଗଲାଣି।

# କର୍ପୋରେଟର ନୃପେଶ ନାୟକଙ୍କୁ ଆକ୍ରମଣ

- ବିଦ୍ୟୁତ୍ ଖୁଣ୍ଟ ପୋତାହେବାବେଳେ ଗଣ୍ଡଗୋଳ
- ପ୍ରତିପକ୍ଷ ପକ୍ଷରୁ ପାଲଟା ଅଭିଯୋଗ

ଭୁବନେଶ୍ୱର,୫।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୫୫ ନଂ. ୱାର୍ଡର କର୍ପୋରେଟର ନୃପେଶ ନାୟକଙ୍କୁ ପୁରୁଣା ଭୁବନେଶ୍ୱର ରଥ ରୋଡ୍‌ରେ କେତେଜଣ ଲୋକ ରବିବାର ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବିଦ୍ୟୁତ୍ ଖୁଣ୍ଟ ପୋତାହେବା ବେଳେ ହୋଇଥିବା ଗଣ୍ଡଗୋଳ ସମୟରେ ଏହି ଘଟଣା ଘଟିଛି। ଏନେଇ ନୃପେଶ ଶ୍ରୀଲିଙ୍ଗରାଜ ଥାନାରେ ଏତଲା ଦେଇଛନ୍ତି। ରଥ ରୋଡ୍‌ରେ ଥିବା ଉକ୍ତ ବିଦ୍ୟୁତ୍ ଖୁଣ୍ଟ ଶନିବାର ଉପୁଡ଼ି ପଡ଼ିଥିଲା। ତେଣୁ ସରକାରୀ କର୍ମଚାରୀ, ସ୍ଥାନୀୟ ବାସିନ୍ଦାଙ୍କ ସହ ନୃପେଶ ଅପରାହ୍ନ ପ୍ରାୟ ୧ଟାରେ ଖୁଣ୍ଟ ପୋତୁଥିଲେ। ଏହି ସମୟରେ ସ୍ଥାନୀୟ ସୁଆର ସାହିର ୩ଜଣ ବ୍ୟକ୍ତି ଏବଂ ତାଙ୍କ ସହଯୋଗୀମାନେ ସେଠାରେ ପହଞ୍ଚି ଉକ୍ତ କାର୍ଯ୍ୟକୁ ବିରୋଧ କରିବା ସହ ନୃପେଶଙ୍କୁ ମାଡ଼ ମାରିଥିଲେ। ଏହି ଜନସ୍ୱାର୍ଥ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ଉପରେ ଏଭଳି ଆକ୍ରମଣ ହୋଇଥିବାରୁ ନୃପେଶ ନ୍ୟାୟ ଦାବି କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷରେ ଅପର ପକ୍ଷରୁ ମଧ୍ୟ ନୃପେଶଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ ହୋଇଛି। ବାଉରିଆ ପଣ୍ଡାଙ୍କ ପୁଅ ଶ୍ୟାମ ପଣ୍ଡା ଏନେଇ ଏତଲା ଦେଇଛନ୍ତି। ଯେଉଁ ସ୍ଥାନରେ ଉକ୍ତ ଖୁଣ୍ଟଟି ରହିଥିଲା ସେଠାରେ ପୋତା ନ ଯାଇ କିଛିଦୂରରେ ଥିବା ତାଙ୍କ ବ୍ୟକ୍ତିଗତ ଜାଗାରେ ପୋତାଯାଉଥିବାରୁ ତାହାକୁ ବିରୋଧ କରାଯାଇଥିଲା। ଝଗଡ଼ା ସମୟରେ ନୃପେଶ ମଧ୍ୟ ସେମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଘଟଣାରେ ପୃଥକ୍ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବ ବୋଲି ଲିଙ୍ଗରାଜ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି।

# ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ ଆରମ୍ଭ





ଭୁବନେଶ୍ୱର,୫।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଏକାଡେମୀର ୪୧ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ କଳିଙ୍ଗ ଆର୍ଟ ଗ୍ୟାଲେରିରେ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଦର୍ଶନୀକୁ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ଚିତ୍ରଶିଳ୍ପୀ ବିନୋଦ ମହାରଣା, ଧର୍ମପଦ ପୁରସ୍କାରପ୍ରାପ୍ତ ଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ଚିତ୍ର ଓ ଭାସ୍କର୍ଯ୍ୟ କଳା ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଯୁବ ଶିଳ୍ପୀମାନେ ନିଜ କଳାକୃତି ମାଧ୍ୟମରେ ଏହାକୁ ଆହୁରି ଅଧିକ ପରିପୁଷ୍ଟ କରିବେ ବୋଲି ଅତିଥିମାନେ ଆଶାପ୍ରକାଶ କରିଥିଲେ। ଏକାଡେମୀ ସଚିବେ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ କରିଥିଲେ। ପ୍ରଦର୍ଶନୀରେ ୪୧ତମ ରାଜ୍ୟ ପୁରସ୍କାର ପାଇଥିବା ଶିଳ୍ପୀଙ୍କ ଛବି ଓ ଭାସ୍କର୍ଯ୍ୟ ସ୍ଥାନ ପାଇଛି। ମୋଟ ୮୮ଟି ଚିତ୍ରକଳା, ୩୫ଟି ଭାସ୍କର୍ଯ୍ୟ, ୧୨ଟି ମୁଦ୍ରଣ କଳା ଓ ୮ଟି ପାରମ୍ପରିକ କଳା ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

### ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୫।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଚନ୍ଦ୍ରଶେଖରପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୩୧ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ ଡ. ଗଗନ ବିହାରୀ ରାଉତ ଓ ସମ୍ମାନିତ ଅତିଥି ଭାବେ ବିଶ୍ୱଜିତ ବଡୁ ଯୋଗଦେଇଥିଲେ। ବିଦ୍ୟାଳୟ ସଭାପତି ମଦନ ମୋହନ ଧଳ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଗଙ୍ଗାଧର ମହାରଣା ବାର୍ଷିକ ବିବରଣୀ ପାଠ କରିବା ସହିତ ବିଗତ ୩୧ ବର୍ଷ ମଧ୍ୟରେ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ଓ ଶିକ୍ଷାଦାନ ପଦ୍ଧତି ସମ୍ବନ୍ଧରେ ପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହିତ ୨୦୨୩ ମାଟ୍ରିକ ପରୀକ୍ଷାରେ ଏ-ୱାନ୍ ଗ୍ରେଡ୍‌ରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର କୁନିକୁନି ପିଲାଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପରିଚାଳନା କମିଟି ସଭ୍ୟ ରାମଚନ୍ଦ୍ର ମୁଦୁଲି, ଚିତ୍ରାନନ୍ଦ ସେଠୀ ସହଯୋଗ କରିଥିବାବେଳେ ବରିଷ୍ଠ ଶିକ୍ଷକ ଲୋକନାଥ ପ୍ରହରାଜ, ଅଭୟ କୁମାର ଶତପଥୀ, ବିଜୟ କୁମାର ଦାସ, ଗୋପାଳକୃଷ୍ଣ ପାଣିଗ୍ରାହୀ, ସୁଧୀର କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# କାଲୁଙ୍କ ସ୍ୱାଭିମାନ ସମାବେଶ




ଖୋର୍ଦ୍ଧା,୫।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଧାନସଭା ଆସନ ପାଇଁ କାଳୁଚରଣ ଖଣ୍ଡାୟତରାୟ ସ୍ୱାଧୀନ ଭାବେ ଲଢ଼ିବାକୁ ଘୋଷଣା କରିଛନ୍ତି। ତେବେ ତୃଣମୂଳସ୍ତରରେ ନିଜର ସ୍ଥିତି ମଜଭୁତ କରିବା ପାଇଁ ସେ ରଣନୀତି ପ୍ରସ୍ତୁତ କରୁଛନ୍ତି। ଏଥିଲାଗି ସେ କାଲୁ ପରିବାର ଗଠନ କରିଛନ୍ତି। ଏଥିରେ ବିଭିନ୍ନ ଦଳର ଅସନ୍ତୁଷ୍ଟ କର୍ମୀଙ୍କୁ ନେଇ ଗୋଟିଏ ମଞ୍ଚରେ ଏକାଠି ହେବା ଲାଗି ଆହ୍ୱାନ କରିଛନ୍ତି। ରବିବାର ଗୋଳବାଇ ମେଳଣ ପଡ଼ିଆରେ ସ୍ୱାଭିମାନ ସମାବେଶ କରିଥିଲେ। ସେଠାରେ ସେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସମାବେଶରେ କଂଗ୍ରେସର ଯୁବନେତା ଗୋପବନ୍ଧୁ ମାର୍ଥା ସମର୍ଥନ ଜଣାଇ କାଲୁ ପରିବାର ସହ ଯୋଡ଼ିହୋଇଥିଲେ। ସେ ଏକାଧିକ ସମର୍ଥକଙ୍କୁ ନେଇ ବିଧିବଦ୍ଧ ଭାବେ ଏକାଠି ହୋଇ କାମ କରିବାକୁ ସମର୍ଥନ ଜଣାଇଥିବା କାଲୁ ସୂଚନା ଦେଇଛନ୍ତି। ଏହି ଅବସରରେ ଗୋପବନ୍ଧୁ ଖୋର୍ଦ୍ଧାର ସ୍ୱାଭିମାନ ପାଇଁ ଲଢ଼େଇ କରୁଥିବା କାଲୁଙ୍କୁ ସମର୍ଥନ ଦେବାକୁ ଉପସ୍ଥିତ ଜନତାଙ୍କୁ ନିବେଦନ କରିଥିଲେ। ଗୋପବନ୍ଧୁ କହିଛନ୍ତି, ୧୫ ବର୍ଷ ଧରି ଛାତ୍ରଜୀବନରୁ କଂଗ୍ରେସ ସହ ଥିଲି। ଖୋର୍ଦ୍ଧାରୁ ଟିକେଟ ପାଇଁ ଆଶାୟୀ ରହିଥିବା ବେଳେ ଦଳ ସୋନାଲି ସାହୁଙ୍କୁ ପ୍ରାର୍ଥୀ କରିଛି। ତେଣୁ ସେ ଦଳରୁ ଇସ୍ତଫା ଦେଇଛନ୍ତି। କାଲୁଙ୍କ ପ୍ରତି ତାଙ୍କର ପୂର୍ଣ୍ଣ ସମର୍ଥନ ରହିବ ବୋଲି କହିଛନ୍ତି। ଅନ୍ୟପଟେ କାଲୁ କହିଛନ୍ତି, ଅତୀତରେ ଖୋର୍ଦ୍ଧାରୁ ଏକାଧିକ ସ୍ୱାଧୀନ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ଖୋର୍ଦ୍ଧାରେ ତାଙ୍କର ସଙ୍ଗଠନ ରହିଛି। ୨୦୧୯ ନିର୍ବାଚନରେ ଭାଜପାରୁ ଲଢ଼ି ୭୪ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲି। ଏବେ ସ୍ୱାଧୀନ ଭାବେ ଲଢ଼ି ବିପୁଳ ଭୋଟରେ ବିଜୟୀ ହେବେ ବୋଲି ସେ କହିଛନ୍ତି।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ ପାଇଁ ଏୟାରପୋର୍ଟ ରାସ୍ତାରେ ଉତ୍କଣ୍ଠିତ ଭାଜପା ନେତା, କର୍ମୀଙ୍କ ସହ ସାଧାରଣ ଜନତା।

# ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରାଜଭବନ

**ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ**

ଭୁବନେଶ୍ୱର,୫।୫(ସତ୍ୟଜିତ୍ ରାଉତ)



ପ୍ରଧାନମନ୍ତ୍ରୀ ମୋଦି ବିମାନ ବନ୍ଦରରୁ ସ୍ୱତନ୍ତ୍ର ଗାଡିରେ ରାଜଭବନ ଅଭିମୁଖେ ବାହାରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱତନ୍ତ୍ର ବିମାନ ଯୋଗେ ରବିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଦୁଇଦିନ ପାଇଁ ସେ ଓଡ଼ିଶା ଗସ୍ତରେ ଆସିଥିବା ବେଳେ କମିଶନରେଟ ପୋଲିସ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଧାନମନ୍ତ୍ରୀ ରାଜଭବନରେ ରାତିଯାପନ କରିବେ ଓ ସକାଳେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିପାଇଁ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରାଜଭବନକୁ ରଖାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ତାଙ୍କ ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍‌ଙ୍କ ସହ ଏୟାରପୋର୍ଟ ସିଆଇଏସ୍ଏଫ୍, ରାଜଭବନ ସିକ୍ୟୁରିଟି ୱିଙ୍ଗ୍ ଓ ଭୁବନେଶ୍ୱର ପୋଲିସ ମିଳିତ ଭାବେ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ଏୟାରପୋର୍ଟରେ ଭୁବନେଶ୍ୱର ପୋଲିସ ଓ ସିଆଇଏସଏଫ୍ ମିଳିତ ସହଯୋଗରେ ଆକ୍ସେସ୍ କଣ୍ଟ୍ରୋଲ କରିବା ବ୍ୟବସ୍ଥା କରାଯାଇ ରୁଟ୍ ଲାଇନ୍‌କୁ ନାକା କରାଯାଇ ସମସ୍ତ ଯାନବାହନକୁ ଯାଞ୍ଚ କରାଯିବ। ଏଥିସହ ରୁଟ୍ ଲାଇନରେ ମଧ୍ୟ ଟ୍ରାଫିକ ଡିସିପି ରହି ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବେ। ସହରର ଉଚ୍ଚ କୋଠା ଉପରେ ସୁରକ୍ଷା କର୍ମୀମାନେ ନଜର ରଖିଛନ୍ତି। ଏୟାରପୋର୍ଟ, ରାଜଭବନ ଓ ରୁଟ୍ ଲାଇନକୁ ନୋ ଫ୍ଲାଇଁ ଜୋନ୍ କରାଯାଇଛି। କମିଶନରେଟ ପୋଲିସ ପକ୍ଷରୁ ବ୍ଲୁ ବୁକ୍ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଡଗ୍ ସ୍କ୍ୱାଡ୍, ବମ୍ ସ୍କ୍ୱାଡ୍ ଆଦିକୁ ନିୟୋଜିତ କରାଯାଇଛି। ଭୁବନେଶ୍ୱର ଡିସିପିଙ୍କ ନେତୃତ୍ୱରେ ୫ଜଣ ଡିସିପି, ୫ ଜଣ ଅତିରିକ୍ତ ଡିସିପି, ୧୩ଜଣ ଏସିପି, ୨୧ ଜଣ ଇନ୍‌ସ୍ପେକ୍ଟର, ୯୩ଜଣ ଓଆର୍ ପୋଲିସ କର୍ମଚାରୀ, ୨୫ ପ୍ଲାଟୁନ୍ ଫୋର୍ସ, ଗୋଟିଏ କମ୍ପାନୀ ସିଆର୍‌ପିଏଫ୍ ନିୟୋଜିତ କରାଯାଇଛି। ସେହିପରି କୌଣସି ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ୨ ୟୁନିଟ୍ ଏସ୍‌ଓଜି ମୁତୟନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କିପରି ଶାନ୍ତି ଶୃଙ୍ଖଳାରେ ହେବ ସେଥିପ୍ରତି ସମସ୍ତ ଦିଗକୁ ନେଇ କମିଶନରେଟ ପୋଲିସ ସଜାଗ ରହିଛି।








ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ଏୟାରପୋର୍ଟରୁ ରାଜଭବନ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଲୋକେ ନୃତ୍ୟ, ବାଦ୍ୟ ଓ ପ୍ଲାକାର୍ଡ ଦେଖାଇ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରୁଛନ୍ତି। (ଫଟୋ– ବିକାଶ ନାୟକ)

## ସଂକ୍ଷେପରେ

### ଯଯାତି କେଶରୀ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଚୌଦ୍ୱାର,୫।୫(ଆଶୁତୋଷ ଦାସ)- ଚୌଦ୍ୱାର ପୌରପାଳିକା ୧୦ ନମ୍ବର ୱାର୍ଡ ଅଧୀନ ଲେବରଟେର୍ନାମେଣ୍ଟସ୍ଥିତ ଯଯାତି କେଶରୀ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅକ୍ଷୟ ରଥଙ୍କ ନିର୍ଦ୍ଦେଶନା ଓ ବିପିନ ବିହାରୀ ଜେଠୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ନାଟ୍ୟ ସଂସଦ କର୍ମକର୍ତ୍ତାଙ୍କ ଦ୍ୱାରା ନାଟକ 'କାନ୍ଦେନା ଲୁହ ସରିଯିବ' ଓ 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା' ପରିବେଷଣ କରାଯାଇଥିଲା। ନାଟ୍ୟ ସଂସଦ ସଭାପତି ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌଭିକ୍ ବିଶ୍ୱାଳ, ନଗର ସଭାପତି ବିଷ୍ଣୁ ଚରଣ ପରିଡା, କାଉନସିଲର ବିଜୟ କୁମାର ମଲ୍ଲିକ, ଲୋକନାଥ ସାହୁ, ନୀଳମଣି କର, ପ୍ରଶାନ୍ତ ବରାଳ, ସୁବ୍ରତ ସାମଲ, ଅଜୟ କୁମାର ବେହେରା, ଆଶୁତୋଷ ଦାସ, ବିଜୟ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀନିବାସ ବେହେରା, ନାରାୟଣ ଜେନା, ପର୍ଶୁରାମ ବେହେରା, ଦେବରାଜ ଭୂୟାଁ, ରଞ୍ଜନ ସାହୁ, ରଞ୍ଜନ ବାରିକଙ୍କ ସମେତ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରାସ୍ତା ସଫେଇ କାର୍ଯ୍ୟକ୍ରମ

ଫୁଲନଖରା,୫।୫(ସତ୍ୟରଞ୍ଜନ ଦାସମହାପାତ୍ର)- କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦାଠାରେ ଜୟ ଜଗନ୍ନାଥ ସୋସାଇଟି ପକ୍ଷରୁ ରାସ୍ତା ସଫେଇ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସୋସାଇଟି ସଭାପତି ଡ. ବ୍ରଜକିଶୋର ନାୟକଙ୍କ ନେତୃତ୍ୱରେ ଆଚାର୍ଯ୍ୟ ହରିହର ଉଚ୍ଚ ବିଦ୍ୟାଳୟଠାରୁ ବାଲିକୁଦା ତ୍ରିଶୂଳିଆ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ପ୍ରାୟ ୨୦୦ ମିଟର ରାସ୍ତାକୁ ସଫା କରାଯାଇଥିଲା। ଦୀର୍ଘଦିନ ଧରି ରାସ୍ତାରେ ବାଲି, ଗୋଡି ଜମି ରହିବାରୁ ବାଇକ୍ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ସୋସାଇଟି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ସୋସାଇଟି ଉପସଭାପତି ଶିଶିର ରଞ୍ଜନ ମହାନ୍ତି, ସମ୍ପାଦକ ସୁଧାଂଶୁ ଶେଖର ପାତ୍ର, ସହ ସମ୍ପାଦକ ରମାକାନ୍ତ ସାହୁ, ସଦସ୍ୟ ଅନିରୁଦ୍ଧ ପ୍ରଧାନ, ଗୋଲକ ବିହାରୀ ମିଶ୍ର, ଶିକ୍ଷକ ସୁବ୍ରତ ଗୋଚ୍ଛାୟତ, ସୁବାସ ଚନ୍ଦ୍ର ଲେଙ୍କା, ସ୍ମିତା ଦାଶ, ଅଶୋକ ମିଶ୍ର, ଅଜୟ କୁମାର ବେହୁରା, ଲିଙ୍ଗରାଜ ଦାଶ, ପୀତବାସ ଖାଡ଼େଙ୍ଗା, ପ୍ରମୁଖ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ରବୀନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଭୋଟ୍ ବର୍ଜନ ପାଇଁ ଗ୍ରାମବାସୀଙ୍କ ଚେତାବନୀ

- ୧୦ବର୍ଷ ହେଲା ରାସ୍ତା ମରାମତି ହେଉନି
- ରାସ୍ତାପାର୍ଶ୍ୱରୁ ହଟୁନି ଜବରଦଖଲ

ବାଙ୍କୀ୫।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର)


ଗାଁ ମୁଣ୍ଡ ରାସ୍ତାରେ ହୋଇଥିବା ଖାଲରେ ପାଣି ଜମିଛି।

ବାଙ୍କୀ ବ୍ଲକ ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ ବଘେଇ କୃଷ୍ଣପଲ୍ଲୀ ପ୍ରଧାନମନ୍ତ୍ରୀ ଗ୍ରାମସଡକ ରାସ୍ତାର ଲେମ୍ବେରୀ ଗାଁ ଛକ ଏବେ ମରାମତି ଓ ରକ୍ଷଣାବେକ୍ଷଣା ଅଭାବରୁ ଗମନାଗମନ ପାଇଁ ଅନୁପଯୁକ୍ତ ହୋଇଯାଇଛି। କଳାପଥର-ବାଘମାରୀ ରାଜ୍ୟ ରାଜପଥ ସହ ଧଳାପଥର ଭାପୁର ବାଇପାସ ରାସ୍ତାକୁ ସଂଯୋଗ କରିଥିବା ଏହି ରାସ୍ତା ଉପରେ ନିକଟ ପଞ୍ଚାୟତର ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭରଶୀଳ। ମାତ୍ର ୧୦ ବର୍ଷ ହେବ ଏହି ରାସ୍ତା ମରାମତି ହୋଇନାହିଁ। ଫଳରେ ଲୋକେ ଯାତାୟତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ରାସ୍ତା ମରାମତି କରା ନ ଗଲେ ଆନ୍ଦୋଳନ ସହ ଆଗାମୀ ବିଧାନସଭା ଓ ଲୋକସଭା ଭୋଟ ବର୍ଜନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ବଘେଇ ଗ୍ରାମଠାରୁ ଭାୟା କଳାପଥର ପଞ୍ଚାୟତର ଲେମ୍ବେରୀ - କୃଷ୍ଣପଲ୍ଲୀ ରାସ୍ତା ପ୍ରଧାନ ମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅନ୍ତର୍ଭୁକ୍ତ। ଏହି ରାସ୍ତାରେ ମରାମତି ଅଭାବରୁ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହେବା ସହ ଲେମ୍ବେରୀ ଗାଁ ମୁଣ୍ଡରେ ପ୍ରାୟ ୩୦ମିଟର ଆଣ୍ଠୁଏ ଖାଲ ହୋଇ ପାଣି ଜମି ରହୁଛି। ଏହି ରାସ୍ତା ଦେଇ ୫ଟି ଗ୍ରାମର କଲେଜ ଛାତ୍ରୀଛାତ୍ରମାନେ ଯାତାୟାତ କରୁଥିବାବେଳେ ଉଚ୍ଚବିଦ୍ୟାଳୟ, ବଜାର, ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ, ଡାକଘର, ଗ୍ୟାସ ଦୋକାନ, କଳାପଥର ଡାକ୍ତରଖାନାକୁ ବହୁ ଯାନବାହନ ଚଳାଚଳ ହୋଇଥାଏ। କିଛି ଦିନ ତଳେ ଏହି ରାସ୍ତାକୁ ବାଙ୍କୀ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ମରାମତି କରିବା ପାଇଁ ଠିକାଦାର ନିଯୁକ୍ତି କରାଯାଇଥିଲା। କିନ୍ତୁ ଠିକାଦାର ଅନ୍ୟକିଛି ଅଞ୍ଚଳରେ ଅଳ୍ପ ପିଚୁ ପକାଇ ମରାମତି କରିଥିବାବେଳେ ଲେମ୍ବେରୀଠାରେ ଛାଡି ପଳାଇଛି। ପ୍ରାୟ ୧୦ବର୍ଷ ହେବ ମରାମତି ଅଭାବରୁ ରାସ୍ତାରୁ ଗେଟି ଉଠିଯିବା ସହ ଖାଲ ଯୋଗୁ କୃତ୍ରିମ ହ୍ରଦ ସୃଷ୍ଟି ହେବା ପରି ଲାଗୁଛି। ଫଳରେ ବିଭିନ୍ନ ସମୟରେ ଅନେକ ଦୁର୍ଘଟଣା ଘଟୁଛି। ଏହି ରାସ୍ତାରେ ଭାରିଯାନ ସହ ଟ୍ରକ୍ ଓ ଲକ୍ଷ୍ମୀବସ ଯାତାୟାତ କରିବା ଫଳରେ ଏହା ମରଣଯନ୍ତା ପାଲଟିଯାଇଛି। ଏପରିକି ଛକରେ ଚାଲି ଚାଲି ଆଣ୍ଠୁଏ ପାଣିରେ ଯିବା ମଧ୍ୟ କଷ୍ଟକର ହୋଇପଡିଛି। ଜରୁରୀକାଳୀନ ସମୟରେ ଡାକ୍ତରଖାନାକୁ ଏହି ରାସ୍ତାରେ ଯିବାକୁ ଲୋକମାନେ ନିରାପଦ ମନେ କରୁନାହାଁନ୍ତି। ତୁରନ୍ତ ଏହି ରାସ୍ତା ମରାମତି କରା ନ ଗଲେ ନେତାମାନେ ଗାଁକୁ ଆସିଲେ ବିରୋଧ କରାଯିବା ସହ ଭୋଟ୍ ବର୍ଜନ କରାଯିବ ବୋଲି ଗ୍ରାମର ଶରତ ଚନ୍ଦ୍ର ରାଉତ, ପବିତ୍ର ବିଶ୍ୱାଳ, ଭାଗବତ ପରିଡା, ମାଳତୀ ପ୍ରଧାନ, ପ୍ରଫୁଲ୍ଲ ବିଶ୍ୱାଳ,ଭାଗୀରଥି ବିଶ୍ୱାଳ, ପ୍ରତାପ କୁମାର ବିଶ୍ୱାଳ, ଶିବ ପ୍ରଧାନ, ଗୁଣ୍ଡିଚା ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବାଙ୍କୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀକୁ ମୋବାଇଲ୍ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନଥିଲେ। ଏ ସମ୍ପର୍କରେ କଳାପଥର ସରପଞ୍ଚ କମଳା ସ୍ୱାଇଁଙ୍କୁ ପଚାରିବାରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଘର ମାଲିକମାନେ ଜଳ ନିଷ୍କାସନ ପାଇଁ ସହଯୋଗ କରୁନାହାଁନ୍ତି ଫଳରେ ସୋଲାର ପାନୀୟ ଜଳପ୍ରକଳ୍ପରୁ ଜଳ ଆସି ଏଠାରେ ଜମା ହେଉଛି। ଏନେଇ ଗମନାଗମନରେ ସମସ୍ୟା ସୃଷ୍ଟି ହେଉଛି। ପ୍ରଶାସନିକସ୍ତରରେ ମାପଚୁପ କରାଯାଇ ଜବରଦଖଲ ଉଚ୍ଛେଦ କରାଗଲେ ଡ୍ରେନ ବ୍ୟବସ୍ଥା ହେବା ସହ ଜନସାଧାରଣଙ୍କ ଯାତାୟତରେ ସୁବିଧା ହେଇପାରିବ। ଏଥିପାଇଁ ଆର୍ଥିକ ସହାୟତା ପ୍ରଦାନରେ ପ୍ରଶାସନସ୍ତରରେ ସମସ୍ତ ସହଯୋଗ ମିଳିପାରିବ ବୋଲି ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସ୍ୱାଇଁ କହିଛନ୍ତି।

# ଅଭୟ ବାରିକଙ୍କ ପ୍ରାର୍ଥିତ୍ୱ ବିରୋଧରେ ସାମୂହିକ ଇସ୍ତଫା


ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଭାଜପା କର୍ମୀମାନେ।

## ଆଠଗଡ଼ ଭାଜପାରେ ବିଦ୍ରୋହ

ଆଠଗଡ,୫।୫(ସତ୍ୟ ପ୍ରସାଦ ରଥ)

ଆଠଗଡ ଭାଜପାରେ ଗୋଷ୍ଠୀକନ୍ଦଳ ତୀବ୍ର ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଆଠଗଡ ବ୍ଲକ ୩ନଂ. ଜିଲା ପରିଷଦ ଜୋନ ଘଣ୍ଟିଖାଲ ମଣ୍ଡଳ ଭାଜପା ସଭାପତି ନିର୍ମଳ କୁମାର ପତ୍ରୀ, ଘଣ୍ଟିଖାଲ ମଣ୍ଡଳ ଭାଜପା ଅନୁସୂଚିତ ଜାତି ଓ ଜନଜାତି ମୋର୍ଚ୍ଚାର ସଭାପତି ମଦନ ଦେଉରୀ, କନ୍ଦରପୁରର ଧରଣୀଧର ସାହୁ, ବୁଥ ପ୍ରମୁଖ ସନାତନ ଦଳେଇ, ଧୀରେନ ପତ୍ରି, ପ୍ରାଣବନ୍ଧୁ ପତ୍ରୀ, ଦିଲୀପ ପତ୍ରି ପ୍ରମୁଖ ଭାଜପାର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଅଭୟ ବାରିକଙ୍କୁ ବିରୋଧ କରି ସେମାନେ ଇସ୍ତଫା ଦେଇଛନ୍ତି ବୋଲି ଆଠଗଡ ବ୍ଲକ କାଇପୁଡିଆ ଗ୍ରାମସ୍ଥିତ ଆଖଣ୍ଡଳମଣି ମହାଦେବ ମନ୍ଦିର ନିକଟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେମାନେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ୫ବର୍ଷ ଧରି ଆଠଗଡ଼ରେ ଦଳୀୟ ସଂଗଠନକୁ ମଜଭୁତ୍ କରିଥିବା ବ୍ରଜେନ୍ଦ୍ର ରାଏଙ୍କୁ ଅଣଦେଖା କରି ଯାହାଙ୍କୁ ପ୍ରାର୍ଥୀ କରାଯାଇଛି ତାଙ୍କ ନାମରେ ବିଭିନ୍ନ ଆପରାଧିକ ମାମଲା ରହିଛି। ଏନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ସଚିବ ମାନସ ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କକରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବରଂ ସେମାନଙ୍କୁ ହତ୍ୟାଧମକ ମିଳୁଥିବାରୁ ସେମାନେ ଦଳ ଛାଡ଼ିଥିବା କହିଛନ୍ତି। ସୂଚନାଯୋଗ୍ୟ, ଅଭୟଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଏହି ନିର୍ବାଚନ ମଣ୍ଡଳୀର ଟିଗିରିଆ ମଣ୍ଡଳ ସଭାପତି ଚିନ୍ମୟ ମଲ୍ଲିକ, ଆଠଗଡ ଘଣ୍ଟିଖାଲ ମଣ୍ଡଳ ପୂର୍ବତନ ସଭାପତି ରଞ୍ଜନ ସେନାପତି, ଡା. ହରିହର ସାହୁ, କ୍ୟାପଟେନ ପ୍ରଫୁଲ୍ଲ କୁମାର ପରିଡା ପ୍ରମୁଖ ପୂର୍ବରୁ ଦଳରୁ ଇସ୍ତଫା ଦେଇଥିବା ବେଳେ ଭାଜପାର ବରିଷ୍ଠ ନେତା ବିଜୟ କୁମାର ପରିଡା ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଆଠଗଡ,୫।୫(ସତ୍ୟ ପ୍ରସାଦ ରଥ)


ଶଙ୍ଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀମାନେ।

ଆଠଗଡ ବ୍ଲକ ବିଜେଡି ପକ୍ଷରୁ ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ବ୍ଲକ ୧ନଂ.ଜୋନର ଭୂଇଂ ପଞ୍ଚାୟତ ଓ ୩ନଂ. ଜୋନ ରାଜନଗରଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ, ଜିଲା ବିଜେଡି ଉପସଭାପତି ନୃସିଂହ ମହାପାତ୍ର, ପୂର୍ବତନ ଜିଲାପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡା, ପରିଷଦ ସଭ୍ୟ ବଳଭଦ୍ର ବାଘ, ଅଶାନ୍ତି ବେହେରା ପ୍ରମୁଖ ଏଥିରେ ଯୋଗଦେଇଥିଲେ। ସ୍ଥାନୀୟ ସରପଞ୍ଚ ଗୋପାଳଚନ୍ଦ୍ର ସାହୁ, ସମିତିସଭ୍ୟ ବାପିନା ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସେହିପରି ରାଜନଗରଠାରେ ଜିଲା ପରିଷଦ ବଳଭଦ୍ର ବାଘ ନେତୃତ୍ୱରେ ଓ ସ୍ଥାନୀୟ ସରପଞ୍ଚ ରଶ୍ମିତା ପରିଡାଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ, ଯୁବନେତା ସରୋଜ ଦାଶ, ରାଜନଗର ସେବା ସମବାୟ ସଭାପତି ଗଜେନ୍ଦ୍ର ରାଉତ, ସମିତିସଭ୍ୟା ସୁଚିତ୍ରା ସାମଲ,ସରପଞ୍ଚଙ୍କ ପ୍ରତିନିଧି ମହେନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଯୁବ ନେତା ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗ ଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ବିକାଶଧାରାକୁ ତ୍ୱରାନିତ କରିବା ଉପରେ ଗୁରୁତ୍ୱ ଦେବା ସହ ଦଳର ଲୋକ ସଭା ପ୍ରାର୍ଥୀ ଓ ବିଧାନସଭା ପ୍ରାର୍ଥଙ୍କୁ ବିଜୟୀ କରିବା ପାଇଁ ନିବେଦନ କରିଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୫।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଚନ୍ଦ୍ରଶେଖରପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୩୧ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ ଡ. ଗଗନ ବିହାରୀ ରାଉତ ଓ ସମ୍ମାନିତ ଅତିଥି ଭାବେ ବିଶ୍ୱଜିତ ବଡୁ ଯୋଗଦେଇଥିଲେ। ବିଦ୍ୟାଳୟ ସଭାପତି ମଦନ ମୋହନ ଧଳ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଗଙ୍ଗାଧର ମହାରଣା ବାର୍ଷିକ ବିବରଣୀ ପାଠ କରିବା ସହିତ ବିଗତ ୩୧ ବର୍ଷ ମଧ୍ୟରେ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ଓ ଶିକ୍ଷାଦାନ ପଦ୍ଧତି ସମ୍ବନ୍ଧରେ ପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହିତ ୨୦୨୩ ମାଟ୍ରିକ ପରୀକ୍ଷାରେ ଏ-ୱାନ୍ ଗ୍ରେଡ୍‌ରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

# କର୍ପୋରେଟର ନୃପେଶ ନାୟକଙ୍କୁ ଆକ୍ରମଣ

ଭୁବନେଶ୍ୱର,୫।୫(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୫୫ ନଂ. ୱାର୍ଡର କର୍ପୋରେଟର ନୃପେଶ ନାୟକଙ୍କୁ ପୁରୁଣା ଭୁବନେଶ୍ୱର ରଥ ରୋଡ୍‌ରେ କେତେଜଣ ଲୋକ ରବିବାର ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବିଦ୍ୟୁତ୍ ଖୁଣ୍ଟ ପୋତାହେବା ବେଳେ ହୋଇଥିବା ଗଣ୍ଡଗୋଳ ସମୟରେ ଏହି ଘଟଣା ଘଟିଛି। ଏନେଇ ନୃପେଶ ଶ୍ରୀଲିଙ୍ଗରାଜ ଥାନାରେ ଏତଲା ଦେଇଛନ୍ତି। ରଥ ରୋଡ୍‌ରେ ଥିବା ଉକ୍ତ ବିଦ୍ୟୁତ୍ ଖୁଣ୍ଟ ଶନିବାର ଉପୁଡ଼ି ପଡ଼ିଥିଲା। ତେଣୁ ସରକାରୀ କର୍ମଚାରୀ, ସ୍ଥାନୀୟ ବାସିନ୍ଦାଙ୍କ ସହ ନୃପେଶ ଅପରାହ୍ନ ପ୍ରାୟ ୧ଟାରେ ଖୁଣ୍ଟ ପୋତୁଥିଲେ। ଏହି ସମୟରେ ସ୍ଥାନୀୟ ସୁଆର ସାହିର ୩ଜଣ ବ୍ୟକ୍ତି ଏବଂ ତାଙ୍କ ସହଯୋଗୀମାନେ ସେଠାରେ ପହଞ୍ଚି ଉକ୍ତ କାର୍ଯ୍ୟକୁ ବିରୋଧ କରିବା ସହ ନୃପେଶଙ୍କୁ ମାଡ଼ ମାରିଥିଲେ। ଏହି ଜନସ୍ୱାର୍ଥ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ଉପରେ ଏଭଳି ଆକ୍ରମଣ ହୋଇଥିବାରୁ ନୃପେଶ ନ୍ୟାୟ ଦାବି କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷରେ ଅପର ପକ୍ଷରୁ ମଧ୍ୟ ନୃପେଶଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ ହୋଇଛି। ବାଉରିଆ ପଣ୍ଡାଙ୍କ ପୁଅ ଶ୍ୟାମ ପଣ୍ଡା ଏନେଇ ଏତଲା ଦେଇଛନ୍ତି। ଯେଉଁ ସ୍ଥାନରେ ଉକ୍ତ ଖୁଣ୍ଟଟି ରହିଥିଲା ସେଠାରେ ପୋତା ନ ଯାଇ କିଛିଦୂରରେ ଥିବା ତାଙ୍କ ବ୍ୟକ୍ତିଗତ ଜାଗାରେ ପୋତାଯାଉଥିବାରୁ ତାହାକୁ ବିରୋଧ କରାଯାଇଥିଲା। ଝଗଡ଼ା ସମୟରେ ନୃପେଶ ମଧ୍ୟ ସେମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଘଟଣାରେ ପୃଥକ୍ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବ ବୋଲି ଲିଙ୍ଗରାଜ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି।

# ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ ଆରମ୍ଭ



ଭୁବନେଶ୍ୱର,୫।୫(ଶର୍ମିଷ୍ଠା ପାଣିଗ୍ରାହୀ)



ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଏକାଡେମୀର ୪୧ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ କଳିଙ୍ଗ ଆର୍ଟ ଗ୍ୟାଲେରିରେ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଦର୍ଶନୀକୁ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ଚିତ୍ରଶିଳ୍ପୀ ବିନୋଦ ମହାରଣା, ଧର୍ମପଦ ପୁରସ୍କାରପ୍ରାପ୍ତ ଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ଚିତ୍ର ଓ ଭାସ୍କର୍ଯ୍ୟ କଳା ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଯୁବ ଶିଳ୍ପୀମାନେ ନିଜ କଳାକୃତି ମାଧ୍ୟମରେ ଏହାକୁ ଆହୁରି ଅଧିକ ପରିପୁଷ୍ଟ କରିବେ ବୋଲି ଅତିଥିମାନେ ଆଶାପ୍ରକାଶ କରିଥିଲେ। ଏକାଡେମୀ ସଚିବ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ କରିଥିଲେ। ପ୍ରଦର୍ଶନୀରେ ୪୧ତମ ରାଜ୍ୟ ପୁରସ୍କାର ପାଇଥିବା ଶିଳ୍ପୀଙ୍କ ଛବି ଓ ଭାସ୍କର୍ଯ୍ୟ ସ୍ଥାନ ପାଇଛି। ମୋଟ ୮୮ଟି ଚିତ୍ରକଳା, ୩୫ଟି ଭାସ୍କର୍ଯ୍ୟ, ୧୨ଟି ମୁଦ୍ରଣ କଳା ଓ ୮ଟି ପାରମ୍ପରିକ କଳା ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଜଳଛତ୍ର ଉଦ୍‌ଘାଟିତ

ମଙ୍ଗୁଳି-ଜଗତପୁର,୫।୫(ମାନସ ସାମଲ)

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଚୌଦ୍ୱାର ଥାନା ଅଧୀନ ଗୋଡିପାଟଣା ନିକଟ ଦୌଲତାବାଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ରବିବାର ଜଳଛତ୍ର ଖୋଲାଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରତାପ ଚନ୍ଦ୍ର ବାରିକ ଏହାକୁ ଉଦ୍‌ଘାଟନ କରିଛନ୍ତି। ବିଦ୍ୟାମନ୍ଦିରର ସମସ୍ତ ଗୁରୁମାଗୁରୁଜୀ ଏବଂ ସ୍କାଉଟ, ଗାଇଡ ଏଥିରେ ସହଯୋଗ କରିଛନ୍ତି। ଗ୍ରୀଷ୍ମପ୍ରବାହ ଶେଷ ପର୍ଯ୍ୟନ୍ତ ଏଠାରେ ଦହିପାଣି, ଥଣ୍ଡାପାଣି ଯୋଗାଇ ଦିଆଯିବ ବୋଲି ପ୍ରଧାନ ଆଚାର୍ଯ୍ୟ ବାରିକ କହିଛନ୍ତି।

# ରାଷ୍ଟ୍ରୀୟ ହିତ ପାଇଁ ମତଦାନ ଜରୁରୀ

**ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଆଲୋଚନାଚକ୍ର**

ସାଲେପୁର,୫।୫(ଅରବିନ୍ଦ ଭୂୟାଁ)



ସାଲେପୁର ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ 'ରାଷ୍ଟ୍ରୀୟ ହିତରେ ମତଦାନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନାନ୍ଦୋଳଗଡ଼ା ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ସରୋଜ କୁମାର ରାଉତ ସଭାପତିତ୍ୱ କରିଥିଲେ। ପ୍ରାନ୍ତ ପର୍ଯ୍ୟାବରଣ ପ୍ରମୁଖ ବଳରାମ ଦାସ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦେଶର ସୁରକ୍ଷା, ନିଜ ଧନଜୀବନର ସୁରକ୍ଷା, ରାଷ୍ଟ୍ର, ସମାଜ ଓ ଧର୍ମ ସଂସ୍କୃତିର ହିତ ପ୍ରତି ଧ୍ୟାନ ପୂର୍ବକ ମତଦାନ କରିବାକୁ ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏନ୍‌ସିସି ଅଫିସର ଗୌତମ ମହାରଣା ଯୋଗଦେଇଥିଲେ। ଚିରଞ୍ଜନ ପଣ୍ଡା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଆର୍ତ୍ତତ୍ରାଣ ନନ୍ଦ, ପରମାନନ୍ଦ ସ୍ୱାଇଁ, ଜୟଦେବ ଦାଶ, ଗୌରାଙ୍ଗ ଚରଣ ଦେବତା, ହେମନ୍ତ କୁମାର ମାଣିଆ, ସେକ୍ ଆସିଫ୍ ଅଲ୍ଲୀ, ଶୁଭେନ୍ଦୁ ରଣା, ଉମାକାନ୍ତ ଦାଶ, ଶୁଭେନ୍ଦୁ ସ୍ୱାଇଁ, ବିଚିତ୍ରମୋହନ ଷଡ଼ଙ୍ଗୀ, ବଟକୃଷ୍ଣ ନାୟକ ପ୍ରମୁଖ ଯୋଗଦେଇ ମତାମତ ରଖିଥିଲେ।

# ଶାମ୍‌ପୁରରେ ୬୮ ଏକର ପୁଣି କବ୍‌ଜା

ଭୁବନେଶ୍ୱର, ୫।୫ (ବନ୍ଦନା ସେଠୀ)

**ନିର୍ବାଚନ ଆଳରେ ବିଡିଏ ଚୁପ୍, ମାଡ଼ିଗଲେଣି ଜବରଦଖଲକାରୀ**

ଶାମ୍‌ପୁର ମୌଜାରେ ଥିବା ମୂଲ୍ୟବାନ ୬୮ ଏକର ସରକାରୀ ଜମିରୁ ଜବରଦଖଲ ହଟାଇବାରେ ବିଡିଏ ବାରମ୍ବାର ବିଫଳ ହେଉଛି। ବାହାନା ପରେ ବାହାନା ଦେଖାଇ ଜବରଦଖଲ ଉଚ୍ଛେଦକୁ ଟାଳିବାରେ ଲାଗିଛି। ପ୍ରଥମେ ଏକାମ୍ର ଉତ୍ସବ ପରେ ବିଧାନସଭା ପାଇଁ ପୋଲିସ ନ ମିଳିବାର ବାହାନା ପରେ ଏବେ ନିର୍ବାଚନକୁ ଆଳ କରି ଚୁପ୍ ବସିଛି। ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିବାରୁ ଏବେ କୌଣସି ଉଚ୍ଛେଦ ହେବନାହିଁ। ନିର୍ବାଚନ ସରିବା ପରେ ଏନେଇ କିଛି ପଦକ୍ଷେପ ନିଆଯିବ ବୋଲି ବିଡିଏ ଅଧିକାରୀ କହିଛନ୍ତି। ଅପରପକ୍ଷେ ବିଲେଇ କପାଳକୁ ସିକା ଛିଡିବା ପରି ଏବେ ନିର୍ବାଚନ ପ୍ରସଙ୍ଗ ଜବରଦଖଲକାରୀଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଆଣି ଦେଇଛି। ପୂର୍ବରୁ ଯେଉଁଠି ୨୯/୩୦ଟି ଘର ତିଆରି ହୋଇଥିଲା ଏବେ ସେଠାରେ ୨ଶହରୁ ଊର୍ଦ୍ଧ୍ୱ ନିର୍ମାଣ ହୋଇଗଲାଣି। ତେବେ ୧୪୪ଧାରା ଲାଗୁହେବା ପରେ ମଧ୍ୟ ଜବରଦଖଲକାରୀମାନେ ବେଆଇନ୍ ନିର୍ମାଣ ଜାରି ରଖିବା ଏବଂ ସବୁ ଜାଣିଶୁଣି ବିଡିଏ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଶ୍ୟାମପୁର ମୌଜାରେ ବିଡିଏର ପ୍ରାୟ ୬୮ଏକର ଜମି ଥିଲା। ବିଡିଏ ଏଠାରେ ହାଉସିଂ ପ୍ରୋଜେକ୍ଟ କରିବାକୁ ପାଚେରି ମଧ୍ୟ ବୁଲାଇଥିଲା। ମାତ୍ର ଏହାସତ୍ତ୍ୱେ ଜମି ଜବରଦଖଲକୁ ଚାଲିଗଲା। ଜମି ଦଲାଲମାନେ ବିଡିଏ ଜମିକୁ ନିଜ କବ୍‌ଜାକୁ ନେଇ ପ୍ଲଟିଂ କରି ଅନ୍ୟମାନଙ୍କୁ ବିକିଦେଲେ। ଅନେକ ଘର ମଧ୍ୟ ନିର୍ମାଣ ହେଲା। ତେବେ ଘଟଣା ନେଇ ଅଭିଯୋଗ ହେବା ପରେ ବିଡିଏର ଏକ ଟିମ୍ ଶାମ୍‌ପୁର ଗସ୍ତରେ ଯାଇ ସର୍ଭେ କରି ରିପୋର୍ଟ ଦେଲେ। ଏନେଇ ଇଓଡବ୍ଲ୍ୟୁଓରେ ମଧ୍ୟ ଏତଲା ଦିଆଗଲା। ପରେ ବିଡିଏର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସେଠାକୁ ଯାଇ ଗୋଟିଏ ଘର ଭାଙ୍ଗି ଚାଲିଆସିଲା। ମାତ୍ର ଜବରଦଖଲ ନ ହଟିବାରୁ ପରେ ଜଏଣ୍ଟ ସର୍ଭେ କରାଯାଇ ସେଠାରେ ୧୪୪ ଧାରା ଜାରି କରାଗଲା। ସମ୍ପୃକ୍ତ ଜମି ବିଡିଏର ହୋଇଥିବାରୁ ସେଠାରେ ପ୍ରବେଶ ନିଷେଧ ବୋଲି ବୋର୍ଡ ମରାଗଲା। ଏପରିକି ୨ଜଣ ସିକ୍ୟୁରିଟିଙ୍କୁ ମଧ୍ୟ ଜଗାଗଲା। ମାତ୍ର ଯଥା ପୂର୍ବଂ ତଥା ପରମ୍ ନୀତିରେ ଶାମ୍‌ପୁରରେ ଜବରଦଖଲ ହଟିବା ପରିବର୍ତ୍ତେ ଦିନକୁ ଦିନ ବଢି ଚାଲିଛି। ସହରର ଅନ୍ୟାନ୍ୟ ଅଞ୍ଚଳରେ ଜବରଦଖଲ ହଟାଉଥିବା ବିଡିଏ ଶାମପୁର ନେଇ ଜବରଦଖଲକୁ ଅନୁକମ୍ପା ଦେଖାଇ ଚାଲିଛନ୍ତି। ନିର୍ବାଚନ ସରିବା ପରେ ଉଚ୍ଛେଦ କରାଯିବ ବୋଲି ଅଧିକାରୀ କହୁଥିବାବେଳେ ସେତେବେଳକୁ ସେଠାରେ ଅଘୋଷିତ ବସ୍ତି ସୃଷ୍ଟି ହୋଇଯିବ ବୋଲି ଆଶଙ୍କା କରାଯାଉଛି। ସବୁଠାରୁ ବଡ କଥା ହେଉଛି ଦୀର୍ଘଦିନ ଧରି ଏହି ଜମିରେ ଜବରଦଖଲ ଚାଲିଥିବାବେଳେ ବିଡିଏର ବ୍ଲକ୍‌ସ୍ ସେଲ୍ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ଧୀରେ ଧୀରେ ପୂରା ୬୮ଏକର ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲି ଗଲାଣି।

**ସଂକ୍ଷେପରେ**

## ପ୍ରାଥମିକ ଉପଚାର ସଚେତନତା କାର୍ଯ୍ୟକ୍ରମ

ବାଣପୁର,୫।୫(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଉପକାରାଗାରର ଅନ୍ତେବାସୀଙ୍କୁ ନେଇ ରବିବାର ଦିନିକିଆ ପ୍ରାଥମିକ ଉପଚାର ତଥା ଆଶୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଚିକିତ୍ସା ତଥା ଆଶୁ ଚିକିତ୍ସା ଦ୍ୱାରା ମନୁଷ୍ୟ ସଚେତନ ହେବା ସହ ଅନ୍ୟକୁ ସେବା କରିପାରିବ ବୋଲି କାର୍ଯ୍ୟକ୍ରମରେ ସଚେତନ କରାଯାଇଥିଲା। ଅଂଶଗ୍ରହଣ କରିଥିବା ସମସ୍ତ ଅନ୍ତେବାସୀ ଏକ ଆଦର୍ଶ ଓ ସଚେତନ ପାଇଁ ସଙ୍କଳ୍ପ ନେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରସାନହନୁଆଡ଼ ସରକାରୀ ସ୍କୁଲ ପ୍ରଧାନ ଶିକ୍ଷକ ଗଙ୍ଗାଧର ମହାପାତ୍ର, ସାମ୍ବାଦିକ ଅଶୋକ କୁମାର ଜେନା ଯୋଗଦେଇଥିଲେ। ଏହି ଶିବିର ଜଗତ୍ ବିହାରୀ ରାଉତରାୟ ଓ କାହ୍ନୁଚରଣ ମଲ୍ଲଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ସାମାଜିକ କର୍ମୀ ତଥା ଆଜୀବନ ସଭ୍ୟ (ସେଣ୍ଟ ଜନ୍ ଆମ୍ବୁଲାନ୍ସ)ର ତାଲିମଦାତା ଅନନ୍ତ ଚରଣ ଖଟେଇଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୫।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମର ଆରାଧ୍ୟ ଜଳେଶ୍ୱର ଦେବଙ୍କ ପୀଠରେ ଗ୍ରାମବାସୀଙ୍କ ସହଯୋଗରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଠାକୁରଙ୍କ ଆସ୍ଥାନ ବିଜେ ସହ ଅଙ୍କୁରାରୋପଣ, ମଣ୍ଡଳକରଣ ଓ ନାମଯଜ୍ଞ, ଦ୍ୱିତୀୟ ଦିନରେ ତୀର୍ଥ ଆବାହନ, କଳସ ଯାତ୍ରା ଓ ସ୍ଥାପନ, ଶାଳାପୂଜା, ବ୍ରାହ୍ମଣ ବରଣ, ଅଗ୍ନିସ୍ଥାପନ ଓ ରୁଦ୍ର ମନ୍ତ୍ରରେ ଆହୁତି, ତୃତୀୟ ଦିନ ପୂର୍ଣ୍ଣ ଜଳଛାୟା, ସୂର୍ଯ୍ୟପୂଜା, ଗୋପୂଜା, ସର୍ବ ଦେବଦେବୀ ପୂଜା, ମହାରୁଦ୍ରାଭିଷେକ, ଚଣ୍ଡୀମନ୍ତ୍ରରେ ଆହୁତି ହୋଇଥିବା ବେଳେ ଶେଷ ଦିବସରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ଯୋଗଦେଇ ଯଜ୍ଞ ନାରାୟଣଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ବିଭିନ୍ନ ସ୍ଥାନରେ ଚେକିଂ କଡ଼ାକଡ଼ି

ଖୋର୍ଦ୍ଧା,୫।୫(ପ୍ରଭାତ ପାଣିଗ୍ରାହୀ)

ପାଖେଇଆସୁଛି ସାଧାରଣ ନିର୍ବାଚନ। ଭୋଟରଙ୍କୁ ମନାଇବା ପାଇଁ କଳା ଟଙ୍କାର ବିପୁଳ ବ୍ୟବହାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ତେବେ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ପାଇଁ ଖୋର୍ଦ୍ଧା ପୋଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। କଳାଟଙ୍କା କାରବାର ଉପରେ ରୋକ୍ ଲଗାଇବା ପାଇଁ ଅଭିଯାନ ଆରମ୍ଭ ହୋଇଛି ବୋଲି ଡିଆଇଜି (ଖୋର୍ଦ୍ଧା ଏସ୍‌ପି ଦାୟିତ୍ୱରେ ଥିବା) ଅବିନାଶ କୁମାର କହିଛନ୍ତି। ରାତିରେ ଗାଡ଼ି ଚେକିଂ କରାଯାଉଛି। ସମସ୍ତ ଥାନା ଅଞ୍ଚଳରେ ଶୃଙ୍ଖଳିତ ନିର୍ବାଚନ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ରାତିରେ ଥାନା ଅଞ୍ଚଳ, ପଡୋଶୀ ଜିଲା ସୀମାନ୍ତରେ ପୋଲିସ ପକ୍ଷରୁ ସମସ୍ତ ଦୁଇ ଓ ଚାରିଚକିଆ ଯାନ କଡ଼ାକଡ଼ି ଚେକିଂ କରାଯାଉଛି। ସଦର ଉପଖଣ୍ଡରେ ଚେକିଂ ଜୋର୍‌ଦାର କରାଯାଇଛି ବୋଲି ଏସ୍‌ଡିପିଓ ଦିଲୀପ ଦାସ ସୂଚନା ଦେଇଛନ୍ତି। ୧୬ ଏବଂ ୫୭ ନଂ. ଜାତୀୟ ରାଜପଥର ବିଭିନ୍ନ ଛକ, ଶିଳ୍ପାଞ୍ଚଳ, ଖୋର୍ଦ୍ଧା ପ୍ରବେଶ ପଥ, ହଳଦିଆ, ବାଜପୁର, ବାଘମାରୀ, ବୋଲଗଡ଼, ବେଗୁନିଆ, ସଦର, ଜଙ୍କିଆ ଆଦି ସ୍ଥାନରେ ପୋଲିସ ପକ୍ଷରୁ ରାତି ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିବା ବେଳେ ଚେକିଂ, ବ୍ଲକିଂ ଚାଲିଛି।

# କଳାଙ୍ଗରେ ପାନୀୟଜଳ ସଙ୍କଟ

ବୋଲଗଡ଼,୫।୫(ଦେବବ୍ରତ ହୋତା)

ରୌଦ୍ରତାପ ଯୋଗୁ ବୋଲଗଡ଼ ବ୍ଲକ ଅଞ୍ଚଳରେ ପାନୀୟ ଜଳର ସଙ୍କଟ ଦେଖାଦେଇଛି। ଲୋକମାନେ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ଲକ ଅନ୍ତର୍ଗତ କଳାଙ୍ଗ ପଞ୍ଚାୟତରେ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା ପକ୍ଷରୁ ଥିବା ପାନୀୟଜଳ ଯୋଗାଣ ପ୍ରକଳ୍ପର ପମ୍ପ୍ ସେଟ୍‌ଟି ୮ଦିନ ତଳେ ହୋଇଥିବା ବର୍ଷା ସମୟରେ ବଜ୍ରପାତ ହେବାରୁ ପୋଡ଼ିଯାଇଛି। ଫଳରେ କଳାଙ୍ଗ ପାଟଣା, ଝାନ୍‌ସି ପାଟଣା, କମଳଲୋଚନପୁର, ଦିୟାନି ପାଟଣା ଆଦି ଗ୍ରାମରେ ଘରକୁ ଘର ପାଇପ୍ ଯୋଗେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ବନ୍ଦ



ଲୋକେ ଟ୍ୟାଙ୍କରରୁ ପାଣି ନେଉଛନ୍ତି।

ହୋଇଯାଇଥିଲା। ଏନେଇ ଉପରୋକ୍ତ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। କୂଅପୋଖରୀ ଶୁଖିଲା ପଡ଼ିଥିବାବେଳେ ପାଣିର ଅଭାବ ନେଇ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଏନେଇ କଳାଙ୍ଗ ପଞ୍ଚାୟତ ସମିତିସଭ୍ୟ ରଶ୍ମିରଞ୍ଜନ ପ୍ରଧାନ ପାନୀୟଜଳ ସମସ୍ୟା ବାବଦରେ ବିଡିଓ ଶରତ ଚନ୍ଦ୍ର ମଲ୍ଲିକ ଓ ବ୍ଲକ ଚେୟାରମ୍ୟାନଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ଟ୍ୟାଙ୍କର ବ୍ୟବସ୍ଥା କରି ଲୋକମାନଙ୍କୁ ପାନୀୟଜଳ ଯୋଗାଇ ଦେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସରୋଜିନୀ ପରିଡ଼ା କହିଛନ୍ତି, ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ପାଣିମୋଟରେ ମରାମତି ହେବ। ଖରାଦିନେ ଟ୍ୟାଙ୍କର ଯୋଗେ ଯୋଗାଇ ଦିଆଯାଉଥିବା ପାନୀୟଜଳ ପର୍ଯ୍ୟାପ୍ତ ନୁହଁ। ତେଣୁ ପ୍ରଶାସନ ଶୀଘ୍ର ମୋଟର ମରାମତି କରି ଲୋକମାନଙ୍କୁ ପାନୀୟଜଳ ଯୋଗାଇଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ବୋଲଗଡ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥାର ସହକାରୀ ଯନ୍ତ୍ରୀ ଶାଶ୍ୱତୀ ଜେନାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ସାରୁଅ ଗ୍ରାମସ୍ଥିତ ମା' ଗହୀର ବଘେଇଙ୍କ ପୀଠରେ ଝାମୁଯାତ୍ରା ଅବସରରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ ସାହୁ ଏବଂ ଅନ୍ୟମାନେ।

## ଗହୀର ବଘେଇଙ୍କ ପୀଠରେ ଝାମୁଯାତ୍ରା

ବେଗୁନିଆ,୫।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଗ୍ରାମର ଆରାଧ୍ୟା ମା' ଗହୀର ବଘେଇଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୁଦ୍ଧପୂତ ଭାବେ ପୋଖରୀରେ ସ୍ନାନକରି ମାନସିକଧାରୀ ମାନେ ନିଆଁରେ ଚାଲିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥିଲା।

## କାଶୀପୁର ବଡ଼ପାଟଣାରେ ରାମଲୀଳା ଉତ୍ସବ

ନିରାକାରପୁର, ୫।୫ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁର ବଡ଼ପାଟଣା ଗ୍ରାମରେ ସୀତାରାମ ନାଟ୍ୟସଂସଦ ଆନୁକୂଲ୍ୟରେ ଚାଲିଥିବା ରାମଲୀଳା ଉତ୍ସବର ପଞ୍ଚମ ଦିନରେ ଶ୍ରୀରାମଙ୍କ ଶିବଧନୁ ଭଗ୍ନ ଓ ପରେ ସୀତା ବିବାହ ଉତ୍ସବ ପାରମ୍ପରିକ ରୀତିରେ ସମ୍ପନ୍ନ ହୋଇଛି। ଏହି ବିବାହ ଉତ୍ସବ ପାଇଁ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ରୋଶଣିର ଆୟୋଜନ କରାଯାଇଥିଲା। ନାଗା-ପରି ନୃତ୍ୟ ସାଙ୍ଗକୁ ଅନ୍ୟାନ୍ୟ ପାରମ୍ପରିକ ନୃତ୍ୟରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମର କଳାକାରମାନେ ମୁକ୍ତାକାଶ ରଙ୍ଗମଞ୍ଚରେ ଅଭିନୟ କରିଥିଲେ। ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ଏହି ଉତ୍ସବ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା। ରାମଲୀଳା ଗୀତ ଓ ବାଦ୍ୟ ସାଙ୍ଗକୁ ପ୍ରଭୁ ଶ୍ରୀରାମଙ୍କ ଶିବଧନୁ ଭଗ୍ନ ଓ ସୀତା ବିବାହ



କାର୍ଯ୍ୟକ୍ରମ ଅବସରରେ ହରିବୋଲ, ହୁଳହୁଳି ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଜି ନାମାଙ୍କନ ଦାଖଲ କରିବେ କଂଗ୍ରେସ ପ୍ରାର୍ଥୀ

ଖୋର୍ଦ୍ଧା,୫।୫(ପ୍ରଭାତ ପାଣିଗ୍ରାହୀ)

**ସ୍ୱାଧୀନରେ ଲଢ଼ିବେ କାଲୁ, ବାସନ୍ତୀ**

ରାଜ୍ୟରେ ୩ୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ସୋମବାର ଶେଷ ଦିବସ। ଏହି ଦିନରେ ଭୁବନେଶ୍ୱର ଲୋକ ସଭା କଂଗ୍ରେସ ପ୍ରାର୍ଥୀ ୟାସିର ନୱାଜ୍, ଖୋର୍ଦ୍ଧା ବିଧାନସଭା ପ୍ରାର୍ଥୀ ସୋନାଲି ସାହୁ, ବେଗୁନିଆ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଏବଂ ଚିଲିକା ବିଧାନସଭା ଆସନ ପାଇଁ ପ୍ରଦୀପ ସ୍ୱାଇଁ ନାମାଙ୍କନ ଦାଖଲ କରିବେ ବୋଲି ପିସିସି ସାଧାରଣ ସମ୍ପାଦକ ଶିଶିର ପରିଡ଼ା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ଭାଜପା ପ୍ରଶାନ୍ତ ଜଗଦ୍ଦେବଙ୍କୁ ପ୍ରାର୍ଥୀ କରିଛି। ତେବେ ଆଶାୟୀ ଥିବା କାଲୁ ଚରଣ ଖଣ୍ଡାୟତରାୟଙ୍କ ଟିକେଟ କଟିବା ପରେ ଗତ ୩୦ ତାରିଖରେ ସେ ଭାଜପା ଛାଡ଼ିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଭାବେ କାଲୁ ଶତାଧିକ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଆସି ନାମାଙ୍କନପତ୍ର ଦାଖଲ କରିବେ। ସେହିପରି ବିଜେଡିର ରାଜ୍ୟ ମହିଳା ବରିଷ୍ଠ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର ଗତ ଦୁଇବର୍ଷ ହେବ ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ତେବେ ଦଳ ରାଜେନ୍ଦ୍ର ସାହୁଙ୍କୁ ଟିକେଟ ଦେଇଥିଲା। ଏନେଇ ବାସନ୍ତୀଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ଗୋଳବାଇଠାରେ ବାସନ୍ତୀଙ୍କ ସମର୍ଥକଙ୍କ ଦ୍ୱାରା ଏକ ସମାବେଶ ହୋଇଥିଲା। ସେଠାରେ ଲୋକଙ୍କ ନିଷ୍ପତ୍ତି ପ୍ରକାରେ ସେ ସ୍ୱାଧୀନ ଭାବେ ଲଢ଼ିବାକୁ ମନସ୍ଥ କରିଥିବା ଏବଂ ସମର୍ଥକଙ୍କୁ ନେଇ ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ନାମାଙ୍କନ ଭରିବେ ବୋଲି ବାସନ୍ତୀ ସୂଚନା ଦେଇଛନ୍ତି।

# ଷ୍ଟାଡିୟମ ପୁନରୁଦ୍ଧାର ପାଇଁ ରାଜେନ୍ଦ୍ରଙ୍କ ପ୍ରତିଶ୍ରୁତି

ଖୋର୍ଦ୍ଧା,୫।୫(ପ୍ରଭାତ ପାଣିଗ୍ରାହୀ)

ନାମାଙ୍କନପତ୍ର ଦାଖଲ କରିବା ପରେ ପ୍ରାର୍ଥୀମାନେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି ରାଜେନ୍ଦ୍ର ସାହୁ। ସେ ସକାଳେ ବିଭିନ୍ନ ମଠ, ମନ୍ଦିର, ଧାର୍ମିକ ଅନୁଷ୍ଠାନକୁ ଯାଇ ଦେବଦେବୀଙ୍କ ଦର୍ଶନ କରୁଛନ୍ତି। ପରେ ସାମାଜିକ ଅନୁଷ୍ଠାନର ସଦସ୍ୟଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି। ରବିବାର ସକାଳେ ସ୍ଥାନୀୟ ଷ୍ଟାଡିୟମରେ ପହଞ୍ଚିଥିଲେ। ସେହି ସମୟରେ ବିଭିନ୍ନ ବର୍ଗର ଲୋକେ ସେଠାରେ ଉପସ୍ଥିତ ଥିଲେ। ରାଜେନ୍ଦ୍ର ପ୍ରଥମେ ଜଗିଂ କରୁଥିବା କେତେଜଣଙ୍କ ସହ ଆଲୋଚନା କରିଥିଲେ। ପରେ ସେଠାରେ ବିଭିନ୍ନ କ୍ରୀଡ଼ା ଅଭ୍ୟାସ କରୁଥିବା ଯୁବବର୍ଗଙ୍କ ସହ ଆଲୋଚନା କରିଥିଲେ। ଷ୍ଟାଡିୟମରେ କ'ଣ ସବୁ ଅସୁବିଧା ରହିଛି, ଏହାର କିପରି ବିକଶିତ ହୋଇ ଏକ ଅତ୍ୟାଧୁନିକ ପୂର୍ଣ୍ଣାଙ୍ଗ



ଖୋର୍ଦ୍ଧା ଷ୍ଟାଡିୟମରେ ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁ ଏବଂ ଅନ୍ୟମାନେ।

ଷ୍ଟାଡିୟମରେ ପରିଣତ କରାଯାଇପାରିବ, ସେ ସମ୍ପର୍କରେ ମତ ନେଇଥିଲେ। ବହୁ ଯୁବଖେଳାଳି ଷ୍ଟାଡିୟମରେ ସର୍ବନିମ୍ନ ସୁବିଧା ଉପଲବ୍ଧ ପାଇଁ ରାଜେନ୍ଦ୍ରଙ୍କୁ ଜଣାଇଥିଲେ। ଏଥର ନିର୍ବାଚନରେ ବିଜୟୀ ହେଲେ ପ୍ରାଥମିକ ପର୍ଯ୍ୟାୟରେ ଏହାର ପୁନରୁଦ୍ଧାର ସହ ଅତ୍ୟାଧୁନିକ ଷ୍ଟାଡିୟମରେ ପରିଣତ ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ମଧ୍ୟାହ୍ନରେ ଦଳୀୟ କର୍ମୀ, ସମର୍ଥକଙ୍କ ସହ ନିର୍ବାଚନ ସଂକ୍ରାନ୍ତରେ ଆଲୋଚନା କରିଥିବା ବେଳେ ସନ୍ଧ୍ୟାରେ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ବଡି ଜୋନ୍ ଜିମ୍ କେନ୍ଦ୍ରକୁ ଯାଇ ସେଠାରେ ଶାରୀରିକ କସରତ କରୁଥିବା ଯୁବକଙ୍କ ସହ ଆଲୋଚନା କରିଥିଲେ। ନିର୍ବାଚନର ମହାପର୍ବରେ ସମସ୍ତଙ୍କୁ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ଯୁବକମାନେ ଦେଶର ସମ୍ବଳ। ଯୁବସମାଜ ସର୍ବଦା ସମାଜସେବା କ୍ଷେତ୍ରରେ ଆଗକୁ ଆସିବାକୁ ରାଜେନ୍ଦ୍ର ପରାମର୍ଶ ଦେଇଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା

ବୋଲଗଡ଼,୫।୫(ଦେବବ୍ରତ ହୋତା)

ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଡେମୋନ୍‌ଷ୍ଟ୍ରେଟର ରବୀନ୍ଦ୍ର କୁମାର ଦତ୍ତ ଅବସର ଗ୍ରହଣ କରିଛନ୍ତି। ଏନେଇ କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ହେମନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ଗାନ୍ଧୀ କୁମାର ସାହୁଙ୍କ ସମେତ ଅନ୍ୟ ସହକର୍ମୀ ଉପସ୍ଥିତ ଥିଲେ। କଲେଜ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଦତ୍ତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ସାଗରଗୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମହାଦେବ ପାଟଯୋଶୀଙ୍କ ସେବାନିବୃତ୍ତ ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ବଳିୟାରସିଂହଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଓଷ୍ଟାର କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ପଦ୍ମନାଭ ବେହେରା ଯୋଗଦେଇଥିଲେ। ସଂଯୋଜକ ରସାନନ୍ଦ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବସନ୍ତ କୁମାର ଉତ୍ତରକବାଟ ସମ୍ମାନପତ୍ର ପାଠ କରିଥିଲେ। ଏଥିସହ ପାଟଯୋଶୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ରସାନନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅନୁରୂପଭାବେ ବଡ଼ପଦର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ନିର୍ମଳା ଦେଈଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ ସଭାରେ ସାମନ୍ତରାପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମତି ଦେଈଙ୍କ ସଭାପତିତ୍ୱରେ ଶୈଳେନ ପଟ୍ଟନାୟକ, ପ୍ରଫୁଲ୍ଲ ସିଂହ, ରାମଚନ୍ଦ୍ର ଦାସ ଉପସ୍ଥିତ ଥିଲେ।

## କାଲୁଙ୍କ ସ୍ୱାଭିମାନ ସମାବେଶ



ଖୋର୍ଦ୍ଧା,୫।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଧାନସଭା ଆସନ ପାଇଁ କାଲୁଚରଣ ଖଣ୍ଡାୟତରାୟ ସ୍ୱାଧୀନ ଭାବେ ଲଢ଼ିବାକୁ ଘୋଷଣା କରିଛନ୍ତି। ତେବେ ତୃଣମୂଳସ୍ତରରେ ନିଜର ସ୍ଥିତି ମଜଭୁତ କରିବା ପାଇଁ ସେ ରଣନୀତି ପ୍ରସ୍ତୁତ କରୁଛନ୍ତି। ଏଥିଲାଗି ସେ କାଲୁ ପରିବାର ଗଠନ କରିଛନ୍ତି। ଏଥିରେ ବିଭିନ୍ନ ଦଳର ଅସନ୍ତୁଷ୍ଟ କର୍ମୀଙ୍କୁ ନେଇ ଗୋଟିଏ ମଞ୍ଚରେ ଏକାଠି ହେବା ଲାଗି ଆହ୍ୱାନ କରିଛନ୍ତି। ରବିବାର ଗୋଳବାଇ ମେଳଣ ପଡ଼ିଆରେ ସ୍ୱାଭିମାନ ସମାବେଶ କରିଥିଲେ। ସେଠାରେ ସେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସମାବେଶରେ କଂଗ୍ରେସର ଯୁବନେତା ଗୋପବନ୍ଧୁ ମାର୍ଥା ସମର୍ଥନ ଜଣାଇ କାଲୁ ପରିବାର ସହ ଯୋଡ଼ିହୋଇଥିଲେ। ସେ ଏକାଧିକ ସମର୍ଥକଙ୍କୁ ନେଇ ବିଧିବଦ୍ଧ ଭାବେ ଏକାଠି ହୋଇ କାମ କରିବାକୁ ସମର୍ଥନ ଜଣାଇଥିବା କାଲୁ ସୂଚନା ଦେଇଛନ୍ତି। ଏହି ଅବସରରେ ଗୋପବନ୍ଧୁ ଖୋର୍ଦ୍ଧାର ସ୍ୱାଭିମାନ ପାଇଁ ଲଢ଼େଇ କରୁଥିବା କାଲୁଙ୍କୁ ସମର୍ଥନ ଦେବାକୁ ଉପସ୍ଥିତ ଜନତାଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ଗୋପବନ୍ଧୁ କହିଛନ୍ତି, ଦୀର୍ଘ ୧୫ ବର୍ଷ ଧରି ଛାତ୍ରଜୀବନରୁ କଂଗ୍ରେସ ସହ ରହିଥିଲି। ଖୋର୍ଦ୍ଧାରୁ ଟିକେଟ ପାଇଁ ଆଶାୟୀ ରହିଥିବା ବେଳେ ଦଳ ସୋନାଲି ସାହୁଙ୍କୁ ପ୍ରାର୍ଥୀ କରିଛି। ତେଣୁ ସେ ଦଳରୁ ଇସ୍ତଫା ଦେଇଛନ୍ତି। କାଲୁଙ୍କ ପ୍ରତି ତାଙ୍କର ପୂର୍ଣ୍ଣ ସମର୍ଥନ ରହିବ ବୋଲି କହିଛନ୍ତି। ଅନ୍ୟପଟେ କାଲୁ କହିଛନ୍ତି, ଅତୀତରେ ଖୋର୍ଦ୍ଧାରୁ ଏକାଧିକ ସ୍ୱାଧୀନ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ଖୋର୍ଦ୍ଧାରେ ତାଙ୍କର ସଙ୍ଗଠନ ରହିଛି। ୨୦୧୯ ନିର୍ବାଚନରେ ଭାଜପାରୁ ଲଢ଼ି ୭୪ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲି। ଏବେ ସ୍ୱାଧୀନ ଭାବେ ଲଢ଼ି ବିପୁଳ ଭୋଟରେ ବିଜୟୀ ହେବେ ବୋଲି ସେ କହିଛନ୍ତି।

# ଜଳୁନି ଷ୍ଟ୍ରିଟ୍ ଲାଇଟ୍, ସାଧାରଣରେ ଅସନ୍ତୋଷ

ବେଗୁନିଆ,୫।୫(ସନ୍ଧ୍ୟାରାଣୀ ମିଶ୍ର)

ସରକାର ପ୍ରତି ଗ୍ରାମରେ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ଡିଆର୍‌ଡିଏ ବିଭାଗ ପକ୍ଷରୁ ଷ୍ଟ୍ରିଟ୍ ଲାଇଟ୍‌ର ବ୍ୟବସ୍ଥା କରିଥିଲେ। ତେବେ ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଦୀର୍ଘଦିନ ହେବ ଜଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ଲାଇଟ୍ ନ ଜଳିବାରୁ ଉକ୍ତ ବିଦ୍ୟାଳୟ ସମ୍ମୁଖ ପରିସର ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ରାତିରେ ଉକ୍ତ ସ୍କୁଲ ବାଟ ଦେଇ ଯାଉଥିବା ପଥଚାରୀ ଲୁଟ୍ ଆଶଙ୍କାରେ ଭୟଭୀତ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ବିଡିଓ ଲକ୍ଷ୍ମୀଧର ସାହୁ କହିଛନ୍ତି, ଅନେକ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇ ପଡ଼ିଥିବାବେଳେ ଠିକାଦାର ସେହି କାର୍ଯ୍ୟ କରିବା କଥା ବୋଲି ବିଡିଓ ସାହୁ କହିଛନ୍ତି।

**କଂଗ୍ରେସର କର୍ମୀ ସମ୍ମିଳନୀ**

## ସ୍ଥାନୀୟ ସମସ୍ୟା ସମାଧାନକୁ ଗୁରୁତ୍ୱ



ସମ୍ମିଳନୀରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନା ଏବଂ ଅନ୍ୟମାନେ।

ଜଟଣୀ,୫।୫(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଯାଁଳା ପଞ୍ଚାୟତ ଓଗାଳପଡ଼ାସ୍ଥିତ ମା' ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନା ଯୋଗଦେଇ ଚାଷୀମାନଙ୍କ ପାଇଁ ଜଳଯୋଗାଣ ସୁବିଧା, ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ନିଜ ପାଇଁ ଭୋଟ ଭିକ୍ଷା କରିଥିଲେ। ଏହି କର୍ମୀ ସମ୍ମିଳନୀରେ ଯାଁଳା, ମୁଣ୍ଡମୁହାଣ, ଓଗାଳପଡ଼ା, ଗୋପାଳପୁର ଓ ରାଧାଚରଣପୁର ଅଞ୍ଚଳର ଶତାଧିକ କର୍ମୀ ଯୋଗଦେଇଥିଲେ। ଏହାସହ ବହୁ ଅସନ୍ତୁଷ୍ଟ ଭାଜପା ଓ ବିଜେଡି କର୍ମୀ ଯୋଗଦେଇ ସନ୍ତୋଷଙ୍କୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କର୍ମୀ ସମ୍ମିଳନୀରେ ଯାଁଳା ଅଞ୍ଚଳର ବହୁ ଛାମୁଆ ସଙ୍ଗଠକ ଓ କର୍ମୀ ଉପସ୍ଥିତ ଥିଲେ।

# ପ୍ରାର୍ଥୀଙ୍କୁ ପରଖୁଛନ୍ତି ଭୋଟର

ଖୋର୍ଦ୍ଧା,୫।୫(ପ୍ରଭାତ ପାଣିଗ୍ରାହୀ)

- ଟିକେଟ ଆଶାୟୀମାନେ ସାଜିଛନ୍ତି ବିଦ୍ରୋହୀ
- ଜମୁଛି ବିଭିନ୍ନ ଦଳର ପ୍ରାର୍ଥୀଙ୍କ ଶୋଭାଯାତ୍ରା

ପାଖେଇଆସୁଛି ସାଧାରଣ ନିର୍ବାଚନ। ଏଥିପାଇଁ ବିଭିନ୍ନ ଦଳର ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି। ତେବେ ଟିକେଟ ଆଶାୟୀମାନେ ବିଦ୍ରୋହୀ ସାଜିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ସୋମବାର ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି, ଯାହାକୁ ନେଇ ବିଭିନ୍ନ ଦଳୀୟ ପ୍ରାର୍ଥୀଙ୍କ ଚିନ୍ତା ବଢ଼ାଇଛି। ଅନ୍ୟପଟେ ପ୍ରାର୍ଥୀଙ୍କୁ ଭୋଟରମାନେ ପରଖୁଥିବା ଜଣାପଡ଼ିଛି।

ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଭାବେ ବିଜେଡିରୁ ମନ୍ମଥ ରାଉତରାୟ, ଭାଜପାରୁ ଅପରାଜିତା ଷଡ଼ଙ୍ଗୀ ଏବଂ କଂଗ୍ରେସରୁ ୟାସିର ନୱାଜ୍ ରହିଛନ୍ତି। ମନ୍ମଥ ଏବଂ ଅପରାଜିତା ନାମାଙ୍କନପତ୍ର ଦାଖଲ କରିବା ପରେ ପ୍ରଚାରକୁ ଜୋରଦାର କରିଛନ୍ତି। ନୱାଜ୍ ସୋମବାର ପ୍ରାର୍ଥିପତ୍ର ଦାଖଲ କରିବେ। ମନ୍ମଥ ଏବଂ ଅପରାଜିତା ଦଳୀୟ ବିଧାନସଭା ପ୍ରାର୍ଥୀଙ୍କ ସହ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବୁଲୁଛନ୍ତି। ଭୁବନେଶ୍ୱରର ୩ (ଏକାମ୍ର, ଉତ୍ତର ଏବଂ ମଧ୍ୟ) ବିଧାୟକ ପ୍ରାର୍ଥୀ ଅଶୋକ ପଣ୍ଡା, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନାଙ୍କ ଶୋଭାଯାତ୍ରାରେ ମନ୍ମଥ ଯୋଗଦେଇ ଯୋଡ଼ି ଶଙ୍ଖ ପାଇଁ ପ୍ରଚାର କରୁଛନ୍ତି। ସେପଟେ ଅପରାଜିତା ମଧ୍ୟ ବିଧାୟକ ପ୍ରାର୍ଥୀ ବାବୁ ସିଂ, ବିଶ୍ୱଭୂଷଣ ବଡ଼ଜେନାଙ୍କ ସହ ରୋଡ୍ ଶୋ'ରେ ଯୋଗଦେଇ ପ୍ରଚାରକୁ ଓହ୍ଲାଇଛନ୍ତି। ଖୋର୍ଦ୍ଧା ବିଧାନସଭାରେ ବିଜେଡିର ରାଜେନ୍ଦ୍ର ସାହୁ, ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କ ମଧ୍ୟରେ କଡ଼ା ଟକ୍କର ହେବ। ଖୋର୍ଦ୍ଧା ଆସନ ଉପରେ ଉଭୟଙ୍କ ନଜର ରହିଥିବା ବେଳେ କଂଗ୍ରେସରୁ ସୋନାଲି ସାହୁ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ କାଲୁଚରଣ ଖଣ୍ଡାୟତରାୟ ଓ ବାସନ୍ତୀ ମହାପାତ୍ର ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଛନ୍ତି। ସେହିପରି ବେଗୁନିଆ ବିଧାନସଭା ଆସନ ପାଇଁ ବିଜେଡିର ପ୍ରଦୀପ ସାହୁ, ଭାଜପାର ପ୍ରକାଶ ଚନ୍ଦ୍ର ରଣବିଜୁଳି ଏବଂ କଂଗ୍ରେସର ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ପ୍ରଦୀପ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସଭାସମିତି, ଶୋଭାଯାତ୍ରାରେ ସକ୍ରିୟ ରହିଥିବା ବେଳେ ପୃଥ୍ୱୀବଲ୍ଲଭ ମଧ୍ୟ କର୍ମୀ ସମାବେଶ ସହ ଗାଁକୁ ଗାଁ ବୁଲୁଛନ୍ତି। ପ୍ରକାଶ ମଧ୍ୟ ନିଜ ରଣନୀତି ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଚିଲିକା ଆସନ ପାଇଁ ବିଜେଡିର ରଘୁନାଥ ସାହୁ ଏବଂ ଭାଜପା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମଧ୍ୟରେ କଡ଼ା ଟକ୍କର ହେବ। ଏହି ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ ଏବଂ ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ସଂଗ୍ରାମ କେଶରୀ ପରିଡ଼ା ମଧ୍ୟ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ସେହିପରି ଜଟଣୀ ବିଧାନସଭା ଆସନରେ ବିଜେଡିର ବିଭୂତି ବଳବନ୍ତରାୟ, ଭାଜପାର ବିଶ୍ୱଭୂଷଣ ବଡ଼ଜେନା ଏବଂ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ଜେନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି।

# ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ ଆରମ୍ଭ

ଭୁବନେଶ୍ୱର,୫।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଏକାଡେମୀର ୪୧ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ କଳିଙ୍ଗ ଆର୍ଟ ଗ୍ୟାଲେରିରେ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଦର୍ଶନୀକୁ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ଚିତ୍ରଶିଳ୍ପୀ ବିନୋଦ ମହାରଣା, ଧର୍ମପଦ ପୁରସ୍କାରପ୍ରାପ୍ତ ଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ଉଦ୍‌ଘାଟନ କରିଥିଲେ।

ଓଡ଼ିଶାର ଚିତ୍ର ଓ ଭାସ୍କର୍ଯ୍ୟ କଳା ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଯୁବ ଶିଳ୍ପୀମାନେ ନିଜ କଳାକୃତି ମାଧ୍ୟମରେ ଏହାକୁ ଆହୁରି ଅଧିକ ପରିପୃଷ୍ଟ କରିବେ ବୋଲି ଅତିଥିମାନେ ଆଶାପ୍ରକାଶ କରିଥିଲେ। ଏକାଡେମୀ ସଚିବ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ କରିଥିଲେ। ପ୍ରଦର୍ଶନୀରେ ୪୧ତମ ରାଜ୍ୟ ପୁରସ୍କାର ପାଇଥିବା ଶିଳ୍ପୀଙ୍କ ଛବି ଓ ଭାସ୍କର୍ଯ୍ୟ ସ୍ଥାନ ପାଇଛି। ମୋଟ ୮୮ଟି ଚିତ୍ରକଳା, ୩୫ଟି ଭାସ୍କର୍ଯ୍ୟ, ୧୨ଟି ମୁଦ୍ରଣ କଳା ଓ ୮ଟି ପାରମ୍ପରିକ କଳା ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।



କଳିଙ୍ଗ ଆର୍ଟ ଗ୍ୟାଲେରିରେ ଆୟୋଜିତ ପ୍ରଦର୍ଶନୀରେ ଲୋକେ ଚିତ୍ରକଳା ଦେଖୁଛନ୍ତି ।

## ସଂକ୍ଷେପରେ

### ପ୍ରାଥମିକ ଉପଚାର ସଚେତନତା କାର୍ଯ୍ୟକ୍ରମ

ବାଣପୁର,୫।୫(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଉପକାରାଗାରର ଅନ୍ତେବାସୀଙ୍କୁ ନେଇ ରବିବାର ଦିନିକିଆ ପ୍ରାଥମିକ ଉପଚାର ତଥା ଆଶୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଚିକିତ୍ସା ତଥା ଆଶୁ ଚିକିତ୍ସା ଦ୍ୱାରା ମନୁଷ୍ୟ ସଚେତନ ହେବା ସହ ଅନ୍ୟକୁ ସେବା କରିପାରିବ ବୋଲି କାର୍ଯ୍ୟକ୍ରମରେ ସଚେତନ କରାଯାଇଥିଲା। ଅଂଶଗ୍ରହଣ କରିଥିବା ସମସ୍ତ ଅନ୍ତେବାସୀ ଏକ ଆଦର୍ଶ ଓ ସଚେତନ ପାଇଁ ସଙ୍କଳ୍ପ ନେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରସାନହନ୍ତୁଆଡ଼ ସରକାରୀ ସ୍କୁଲ ପ୍ରଧାନ ଶିକ୍ଷକ ଗଙ୍ଗାଧର ମହାପାତ୍ର, ସାମ୍ବାଦିକ ଅଶୋକ କୁମାର ଜେନା ଯୋଗଦେଇଥିଲେ। ଏହି ଶିବିର ଜଗତ୍ ବିହାରୀ ରାଉତରାୟ ଓ କାହ୍ନୁଚରଣ ମଲ୍ଲଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ସାମାଜିକ କର୍ମୀ ତଥା ଆଜୀବନ ସଭ୍ୟ (ସେଣ୍ଟ ଜନ୍ ଆମ୍ବୁଲାନ୍ସ) ର ତାଲିମଦାତା ଅନନ୍ତ ଚରଣ ଖଟେଇଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୫।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମର ଆରାଧ୍ୟ ଜଳେଶ୍ୱର ଦେବଙ୍କ ପୀଠରେ ଗ୍ରାମବାସୀଙ୍କ ସହଯୋଗରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଠାକୁରଙ୍କ ଆସ୍ଥାନ ବିଜେ ସହ ଅଙ୍କୁରାରୋପଣ, ମଣ୍ଡଳକରଣ ଓ ନାମଯଜ୍ଞ, ଦ୍ୱିତୀୟ ଦିନରେ ତୀର୍ଥ ଆବାହନ, କଳସ ଯାତ୍ରା ଓ ସ୍ଥାପନ, ଶାଳାପୂଜା, ବ୍ରାହ୍ମଣ ବରଣ, ଅଗ୍ନିସ୍ଥାପନ ଓ ରୁଦ୍ର ମନ୍ତ୍ରରେ ଆହୁତି, ତୃତୀୟ ଦିନ ପୂର୍ଣ୍ଣ ଜଳଛାୟା, ସୂର୍ଯ୍ୟପୂଜା, ଗୋପୂଜା, ସର୍ବ ଦେବଦେବୀ ପୂଜା, ମହାରୁଦ୍ରାଭିଷେକ, ଚଣ୍ଡୀମନ୍ତ୍ରରେ ଆହୁତି ହୋଇଥିବା ବେଳେ ଶେଷ ଦିବସରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ଯୋଗଦେଇ ଯଜ୍ଞ ନାରାୟଣଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

### ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ/ ପିପିଲି,୫।୫(ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ ଭରତ ରାଉତ/ ପ୍ରଭାତ ମହାପାତ୍ର)

ଶୁକଳ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ତ୍ରିପାଠୀଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷାବିତ୍ ଗୌତମ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ କାହ୍ନୁଚରଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଲେଙ୍କା ଓ ବ୍ଲକ ସହ ଶିକ୍ଷାଧିକାରୀ କୁମୁଦିନୀ ଦେବୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ପ୍ରଧାନ ଶିକ୍ଷୟିତ୍ରୀ ତ୍ରିପାଠୀଙ୍କ ଶିକ୍ଷାଦାନ ଉପରେ ଆଲୋଚନା କରିବା ସହ ତାଙ୍କ ଅବଦାନକୁ ବିଦ୍ୟାଳୟ ସବୁବେଳେ ସ୍ମରଣ କରିବ ବୋଲି କହିଥିଲେ। ଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସିଆର୍‌ସିସିମାନେ ଯୋଗଦେଇଥିଲେ।

ସେହିପରି ପିପିଲି ଅଧୀନ ଗୋବିନ୍ଦପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ହରେକୃଷ୍ଣ ସେନାପତିଙ୍କ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ, ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳା ନାୟକ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ନମିତା ବିଶ୍ୱାଳ, ସିଆର୍‌ସିସି ଚିନ୍ତାମଣି ଓଝା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକ ସେନାପତିଙ୍କ ବିଦ୍ୟାଳୟ ପ୍ରତି ଥିବା ଭଲପାଇବା ଏବଂ ନିଷ୍ଠାପରତା, ସଚ୍ଚୋଟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ବିଦ୍ୟାଳୟ କର୍ମଚାରୀ ଗଣେଶ ପଣ୍ଡାଙ୍କୁ ମଧ୍ୟ ଉକ୍ତ ମଞ୍ଚରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉଭୟଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢୌକନ ମାନ ପ୍ରଦାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ମହେନ୍ଦ୍ର ଡାଙ୍ଗୁଆ ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଦେଇଥିଲେ।

# 'ଶୃଙ୍ଖଳିତ, କର୍ତ୍ତବ୍ୟପରାୟଣ ହୁଅନ୍ତୁ ଛାତ୍ରୀଛାତ୍ର'

ପୁରୀ,୫।୫(ଅଜିତ୍ ମହାନ୍ତି)

କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍, ପୁରୀ ପକ୍ଷରୁ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ସଭା 'ଅଭିଲେଖା' ପୌରସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ଡିନ୍ ପ୍ରଫେସର ଡ. ସବିତା ମହାପାତ୍ର ଯୋଗଦେଇ ଶୃଙ୍ଖଳିତ, କର୍ତ୍ତବ୍ୟପରାୟଣ ଓ ନିଜ ବୃତ୍ତି ପ୍ରତି ସମର୍ପିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅରୁଣ କୁମାର ଦାସ ଯୋଗଦେଇ ଚିକିତ୍ସା କ୍ଷେତ୍ରରେ ଫାର୍ମାସିଷ୍ଟଙ୍କର ବିଶେଷ ଭୂମିକା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍‌ର ଚେୟାରପର୍ସନ ଅନିମା ଦାସ, କାର୍ଯ୍ୟନିର୍ବାହୀ ସଦସ୍ୟ ଲୋକନାଥ ପାଣି, ନିର୍ଦ୍ଦେଶକ ପ୍ରଫେସର ଡା. ସନ୍ତୋଷ କୁମାର ମହାପାତ୍ର, ପାଠ୍ୟକ୍ରମ ନିର୍ଦ୍ଦେଶକ ଡ. ଗଣେଶ କୁମାର ଦାସ ଏବଂ ମହାବୀର ଟେଲି ପ୍ରଡକ୍ସନ୍‌ର ନିର୍ଦ୍ଦେଶକ ଗୋପାଳ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌କୁ ଦୂରଦର୍ଶନ ଭୁବନେଶ୍ୱର ଶାଖା ପକ୍ଷରୁ ଆମ ଓଡ଼ିଶା ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ମହାବିଦ୍ୟାଳୟର ପୂର୍ବତନ ଚେୟାରମ୍ୟାନ ସ୍ୱର୍ଗତଃ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରାଯାଇଥିଲା। ସେହିଭଳି ବର୍ତ୍ତମାନର ଚେୟାରମ୍ୟାନ ଅନିମା ଦାସ, ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର ଏବଂ ଏମ୍.ଫାର୍ମା ବିଭାଗର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଅଧ୍ୟାପକ ସ୍ୱର୍ଗତଃ ଦେବାଶିଷ ମହାପାତ୍ରଙ୍କ ସ୍ମୃତିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଉପାଧ୍ୟକ୍ଷ ଡ. ସଞ୍ଜୟ କୁମାର ନାୟକ, ଅଧ୍ୟାପିକା ସୁନିତା ମିଶ୍ର, ଅଧ୍ୟାପକ ଦେବଦାସ ପାଣିଗ୍ରାହୀ, ବସନ୍ତ କୁମାର ବେହେରା, ଭକ୍ତବନ୍ଧୁ ଜେନା, ଅସିତ କୁମାର ଷଡ଼ଙ୍ଗୀ ସଭାକାର୍ଯ୍ୟ ଏବଂ ଡ. ନିକୁଞ୍ଜ କିଶୋର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଡ. ଚିନ୍ମୟ କେଶରୀ ସାହୁ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# 'ମୁଁ ସେବକ ଭାବେ ସେବା କରିବାକୁ ଚାହେଁ'





ମୁକ୍ତାକାଶ ମଞ୍ଚରେ ବିଜେଡିର କାର୍ଯ୍ୟକର୍ତ୍ତା ସମ୍ମିଳନୀ ।

ନିମାପଡ଼ା,୫।୫ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ଓଡ଼ିଶାରେ ସାଢ଼େ ୪ କୋଟି ଲୋକ ଓ ବିଜେଡି ଆମ ମୁଖ୍ୟମନ୍ତ୍ରୀଙ୍କ ପରିବାର। ଏହି ପରିବାରକୁ କେହି ଭାଙ୍ଗନ୍ତୁ ନାହିଁ କି କେହି ବିଭ୍ରାଟ ସୃଷ୍ଟି କରନ୍ତୁ ନାହିଁ ବୋଲି ବିଜେଡି ନେତୃତ୍ୱମାନେ ଆୟୋଜିତ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ରବିବାର ମତ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ ବିକାଶମୂଳକ ଯୋଜନା, ସ୍ୱଚ୍ଛ ଶାସନ, ରାଜ୍ୟକୁ ୧ନଂ. ରାଜ୍ୟ ମାନ୍ୟତା ଦେବାକୁ ପ୍ରୟାସ ପରିକଳ୍ପନା ଆଗାମୀ ନିର୍ବାଚନରେ ବିଜେଡିକୁ ଆଶାତୀତ ସଫଳତା ଯୋଗାଇବ। ଏଥିସହ ବିଧାୟକ ବିଜେଡି ପ୍ରାର୍ଥୀ ଦିଲୀପ ନାୟକଙ୍କୁ ବିପୁଳ ଭୋଟରେ ଜିତାଇ ବିଜୟର ଧ୍ୱଜା ଉଡ଼ିବ ବୋଲି ଦଳୀୟ ନେତୃତ୍ୱମାନେ ଆସ୍ଥା ପ୍ରକଟ କରିଛନ୍ତି। ନିମାପଡ଼ା ନିର୍ବାଚନମଣ୍ଡଳୀ ବିଜେଡିର ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିବାବେଳେ ଦଳ ପକ୍ଷରୁ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ସ୍ଥାନୀୟ ମୁକ୍ତାକାଶ ମଞ୍ଚରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଜଗତ୍‌ସିଂହପୁର ଲୋକ ସଭା ଆସନ ବିଜେଡି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ, ନିମାପଡ଼ି ବିଜେଡି ପ୍ରାର୍ଥୀ ଦିଲୀପ ନାୟକ, ବିଶିଷ୍ଟ ଶିକ୍ଷାବିତ୍ ସୁବ୍ରତ ଛାଟୋଇ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଯୁବନେତା ପୁନେଶ ସେନାପତି, ଦିଲୀପ ପାତ୍ର, ମାନସ ପ୍ରଧାନ, ବିଜେଡି ଜିଲା ସଭାପତି ଦିବାକର ପାତ୍ର, ନିମାପଡ଼ା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭୂପେଶ ପ୍ରଧାନ, ନାରୀନେତ୍ରୀ କୁଞ୍ଜଲତା ସାମଲଙ୍କ ସମେତ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। 'ମୁଁ ବିଧାୟକ ହୋଇ ନୁହେଁ, ସେବକ ଭାବେ ଆପଣଙ୍କ ସେବା କରିବାକୁ ଚାହେଁ' ବୋଲି ସଭାରେ ବିଧାୟକ ପ୍ରାର୍ଥୀ ନାୟକ କହି ଭାବ ବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ନେତୃତ୍ୱମାନେ ସମାବେଶରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ନିମାପଡ଼ାବାସୀଙ୍କୁ ଭୋଟ ଭିକ୍ଷା କରିଥିଲେ।

## ବିଭିନ୍ନ ସ୍ଥାନରେ ଚେକିଂ କଡ଼ାକଡ଼ି

ଖୋର୍ଦ୍ଧା,୫।୫(ପ୍ରଭାତ ପାଣିଗ୍ରାହୀ)

ପାଖେଇଆସୁଛି ସାଧାରଣ ନିର୍ବାଚନ। ଭୋଟରଙ୍କୁ ମନାଇବା ପାଇଁ କଳା ଟଙ୍କାର ବିପୁଳ ବ୍ୟବହାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ତେବେ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ପାଇଁ ଖୋର୍ଦ୍ଧା ପୋଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। କଳାଟଙ୍କା କାରବାର ଉପରେ ରୋକ୍ ଲଗାଇବା ପାଇଁ ଅଭିଯାନ ଆରମ୍ଭ ହୋଇଛି ବୋଲି ଡିଆଇଜି (ଖୋର୍ଦ୍ଧା ଏସ୍‌ପି ଦାୟିତ୍ୱରେ ଥିବା) ଅବିନାଶ କୁମାର କହିଛନ୍ତି। ରାତିରେ ଗାଡ଼ି ଚେକିଂ କରାଯାଉଛି। ସମସ୍ତ ଥାନା ଅଞ୍ଚଳରେ ଶୃଙ୍ଖଳିତ ନିର୍ବାଚନ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ରାତିରେ ଥାନା ଅଞ୍ଚଳ, ପଡ଼ୋଶୀ ଜିଲା ସୀମାନ୍ତରେ ପୋଲିସ ପକ୍ଷରୁ ସମସ୍ତ ଦୁଇ ଓ ଚାରିଚକିଆ ଯାନ କଡ଼ାକଡ଼ି ଚେକିଂ କରାଯାଉଛି। ସଦର ଉପଖଣ୍ଡରେ ଚେକିଂ ଜୋର୍‌ଦାର କରାଯାଇଛି ବୋଲି ଏସ୍‌ଡିପିଓ ଦିଲୀପ ଦାସ ସୂଚନା ଦେଇଛନ୍ତି। ୧୬ ଏବଂ ୫୭ ନଂ. ଜାତୀୟ ରାଜପଥର ବିଭିନ୍ନ ଛକ, ଶିଳ୍ପାଞ୍ଚଳ, ଖୋର୍ଦ୍ଧା ପ୍ରବେଶ ପଥ, ହଳଦିଆ, ବାଜପୁର, ବାଘମାରୀ, ବୋଲଗଡ଼, ବେଗୁନିଆ, ସଦର, ଜଙ୍କିଆ ଆଦି ସ୍ଥାନରେ ପୋଲିସ ପକ୍ଷରୁ ରାତି ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିବା ବେଳେ ଚେକିଂ, ବ୍ଲକିଂ ଚାଲିଛି।

## ନଡ଼ା ଧୂଆଁରେ ପରିବେଶ ପ୍ରଦୂଷିତ

କଣାସ,୫।୫(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ଅଞ୍ଚଳର ଚାଷୀମାନେ ଖରାଟିଆ ଧାନ ଫସଲ ଉପରେ ନିର୍ଭର କରିଥାନ୍ତି। ଚଳିତ ବର୍ଷ ଚାଷୀମାନେ ଖରାଟିଆ ଧାନ ଫସଲ ଅମଳ କରିବା ପରେ ଜମିରେ ରହିଯାଉଥିବା ନଡ଼ାରେ ନିଆଁ ଲଗାଇ ଦେଉଛନ୍ତି। ଫଳରେ ପ୍ରବଳ ଧୂଆଁ ବ୍ୟାପିବା ସହ ବାୟୁ ପ୍ରଦୂଷିତ ଓ ପରିବେଶ ଉତ୍ତପ୍ତ ହେଉଛି। ସମ୍ପ୍ରତି ଅଧିକାଂଶ ଚାଷୀ ନଡ଼ା ପୋଡ଼ିଦେଉଥିବା ଦେଖିବାକୁ ମିଳୁଛି।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଯୋଗେଶ୍ୱରପୁର,୫।୫(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଦେଉଳୀ ପଞ୍ଚାୟତ ଶିମୁଳି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର ସାହୁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକର ଶିକ୍ଷାମଣ୍ଡଳ ଅଧିକାରୀ ସୁଶୀଳ କୁମାର ବ୍ରହ୍ମା, ମୁଖ୍ୟବକ୍ତା ଭାବେ କାକଟପୁର ମା' ମଙ୍ଗଳା ଟ୍ରଷ୍ଟ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସହମଣ୍ଡଳ ଅଧିକାରୀ ଗୋପ ବ୍ଲକର ଅଶୋକ ବେହେରା, ବିନୋଦିନୀ ମହାପାତ୍ର, ଗୋପ ଶିକ୍ଷକ ସମନ୍ୱିତ ସମିତି ସଭାପତି ଶିବଦତ୍ତ ନାୟକ, ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ଜମ୍ମେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବରେ ଉପସ୍ଥିତ ପୁରାତନ ଓ ନୂତନ ଛାତ୍ରୀଛାତ୍ର ଓ ନିମନ୍ତ୍ରିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରଧାନ ଶିକ୍ଷକ ସାହୁଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ସୁରଜିତ୍ ସାହୁ, ଜଳନ୍ଧର କାଣ୍ଡି, ବିନୟ ପାତ୍ର, ଦେବୀ ପ୍ରସାଦ ପାତ୍ର, ବସନ୍ତ ମହାନ୍ତି, ତାପସ ନାୟକ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଶତାଧିକ ଅଟୋ ଯାଞ୍ଚ: ୫ ଜବତ, ଚାଳକଙ୍କୁ ଜରିମାନା

ପୁରୀ, ୫।୫(ଅଜିତ ମହାନ୍ତି):

ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ସନ୍ଧ୍ୟାରେ ପୁରୀ ସହରର ସି ବିଚ୍ ଅଞ୍ଚଳରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ପୋଲିସ ପକ୍ଷରୁ ମିଳିତ ଭାବେ ଅଟୋ ଯାଞ୍ଚ କରାଯାଇଥିଲା। ଶତାଧିକ ଅଟୋ ଯାଞ୍ଚ କରାଯାଇଥିବାବେଳେ ୫ଟି ଅମାନିଆ ଅଟୋରିକ୍ସାକୁ ଜବତ କରାଯିବା ସହ ସମ୍ପୃକ୍ତ ଚାଳକମାନଙ୍କୁ ଅଟକ ରଖାଯାଇଛି। ସେମାନଙ୍କଠାରୁ ବିଭିନ୍ନ କେସ୍‌ରେ ସମୁଦାୟ ୭୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇ ଆଗକୁ ଗାଡ଼ିର ଅପ୍‌ଡେଟ ଲାଇସେନ୍ସ ସହିତ ପାର୍କିଂ ନିୟମ, ଚାଳକ ମୋବାଇଲ୍ ବ୍ୟବହାର ନ କରିବା, ନିର୍ଦ୍ଧାରିତ ଦରରେ ଭଡ଼ା ନେବା, ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଇତ୍ୟାଦିକୁ କଡ଼ାକଡ଼ି ଭାବେ ପାଳନ ପାଇଁ ତାଗିଦ୍ କରାଯାଇଛି। ଏ ନେଇ ସ୍ୱେଶାଲ ସର୍କିଟ ହାଉସଠାରେ ଜିଲା ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଟ୍ରାଫିକ ଓ ସି ବିଚ୍ ଥାନାର ଭାରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ। ଆଗକୁ ଗାଡ଼ି କାଗଜପତ୍ର ଅପ୍‌ଡେଟ ନ ରଖିଲେ ଓ ଟ୍ରାଫିକ ନିୟମ ନ ମାନିଲେ ସମ୍ପୃକ୍ତ ଅଟୋ ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

**ଗାଡ଼ି କାଗଜପତ୍ର ଅପ୍‌ଡେଟ ନ ଥିଲେ କାର୍ଯ୍ୟାନୁଷ୍ଠାନ**

# ସିପିଆଇର ସାଧାରଣ ପରିଷଦ ବୈଠକ

କାକଟପୁର,୫।୫(ଶୁଭଦର୍ଶନ ମିଶ୍ର)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ରବିବାର ସ୍ଥାନୀୟ କୁଣ୍ଢେଇ ହାଟଠାରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କାକଟପୁର-ଅସ୍ତରଙ୍ଗ ଜୋନ୍ କମିଟି ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସିପିଆଇ ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ପୂର୍ବତନ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଯୋଗଦେଇ ଦେଶର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ସମ୍ପର୍କରେ ଆଲୋକପାତ କରିବା ସହିତ କେନ୍ଦ୍ରର ଏନ୍‌ଡିଏ ସରକାର ଏବଂ ରାଜ୍ୟର ବିଜେଡି ସରକାରକୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ପରିଷଦ ସଭ୍ୟ ବିପିନ ବିହାରୀ ରାଉତ, ଜଗତ୍‌ସିଂହପୁର ଲୋକ ସଭା ଆସନ ନିମନ୍ତେ ଦଳୀୟ ପ୍ରାର୍ଥୀ ହୋଇଥିବା ରମେଶ ଚନ୍ଦ୍ର ସେଠୀ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ବ୍ରଜବନ୍ଧୁ ପ୍ରଧାନ, ପୁରୀ ଜିଲା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ଗୋପ ଜୋନ ସମ୍ପାଦକ ପ୍ରସନ୍ନ ଦାସ, ପୂର୍ବତନ ଜୋନ ସମ୍ପାଦକ ଗୋଲେଖଚନ୍ଦ୍ର ନାୟକ, ଆଡ୍‌ଭୋକେଟ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ପ୍ରମୋଦ ନାୟକ ପ୍ରମୁଖ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ କାକଟପୁର, ଅସ୍ତରଙ୍ଗ ଅଞ୍ଚଳର ଶତାଧିକ କର୍ମୀ ଯୋଗଦେଇଥିଲେ।





ବୈଠକରେ ମଞ୍ଚାସୀନ ଅତିଥି ।

# ପୁରୀ କଂଗ୍ରେସରେ ଘଡ଼ିକେ ଘୋଡ଼ା ଛୁଟୁଛି

ପୁରୀ, ୫।୫(ଅଜିତ୍ ମହାନ୍ତି)

**ଲୋକ ସଭା ପରେ ପୁରୀ ବିଧାନସଭା ଆସନର ପ୍ରାର୍ଥୀ ପରିବର୍ତ୍ତନ**

- **ଆଜି ନାମାଙ୍କନପତ୍ର ଦାଖଲ କରିବେ ଉମାବଲ୍ଲଭ ରଥ**

ପୁରୀ କଂଗ୍ରେସ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ପୁରୀ ଲୋକ ସଭା ଆସନରେ ପ୍ରାର୍ଥୀ ବଦଳାଯିବାର ୧୨ଘଣ୍ଟା ନ ପୂରୁଣୁ ପୁରୀ ସଦର ବିଧାନସଭା ଆସନର ପ୍ରାର୍ଥୀଙ୍କୁ ଦଳ ପରିବର୍ତ୍ତନ କରିଛି। ଏପରିକି ଦଳୀୟ ଟିକେଟ ପାଇ ନାମାଙ୍କନପତ୍ର ଦାଖଲ କରିସାରିଥିବା ସୁଜିତ ମହାପାତ୍ରଙ୍କୁ ବଦଳାଇ ଉମାବଲ୍ଲଭ ରଥଙ୍କୁ ନୂତନ ଭାବେ ପ୍ରାର୍ଥୀ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ, ପ୍ରଥମେ କଂଗ୍ରେସ ପକ୍ଷରୁ ସୁଚରିତା ମହାନ୍ତିଙ୍କୁ ପୁରୀ ଲୋକ ସଭା ଆସନ ନିମନ୍ତେ ପ୍ରାର୍ଥୀ କରାଯାଇଥିଲା। ତେବେ ନିର୍ବାଚନ ଲଢ଼ିବା ନିମନ୍ତେ ଆର୍ଥିକ ସହାୟତା ଦେବାରେ ଦଳ ଅସମର୍ଥ ପ୍ରକାଶ କରିବା ଓ ଲୋକ ସଭା ଅନ୍ତର୍ଗତ ବିଭିନ୍ନ ବିଧାନସଭା ଆସନରେ ଦୁର୍ବଳ ପ୍ରତିନିଧି ଦିଆଯାଇଥିବା ନେଇ ସୁଚରିତା ଅଭିଯୋଗ ଆଣି ଅସନ୍ତୋଷ ବ୍ୟକ୍ତ କରି ଟିକେଟ୍ ଫେରାଇଦେଇଥିଲେ। ଏହାପରେ ଦଳ ପକ୍ଷରୁ ପୁରୀ ଜିଲା କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକଙ୍କୁ ଲୋକ ସଭା ଆସନ ନିମନ୍ତେ ପ୍ରାର୍ଥୀ ଘୋଷଣା କରାଯାଇଛି। ସେହିପରି ପୂର୍ବରୁ ଦଳ ପକ୍ଷରୁ ପୁରୀ ବିଧାନସଭା ଆସନ ପାଇଁ ସୁଜିତ୍ ମହାପାତ୍ରଙ୍କୁ ପ୍ରାର୍ଥୀ କରାଯାଇଥିଲା। ସୁଜିତ୍ ତାଙ୍କ ସମର୍ଥକଙ୍କ ସହିତ ଶନିବାର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କର ନାମାଙ୍କନପତ୍ର ଦାଖଲ କରିଥିଲେ। ତେବେ ଏହାର ୨୪ ଘଣ୍ଟା ନ ପୂରୁଣୁ ଦଳ ନାଟକୀୟ ଢଙ୍ଗରେ ତାଙ୍କର ଟିକେଟ୍ ପ୍ରତ୍ୟାହାର କରି ହେଭିୱେଟ୍ ନେତା ଉମାବଲ୍ଲଭ ରଥଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଯାହାକୁ ନେଇ ଉମାବଲ୍ଲଭଙ୍କ ସମର୍ଥକଙ୍କ ମଧ୍ୟରେ ଉଲ୍ଲାସ ଓ ଉତ୍ସାହ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ସୁଜିତଙ୍କ ସମର୍ଥକମାନଙ୍କ ମଧ୍ୟରେ ହତାଶା ଭାବ ଛାଇଯାଇଛି। ଟିକେଟ ପାଇବା ପରେ ଉମାବଲ୍ଲଭ କହିଛନ୍ତି, ପୁରୀ ସଦର ବିଧାନସଭା ନିର୍ବାଚନମଣ୍ଡଳୀର ଜନସାଧାରଣ ହିଁ ତାଙ୍କ ଶକ୍ତି। ନିର୍ବାଚନ ଜିତିଲେ ୧୦୦ ଦିନ ମଧ୍ୟରେ ପୁରୀ ସହର ଓ ସଦରବାସୀଙ୍କ ଜମିଜମା ସମସ୍ୟାର ସମାଧାନ କରାଯିବ। ସେହିପରି ମହାପ୍ରଭୁଙ୍କ ଶ୍ରୀମନ୍ଦିର ଓ ସେବାୟତଙ୍କ ସମସ୍ୟା ମୁଖ୍ୟ ପ୍ରାଥମିକତା ରହିବ। ପୁରୀ ସହରର ମଧୁର ଜଳ ସମସ୍ୟା ଦୂର ଓ ଚାଷୀଙ୍କୁ ସେମାନଙ୍କ ଜମି ଅଧିକାର ଫେରାଇବା ପାଇଁ ସେ ଉଦ୍ୟମ କରିବେ। ଦୁର୍ନୀତି ବିରୋଧରେ ତାଙ୍କର ସଂଗ୍ରାମ ଜାରି ରହିବ। ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ସେ ସୋମବାର ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଉମାବଲ୍ଲଭ କହିଛନ୍ତି। କଂଗ୍ରେସରୁ ଟିକେଟ ପାଇବେ ବୋଲି ସେ ଆଶାୟୀ ଥିଲେ। ତେବେ ପ୍ରଥମେ ଟିକେଟ ନ ପାଇବାରୁ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବା ନେଇ ସମର୍ଥକଙ୍କ ସହ ବିଚାରବିମର୍ଶ କରିଥିଲେ।

୧୯୯୧ ଉପନିର୍ବାଚନରେ ଉମାବଲ୍ଲଭ ପୁରୀ ବିଧାନସଭା ଆସନରେ ଜିତିଥିଲେ। ତେବେ ଏହାପରଠାରୁ ସେ ପ୍ରାର୍ଥୀ ହୋଇ ମଧ୍ୟ କ୍ରମାଗତ ଭାବେ ପରାଜୟ ବରଣ କରୁଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ ଆଠଗଡ଼ରୁ ଲଢ଼ି ପରାଜିତ ହୋଇଥିଲେ। ୨୦୦୯ରେ ସେ କଂଗ୍ରେସରୁ ଇସ୍ତଫା ଦେଇ ଭାରତୀୟ ଜନତା ପାର୍ଟିରେ ଯୋଗଦେଇଥିଲେ। ଫଳରେ ସେ ଭାଜପା ଟିକେଟ୍‌ରୁ ପୁରୀ ବିଧାନସଭା ଆସନ ପାଇଁ ଲଢ଼ିଥିଲେ। ତେବେ ବିଜୁ ଜନତା ଦଳର ପ୍ରାର୍ଥୀ ମହେଶ୍ୱର ମହାନ୍ତି ତାଙ୍କୁ ୧୩,୩୯୪ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। ମହେଶ୍ୱର ୬୧,୩୨୮ ଭୋଟ୍, ଉମାବଲ୍ଲଭ ୪୭,୯୩୪ ଭୋଟ ଏବଂ କଂଗ୍ରେସ ପ୍ରାର୍ଥୀ ଉତ୍ତମ କୁମାର ଆଚାର୍ଯ୍ୟ ୪୮୩୨ ଖଣ୍ଡ ଭୋଟ ପାଇଥିଲେ। ୨୦୧୪ରେ ଉମାବଲ୍ଲଭ ଭାଜପା ଛାଡ଼ି ପୁଣି କଂଗ୍ରେସକୁ ଫେରିଥିଲେ। ୨୦୧୪ ନିର୍ବାଚନରେ ଉମାବଲ୍ଲଭଙ୍କୁ ୩୪,୭୨୧ ଭୋଟ ବ୍ୟବଧାନରେ ବିଜେଡିର ମହେଶ୍ୱର ମହାନ୍ତି ହରାଇଥିଲେ। ମହେଶ୍ୱର ୭୬,୭୬୦, ଉମାବଲ୍ଲଭ ୪୨,୦୩୯ ଭୋଟ ଓ ଭାଜପାର କୃଷ୍ଣଚନ୍ଦ୍ର ପଣ୍ଡା ୧୭,୫୬୦ ଖଣ୍ଡ ଭୋଟ ପାଇଥିଲେ। ୨୦୧୯ରେ ଉମାବଲ୍ଲଭଙ୍କୁ କଂଗ୍ରେସ ପୁରୀ ବିଧାନସଭା ଆସନ ପରିବର୍ତ୍ତେ ଆଠଗଡ଼ ବିଧାୟକ ପ୍ରାର୍ଥୀ କରିଥିଲା। ସେ ପରାସ୍ତ ହୋଇଥିଲେ।

## ସଂକ୍ଷେପରେ

### ରକ୍ଷକ ନାୟକ ପାଇବେ 'ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ'



ଭୁବନେଶ୍ୱର,୫।୫(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ କବି ରକ୍ଷକ ନାୟକ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ସଚ୍ଚି ରାଉତରାୟ ସାରସ୍ୱତ ସମ୍ମାନ' ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ୯ ତାରିଖରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ କଟକ ସାରଳା ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କବି ନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ତାଙ୍କୁ ୨୫ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯିବ ବୋଲି ସଂସଦର ପ୍ରତିଷ୍ଠାତା ତଥା ସଭାପତି ଡ. (ଇଂ.) ପ୍ରଭାକର ସ୍ୱାଇଁ ଓ ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କବି ନାୟକ ଓଡ଼ିଆ କାବ୍ୟ ଜଗତରେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ। ତାଙ୍କ କୃତୀ ମଧ୍ୟରେ 'ଶେଷହୀନ ସନ୍ତରଣ', 'ଘରକୁ ଫେରିବାକୁ ଡର', 'କହିଲେ ନସରେ', 'ନାନାଦି ନିରବତା', 'ଆଉସବୁ ସାକ୍ଷାତରେ', 'ବ୍ରହ୍ମଶିଳା', 'ଅସରନ୍ତି ଅନ୍ତାକ୍ଷରୀ', 'ବିଶ୍ୱସ୍ନାନ', 'ବୀଜ ବିକ୍ଷେପ', 'ଅମିତ୍ର ଅନ୍ଧାର' ଆଦି ଉଲ୍ଲେଖନୀୟ। ସେ ଓଡ଼ିଶା ସାହିତ୍ୟ ଏକାଡେମୀ ସମେତ ବହୁ ପୁରସ୍କାର ଲାଭ କରିଛନ୍ତି।

### ରେଳଧାରଣାରୁ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

ଭୁବନେଶ୍ୱର,୫।୫ (ସୂର୍ଯ୍ୟକାନ୍ତ ବେହେରା)

ଶହୀଦନଗର ଥାନା ଅନ୍ତର୍ଗତ ବମିଖାଲ ଓଭରବ୍ରିଜ ନିକଟସ୍ଥ ରେଳ ଧାରଣାରୁ ଶନିବାର ରାତିରେ ଜଣେ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଛି। ସେ ହେଲେ ସ୍ଥାନୀୟ ଦେବରାଜ ବିଦ୍ୟାପୀଠ ଅଞ୍ଚଳର ଆର୍ଯ୍ୟ ପ୍ରଜ୍ଞା ରଣା। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନ ଥିଲେ ମଧ୍ୟ ତାଙ୍କୁ କୌଣସି ଏକ ଟ୍ରେନ୍ ଧକ୍କା ଦେଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡୁଛି। ହେଲେ ସେ ଏଠାରେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କ ସହ ଆଉ କିଛି ଘଟଣା ଘଟିଛି ତାହାକୁ ନେଇ ନାନା ଆଲୋଚନା ଚାଲିଛି। ତେବେ ପାରିବାରିକ କଳହ ପାଇଁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି। ଖବର ପାଇ ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପ୍ରଜ୍ଞାଙ୍କ ପରିବାର ଲୋକଙ୍କ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ଜିଆର୍‌ପି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# 'ଜଳ ପ୍ରଦୂଷଣ ରୋକିବାକୁ ସଚେତନତା ବୃଦ୍ଧି ଆବଶ୍ୟକ'

ଭୁବନେଶ୍ୱର, ୫।୫ (ବନ୍ଦନା ସେଠୀ)

ଜଳ ସହିତ ଜୀବନ ଓତପ୍ରୋତ ଭାବରେ ଜଡ଼ିତ। କେବଳ ମାନବଜାତି ନୁହେଁ, ସମଗ୍ର ଜୀବଜଗତ ଜୀବନ ନିର୍ବାହ ପାଇଁ ବିଭିନ୍ନ କାର୍ଯ୍ୟ ସମ୍ପାଦନ ନିମନ୍ତେ ଜଳ ଉପରେ ନିର୍ଭରଶୀଳ। ତେବେ ରାସାୟନିକ, ଭୌତିକ ଏବଂ ଜୈବିକ ପଦାର୍ଥ ବିଭିନ୍ନ ମାର୍ଗରେ ଜଳରେ ପ୍ରବେଶ କରି ଏହାକୁ ପ୍ରଦୂଷିତ କରୁଛି। ଭୂପୃଷ୍ଠ ଜଳ ବହୁଳ ଭାବରେ ପ୍ରଦୂଷିତ ହେଉଥିବାବେଳେ ଭୂତଳ ଜଳର ପ୍ରଦୂଷଣ ମଧ୍ୟ କ୍ରମେ ବୃଦ୍ଧି ପାଉଛି। ସେହିପରି ସମୁଦ୍ର ଉପକୂଳସ୍ଥ ଜଳରାଶି ସ୍ଥଳଭାଗରୁ ନଦୀ ନାଳ ମାଧ୍ୟମରେ ପ୍ରବାହିତ ସମୟରେ ପ୍ରଦୂଷକ ପଦାର୍ଥ ଦ୍ୱାରା ପ୍ରଦୂଷିତ ହେଉଛି। ଏପରି ଜଳର ବ୍ୟବହାରରେ ମଣିଷ ସହ ଅନ୍ୟ ଜୀବଜନ୍ତୁ ଏବଂ ମାଛ ପରି ଜଳଚର ଜୀବମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଏପରିକି କର୍କଟ ରୋଗରେ ପୀଡ଼ିତ ହେଉଛନ୍ତି। ତେଣୁ ଜଳ ପ୍ରଦୂଷଣକୁ ରୋକିବା ନିମନ୍ତେ ସଚେତନତା ବୃଦ୍ଧି ସହିତ ଜଳ ଉତ୍ସ ସବୁକୁ ସୁରକ୍ଷିତ ଓ ପରିଷ୍କାର ରଖିବା ଏକାନ୍ତ ଆବଶ୍ୟକ ବୋଲି ଓଡ଼ିଶା ପରିବେଶ ସମିତି ପକ୍ଷରୁ



ଓଡ଼ିଶା ପରିବେଶ ସମିତି ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗ ଦେଇଥିବା ପରିବେଶବିତ୍ ଓ ଅତିଥିମାନେ।

ଅନୁଷ୍ଠିତ ଆଲୋଚନାଚକ୍ରରେ ପରିବେଶ ବିଶେଷଜ୍ଞମାନେ ମତ ପୋଷଣ କରିଛନ୍ତି। କାର୍ଯ୍ୟକ୍ରମରେ ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ପୌରୋହିତ୍ୟ କରି, ବିକାଶ ପ୍ରକ୍ରିୟାରେ ପ୍ରଦୂଷଣ ନିରୋଧ ଦିଗକୁ ଯଥେଷ୍ଟ ଅଗ୍ରାଧିକାର ପ୍ରଦାନ କରିବା ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ମତ ଦେଇଥିଲେ। ଖଡ଼ଗପୁର ଆଇଆଇଟି ନାଭାଲ ସ୍ଥାପତ୍ୟ ବିଭାଗର ପୂର୍ବତନ ପ୍ରଫେସର ଡ. ସୁରେଶ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ, ପ୍ରଦୂଷିତ ଜଳ ଜନସ୍ୱାସ୍ଥ୍ୟ ନିମନ୍ତେ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ ବୋଲି କହିଥିଲେ। ତେଣୁ ଏବେଠାରୁ ସତର୍କତା ଅବଲମ୍ବନ ନ କଲେ ଆଗାମୀ ସମୟରେ ସମଗ୍ର ଜୀବଜଗତ ଏହି ପ୍ରଦୂଷଣ ଦ୍ୱାରା ବହୁ କ୍ଷତିକାରକ ପ୍ରଭାବର ସମ୍ମୁଖୀନ ହେବ ବୋଲି ମତ ଦେଇଥିଲେ। ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇ କହିଲେ, ମାନବ ସମାଜର ବିଜ୍ଞତା ଓ ସମ୍ବେଦନଶୀଳତାର ଅଭାବରେ ଘଟୁଥିବା ଜଳ ଉତ୍ସସବୁର ପ୍ରଦୂଷଣ କ୍ରମଶଃ ବହୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିର କାରଣ ହେଉଛି, ଯାହା ଆଗାମୀ ଦିନରେ ଅତି ଉଗ୍ରରୂପ ଧାରଣ କରିବ। ସେହିଭଳି ପ୍ରଫେସର କୃଷ୍ଣଚନ୍ଦ୍ର ସାହୁ, ଡ. ସୁଧାକର କର, ଡ. ଭିପି ଉପାଧ୍ୟାୟ, ଇଂ. ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ। ସମିତି ଉପସଭାପତି ଡ. ବିଜୟ କେତନ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୁଗ୍ମ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ପୁରୀ ଚନ୍ଦନ ପୁଷ୍କରିଣୀରେ ପାଣି କମ୍‌ଥିବାରୁ ଆଗାମୀ ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ଚାପଖେଳ (ନୌକାବିହାର) ପାଇଁ ଅସ୍ଥାୟୀ ଜେଟି ନିର୍ମାଣ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ରାଜଧାନୀରୁ ପୁଣି ୩.୫ଲକ୍ଷ ଟଙ୍କା ଜବତ

ଭୁବନେଶ୍ୱର,୫।୫ (ସୂର୍ଯ୍ୟକାନ୍ତ ବେହେରା)

ରାତ୍ରି ଚେକିଂ ବେଳେ ରାଜଧାନୀ ଭୁବନେଶ୍ୱରରୁ ପୁଣି ମିଳିଛି ଟଙ୍କା। ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟ ଅଞ୍ଚଳ ରାସ୍ତାରେ ଷ୍ଟାଟିଷ୍ଟିକ୍ସ ସର୍ଭେଲାନ୍ସ ଟିମ୍ ଚେକିଂ କରୁଥିବାବେଳେ ଏକ ସ୍କର୍ପିଓରୁ ୩.୫୦ ଲକ୍ଷ ଟଙ୍କା ଜବତ କରିଛି। ଉକ୍ତ ଟଙ୍କାକୁ ଜଣେ ଠିକାଦାର ନେଉଥିଲେ। ତେବେ ସେ ଟଙ୍କା କାରବାର ବାବଦକୁ କୌଣସି ବୈଧ ପ୍ରମାଣ ଦେଖାଇ ନ ପାରିବାରୁ ଯାଞ୍ଚକାରୀ ଟିମ୍ ତାହାକୁ ସ୍ଥାନୀୟ ଥାନାକୁ ହସ୍ତାନ୍ତର କରିଛି। ଏହାସହ ଏହି ଘଟଣାର ତଦନ୍ତ ପାଇଁ ଖୋର୍ଦ୍ଧା ଜିଲାପାଳଙ୍କୁ ସୂଚନା ଦିଆଯାଇଥିବା ଡିସିପି ପ୍ରତୀକ ସିଂ କହିଛନ୍ତି। ଅପରପକ୍ଷେ ପୂର୍ବରୁ ଚେକିଂବେଳେ ଚନ୍ଦ୍ରଶେଖରପୁର ଓ ନନ୍ଦନକାନନ ଥାନା ପୋଲିସ ଗାଡିରୁ ଟଙ୍କା ଜବତ କରିଥିଲା।

ସୂଚନାନୁସାରେ, ମୁକ୍ତ, ନିରପେକ୍ଷ ଓ ଶୃଙ୍ଖଳିତ ନିର୍ବାଚନ ପାଇଁ କମିଶନରେଟ ପୋଲିସ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ଏଥିପାଇଁ ବେଆଇନ ଟଙ୍କା କାରବାର, ନିଶା କାରବାର, ଉପହାର ଆଦି ରୋକିବା ଲାଗି ରାଜଧାନୀରେ ଯାଞ୍ଚକୁ କଡାକଡି କରାଯାଇଛି।

ଚେକିଂ ବେଳେ ଯେଉଁ ଗାଡିରୁ ଟଙ୍କା ମିଳୁଛି ପୋଲିସ ସଙ୍ଗେ ସଙ୍ଗେ ଜବତ କରି ତାହାର ତଦନ୍ତ କରୁଛି। ଧରାପଡିଥିବା ବ୍ୟକ୍ତି ଯଦି ଆଚରଣବିଧି ଉଲ୍ଲଘଂନ କରିଥିବା ପ୍ରମାଣ ମିଳେ ତା'ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ସିଂ କହିଥିଲେ।

## ଆଜି ୪ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

### ଶ୍ରୀମନ୍ଦିରରେ ହେବ ପଇତାଲାଗି ନୀତି

ପୁରୀ,୫।୫(ଅଜିତ୍ ମହାନ୍ତି)

ବୈଶାଖ ମାସ ତ୍ରୟୋଦଶୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରୁ ଏହା ଅନ୍ୟତମ। ଏହି ଗୁପ୍ତନୀତି ଦ୍ୱାରା ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦିଆଯାଇଥାଏ। ଏହି ଗୁପ୍ତନୀତି ସମୟରେ ଅର୍ଥାତ ସୋମବାର ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ନୀତି ସରିବା ପରେ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପାଦନ କରିବେ।

## ଶ୍ରୀମନ୍ଦିରରେ ରକ୍ତଛିଟା: ମହାପ୍ରଭୁଙ୍କର ହେଲା ବଡ଼ମହାସ୍ନାନ

ପୁରୀ,୫।୫(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ରବିବାର ମହାପ୍ରଭୁଙ୍କର ବଡ଼ମହାସ୍ନାନ ନୀତି ହୋଇଛି। ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ ପରେ ଭିତରକାଠ ନିକଟରେ ଦର୍ଶନ ଚାଲିଥିଲା। ଏହି ସମୟରେ ଜୟବିଜୟ ଦ୍ୱାର ଭିତର ପାହାଚ ସିନ୍ଧୁକ ନିକଟରେ ରକ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ତୁରନ୍ତ ନୀତି ଓ ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯିବା ସହ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବଡ଼ମହାସ୍ନାନ କରାଯିବା ସହ ସିଂହାସନ, ଭିତରକାଠ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ଏଥିପାଇଁ ପ୍ରାୟ ୨ ଘଣ୍ଟା ଅନ୍ୟାନ୍ୟ ନୀତି ବିଳମ୍ବ ହୋଇଥିଲା। ମହାସ୍ନାନ ନୀତି ପରେ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପୀୟୂଷ ପ୍ରତ୍ୟୁଷ



@ ଚନ୍ଦ୍ରମଣି



@ ସାଗର



@ ଶିବରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ: ୫ ଗିରଫ

ଭୁବନେଶ୍ୱର,୫।୫(ସତ୍ୟଜିତ୍ ରାଉତ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ୍) ହାତରେ ଧରାପଡ଼ିଛନ୍ତି ୫ ଗଞ୍ଜେଇ ଚାଲାଣକାରୀ। ଟାଙ୍ଗୀ ନିକଟ ୧୬ ନଂ. ଜାତୀୟ ରାଜପଥରେ ଏସ୍‌ଟିଏଫ୍ ଚଢ଼ାଉ କରି ସେମାନଙ୍କଠାରୁ ୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲା ଫୁଲବାଣୀ ଥାନା ଅନ୍ତର୍ଗତ ଗିରିଙ୍ଗପଡାରେ ରହୁଥିବା ରୋଶନ କୁମାର ଚୌଧୁରୀ (୩୦), ଖଜୁରିପଡ଼ା ଥାନା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ (୩୬), ସନ୍ଦୀପ ଦିଗଲ (୨୪), ଟିକାବାଲି ଥାନା ଅଞ୍ଚଳର ବିକାଶ କୁମାର ପ୍ରଧାନ (୩୦) ଓ କଟକ ଜିଲା ଗାନ୍ଧୀପଲ୍ଲୀ ଅଞ୍ଚଳର ମାନସ କୁମାର ମଲ୍ଲିକ (୨୨)। ସେମାନଙ୍କ ନିକଟରୁ ୪୯ କେଜି ଗଞ୍ଜେଇ ସହ ଗୋଟିଏ ବୋଲେରୋ (ଓଆର୍‌୦୨ବିଜି୨୪୭୫) ଓ ଏକ କାର୍ (ଓଡି୦୫ବିପି୦୪୮୩) ଜବତ ହୋଇଛି। ଏସ୍‌ଟିଏଫ୍ ଅଭିଯୁକ୍ତମାନଙ୍କୁ ଟାଙ୍ଗି ପୋଲିସକୁ ହସ୍ତାନ୍ତର କରିଥିଲା। ଏନେଇ ଟାଙ୍ଗି ଥାନା ପକ୍ଷରୁ ଏକ ମାମଲା (ନଂ.୧୧୫/୨୦୨୪) ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ




ଜବତ ହୋଇଥିବା ୨ ଗାଡ଼ି।

କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ଗଞ୍ଜେଇ ନେଇ କନ୍ଧମାଳରୁ ଯାଉଥିବାବେଳେ ଶନିବାର ସକାଳ ସମୟରେ ଟାଙ୍ଗୀଠାରେ ଏସ୍‌ଟିଏଫ୍ ସେମାନଙ୍କୁ କାବୁ କରିଥିଲା। ଏନେଇ ଟାଙ୍ଗୀ ପୋଲିସ ଓ ଏସ୍‌ଟିଏଫ୍ ଅଧିକ ତଦନ୍ତ ଜାରି ରଖିଛି।

## ଅଦମ୍ୟ ସାହସ, ଅସରନ୍ତି ଉର୍ଜାର ମୂର୍ତ୍ତିମନ୍ତ ପ୍ରତୀକ ଧରଣୀଧର

### ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ଭୁବନେଶ୍ୱର,୫।୫(ଶର୍ମିଷ୍ଠା ପାଣିଗ୍ରାହୀ)

ମହାନ୍ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ) ଥିଲେ ଅଦମ୍ୟ ସାହସ ଓ ଅସରନ୍ତି ଉର୍ଜାର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ ସମ୍ପର୍କରେ ଐତିହାସିକ ଓ ଗବେଷକମାନେ ଅଧିକ ଉଚ୍ଚତର ଗବେଷଣା କରିବା ଉଚିତ। ଧରଣୀଧର ଥିଲେ ଏପରି ଜଣେ ଯୋଗଜନ୍ମା ଓଡ଼ିଆ, ଯାହାଙ୍କ ବୀରତ୍ୱର ଗାଥା ବାବଦରେ ଉତ୍ତରପିଢ଼ିଙ୍କୁ ଅବଗତ କରାଇବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଶଶିକାନ୍ତ ମିଶ୍ର କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱରସ୍ଥିତ କେନ୍ଦୁଝର ନାଗରିକ ପରିଷଦ ଓ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଭୂୟାଁ ମେଳିର କର୍ଣ୍ଣଧାର ବିପ୍ଳବୀ ଧରଣୀଧରଙ୍କ ରାଜ୍ୟସ୍ତରୀୟ




ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ବିଚାରପତି ଶଶିକାନ୍ତ ମିଶ୍ରଙ୍କ ଅନ୍ୟ ଅତିଥିମାନେ।

ଜୟନ୍ତୀ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ ମିଶ୍ର ଏହା କହିଥିଲେ।

ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ କହିଲେ, ଜନଜାତିଙ୍କ ଆଦର୍ଶ ପୁରୁଷ ଥିଲେ ଧରଣୀଧର। ଜନଜାତି ସମ୍ପ୍ରଦାୟକୁ ଅନ୍ୟାୟ, ଅନୀତି ଓ ଅତ୍ୟାଚାର ବିରୋଧରେ ସଂଗ୍ରାମ କରିବାକୁ ସେ ପ୍ରେରଣା ଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଏବଂ ଗବେଷକ ଡ. ସୋମା ଚାନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଗଡ଼ଜାତ ଅଞ୍ଚଳରେ ବେଠି, ବଗାରି, ମାଗଣ ଓ ଭେଟି ପରି ଅନ୍ୟାୟଅନୀତି ବିରୋଧରେ ମେଳି ବା ସଂଗ୍ରାମ କରି ଦେଶ ସ୍ୱାଧୀନ ହେବା ପୂର୍ବରୁ ଧରଣୀଧର ଏକ ଜନମଙ୍ଗଳ ରାଷ୍ଟ୍ରର ପରିକଳ୍ପନା କରିଥିଲେ। କେନ୍ଦୁଝର ନାଗରିକ ପରିଷଦ ସଭାପତି ହାଡିବନ୍ଧୁ ପଟ୍ଟନାୟକ ସମ୍ମାନିତ ବକ୍ତା ଭାବେ ଯୋଗଦେଇ କହିଲେ, ବିପ୍ଳବୀ ଧରଣୀଧରଙ୍କ ଜାତିପ୍ରୀତି ଓ ସାହସିକତା ସବୁବେଳେ ଓଡ଼ିଆମାନଙ୍କୁ ପ୍ରେରଣା ଯୋଗାଉଥିବ। ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସଭାପତିତ୍ୱ କରି କହିଲେ, ରାଜାଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇପଡ଼ିଥିବା ଶାନ୍ତ, ସରଳ ଜନଜାତିଙ୍କୁ ଏକତ୍ରିତ କରି ବିପ୍ଳବୀ ଧରଣୀଧର ଅନ୍ୟାୟ ଅନୀତି ବିରୋଧରେ ସଂଗ୍ରାମ କରିଥିଲେ। ବିଶ୍ୱନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶନୀ ପ୍ରମୁଖ ଉପସ୍ଥିତ ଥିଲେ। ସକାଳେ ବିପ୍ଳବୀ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଭାଗ ଓ ବିଭିନ୍ନ ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

## ଆଶିଷ ସିଂଙ୍କ ବିରୋଧରେ ଫେରାଦ ହେଲା ଭାଜପା

ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)

ଆଇପିଏସ ଆଶିଷ ସିଂଙ୍କ ବିରୋଧରେ ଭାରତ ନିର୍ବାଚନ କମିଶନ(ଇସିଆଇ)ରେ ଭାଜପାର ଏକ ପ୍ରତିନିଧି ଦଳ ଫେରାଦ ହୋଇଛି। ଆଶିଷ ସିଂ ନିର୍ବାଚନ ବେଳେ ଶାସକ ଦଳ ପ୍ରତି ଅନୁକମ୍ପା ଦେଖାଉଥିବା ଅଭିଯୋଗ କରି ମୁଖ୍ୟ ନିର୍ବାଚନ କମିଶନରଙ୍କୁ କେନ୍ଦ୍ର ଭାଜପା ପ୍ରତିନିଧି ଦଳ ଫେରାଦ ହୋଇଛି। ଏହା ପୂର୍ବରୁ ମଧ୍ୟ ଆଶିଷଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା। ଗତ ଏପ୍ରିଲ ୫ ତାରିଖରେ ଇସିଆଇଙ୍କ ନିର୍ଦ୍ଦେଶକ୍ରମେ ଆଶିଷ ସିଂଙ୍କୁ ସେଣ୍ଟ୍ରାଲ ରେଞ୍ଜ ଆଇଜି ପଦବୀରୁ ହଟାଯାଇଥିଲା। ଏହାପରେ ତାଙ୍କୁ ସିଏମ୍‌ଓର ଆଇଜି ପଦବୀରେ ଅବସ୍ଥାପିତ କରାଯାଇଛି। ହେଲେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ମଧ୍ୟ ସେ ଶାସକ ଦଳ ପାଇଁ କାମ ଓ ନିର୍ବାଚନ ବେଳେ ବିଜେଡି ନିର୍ବାଚନ ପ୍ରଚାର ପାଇଁ ରଣନୀତି ତିଆରି କରୁଥିବା ଭାଜପା ଅଭିଯୋଗ କରିଥିବା ଜଣାପଡିଛି। ତାଙ୍କୁ ତୁରନ୍ତ ବଦଳି କରିବାକୁ ଏବଂ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦଳ ଦାବି କରିଛି।

## ଜୟଦେବଙ୍କ ସମ୍ପତ୍ତି ୪ କୋଟି

ସୋସୋ, ୫।୫(ସତ୍ୟବ୍ରତ ଜେନା)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଜୟଦେବ ଜେନାଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତି ୪ କୋଟି ହେବା ନେଇ ନାମାଙ୍କନ ପତ୍ରରେ ଉଲ୍ଲେଖ କରିଛନ୍ତି। ତାଙ୍କର ସମୁଦାୟ ୪ କୋଟି ୪୭ ଲକ୍ଷ ୮୫ ହଜାର ୪୧୮ ଟଙ୍କା ରହିଛି। ତାଙ୍କ ନାମରେ ଏକ ମୋଟର ସାଇକେଲ ଥିବା ବେଳେ ଆଉ କୌଣସି ଗାଡ଼ି ନାହିଁ। ସେହିପରି ତାଙ୍କ ନିକଟରେ ୫୫୦ ଗ୍ରାମ ସୁନା ଅଳଙ୍କାର ରହିଛି। ଏହାର ମୂଲ୍ୟ ୩୫ ଲକ୍ଷ ୭୫ ହଜାର ଟଙ୍କା ହେବା ନେଇ ନିଜ ସତ୍ୟ ପାଠରେ ଦର୍ଶାଇଛନ୍ତି। ନିଜ ପାଖରେ ୧ ଲକ୍ଷ ଟଙ୍କା ନଗଦ ଥିବା ବେଳେ ତାଙ୍କ ନାମରେ କୌଣସି ଋଣ ନ ଥିବା ସେ ଦର୍ଶାଇଛନ୍ତି।

# ନିର୍ବାଚନ ପରେ ବିରୋଧୀଙ୍କ ଦେଖାପାଇବେନି

■ନବୀନଙ୍କ ବିକାଶର ହିସାବ ଦେଲେ ପାଣ୍ଡିଆନ

■ସିଆଲି, କଇରାଝୁଲିରେ ବିଜେଡିର ନିର୍ବାଚନ ପ୍ରଚାର

ସୋନପୁର/ବିନିକା/ଉଲୁଣ୍ଡା/ଅମରପାଲି, ୫।୫(ମୃତ୍ୟୁଞ୍ଜୟ ତପଥୀ/ରାମଗୋପାଳ ବାଘ/ଉରୁକ୍ରମ ପାଣ୍ଡିଆ/ପୀତାମ୍ବର ସାହୁ)



ବିନିକା ବ୍ଲକର ସିଆଲି ଯାତ୍ରା ପଡିଆରେ ବିଜେଡି ପକ୍ଷରୁ ଆୟୋଜିତ ଜନସମାବେଶରେ ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବକ୍ତବ୍ୟ ପ୍ରଦାନ କରୁଛନ୍ତି। ପାର୍ଶ୍ୱରେ ଦଳୀୟ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ଓ ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ।

ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ରବିବାର ସୁବର୍ଣ୍ଣପୁର ଜିଲା ସୋନପୁର ନିର୍ବାଚନମଣ୍ଡଳୀର ସିଆଲି ଓ ବୀରମହାରାଜପୁର ନିର୍ବାଚନମଣ୍ଡଳୀର କଇରାଝୁଲିରେ ନିର୍ବାଚନୀ ପ୍ରଚାର କରିଛନ୍ତି। ବିନିକା ବ୍ଲକ ସିଆଲି ଯାତ୍ରା ପଡିଆରେ ଆୟୋଜିତ ପ୍ରଚାର ସଭାରେ ଯୋଗଦେଇ ଦଳର ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ସମର୍ଥନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରିବାକୁ ସେ ନିବେଦନ କରିଛନ୍ତି।

ପାଣ୍ଡିଆନ କହିଥିଲେ, ଗତବର୍ଷ ଜୁଲାଇ ୪ରେ ଏହି ଜିଲାକୁ ଆସି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଆଜି ସେ ହିସାବ ନେଇ ଆପଣଙ୍କ ପାଖକୁ ଆସିଛନ୍ତି। ସୋନପୁର ନିର୍ବାଚନମଣ୍ଡଳୀର ରାମପୁର ଓ ଡୁଙ୍ଗୁରିପାଲିକୁ ଏନ୍‌ଏସି କରାଯାଇଛି। ଚାଷୀଙ୍କ ସକାଶେ ଅଙ୍ଗ କେନାଲ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ୨୩୧ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ସୁରେଶ୍ୱରୀ ମନ୍ଦିର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ୨କୋଟି, ସୁବର୍ଣ୍ଣମେରୁ ମନ୍ଦିର ଉନ୍ନତି ଲାଗି ୫୦ ଲକ୍ଷ, ତରଭା ବ୍ଲକ ଚୂଡ଼ାଖାଇ ପାହାଡ଼ର ବିକାଶ ପାଇଁ ୧ କୋଟି, ବାରପାହାଡ଼ ପୀଠର ବିକାଶ ପାଇଁ ୫୦ ଲକ୍ଷ, ରାମପୁରର ପୂଜାଡୁଙ୍ଗୁରୀ ଉନ୍ନତି ପାଇଁ ୧ କୋଟି ମଞ୍ଜୁର ହୋଇଛି। ୧୧୦ କୋଟି ବ୍ୟୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ନୂତନ କୋଠା ନିର୍ମାଣ ହୋଇଛି। ଏହି ଜିଲା ସହିତ ତାଙ୍କର ସ୍ୱତନ୍ତ୍ର ସମ୍ପର୍କ ରହିଛି ବୋଲି ପାଣ୍ଡିଆନ କହିଛନ୍ତି। ଚାକିରି ଆରମ୍ଭ ସମୟରେ ବିନିକାରେ ତାଲିମ ନେଇଥିଲେ। ସେତେବେଳେ ନିରଞ୍ଜନ ପୂଜାରୀ ବିନିକା ବିଧାୟକ ଥିଲେ। ତାଙ୍କ ସହିତ ମିଶି କାମ କରିଛନ୍ତି। ଆପଣମାନେ ବିଜେଡିର ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ସମର୍ଥନ କଲେ ସେମାନେ ଆପଣଙ୍କ ସୁଖଦୁଃଖରେ ରହିବେ। ନିର୍ବାଚନ ସମୟରେ ବିରୋଧି ଦଳ ଆପଣଙ୍କ ପାଖକୁ ଆସି ମିଥ୍ୟା ଅପପ୍ରଚାର କରିବେ। ବଡ଼ବଡ଼ କଥା କହିବେ। ନିର୍ବାଚନ ପରେ ଆପଣ ସେମାନଙ୍କୁ ଖୋଜିଲେ ବି ପାଇବେନି ବୋଲି ପାଣ୍ଡିଆନ କହିଥିଲେ।

ସେହିପରି ଉଲୁଣ୍ଡା ବ୍ଲକର କଇରାଝୁଲି ମଞ୍ଚରେ ପାଣ୍ଡିଆନଙ୍କ ସହିତ ବଲାଙ୍ଗୀର ଏମ୍‌ପି ପ୍ରାର୍ଥୀ ଭୋଇ ଓ ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ଯୋଗଦେଇଥିଲେ। ପଦ୍ମନାଭ ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ କହିଥିଲେ। ଏମ୍‌ପି ପ୍ରାର୍ଥୀ ରାଜ୍ୟର ବିକାଶରେ ନବୀନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ବରିଷ୍ଠ ନେତା ପାଣ୍ଡିଆନ ନିଜ ବକ୍ତବ୍ୟ ଜୟ ଜଗନ୍ନାଥ, ମା ମେଟାକାନୀରୁ ଆରମ୍ଭ କରିଥିଲେ। ଏହି ଅବସରରେ ସେ ବିକାଶର ହିସାବ ଦେବାକୁ ଆସିଥିବା କହିଥିଲେ। ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜ୍ୟର ସର୍ବାଧିକ ୩ଟି ଏନ୍‌ଏସି ଘୋଷଣା ମୁଖ୍ୟମନ୍ତ୍ରୀ କରିଛନ୍ତି। ବୀରମହାରାଜପୁର, ସୁବଳୟା ଓ ଉଲୁଣ୍ଡାକୁ ଏନ୍‌ଏସି ଘୋଷଣା କରାଯାଇଛି। ଉକ୍ତ ନିର୍ବାଚନମଣ୍ଡଳୀରେ ତିନି ହଜାର କୋଟି ଟଙ୍କା ମେଗା ଉଠା ଜଳସେଚନ ପ୍ରକଳ୍ପ ପାଇଁ ଖର୍ଚ୍ଚ ହେଉଛି। ଏହା ସହିତ ପ୍ରସିଦ୍ଧ ପାତାଳି ଶ୍ରୀକ୍ଷେତ୍ର ପାଇଁ ୨୮ କୋଟି ଟଙ୍କାର ଅନୁଦାନ, ମେଟାକାନୀ ମନ୍ଦିରର ଉନ୍ନତୀକରଣ ପାଇଁ ଅନୁଦାନ ପ୍ରଦାନ ମୁଖ୍ୟମନ୍ତ୍ରୀ କରିଛନ୍ତି ବୋଲି କହିଥିଲେ। ସେ ନିଜ ବକ୍ତବ୍ୟରେ ବିରୋଧୀଙ୍କୁ ସମାଲୋଚନା କରିବା ସହିତ ସେମାନଙ୍କୁ ନିର୍ବାଚନୀ ଟୁରିଷ୍ଟ ବୋଲି କଟାକ୍ଷ କରିଥିଲେ।

## ୮ରେ ରାୟଗଡ଼ା ଆସିବେ ରାଜନାଥ ସିଂ

### ଜନସମାବେଶରେ ଉଦ୍‌ବୋଧନ ଦେବେ

ରାୟଗଡ଼ା, ୫।୫(ଆଶିଷ ରଞ୍ଜନ ପଣ୍ଡା)

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆସନ୍ତା ୮ ତାରିଖରେ ରାୟଗଡ଼ା ଆସିବାର କାର୍ଯ୍ୟକ୍ରମ ରହିଛି। କୋରାପୁଟ ଲୋକ ସଭା ଭାଜପା ପ୍ରାର୍ଥୀ ଓ ଜିଲାର ୩ ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ପୂର୍ବକ ବିଶାଳ ଜନସମାବେଶରେ ମନ୍ତ୍ରୀ ସିଂ ଉଦ୍‌ବୋଧନ ଦେବେ। ସେ ବୁଧବାର ନୂଆଦିଲ୍ଲୀଠାରୁ ରାୟପୁର ଦେଇ କଳାହାଣ୍ଡି ଜିଲାର ଭବାନୀପାଟଣାଠାରେ ଜନସମାବେଶରେ ଯୋଗଦେବା ପରେ ଅପରାହ୍ନ ୩ଟା ୪୦ରେ ରାୟଗଡ଼ା ବାଇପାସ୍ ରାସ୍ତାସ୍ଥିତ ବାରିଖୋଲା ପଡ଼ିଆଠାରେ ଜନସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେଠାରେ କୋରାପୁଟ ଲୋକ ସଭା ପ୍ରାର୍ଥୀ କାଳିରାମ ମାଝି ଏବଂ ବିଷମକଟକ, ରାୟଗଡ଼ା ଓ ଗୁଣପୁର ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି ରାୟଗଡ଼ା ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଚାନ୍ଦମା ପଡ଼ିଆରେ ବିଜେଡି କର୍ମକର୍ତ୍ତାଙ୍କୁ ବିରୋଧ

ଯାଜପୁର/ଯାଜପୁର ରୋଡ, ୫।୫ (ହର୍ଷବର୍ଦ୍ଧନ ବେହେରା/ପବିତ୍ର ମହାନ୍ତି)

ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦର ୧୧ ନମ୍ବର ୱାର୍ଡ ଚାନ୍ଦମା ଖେଳ ପଡ଼ିଆରେ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବିଜେଡିର କେତେଜଣ ଆଗଧାଡ଼ିର କର୍ମକର୍ତ୍ତାଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଖେଳ ପଡିଆର ଉନ୍ନତୀକରଣ କରା ନ ଗଲେ ବିଜେଡିର କୌଣସି କାର୍ଯ୍ୟକ୍ରମକୁ ଏଠାରେ କରାଇ ଦିଆଯିବ ନାହିଁ ବୋଲି କେତେଜଣ ଯୁବକ ଚେତାବନୀ ଦେଇଛନ୍ତି। ତେବେ ଅସନ୍ତୁଷ୍ଟ ଯୁବକମାନଙ୍କୁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସ(ବବି)ଙ୍କ ଭାଇ ଭବପ୍ରସାଦ ଦାସ(ଲଲ), ବ୍ୟାସନଗର ପୌର ପରିଷଦର ଉପାଧ୍ୟକ୍ଷ ସୁବାସ ବଳଙ୍କ ସମେତ କାଉନସିଲର ଓ ଅନ୍ୟାନ୍ୟ ଦଳୀୟ କର୍ମକର୍ତ୍ତା ବୁଝାଇବାକୁ ଉଦ୍ୟମ କରିଥିଲେ ସୁଦ୍ଧା ତାହା ବିଫଳ ହୋଇଛି। ଯୁବକମାନଙ୍କ କହିବା ଅନୁସାରେ ଗତ ସେପ୍ଟେମ୍ବର ୧ ଓ ୨ରେ ଚାନ୍ଦମା ଖେଳ ପଡିଆରେ ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିଯୋଗୁ ଖେଳ ପଡ଼ିଆକୁ ଖୋଳତାଡ କରି ଭଲିବଲ ଗ୍ରାଉଣ୍ଡ ଓ ଲଗାଯାଇଥିବା ଗଛଗୁଡ଼ିକୁ ନଷ୍ଟ କରି ଦିଆଯାଇଥିଲା। ଏନେଇ ଯୁବକମାନେ ଜିଲାପାଳ ଓ ବିଜେଡିର କେତେଜଣ କର୍ମକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେତେବେଳେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଉକ୍ତ ଖେଳ ପଡ଼ିଆର ଉନ୍ନତୀକରଣ ପାଇଁ ୩୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯିବ ବୋଲି ଯୁବକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଖେଳ ପଡିଆର ଏଯାଏ କୌଣସି ଉନ୍ନତୀକରଣ ହୋଇନାହିଁ। ତେଣୁ ଆସନ୍ତା ୮ ତାରିଖରେ ହେବାକୁ ଥିବା ବିଜେଡି କର୍ମୀ ସମ୍ମିଳନୀକୁ ଚାନ୍ଦମା ଖେଳପଡିଆରେ ଆୟୋଜନ କରିଦିଆଯିବ ନାହିଁ ବୋଲି ଯୁବକମାନେ ଅଡି ବସିଛନ୍ତି। ଏ ସଂକ୍ରାନ୍ତରେ ବିଜେଡିର ଭବପ୍ରସାଦଙ୍କୁ ପଚାରିବାରୁ ସେ ଏକ ବୈଠକରେ ଅଛନ୍ତି, ପରେ କଥା ହେବେ ବୋଲି କହିଛନ୍ତି।

# ପୁରୀ କଂଗ୍ରେସ ଅଫିସ୍‌ରେ ଭଙ୍ଗାରୁଜା, ଉମାଙ୍କୁ ଆକ୍ରମଣ

ପ୍ରାକ୍ ନିର୍ବାଚନୀ ହିଂସା

ପୁରୀ, ୫।୫(ଅଜିତ୍ ମହାନ୍ତି)



ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯିବାର ଦୃଶ୍ୟ।



ଆହତ ହୋଇଥିବା ଉମାବଲ୍ଲଭ ରଥ।

ପୁରୀ ସହରରେ ରବିବାର ପ୍ରାକ୍ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। କଂଗ୍ରେସ ଟିକେଟ ପାଇ ଶନିବାର ନାମାଙ୍କନପତ୍ର ଦାଖଲ କରିସାରିଥିବା ସୁଜିତ ମହାପାତ୍ରଙ୍କ ପରିବର୍ତ୍ତେ ରବିବାର ଉମାବଲ୍ଲଭ ରଥଙ୍କୁ ନୂତନ ଭାବେ ପ୍ରାର୍ଥୀ ଘୋଷଣା କରାଯାଇଛି। ଏହାକୁ ନେଇ ପୁରୀ କଂଗ୍ରେସରେ ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଛି। ରବିବାର ପୁରୀ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯିବା ସହିତ ଉମାବଲ୍ଲଭଙ୍କୁ ପ୍ରତିପକ୍ଷ ଗୋଷ୍ଠୀ ମରଣାନ୍ତକ ଆକ୍ରମଣ କରିଥିବା ନେଇ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ରବିବାର କଂଗ୍ରେସ ପକ୍ଷରୁ ନୂତନ ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଅପରାହ୍ନ ପ୍ରାୟ ୨ଟାରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ କେତେଜଣ ବ୍ୟକ୍ତି ବିଭିନ୍ନ ଆସବାବପତ୍ର, ଝରକା କବାଟ ଆଦି ଭଙ୍ଗାରୁଜା କରିଥିଲେ। ସେମାନେ ଦଳୀୟ ପୋଷ୍ଟର ଓ ପତାକା ଚିରିବା ସହ ହୋହଲ୍ଲା ମଧ୍ୟ କରିଥିଲେ। ସେହିପର ସନ୍ଧ୍ୟା ପ୍ରାୟ ୭ଟାରେ ପୁରୀ ବସ୍‌ଷ୍ଟାଣ୍ଡ ନିକଟରେ ଉମାବଲ୍ଲଭ ନିଜ ସମର୍ଥକଙ୍କ ସହ ନିର୍ବାଚନ ପ୍ରଚାର ତଥା ପଦଯାତ୍ରାରେ ଥିବାବେଳେ ହଠାତ କେତେଜଣ ଯୁବକ ସଂଘବଦ୍ଧ ଭାବେ ଇଟା ଓ କାଚ ବୋତଲରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଆକ୍ରମଣରେ ଉମାବଲ୍ଲଭଙ୍କ ମୁଣ୍ଡ, ମୁହଁ ସମେତ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ତାଙ୍କ ମୁଣ୍ଡର ବାମ ପାର୍ଶ୍ୱରେ କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ତାଙ୍କ ସମର୍ଥକମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଖବର ପାଇ ଘଟଣାସ୍ଥଳରେ କୁମ୍ଭାରପଡ଼ା ଥାନା ପୋଲିସ ଏବଂ ସିଟି ଡିଏସ୍‌ପି ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ପରେ ମେଡିକାଲରୁ ଉମାବଲ୍ଲଭ କୁମ୍ଭାରପଡ଼ା ଥାନାକୁ ଯାଇ ଆକ୍ରମଣ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ଉମାବଲ୍ଲଭ କହିଛନ୍ତି, ଦଳ ପକ୍ଷରୁ ତାଙ୍କୁ ପ୍ରାର୍ଥୀ ଘୋଷଣା କରାଯିବା ପରେ ସେ ଜନ ସହଯୋଗ ପାଇଁ ପଦଯାତ୍ରା କରୁଥିଲେ। ଏହି ସମୟରେ କେତେଜଣ ବ୍ୟକ୍ତି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ଜୀବନରୁ ମାରିଦେବା ପାଇଁ ଉଦ୍ୟମ ହୋଇଥିଲା। ଏହା ପଛରେ କାହାର ହାତ ରହିଛି ସେନେଇ ପୋଲିସ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ। ଅପରପକ୍ଷରେ ଅତିରିକ୍ତ ଏସ୍‌ପି ଶୁଶୀଲ କୁମାର ମିଶ୍ର କହିଛନ୍ତି, ଏନେଇ କୁମ୍ଭାରପଡ଼ା ଥାନାରେ ଏକ କେସ୍ (ନଂ ୧୭୩/୨୪) ରୁଜୁ ସହ ଅନୁସନ୍ଧାନ ଚାଲିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଟିମ୍ ଗଠନ କରାଯାଇଛି। ସେହିପରି ଉମାବଲ୍ଲଭଙ୍କୁ ପୋଲିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଛି।

## ଜଳେଶ୍ୱର: ପ୍ରାର୍ଥୀ ବଦଳ ପରେ ବଢ଼ିଲା ଗୋଷ୍ଠୀ କନ୍ଦଳ

■ଖବରଦାତା ସମ୍ମିଳନୀରେ ବର୍ଷିଲେ କଂଗ୍ରେସ ନେତା

ଜଳେଶ୍ୱର, ୫।୫(ନବୀନ ସାହୁ/ ରବିନାରାୟଣ ପାତ୍ର)

ବାଲେଶ୍ୱର ଜିଲା ଜଳେଶ୍ୱର ବିଧାନ ସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ବଦଳାଇଛି। ପୂର୍ବରୁ ଦଳ ପକ୍ଷରୁ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦଙ୍କୁ ବିଧାୟକ ପ୍ରାର୍ଥୀ ଘୋଷଣା କରାଯାଇଥିବା ବେଳେ ରବିବାର ତାଙ୍କ ସ୍ଥାନରେ ସୁଦର୍ଶନ ଦାସଙ୍କୁ ଟିକେଟ ମିଳିଛି। ଏନେଇ ଦଳୀୟ ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଛି। ରବିବାର ଅପରାହ୍ନ ୪ଟାରେ ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି ଆଗଧାଡ଼ିର କେତେଜଣ ନେତା ଅସନ୍ତୋଷ ଜାହିର କରିବା ସହ ନିଜସ୍ୱ ପଦ ପଦବୀରୁ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି। ଦେବୀ ପ୍ରସନ୍ନଙ୍କ ପ୍ରାର୍ଥିତ୍ୱ ପରିବର୍ତ୍ତନ ପାଇଁ ସୁଦର୍ଶନ ଓ ତାଙ୍କ ସମର୍ଥକମାନେ ଶୀର୍ଷ ନେତୃତ୍ୱଙ୍କୁ ଅନୁରୋଧ କରିଥିବା ବେଳେ ସୁଦର୍ଶନଙ୍କୁ ବିରୋଧ କରି ଅସନ୍ତୁଷ୍ଟମାନେ ଏକଜୁଟ ହେବା ଦଳୀୟ ରାଜନୀତିକୁ ସରଗରମ କରିଛି। ଖବରଦାତା ସମ୍ମିଳନୀରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡ଼ା, ନଗର କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ, କିଷାନ କଂଗ୍ରେସ ସଭାପତି ନୟନ କୁମାର ସେଠୀ, ଯୁବ କଂଗ୍ରେସ ସଭାପତି ସପନ କୁମାର ରାଉତ, ରାଜ୍ୟ ମିଡିଆ କୋ ଅର୍ଡିନେଟର ହରିଶଙ୍କର ଜେନା, ଜିଲା ସାଧାରଣ ସମ୍ପାଦକ ସୁକୁମାର ଘୋଷ ଓ ଫରିଦ ଅହମ୍ମଦ ପ୍ରମୁଖ ଯୋଗଦେଇ ନିଜ ନିଜ ଇସ୍ତଫା ପତ୍ର ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଥିବା ନେଇ କହିବା ସହ ପ୍ରାର୍ଥୀ ଚୟନର ମାପକାଠିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଯଦି ପୁଣି ପ୍ରାର୍ଥୀ ପରିବର୍ତ୍ତନ କରା ନ ଯାଏ ତେବେ ଆଗାମୀ ଦିନରେ କୌଣସି ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଦେବୀ ପ୍ରସନ୍ନ ମଧ୍ୟ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

## ଆଠଗଡ଼ରୁ ସୁଦର୍ଶନ କଂଗ୍ରେସ ପ୍ରାର୍ଥୀ

ଆଠଗଡ଼, ୫।୫(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ମେହେବୁବ୍ ଅହମ୍ମଦ ଖାଁ ଟିକେଟ ଫେରାଇବା ପରେ ରବିବାର ଉକ୍ତ ଆସନରୁ ନୂତନ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଏଆଇସିସି ଅନୁମୋଦନ କ୍ରମେ ରାଜ୍ୟ ପ୍ରଦେଶ କଂଗ୍ରେସ ତରଫରୁ ଏହି ବ୍ଲକ ଅନ୍ତର୍ଗତ କନ୍ଦରପୁର ଅଞ୍ଚଳର ସୁଦର୍ଶନ ସାହୁଙ୍କୁ ଟିକେଟ ଦିଆଯାଇଛି। ତାଙ୍କର ନାମ ଘୋଷଣା ପରେ ଆଠଗଡ କଂଗ୍ରେସ କର୍ମୀ ମହଲରେ ଆନନ୍ଦ ଦେଖାଦେଇଛି। ସୁଦର୍ଶନ ପୂର୍ବରୁ କନ୍ଦରପୁର ଗ୍ରାମ ପଞ୍ଚାୟତର ସରପଞ୍ଚ, ୩ନଂ. ଜୋନର ଜିଲା ପରିଷଦ ସଭ୍ୟ ଭାବେ କାର୍ଯ୍ୟ କରିଥିବାବେଳେ ବ୍ଲକ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ସୋମବାର ନାମାଙ୍କନପତ୍ର ଦାଖଲର ଶେଷ ଦିବସରେ ସେ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ସୂଚନା ଦେଇଛନ୍ତି।

ପ୍ରକାଶଯୋଗ୍ୟ, କଟକ ଲୋକ ସଭା ଆସନ ପାଇଁ ଦଳ ବିଭୂତି ଭୂଷଣ ମିଶ୍ରଙ୍କ ପରିବର୍ତ୍ତେ ସୁରେଶ ମହାପାତ୍ରଙ୍କୁ ଟିକେଟ ଦେଇଥିବାରୁ ଏଥିରେ ଅସନ୍ତୋଷବ୍ୟକ୍ତ କରି ମେହେବୁବ୍ ଅହମ୍ମଦ ଏପ୍ରିଲ ୩୦ରେ ପିସିସି ସଭାପତିଙ୍କୁ ବିଧାୟକ ପ୍ରାର୍ଥୀ ଟିକେଟ ଫେରାଇଦେଇଥିଲେ।

## ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ ନେତା

ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)

କେନ୍ଦୁଝର ସଂସଦୀୟ କ୍ଷେତ୍ରର ୨୦୧୯ ସାଧାରଣ ନିର୍ବାଚନର କଂଗ୍ରେସ ଏମ୍‌ପି ପ୍ରାର୍ଥୀ ମୋହନ ହେମ୍ବ୍ରମ ଓ କଂଗ୍ରେସ ନେତା କୈଳାସ ମହନ୍ତ ରବିବାର ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖ ଭବନରେ ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର, ପର୍ଯ୍ୟବେକ୍ଷକ ସଂଗ୍ରାମ ପାଇକରାୟ ପ୍ରମୁଖ ସେମାନଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ସେହିପରି କଟକ-ବାରବାଟୀ ନିର୍ବାଚନମଣ୍ଡଳୀର ମହିଳା କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦିକା ଶ୍ରୀୟା ସମ୍ବେଦନାଙ୍କ ସମେତ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହାସହ କେନ୍ଦୁଝର ଜିଲା ତେଲକୋଇ ନିର୍ବାଚନମଣ୍ଡଳୀର କୈଳାସ ଚନ୍ଦ୍ର ନାଏକ, ପାଟଣା ନିର୍ବାଚନମଣ୍ଡଳୀର ବହୁ କଂଗ୍ରେସ ଓ ଭାଜପା କର୍ମକର୍ତ୍ତା, ଗଞ୍ଜାମ ଜିଲା ହିଞ୍ଜିଳି ନିର୍ବାଚନମଣ୍ଡଳୀର ବହୁ କଂଗ୍ରେସ, ଭାଜପା ନେତା ଓ କର୍ମୀଙ୍କ ସହ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ଭାଜପା ବରିଷ୍ଠ ନେତା ଯୁଗାଂଶୁ ଶେଖର ପଣ୍ଡାଙ୍କ ସମେତ ଶତାଧିକ ନେତା ଓ କର୍ମୀ ବିଜେଡିରେ ମିଶିଛନ୍ତି।

## କଂଗ୍ରେସ ୨ ଅଙ୍କ ନ ଛୁଇଁଲେ ରାଜନୀତିରୁ ସନ୍ନ୍ୟାସ ନେବି: ବିଜୟ

ପାରଳାଖେମୁଣ୍ଡି, ୫।୫ (ଗିରିଧାରୀ ପରିଛା)

ଅଳ୍ପ କିଛିଦିନର ଅସୁସ୍ଥତା ପରେ ପୁଣି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି କଂଗ୍ରେସ ନେତା ବିଜୟ ପଟ୍ଟନାୟକ। ଶନିବାର ପାରଳାଖେମୁଣ୍ଡିଠାରେ ନିର୍ବାଚନ ପ୍ରଚାର ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବିରୋଧୀଙ୍କୁ କରିଥିବା ଆକ୍ଷେପର ପ୍ରତ୍ୟୁତ୍ତର ରଖିଛନ୍ତି ପାରଳାଖେମୁଣ୍ଡି କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଜୟ। ଚଳିତ ନିର୍ବାଚନରେ ବିରୋଧୀ ଦୁଇ ଅଙ୍କ ଅତିକ୍ରମ କରିପାରିବେନି ବୋଲି ପାଣ୍ଡିଆନ କହିଥିଲେ। ପଟ୍ଟନାୟକ ଏହାର ଉତ୍ତର ରଖି କହିଛନ୍ତି ନିର୍ବାଚନରେ କଂଗ୍ରେସ ନିଶ୍ଚିତ ସଫଳ ହେବ, ଯଦି କଂଗ୍ରେସ ଦୁଇ ଅଙ୍କ ପାର କରିନପାରିବ ତେବେ ସେ ରାଜନୀତିରୁ ସନ୍ନ୍ୟାସ ନେବେ। ଯଦି କଂଗ୍ରେସ ଦୁଇ ଅଙ୍କ ଆସେ ତେବେ ପଣ୍ଡିଆନ ବାବୁ ରାଜନୀତିରୁ ସନ୍ନ୍ୟାସ ନେବେ କି ବୋଲି ବିଜୟ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ବିରୋଧୀଙ୍କୁ ଚୋର ଓ ମିଛୁଆ ବୋଲି ଆକ୍ଷେପ କରିବା ସହ ତାଙ୍କୁ ଭୋଟ ନ ଦେବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ। ଯାହାର ପ୍ରତ୍ୟୁତ୍ତରରେ ବିଜୟ ବିଜେଡିକୁ ଏକ ମିଛୁଆ ଦଳ ବୋଲି ଗଣନା କରିଛନ୍ତି।

# କର୍ମୀଙ୍କ ମନ ଜିଣୁଛି ପ୍ରାର୍ଥୀଙ୍କ ଭାଇରାଲ୍ ଭାଷଣ

ସିମୁଳିଆ ବିଧାନସଭା କ୍ଷେତ୍ର

■ଦରମା ଗରିବଙ୍କୁ ଦାନ କରିବେ: ସୁବାସିନୀ

■'ଖଣ୍ଡେ ଭୋଟ ଦେବ, ନ ହେଲେ ଜୁଇରେ କାଠ ଦେବ': ପଦ୍ମଲୋଚନ

■'ଖଇରା ସ୍ୱାଭିମାନର ଚେହେରା, ହିମାଂଶୁ ବେହେରା'

ଖଇରା, ୫।୫(ଉତ୍କଳବନ୍ଧୁ ପଣ୍ଡା)



ସୁବାସିନୀ ସାହୁ



ପଦ୍ମଲୋଚନ ପଣ୍ଡା



ହିମାଂଶୁ ବେହେରା

ବାଲେଶ୍ୱର ଜିଲା ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ଜୋରଦାର ପ୍ରଚାରରେ ଲାଗିପଡ଼ିଛନ୍ତି। ଏଥର ଏଠାରେ ତ୍ରିମୁଖି ପ୍ରତିଦ୍ୱନ୍ଦିତା ହେବ ବୋଲି ଜଣାପଡୁଛି। ବିଜେଡି ଟିକେଟରୁ ବଞ୍ଚିତ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସମର୍ଥନକୁ ସବୁଦଳ ଚାତକ ଭଳି ଅନାଇ ବସିଥିବା ବେଳେ ତାଙ୍କର ନିରବତା ନିର୍ବାଚନମଣ୍ଡଳୀର ଭୋଟରଙ୍କୁ ଦ୍ୱନ୍ଦରେ ପକାଇଛି। ଅନ୍ୟପଟେ ବର୍ତ୍ତମାନ ବିଭିନ୍ନ ଦଳ ପକ୍ଷରୁ ଘୋଷିତ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ସେମାନଙ୍କ ପରିବାର ଲୋକ ଅର୍ଥାତ କେଉଁଠି ସ୍ୱାମୀ ପାଇଁ ସ୍ତ୍ରୀ ତ ଆଉ କେଉଁଠି ସ୍ତ୍ରୀ ପାଇଁ ସ୍ୱାମୀ ସାରଥି ସାଜିଛନ୍ତି। ଅନ୍ୟ କେଉଁଠି ବାପା ପାଇଁ ସନ୍ତାନମାନେ ପ୍ରଚାର ମଙ୍ଗ ସମ୍ଭାଳୁଛନ୍ତି। କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଶେଖର ବେହେରାଙ୍କ ପାଇଁ ତାଙ୍କ ସ୍ତ୍ରୀ ପ୍ରଜ୍ଞାପାରମିତା ଘର ଘର ବୁଲି ଓ ଛୋଟ ଛୋଟ ବୈଠକ କରି ଭୋଟ ନିବେଦନ କରୁଛନ୍ତି। ବିଜେଡି ପ୍ରାର୍ଥିନୀ ସୁବାସିନୀ ସାହୁଙ୍କ ପାଇଁ ସ୍ୱାମୀ ତଥା ରାଜ୍ୟ ସଂସ୍କୃତି ମାନବସମ୍ବଳ ବିକାଶ ସମ୍ପାଦକ ଶଶି କୁମାର ସାହୁ ପ୍ରଚାରକୁ ଜୋରଦାର କରିଛନ୍ତି। ବିଭିନ୍ନ ପଞ୍ଚାୟତକୁ ଯାଇ ବୈଠକ କରିବା ସହ ଅସନ୍ତୁଷ୍ଟ ବିଜେଡି କର୍ମୀଙ୍କୁ ମନାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ସେହିଭଳି ଭାଜପା ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡାଙ୍କ ପାଇଁ ପ୍ରଚାରର ମଙ୍ଗ ଧରିଛନ୍ତି ୨ ପୁଅ ଅଂଶୁମାଧବ ଓ ନୀଳମାଧବ। ଉଭୟ ବିଭିନ୍ନ ୱାର୍ଡସ୍ତରରେ ବୈଠକ କରି ବାପାଙ୍କ ପାଇଁ ସମର୍ଥନ ଜୁଟାଇବାରେ ଲାଗି ପଡ଼ିଛନ୍ତି।

ଏଥର ପ୍ରଚାରରେ ବ୍ଲକ ସ୍ୱାଭିମାନ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଉଥିବା ଦେଖିବାକୁ ମିଳୁଛି। ଖଇରା ଓ ସିମୁଳିଆ ଦୁଇ ବ୍ଲକକୁ ନେଇ ଗଠିତ ସିମୁଳିଆ ନିର୍ବାଚନମଣ୍ଡଳୀ ମଧ୍ୟରୁ କଂଗ୍ରେସ ପ୍ରାର୍ଥୀ ହିମାଂଶୁଙ୍କ ଘର ଖଇରାର ହୋଇଥିବା ବେଳେ ଭାଜପା ପ୍ରାର୍ଥୀ ପଦ୍ମଲୋଚନଙ୍କ ଘର ସିମୁଳିଆ ବ୍ଲକରେ। ସେହିଭଳି ବିଜେଡି ପ୍ରାର୍ଥିନୀ ସିମୁଳିଆ ନିର୍ବାଚନମଣ୍ଡଳୀ ସଂଲଗ୍ନ ସୋର ନିର୍ବାଚନମଣ୍ଡଳୀରୁ ହୋଇଥିବାରୁ ଏବେ ସମର୍ଥକମାନେ ବ୍ଲକ ସ୍ୱାଭିମାନକୁ ଭାଷଣରେ ସ୍ଥାନ ଦେଉଥିବାରୁ ପ୍ରଚାର ସରଗମ ହୋଇପଡ଼ିଛି। ୩ ପ୍ରାର୍ଥୀଙ୍କ ଭାଇରାଲ ଭାଷଣ ମଧ୍ୟ କର୍ମୀଙ୍କୁ ଉତ୍ସାହିତ କରୁଛି। ବିଜେଡି ପ୍ରାର୍ଥିନୀ ଭାଷଣରେ ବିଧାୟକ ଭାବେ ମିଳିବାକୁ ଥିବା ସମସ୍ତ ଦରମା ଗରିବଙ୍କୁ ଦାନ କରିବେ ବୋଲି ବିଭିନ୍ନ ବୈଠକରେ କହି ବୁଲୁଥିବା ବେଳେ ଭାଜପା ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ତାଙ୍କ ଭାବବିହ୍ୱଳ ଭାଷଣରେ 'ମୋତେ ଖଣ୍ଡେ ଭୋଟ ଦେବ, ନ ହେଲେ ଜୁଇରେ କାଠ ଦେବ' କହିବା ନେଇ ଛକ ଗଳିରେ ଆଲୋଚନା ଜୋର ଧରିଛି। ସେପଟେ କଂଗ୍ରେସ ପ୍ରାର୍ଥୀ ହିମାଂଶୁ ବେହେରା ଓ ସମର୍ଥକମାନେ ବିଭିନ୍ନ ସମାବେଶରେ 'ଖଇରା ସ୍ୱାଭିମାନର ଚେହେରା, ହିମାଂଶୁ ବେହେରା' ବୋଲି କହି ବୁଲିବା ସିମୁଳିଆ ରାଜନୀତି ପାଣିପାଗକୁ ସରଗରମ କରିଛି।

**ଅମର ଅପ୍ରବାସୀ ସାଲୁଖିଆର ମୁଖ୍ୟ ଉପଦେଷ୍ଟା**

ଭୁବନେଶ୍ୱର,(ସୁନିତ୍ ମିଶ୍ର): ବିଜେଡି ସଭାପତି ନବୀନ ପଟ୍ଟନାୟକ ରବିବାର ଦଳର ଅପ୍ରବାସୀ ସାଲୁଖିଆର ରାଜ୍ୟ ପଦାଧିକାରୀ ନିଯୁକ୍ତ କରିଛନ୍ତି। ଅମର ପଟ୍ଟନାୟକଙ୍କୁ ଏହାର ମୁଖ୍ୟ ଉପଦେଷ୍ଟା ଭାବେ ନିଯୁକ୍ତ ମିଳିଥିବା ବେଳେ ନନ୍ଦଲାଲ ସିଂଙ୍କୁ ରାଜ୍ୟ ଆବାହକ ଦାୟିତ୍ୱ ଦିଆଯାଇଛି। ଉପଦେଷ୍ଟା ଭାବେ ରହିଛନ୍ତି ଅଚ୍ୟୁତ ସାମନ୍ତ, ରାଜେନ୍ଦ୍ର ଢୋଲକିଆ, ଏନ୍ ଭାସ୍କର ରାଓ, ସୁଜିତ କୁମାର ଏବଂ ଭୂପିନ୍ଦର ସିଂହ। ସେହିପରି ରାଜ୍ୟ କମିଟିର ଉପ ଆବାହକ ଭାବେ ବ୍ରହ୍ମେଶ୍ୱର ସିଂହ ଯାଦବ, ଆଲମ ସିଂ ରୁପ୍ରା, ରାମମୂର୍ତ୍ତି ତିୱାରୀ ନିଯୁକ୍ତି ପାଇଛନ୍ତି।



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତା ଭୁବନେଶ୍ୱରର ଏକ ହୋଟେଲ୍‌ରେ ରବିବାର ଭାଜପା ପକ୍ଷରୁ ଓଡ଼ିଶା ପାଇଁ 'ମୋଦିଙ୍କ ଗ୍ୟାରେଣ୍ଟି ୨୦୨୪' ସଂକଳ୍ପ ପତ୍ର ଉନ୍ମୋଚନ କରୁଛନ୍ତି।

## ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବାକୁ ଭାଜପାର ଇସ୍ତାହାର ପ୍ରତିଶ୍ରୁତି: ପାଣ୍ଡିଆନ

ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)

ରାଜ୍ୟ ଭାଜପା ପ୍ରକାଶ କରିଥିବା ଇସ୍ତାହାରକୁ ନେଇ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଟାର୍ଗେଟ କରିଛନ୍ତି। ଭାଜପା ଇସ୍ତାହାରରେ ଧାନର ସହାୟକ ମୂଲ୍ୟ ୩୦୦୦ଟଙ୍କାକୁ ବୃଦ୍ଧି ଓ ଭତ୍ତାକୁ ୩୦୦୦ ଟଙ୍କାକୁ ବୃଦ୍ଧି ନିମନ୍ତେ ପ୍ରତିଶ୍ରୁତିକୁ କଟାକ୍ଷ କରି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ, ଏହା କେବଳ ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବା ପାଇଁ ଓ ଠକିବାର ଗ୍ୟାରେଣ୍ଟି। ନିର୍ବାଚନ ସମୟରେ ଚାଷୀ ଓ ଗରିବଙ୍କ କଥା କେମିତି ମନେ ପଡ଼ିଲା। ଏଥିରେ ଧାନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୦୦୦ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ମାତ୍ର ଗତ ୧୦ ବର୍ଷ ଧରି ସେମାନେ କ୍ଷମତାରେ ଥିଲେ, ସେତେବେଳେ କ'ଣ ଶୋଇଥିଲେ। ଯଦି ଏମ୍‌ଏସ୍‌ପି ୩୦୦୦ ଟଙ୍କା କରିବାର ଥିଲା, ତେବେ ଆଗରୁ କାହିଁକି କଲେ ନାହିଁ। ନିର୍ବାଚନ ଆସିବା ବେଳକୁ ଚାଷୀଙ୍କ କଥା ମନେ ପଡୁଛି, ଅନୁରୂପଭାବେ ନିର୍ବାଚନ ଇସ୍ତାହାରରେ ଭତ୍ତା ୩୦୦୦ ଟଙ୍କା ଦେବାକୁ କହୁଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି 'ଡବଲ ଇଞ୍ଜିନ' ସରକାର ଭତ୍ତା ଦେଉଛନ୍ତି ମାତ୍ର ୩୦୦ ଟଙ୍କା, ଅନ୍ୟପକ୍ଷରେ ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାର ୧୦୦୦ ଟଙ୍କା ପ୍ରଦାନ କରୁଛନ୍ତି। ୬ ମାସ ପୂର୍ବରୁ ଭତ୍ତା ୩୦୦୦ ଟଙ୍କାକୁ ବଢ଼ାଇଥିଲେ କ'ଣ ଅସୁବିଧା ହୋଇଥାଆନ୍ତା। ବାସ୍ତବରେ ଏହା କେବଳ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଓ ଠକିବା ପାଇଁ ଭାଷଣବାଜି। ଆମ ମୁଖ୍ୟମନ୍ତ୍ରୀ ସବୁବେଳେ ଆପଣଙ୍କ ପାଇଁ ଚିନ୍ତା କରନ୍ତି। ଓଡ଼ିଶାର ଚାଷୀ, ଯୁବକ, ମହିଳାଙ୍କ ବିକାଶ କଥା ମୁଖ୍ୟମନ୍ତ୍ରୀ ସବୁବେଳେ ଚିନ୍ତା କରିଆସିଛନ୍ତି। ଆପଣଙ୍କ ସୁଖଦୁଃଖରେ ଠିଆ ହୋଇଥାଆନ୍ତି। ସେ ଭୋଟ ପାଇଁ କେବେ କାମ କରନ୍ତି ନାହିଁ। ମୁଖ୍ୟମନ୍ତ୍ରୀ ଯାହା କହନ୍ତି, ତାହା ହିଁ କରନ୍ତି। 'ନବୀନ ଇଞ୍ଜିନ' ଗ୍ୟାରେଣ୍ଟି ଅସରନ୍ତି ବୋଲି ପାଣ୍ଡିଆନ କହିଛନ୍ତି।

## ଛତିଶଗଡ଼ ରାଜ୍ୟପାଳଙ୍କ ବିରୋଧରେ ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି

ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)

ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ବିରୋଧରେ ବିଜେଡି ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ ଆଣିଛି। ଏନେଇ ଜାତୀୟ ନିର୍ବାଚନ ଆୟୋଗଙ୍କୁ ପତ୍ର ମାଧ୍ୟମରେ ଦଳ ପକ୍ଷରୁ ଅବଗତ କରାଯାଇଛି। ଏହାର ନକଲ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ବିଜେଡି ଦାଖଲ କରିଛି। ବିଜେଡିର ଅଭିଯୋଗ ଅନୁସାରେ, ବିଶ୍ୱଭୂଷଣ ହରିଚନ୍ଦନ ଗତ ଏପ୍ରିଲ ୩୦ରେ ଭୁବନେଶ୍ୱର ଗସ୍ତରେ ଆସି ମେ' ୪ ତାରିଖରେ ଫେରିଯାଇଥିଲେ। ତାଙ୍କର ଏହି ରହଣି ଭିତରେ ଗୋଟିଏ ଧାର୍ଯ୍ୟ କାର୍ଯ୍ୟକ୍ରମ ରହିଥିଲା। ଚିଲିକା ନିର୍ବାଚନମଣ୍ଡଳୀରୁ ଭାଜପାରୁ ପ୍ରାର୍ଥୀ ହୋଇଥିବା ତାଙ୍କ ପୁଅ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସମର୍ଥନ କରିବାକୁ ମତଦାତାଙ୍କୁ ପ୍ରଭାବିତ କରିବା ତାଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେ ତାଙ୍କର ଏହି ଗସ୍ତ ସମୟରେ ନିର୍ବାଚନମଣ୍ଡଳୀର ବିଭିନ୍ନ ନେତା ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ଫୋନ୍ କରି ପୃଥ୍ୱୀରାଜଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଦେବାକୁ ଅନୁରୋଧ କରିଥିଲେ। ବିଶ୍ୱଭୂଷଣ ହରିଚନ୍ଦନ ଏକ ସାମ୍ବିଧାନିକ ପଦରେ ରହି ଏପରି କରିବା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ। ଏହାର ତଦନ୍ତ ପାଇଁ ଦାବି କରିବା ସହ ନିର୍ବାଚନ ସରିବା ପର୍ଯ୍ୟନ୍ତ ବିଶ୍ୱଭୂଷଣଙ୍କ ଓଡ଼ିଶା ଆସିବା ଉପରେ ଅଙ୍କୁଶ ଲଗାଇବାକୁ ଜାତୀୟ ନିର୍ବାଚନ ଆୟୋଗଙ୍କୁ ବିଜେଡି ଅନୁରୋଧ କରିଛି।

# ଓଡ଼ିଆ ପୁଅ ଆଗାମୀ ମୁଖ୍ୟମନ୍ତ୍ରୀ ହେବେ: ଜୟଶଙ୍କର

ସମ୍ବଲପୁର, ୫।୫
(ଭବାନୀ ଶଙ୍କର ଭୋଇ)

ଭାଷା ସାହିତ୍ୟ, ସଂସ୍କୃତି, ଇତିହାସ ସହ ଓଡ଼ିଆ ଅସ୍ମିତାକୁ ନେଇ ଓଡ଼ିଶାର ପରିଚୟ। ପ୍ରାକୃତିକ ସମ୍ବଳରେ ଭରା ଏକ ସମୃଦ୍ଧ ରାଜ୍ୟରେ ଜଣେ ମାଟିର ପୁଅ ନେତୃତ୍ୱ ନେଲେ ଓଡ଼ିଶା ପୂର୍ଣ୍ଣ ବିକଶିତ ରାଜ୍ୟରେ ପରିଣତ ହେବ ବୋଲି କହିଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର। ସମ୍ବଲପୁରର ରିଭର ଇନ୍ ପରିସରରେ ରବିବାର ସମ୍ବଲପୁର ନାଗରିକ ପରିଷଦ ଦ୍ୱାରା ଆୟୋଜିତ ବୁଦ୍ଧିଜୀବୀ ସମାବେଶରେ ଯୋଗଦେଇ ଜୟଶଙ୍କର ଏହା କହିଛନ୍ତି।

ସେ କହିଛନ୍ତି, ୨୦୧୪ରେ ନରେନ୍ଦ୍ର ମୋଦିଙ୍କୁ ବିଶ୍ୱାସ କରି ଲୋକେ ଭୋଟ ଦେଇଥିଲେ। ୨୦୧୯ରେ ମୋଦିଙ୍କ ଉପରେ ଭରସା ରଖି ଦ୍ୱିତୀୟ ଥର ବିଜୟୀ କରାଇଥିଲେ। ୨୦୨୪ରେ ମୋଦୀଙ୍କ ବିକଶିତ ଭାରତର ଗ୍ୟାରେଣ୍ଟିକୁ ନେଇ ଚଳିତ ନିର୍ବାଚନରେ ଭାରତବାସୀ ଭୋଟ ଦେବେ। ତେବେ କେନ୍ଦ୍ର ସରକାରଙ୍କ ସହ ଓଡ଼ିଶାରେ ମଧ୍ୟ ଭାଜପା ନିଶ୍ଚିତ ଭାବେ ସରକାର ଗଠନ କରିବ ବୋଲି ଜୟଶଙ୍କର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏଠାକାର ଶାସନ ବ୍ୟବସ୍ଥା ପ୍ରଶାସକଙ୍କ ନିୟନ୍ତ୍ରଣରେ ରହିବା ଯୋଗୁ ଓଡ଼ିଆ ଅସ୍ମିତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାବାସୀ ଚଳିତ ନିର୍ବାଚନରେ ଏହାର ଦୃଢ଼ ଜବାବ ଦେବେ ବୋଲି ସେ କହିଛନ୍ତି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କୌଶଳ ଅନେକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିଛି। ଗତବର୍ଷ ଜି-୨୦ ସମ୍ମିଳନୀରେ ଓଡ଼ିଶାର କୋଣାର୍କ ଚକ୍ରକୁ ମୋଦି ସାରା ବିଶ୍ୱରେ ଲୋକପ୍ରିୟ କରାଇଥିଲେ। ମୋଦି ସରକାର ଆସିବା ପରେ ସମ୍ବଲପୁର ସମେତ ଦେଶର ୪୫୩ ସ୍ଥାନରେ ନୂତନ ପାସପୋର୍ଟ ସେବା କେନ୍ଦ୍ର ସ୍ଥାପନ କରିବା ଦ୍ୱାରା ଏହି ପ୍ରକ୍ରିୟାରେ ବ୍ୟାପକ ସୁଧାର ଆସିଛି ବୋଲି ଜୟଶଙ୍କର ମତ ଦେଇଥିଲେ। ସେଥିରୁ କେବଳ ଓଡ଼ିଶାରେ ୨୦ଟି ପାସ୍‌ପୋର୍ଟ ସେବା କେନ୍ଦ୍ର ଖୋଲାଯାଇଥିବା ସେ ସୂଚନା ଦେଇଥିଲେ।

ଗତ ୧୦ବର୍ଷରେ କେନ୍ଦ୍ର ସରକାର ଓଡ଼ିଶାକୁ ବିଭିନ୍ନ ଯୋଜନାରେ ୧୮ ଲକ୍ଷ କୋଟି ଟଙ୍କାର ଆର୍ଥିକ ସହାୟତା ଦେଇଛନ୍ତି। ଆଜି ଭାରତ ଡିଜିଟାଲ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିପାରିଛି। ଭାରତରେ ପ୍ରତି ମାସରେ ୧୦ବିଲିୟନ ଡିଜିଟାଲ ପେମେଣ୍ଟ କରାଯାଉଛି, ଯାହା ଆମେରିକାର ବର୍ଷକର ଡିଜିଟାଲ ଲେଣଦେଣ ସହ ସମାନ। ମୋଦି ସରକାର ସ୍ଥାନୀୟ ଉତ୍ପାଦଗୁଡିକର ବିକାଶ ପାଇଁ ବିଶ୍ୱକର୍ମା ଯୋଜନା ଲାଗୁ କରିଥିବା ବେଳେ ମେକ୍ ଇନ୍ ଇଣ୍ଡିଆ ଯୋଜନାରେ ୨୦ ହଜାର କୋଟିର ପ୍ରତିରକ୍ଷା ସାମଗ୍ରୀ ରପ୍ତାନି କରାଯାଇପାରିଛି। ତେବେ ଆଗାମୀ ସମୟରେ ଶିକ୍ଷା ଓ ଦକ୍ଷତା ବିକାଶ ଭାରତର ଭବିଷ୍ୟତ ନିର୍ଦ୍ଧାରଣ କରିବ ଏବଂ ଏହି ବିଭାଗଗୁଡ଼ିକର ନେତୃତ୍ୱ ଓଡ଼ିଶାର ଧର୍ମେନ୍ଦ୍ର ପ୍ରଧାନ ନେଉଥିବା ଗୌରବର ବିଷୟ ବୋଲି ଜୟଶଙ୍କର କହିଥିଲେ।

ସମ୍ବଲପୁର ନାଗରିକ ପରିଷଦର ସଭାପତି ଡ. ଶ୍ୟାମସୁନ୍ଦର ଧର ଅତିଥିମାନଙ୍କୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସମ୍ବଲପୁରର ମାଟିପାନି କବିତା ଗାଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଓଡ଼ିଶାରେ ଭାଜପା ସରକାର ହେଲେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧ ଶହ ଟଙ୍କା, ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ମାସିକ ହଜାରେ ଟଙ୍କା, ସୂର୍ଯ୍ୟଘର ଯୋଜନାରେ ସବୁ ଘରକୁ ବିଜୁଳି ଯୋଗାଣ, ସରକାରୀ ଅର୍ଥରେ ଚିକିତ୍ସା ଆଦିର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ସମ୍ବଲପୁରରେ ଦଶ ହଜାର ବର୍ଷର ରେଖାଚିତ୍ର ରହିଥିବା ବେଳେ ଆଗାମୀ ଦିନରେ ତାକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସାମିଲ କରାଯିବ ବୋଲି ଧର୍ମେନ୍ଦ୍ର କହିଥିଲେ। ଶୀତଳଷଷ୍ଠୀକୁ ସାଂସ୍କୃତିକ ପର୍ଯ୍ୟଟନରେ ସାମିଲ କରାଯିବ ବୋଲି ସେ କହିଥିଲେ। ଏହାସହ ସମ୍ବଲପୁରକୁ ଶିକ୍ଷା ଏବଂ ଅର୍ଥନୀତିର କେନ୍ଦ୍ର ଭାବେ ବିକଶିତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ଏହି ଅବସରରେ ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସମ୍ବଲପୁରରେ ପାସ୍‌ପୋର୍ଟ କେନ୍ଦ୍ର ସ୍ଥାପନ କରିଥିବାରୁ ଏସ୍. ଜୟଶଙ୍କରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରଗଡର ଚାଷୀ ଏମବି ସୁବ୍ରମଣ୍ୟମ ୟୁକ୍ରେନରେ ଫସିରହିଥିବା ନିଜର ସନ୍ତାନକୁ କେନ୍ଦ୍ର ସରକାର ଉଦ୍ଧାର କରି ଦେଶକୁ ଫେରାଇ ଆଣିବାର ଘଟଣାକୁ ବ୍ୟାଖ୍ୟା କରିଥିଲେ। ଏଥିପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ.ଜୟଶଙ୍କରଙ୍କୁ ଉତ୍ତରୀୟ ଦେଇ ସେ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁପ୍ରୀତି ମିଶ୍ର ପରିଚାଳନା କରିଥିଲେ।


ସମ୍ବଲପୁର ଠାରେ ଆୟୋଜିତ ବୁଦ୍ଧିଜୀବୀ ସମାବେଶକୁ ରବିବାର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟାନ୍ୟ ନେତୃବୃନ୍ଦ।

## ପ୍ରାର୍ଥୀଙ୍କ ଟାର୍ଗେଟ୍‌ରେ ତେଲୁଗୁ ଭୋଟର

ରାୟଗଡ଼ା,୫।୫(ଆଶିଷ ରଞ୍ଜନ ପଣ୍ଡା)

ଆସନ୍ତା ନିର୍ବାଚନରେ ରାୟଗଡ଼ା ଜିଲାର ୩ ବିଧାନସଭା ଆସନ ସହ କୋରାପୁଟ ଲୋକ ସଭା ଆସନ ଜିତିବା ପାଇଁ ସବୁ ଦଳର ପ୍ରାର୍ଥୀ ଜୋର ଲଗାଇ ଦେଇଛନ୍ତି। ରାୟଗଡ଼ା ଓ ଗୁଣପୁର ଆସନରେ ପ୍ରାୟ ୨୫ ହଜାର ଲେଖାଏଁ ତେଲୁଗୁ ଭୋଟର ଅଛନ୍ତି। ସେମାନେ ଏଠାରେ ପିଢ଼ି ପରେ ପିଢ଼ି ରହିଆସିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏମାନେ ଯେଉଁ ପ୍ରାର୍ଥୀ ଓ ଦଳକୁ ସମର୍ଥନ କରନ୍ତି, ପ୍ରାୟତଃ ସେହିମାନଙ୍କୁ ଭୋଟ ଦେଇଥାନ୍ତି। ଅର୍ଥାତ୍ ନିର୍ବାଚନରେ ନିର୍ଣ୍ଣାୟକ ନିଷ୍ପତ୍ତି ନିଅନ୍ତି ଏହି ତେଲୁଗୁ ମତଦାତା। ଏମାନଙ୍କ ଭୋଟ ଏକପ୍ରକାର ପ୍ରାର୍ଥୀଙ୍କ ବିଜୟ କ୍ଷେତ୍ରରେ ଗୁରୁତ୍ୱ ବହନ କରିଆସୁଛି। ତେଣୁ ତେଲୁଗୁ ଭୋଟ ହାତେଇବାକୁ ସମସ୍ତ ରାଜନୈତିକ ଦଳ ଉଦ୍ୟମ ଜାରି ରଖିଛନ୍ତି। ତେଲୁଗୁ ଭାଷାରେ ପ୍ରଚାର ସହିତ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ କୌଶଳ ଅବଲମ୍ବନ କରୁଥିବା ଦେଖିବାକୁ ମିଳୁଛି।

ରାୟଗଡ଼ା ଜିଲାର ୩ ବିଧାନସଭା ଆସନ ସମେତ କୋରାପୁଟ ଲୋକ ସଭା ଆସନ ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଛି। ଏଥିପାଇଁ ଉଭୟ କଂଗ୍ରେସ ଓ ଭାଜପା ରାୟଗଡ଼ାରୁ ପ୍ରାର୍ଥୀ ଦେଇଛନ୍ତି। ଅନ୍ୟପଟେ ବିଜେଡି କୋରାପୁଟ ଜିଲାର ଲକ୍ଷ୍ମୀପୁରରୁ ପ୍ରାର୍ଥୀ କରିଛି। ଜିଲାର ମୋଟ ଜନସଂଖ୍ୟା ୧୦ ଲକ୍ଷରୁ ଊର୍ଦ୍ଧ୍ୱ ରହିଥିବା ବେଳେ ଭୋଟର ରହିଛନ୍ତି ୭ ଲକ୍ଷରୁ ଊର୍ଦ୍ଧ୍ୱ। ସେଥିରେ ପ୍ରାୟ ୧୦% ରହିଛନ୍ତି ତେଲୁଗୁ ସମ୍ପ୍ରଦାୟର ଲୋକ। ସମଗ୍ର ଜିଲାରେ ୭ ଲକ୍ଷ ୪ ହଜାର ୫୦୩ ଭୋଟର ରହିଛନ୍ତି। ବିଷମକଟକରେ ୨ ଲକ୍ଷ ୩୨ ହଜାର ୪୪୨ ଜଣ ଭୋଟର, ଗୁଣପୁରରେ ୨ ଲକ୍ଷ ୨୧ ହଜାର ୪୯୫ ଓ ରାୟଗଡ଼ା ଆସନରେ ୨ ଲକ୍ଷ ୫୦ ହଜାର ୫୬୬ ରହିଛନ୍ତି। ସେଥିରୁ ପ୍ରାୟ ୭୦ ହଜାର ଭୋଟର ତେଲୁଗୁ ସମ୍ପ୍ରଦାୟର ରହିଛନ୍ତି। ବିଷମକଟକ ଆସନରେ ପ୍ରାୟ ୨୦ ହଜାର ଭୋଟର ରହିଥିବା ବେଳେ ରାୟଗଡ଼ା ଓ ଗୁଣପୁର ଆସନରେ ପ୍ରାୟ ୨୫ ହଜାର ଲେଖାଏଁ ତେଲୁଗୁ ଭୋଟର ଅଛନ୍ତି। ଏମାନଙ୍କ ଭୋଟ ଏକପ୍ରକାର ପ୍ରାର୍ଥୀଙ୍କ ବିଜୟ କ୍ଷେତ୍ରରେ ଅନେକ ଗୁରୁତ୍ୱ ବହନ କରିଆସୁଛି। ଅପରପକ୍ଷରେ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ରାଜନୀତି ପ୍ରଭାବ ମଧ୍ୟ ରାୟଗଡ଼ା ଜିଲାର ସମସ୍ତ ଆସନରେ ପଡ଼ିଥାଏ। ସେହି ୨ ରାଜ୍ୟରେ ଯେଉଁ ଆଡ଼କୁ ଭୋଟର ଢଳନ୍ତି, ରାୟଗଡ଼ା ଜିଲାରେ ମଧ୍ୟ ତାହାର ପ୍ରଭାବ ପଡୁଥିବା ନଜିର ରହିଛି। ତେଣୁ ସବୁ ଦଳର ନଜର ତେଲୁଗୁ ଭୋଟରଙ୍କ ଉପରେ। ରାୟଗଡ଼ା ଓ ଗୁଣପୁରଠାରେ କଂଗ୍ରେସ ପ୍ରାର୍ଥୀ ତେଲୁଗୁ ଭାଷାରେ ଭୋଟ ଭିକ୍ଷା କରୁଛନ୍ତି। ଏତଦ୍‌ବ୍ୟତୀତ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ମାଲୁ ଭାଟି ବିକ୍ରମାର୍କା ଗୁରୁବାର ଓ ଶୁକ୍ରବାର ରାୟଗଡ଼ା ଗସ୍ତରେ ଆସି ତେଲୁଗୁ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ୨ ଦିନ ପ୍ରଚାର କରି ଫେରିଛନ୍ତି। ତେବେ ଜିଲାର ସମସ୍ତ ୩ ଆସନରେ ବିଜେଡି ପ୍ରାର୍ଥୀ ତେଲୁଗୁ ଭାଷା ଜାଣି ନ ଥିବାରୁ ସେମାନଙ୍କ ପାଇଁ ସମସ୍ୟା ହେଉଥିବା ଆଲୋଚନା ହେଉଛି। କିନ୍ତୁ ଜିଲା ବିଜେଡି ସଭାପତି ଏନ୍. ଭାସ୍କର ରାଓ ତେଲୁଗୁ ସମ୍ପ୍ରଦାୟର ହୋଇଥିବାରୁ ସେ ବିଭିନ୍ନ ସମୟରେ ଅତି ଚତୁରତାର ସହିତ ତେଲୁଗୁ ଭୋଟରଙ୍କୁ ପରିଚାଳନା କରିଥା'ନ୍ତି। ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ ମଧ୍ୟ ତେଲୁଗୁ ଭାଷା କହିବା ଓ ବୁଝିବାରେ ପୋଖତ। ଭାଜପା ରାୟଗଡ଼ା ପ୍ରାର୍ଥୀ ମଧ୍ୟ ତେଲୁଗୁ ଭାଷା ଜାଣିଛନ୍ତି। ତେଣୁ ତେଲୁଗୁ ଭୋଟରଙ୍କ ଉପରେ ସବୁ ଦଳର ପ୍ରାର୍ଥୀଙ୍କ ନଜର ରହିଛି।

## ୭ ନେତାଙ୍କୁ ଦାୟିତ୍ୱ ବାଣ୍ଟିଲା ବିଜେଡି

ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)

ବିଜେଡି କର୍ମକର୍ତ୍ତାଙ୍କୁ ଦଳର ସଭାପତି ନବୀନ ପଟ୍ଟନାୟକ ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି। ସମ୍ବଲପୁର ସଂସଦୀୟ କ୍ଷେତ୍ରର ସଂଯୋଜକ ଭାବେ ସିଦ୍ଧାର୍ଥ ଦାଶଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସଞ୍ଜୟ ବାବୁଙ୍କୁ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ପ୍ରଭାରୀ, ସିଦ୍ଧାର୍ଥ ଶାହାଙ୍କୁ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିର୍ବାଚନ ସଂଯୋଜକ, ଶୁଭଲକ୍ଷ୍ମୀ ମାଝିଙ୍କୁ ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି। ଜ୍ୟୋତିର୍ମୟୀ ଦେହୁରୀ ମହିଳା ବିଜେଡିର ରାଜ୍ୟ ଯୁଗ୍ମ ସମ୍ପାଦିକା ହୋଇଛନ୍ତି। ଏହାସହ ଗୁଣପୁର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଶିକାନ୍ତ ପ୍ରଧାନ ଏବଂ ମହାକାଳପଡ଼ା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ଜ୍ଞାନଗିରି ଗୋସ୍ୱାମୀଙ୍କୁ ଦାୟିତ୍ୱ ଦିଆଯାଇଛି।

## ସ୍ଥାନୀୟ ସମସ୍ୟାକୁ ପ୍ରସଙ୍ଗ କରୁଛନ୍ତି ପ୍ରାର୍ଥୀ

**ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀ**

ଅନୁଗୋଳ,୫।୫
(ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀରେ ଆସନ୍ତା ୨୫ ତାରିଖରେ ହେବ ଭୋଟଗ୍ରହଣ। ବିଜେଡିରୁ ବ୍ରଜକିଶୋର ପ୍ରଧାନ ଓ ଭାଜପାରୁ କାଳନ୍ଦୀ ସାମଲ ପୁନଃ ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସ ଏଠାରେ ନୂଆ ମୁହଁର ଧାରା ଜାରି ରଖି ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କୁ ଟିକେଟ୍ ଦେଇଛି। ଆଉ ୩ ସପ୍ତାହ ପରେ ତାଳଚେରବାସୀ ମତଦାନ ସାବ୍ୟସ୍ତ କରିବାକୁ ଯାଉଥିବାରୁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ନିର୍ବାଚନ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ବିଶେଷକରି ସ୍ଥାନୀୟ ସମସ୍ୟାକୁ ସେମାନେ ପ୍ରସଙ୍ଗ କରୁଥିବା ଦେଖାଯାଉଛି।

ତାଳଚେର ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ବ୍ରଜକିଶୋର ୨୦୦୯ରୁ ଏଠାରେ ନିର୍ବାଚନ ଲଢୁଛନ୍ତି। ୨୦୦୯ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ସେ ତାଳଚେରରୁ ବିଜୟୀ ହୋଇଥିଲେ। ଏହାପରେ ବିଜେଡି ଟିକେଟ୍‌ରେ ସେ ୨୦୧୪ ଓ ୨୦୧୯ରେ ବିଧାୟକ ହୋଇଥିଲେ। ବ୍ରଜ କିଶୋରଙ୍କ ବିଜୟ ବ୍ୟବଧାନ କ୍ରମାଗତ ଭାବେ ବଢୁଥିବା ଦେଖି ବିଜେଡି ୨୦୨୪ରେ ତାଙ୍କୁ ପୁଣି ତାଳଚେରରୁ ପ୍ରାର୍ଥୀ କରିଥିବା କୁହାଯାଉଛି। ସେହିପରି ଭାଜପା ମଧ୍ୟ ଏଠାରେ ପୁରୁଖା ନେତା କାଳନ୍ଦୀଙ୍କୁ ପୁଣିଥରେ ନିର୍ବାଚନ ମଇଦାନକୁ ପଠାଇଛି। ଗତ ୩ଟି ନିର୍ବାଚନରେ କାଳନ୍ଦୀ ବିଜେଡିର ବ୍ରଜକିଶୋରଙ୍କୁ କଡ଼ା ଟକ୍କର ଦେଇଆସୁଥିବାରୁ ତାଙ୍କ ଉପରେ ଭାଜପା ପୁନଃ ଭରସା କରିଛି। ଅନ୍ୟପକ୍ଷରେ କଂଗ୍ରେସ ତାଳଚେର ନିର୍ବାଚନମଣ୍ଡଳୀରେ ନିୟମିତ ପ୍ରାର୍ଥୀ ବଦଳାଉଥିବା ଦେଖାଯାଉଛି। ଏଥର ନୂଆ ମୁହଁ ପ୍ରଫୁଲ୍ଲ ଚନ୍ଦ୍ରଙ୍କୁ ଦଳ ଟିକେଟ୍ ଦେଇଥିବାବେଳେ ସେ ବିଜେଡି ଓ ଭାଜପାର ୨ ପୁରୁଖା ନେତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ୩ ପ୍ରମୁଖ ଦଳର ପ୍ରାର୍ଥୀ ଆଞ୍ଚଳିକ ସମସ୍ୟାକୁ ନିର୍ବାଚନୀ ପ୍ରସଙ୍ଗରେ ପ୍ରାଥମିକତା ଦେଉଛନ୍ତି। ଶିଳ୍ପ ଓ ଖଣିଖାଦାନ ଅଞ୍ଚଳ ତାଳଚେରରେ ବିସ୍ଥାପନ, ନିଯୁକ୍ତି, ପ୍ରଦୂଷଣ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ସହ ରାଜପଥ ସମସ୍ୟାର ସମାଧାନ ବର୍ଷ ବର୍ଷ ଧରି ହୋଇପାରୁ ନାହିଁ। ଏଥିପାଇଁ ଅନେକ ସମୟରେ ଖଣି ବନ୍ଦ ଆନ୍ଦୋଳନ, ଅର୍ଥନୈତିକ ଅବରୋଧକୁ ଲୋକେ ଓହ୍ଲାଉଛନ୍ତି। ଖଣି କ୍ଷତିଗ୍ରସ୍ତଙ୍କ ପକ୍ଷରୁ ଦିନ ଦିନ ଧରି ଧାରଣା ଦିଆଯାଉଛି। ବୁଦ୍ଧିଜୀବୀ, ସାମାଜିକ କାର୍ଯ୍ୟକର୍ତ୍ତାମାନେ ମଧ୍ୟ ଗଣଧାରଣାରେ ବସୁଛନ୍ତି। ତେଣୁ ଏହି ସ୍ଥାନୀୟ ସମସ୍ୟାକୁ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ସେମାନଙ୍କ ପ୍ରଚାରରେ ଗୁରୁତ୍ୱ ଦେଉଥିବା ବେଳେ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇ ଭୋଟରଙ୍କ ସମର୍ଥନ ହାସଲ କରିବାକୁ ଉଦ୍ୟମ କରୁଥିବା ଦେଖାଯାଉଛି।


ବ୍ରଜକିଶୋର ପ୍ରଧାନ


କାଳନ୍ଦୀ ସାମଲ


ପ୍ରଫୁଲ୍ଲ ଚନ୍ଦ୍ର ଦାସ

## ପ୍ରାର୍ଥୀଙ୍କ ନାମ ଘୋଷଣା କଲା ଆଜସୁ

ମୋରଡ଼ା,୫।୫(ସ୍ୱାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା କଲ୍ୟାଣ ମଣ୍ଡପରେ ଅଖିଳ ଝାଡ଼ଖଣ୍ଡ ଛାତ୍ର ସଂସଦ(ଆଜସୁ) ପାର୍ଟି ତରଫରୁ ମୟୂରଭଞ୍ଜ ଲୋକ ସଭା କ୍ଷେତ୍ର ଓ ବିଭିନ୍ନ ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଏ ନେଇ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆଜସୁର ରାଜ୍ୟ ସଭାପତି ଆଲୋକ ବାସ୍କେ, ଜିଲା ସାଧାରଣ ସମ୍ପାଦକ ଗୋପୀନାଥ ବାସ୍କେ, ଯୋଗେନ୍ଦ୍ରନାଥ ମହାନ୍ତ, ମଦନମୋହନ ମାଝୀ, ମନୋରଞ୍ଜନ ହେମ୍ବ୍ରମ, ଚିତ୍ରଡ଼ାର ପୂର୍ବତନ ସରପଞ୍ଚ ସୁରେନ୍ଦ୍ରନାଥ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ପାଇଁ ନିଜେ ବାସ୍କେ ପ୍ରାର୍ଥୀ ହୋଇଥିବା ବେଳେ ମୋରଡ଼ା, ଉଦଳା, ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ପାଇଁ ଯଥାକ୍ରମେ ଯୋଗେନ୍ଦ୍ରନାଥ ମହାନ୍ତ, ମଦନମୋହନ ମାଝୀ, ମନୋରଞ୍ଜନ ହେମ୍ବ୍ରମଙ୍କୁ ଦଳ ପ୍ରାର୍ଥୀ କରିଛି। ମୋରଡ଼ାର ମୌଳିକ ସମସ୍ୟା ଯଥା ହାତୀ, ରାସ୍ତା, ଜଳ ପ୍ରମୁଖ ସମସ୍ୟାର ସମାଧାନ ଦିଗରେ ଚେଷ୍ଟା କରିବା ସହିତ ଉକ୍ତ ସବୁ ସମସ୍ୟାର ମୁଦ୍ଦାକୁ ନେଇ ଦଳ ରାଜନୀତି ମଇଦାନକୁ ଓହ୍ଲାଇବ ବୋଲି ପ୍ରାର୍ଥୀମାନେ କହିଛନ୍ତି। ସେହିପରି ବିଗତ ବର୍ଷ ବର୍ଷ ଧରି ରାଜ୍ୟ ସରକାର ମୋରଡ଼ାରେ ସେମିତି କୌଣସି ଆଖିଦୃଶିଆ ଉନ୍ନତି କରିନାହାନ୍ତି ଏବଂ ଦିନକୁ ଦିନ ମୋରଡ଼ାରେ ଦାଦନ ସମସ୍ୟା ବୃଦ୍ଧି ପାଇଛି। ସମସ୍ତ ଲୋକଙ୍କ ବିକାଶ, ଉନ୍ନତି ଆଜସୁ ପାର୍ଟିର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି ମଞ୍ଚାସୀନ ନେତୃବୃନ୍ଦ। ସେହିପରି ବିଜେଡି ଲୋକ ସଭା ପ୍ରାର୍ଥୀ ସୁଦାମ ମାର୍ଣ୍ଡିଙ୍କ ବାଘବାଘୁଣୀ ଅଭିଭାଷଣକୁ ନେଇ ବାସ୍କେ ବର୍ଷିଥିଲେ। ବାଘ ଛେଳି, ଗାଇ ମାଂସ ଖାଏ। ତେଣୁ ସେ ଆଗାମୀ ନିର୍ବାଚନରେ ଜିତିଲେ ସେ କ'ଣ ଜିଲାର ବିକାଶ କରିବେ ତାହା ଏବେଠୁ ଜଳଜଳ ଦେଖା ଦେଉଛି। ଏହି ଆଜସୁ ପାର୍ଟିରୁ ସୁଦାମଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ ହୋଇଥିବା ବେଳେ ଉକ୍ତ ପାର୍ଟି ହିଁ ତାଙ୍କ ରାଜନୀତି କ୍ୟାରିୟରକୁ ଶେଷ କରିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଅଶେଷ, ଅଭିଷେକ, ଡେଭିଡ, ଗଜେନ୍ଦ୍ର, ଡମ୍ବରୁଧର ସହଯୋଗ କରିଥିଲେ।



ଖବରଦାତା ସମ୍ମିଳନୀରେ ଆଜସୁର କର୍ମକର୍ତ୍ତା।

## ପରିକ୍ରମା ପ୍ରକଳ୍ପ: ଧର୍ମେନ୍ଦ୍ରଙ୍କୁ ଟାର୍ଗେଟ କଲେ ବବି

ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) ଟାର୍ଗେଟ କରିଛନ୍ତି। କିଛିଦିନ ତଳେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀ କରି ଧର୍ମେନ୍ଦ୍ର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏହାକୁ ନେଇ ବବି ଟାର୍ଗେଟ କରିଥିବା ବେଳେ ଭାଜପା ପକ୍ଷରୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପାଲଟା ଜବାବ ରଖିଛନ୍ତି।

ବବି ତାଙ୍କ 'ଏକ୍ସ' ହ୍ୟାଣ୍ଡେଲରେ ପୋଷ୍ଟ କରି କହିଛନ୍ତି ଯେ, ଧର୍ମେନ୍ଦ୍ର ପୁରୀ ପରିକ୍ରମା ପ୍ରକଳ୍ପକୁ ବାରମ୍ବାର ବିରୋଧ କରୁଛନ୍ତି। ପ୍ରତିଦିନ ଏହା ବିରୋଧରେ ବିଶୋଦ୍‌ଗାର କରୁଛନ୍ତି। ସେ ଭାବୁଛନ୍ତି କି ପରିକ୍ରମା ପ୍ରକଳ୍ପର କୌଣସି ଆବଶ୍ୟକତା ନାହିଁ। ତା'ହାଲେ ନିଜ ଦଳର ନିର୍ବାଚନ ଇସ୍ତାହାରରେ ଉଲ୍ଲେଖ କରି ମହାପ୍ରଭୁଙ୍କ ଅନେକ ଲକ୍ଷ ଭକ୍ତଙ୍କୁ କୁହନ୍ତୁ ପରିକ୍ରମା ପ୍ରକଳ୍ପକୁ ବନ୍ଦ କରିଦେବେ। ସେହି ଜାଗାରେ ପୁଣିଥରେ ପୁରୁଣା ଜୋତା ଦୋକାନ, ହୋଟେଲ, ଲଜ୍‌କୁ ଠିଆ କରିବେ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ହେଉଥିବା କାର୍ଯ୍ୟକୁ ମଧ୍ୟ ଭାଙ୍ଗି ଦେବେ ବୋଲି ନିଜ ଦଳର ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରନ୍ତୁ। ସମାନଭାବେ ମା' ସମଲେଇ ମନ୍ଦିରର ସୌନ୍ଦର୍ଯ୍ୟକରଣକୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ବିରୋଧ କରୁଛନ୍ତି। ତାହାର ସୌନ୍ଦର୍ଯ୍ୟକରଣକୁ ବନ୍ଦ କରିଦେବେ ବୋଲି ଇସ୍ତାହାରରେ ଉଲ୍ଲେଖ କରି ଜଣାଇବାର ସାହସ ଜୁଟାନ୍ତୁ। ଏହି ଦୁଇ ଆଧ୍ୟାତ୍ମିକ ସ୍ଥାନର ସୌନ୍ଦର୍ଯ୍ୟକରଣ ଓ ପରିକ୍ରମା ପ୍ରକଳ୍ପକୁ ନେଇ ଧର୍ମେନ୍ଦ୍ରଙ୍କ ମନରେ ବହୁତ ଈର୍ଷା ଓ କ୍ରୋଧ ଥିବା କଥା ଆଉ କାହାକୁ ଅଛପା ନାହିଁ। ଏହାପରେ ରାଜ୍ୟବାସୀ ତାଙ୍କୁ ଯେଉଁ ଜବାବ ଦେବେ ତାହା ସେ କେବେହେଲେ ଭୁଲିପାରିବେ ନାହିଁ ବୋଲି ବବି ଉଲ୍ଲେଖ କରିଛନ୍ତି।

### ମୂଳ ପ୍ରଶ୍ନର ଉତ୍ତର ନ ଦେଇ ମନଗଢ଼ା କାହାଣୀ ରଚୁଛନ୍ତି: ଜୟନାରାୟଣ

ବବିଙ୍କ ସମାଲୋଚନା ଉପରେ ପ୍ରତିକ୍ରିୟା ରଖି ଜୟନାରାୟଣ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି, ସମ୍ବଲପୁର ବିଜେଡି ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଗୁମାସ୍ତାଙ୍କୁ ଖୁସି କରିବା ପାଇଁ ମିଛ କହି ଓଡ଼ିଶାର ଜନସାଧାରଣଙ୍କୁ ଭ୍ରମିତ କରୁଛନ୍ତି। ଏହାସହ ସମ୍ବଲପୁରରେ ଘୃଣାର ବାତାବରଣ ତିଆରି କରୁଛନ୍ତି। ମୂଳ ପ୍ରଶ୍ନର ଉତ୍ତର ନ ଦେଇ ମନଗଢ଼ା କାହାଣୀ ରଚୁଛନ୍ତି। ଓଡ଼ିଶାର ସାଢ଼େ ୪ କୋଟି ଓଡ଼ିଆ ବୋକା ନୁହନ୍ତି, ତାଙ୍କର ମିଛ କାହାଣୀକୁ ସତ ମାନିବେ। କୋଭିଡ୍ ସମୟରେ ରଥଯାତ୍ରାକୁ ବନ୍ଦ କରିବା ପାଇଁ କିଏ ଷଡ଼ଯନ୍ତ୍ର କରିଥିଲା। ସୌନ୍ଦର୍ଯ୍ୟକରଣ ନାଁରେ ହଜାର ହଜାର ବର୍ଷର ଓଡ଼ିଶାର ପୁରାତନ ଐତିହ୍ୟ, କୀର୍ତ୍ତିରାଜି ଓ ସଂସ୍କୃତିକୁ କିଏ ଧୂଳିସାତ କରିଛି। ଓଡ଼ିଶା ସରକାରଙ୍କ କମ୍ପାନୀ ଓଏମ୍‌ସି ବବିଙ୍କ ନିଜ ଜିଲା ଯାଜପୁରରେ ପାରାଭାଡ଼ି ପାହାଡ଼ରେ ଥିବା ଅଷ୍ଟମ ଶତାବ୍ଦୀର ବୌଦ୍ଧ ସ୍ତୂପକୁ ଭାଙ୍ଗିରୁଜି ଖନନ କାମ କରୁଛି। ତ୍ରୟୋଦଶ ଶତାବ୍ଦୀ ଗଙ୍ଗବଂଶର ଚୌଦ୍ୱାରଗଡ଼ ଏବଂ ଅନ୍ୟ ସଂରକ୍ଷଣ ସ୍ଥାନରେ ଓଡ଼ିଶା ସରକାରଙ୍କ ସଂସ୍ଥା ଇଡ୍‌କୋ ଜବରଦଖଲ କରିଛି ନା ନାହିଁ। ମା'ସମଲେଶ୍ୱରୀ ମନ୍ଦିର ବାବଦରେ ବବିଙ୍କ ଜ୍ଞାନ କମ୍ ରହିଛି। ବିକାଶର କାମକୁ ଭାଜପା ବିରୋଧ କରିନାହିଁ, କିନ୍ତୁ ବିକାଶ ଓ ସୌନ୍ଦର୍ଯ୍ୟକରଣ ନାଁରେ ଐତିହ୍ୟ, କୀର୍ତ୍ତିରାଜିକୁ ନଷ୍ଟ କରିବା ଭଳି କାମକୁ ଭାଜପା ବିରୋଧ କରେ ବୋଲି ଜୟନାରାୟଣ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ବର୍ଷା ପ୍ରିୟଦର୍ଶିନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦେଶରେ ଦୈନିକ ଖୋଲୁଛି ୫୦୦ରୁ ଅଧିକ କମ୍ପାନୀ

ଭୁବନେଶ୍ୱର,୫।୫(ଅନୁରାଧା ମହାରଣା)



- ଦେଶରେ ରହିଛି ୨୬ ଲକ୍ଷରୁ ଅଧିକ କମ୍ପାନୀ
- ମହାରାଷ୍ଟ୍ରରେ ସର୍ବାଧିକ ସଂଖ୍ୟକ କମ୍ପାନୀ ପଞ୍ଜୀକୃତ
- ୯ ଲକ୍ଷରୁ ଅଧିକ କମ୍ପାନୀ ବନ୍ଦ ହୋଇଯାଇଛି

ଦେଶରେ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଲୋକମାନେ ଚାକିରି ଖୋଜିବା ପରିବର୍ତ୍ତେ କିପରି ନିଯୁକ୍ତି ପ୍ରଦାନ କରିପାରିବେ ସେ ଦିଗ ପ୍ରତି ଗୁରୁତ୍ୱ ଦିଆଯାଉଛି । ଏହି କ୍ରମରେ ଦେଶରେ ଘରୋଇ କମ୍ପାନୀ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଦେଶରେ ପ୍ରତିଦିନ ୫୦୦ରୁ ଅଧିକ କମ୍ପାନୀ ଖୋଲୁଛି। ୨୦୨୩-୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶରେ ମୋଟ ୨୬ ଲକ୍ଷରୁ ଅଧିକ କମ୍ପାନୀ ଖୋଲାଯାଇଛି। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ଦେଶରେ ୨୬,୭୩,୦୧୬ କମ୍ପାନୀ ଖୋଲିଛି। ସେଥିମଧ୍ୟରୁ ୧୬,୯୧,୪୯୫ କମ୍ପାନୀ (୬୪ ପ୍ରତିଶତ) ମଧ୍ୟ ସକ୍ରିୟ ଅଛନ୍ତି। ଗତ ଆର୍ଥିକ ବର୍ଷରେ ଦେଶରେ ୧.୮୫ ଲକ୍ଷରୁ ଅଧିକ କମ୍ପାନୀ ପଞ୍ଜୀକୃତ ହୋଇଥିଲେ। କେବଳ ଚଳିତ ବର୍ଷ ମାର୍ଚ୍ଚରେ ପ୍ରାୟ ୧୬,୬୦୦ କମ୍ପାନୀ ପଞ୍ଜୀକୃତ ହୋଇଛନ୍ତି। ତଥ୍ୟ ଅନୁଯାୟୀ, ୨୦୨୨-୨୩ ଆର୍ଥିକ ବର୍ଷରେ ୧,୫୯,୫୨୪ କମ୍ପାନୀ ପଞ୍ଜୀକୃତ ହୋଇଥିଲେ। ସେମାନଙ୍କର ପେଡ ଅପ ପୁଞ୍ଜି ଥିଲା ୧୮,୧୩୨.୧୬ କୋଟି। କର୍ପୋରେଟ ମନ୍ତ୍ରଣାଳୟର ସୂଚନାନୁସାରେ, ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶରେ ଅତି କମରେ ୯,୩୧,୬୪୪ କମ୍ପାନୀ ବନ୍ଦ ହୋଇଯାଇଥିଲା। ଏହା ବ୍ୟତୀତ ୨,୪୭୦ କମ୍ପାନୀ ନିଷ୍କ୍ରିୟ ଥିଲେ ଏବଂ ୧୦,୩୮୫ କମ୍ପାନୀ ଦେବାଳିଆ ହେବା ସ୍ଥିତିରେ ଅଛନ୍ତି। ଅନ୍ୟପଟେ ୨୭,୦୨୨ କମ୍ପାନୀକୁ ସରକାରୀ ରେକର୍ଡରୁ ହଟାଇବା ପ୍ରକ୍ରିୟା ଚାଲିଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ପଞ୍ଜୀକୃତ ହୋଇଥିବା ୧,୮୫,୩୧୨ କମ୍ପାନୀର ମୋଟ ପୁଞ୍ଜି ୩୦,୯୨୭.୪୦ କୋଟି ଟଙ୍କା ଥିଲା। ସେଥିମଧ୍ୟରୁ ୭୧ ପ୍ରତିଶତ ସେବା କ୍ଷେତ୍ରରେ, ୨୩ ପ୍ରତିଶତ ଶିଳ୍ପ ବିଭାଗରେ ଏବଂ ୬ ପ୍ରତିଶତ କୃଷି କ୍ଷେତ୍ରରେ ଆରମ୍ଭ ହୋଇଛି। ତେବେ ମହାରାଷ୍ଟ୍ରରେ ସର୍ବାଧିକ ୧୭.୬ ପ୍ରତିଶତ ନୂତନ କମ୍ପାନୀ ପଞ୍ଜିକୃତ ହୋଇଛନ୍ତି। ମାର୍ଚ୍ଚ ୩୧, ୨୦୨୪ ପର୍ଯ୍ୟନ୍ତ, ୫,୧୬୪ ବିଦେଶୀ କମ୍ପାନୀ ମଧ୍ୟ ଦେଶରେ ପଞ୍ଜୀକୃତ ହୋଇଥିଲେ। ସେଥିମଧ୍ୟରୁ ୩,୨୮୮ କମ୍ପାନୀ (୬୪ ପ୍ରତିଶତ) ସକ୍ରିୟ ଥିଲେ। ୨୦୨୪ ମାର୍ଚ୍ଚରେ ଭାରତରେ ୬୭ ପ୍ରତିଶତ ନିର୍ଦ୍ଦେଶକ ପୁରୁଷ ଏବଂ ୩୩ ପ୍ରତିଶତ ମହିଳା ଥିଲେ। ନୂତନ ନିର୍ଦ୍ଦେଶକଙ୍କ ମଧ୍ୟରୁ ୪୩ ପ୍ରତିଶତଙ୍କ ବୟସ ୩୧ ରୁ ୪୫ ବର୍ଷ ଅଟେ।

# ବଜାରରେ ବାଗୀର ନୂତନ ଉତ୍ପାଦ

ଭୁବନେଶ୍ୱର,୫।୫

ବଜାଜ୍ ଆଲିଆଞ୍ଜ୍ ଜେନେରାଲ ଇନ୍ସ୍ୟୁରାନ୍ସ (ବିଏଜିଆଇ ବା ବାଗୀ)ର ନୂତନ ଉତ୍ପାଦ 'ପ୍ରିଭେ'ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି କମ୍ପାନୀ ଏକ ବର୍ଦ୍ଧିତ ଏବଂ ଅତୁଳନୀୟ ଗ୍ରାହକ ସେବାପ୍ରାପ୍ତ କରିବାର ସୁବିଧା ପ୍ରଦାନ କରୁଛି। ପାରମ୍ପରିକ ଭାବେ ଭାରତରେ ବୀମା ଶିଳ୍ପର ଚାହିଦା ରହିଛି। କିଛି ବର୍ଷ ମଧ୍ୟରେ ବୀମାର ବ୍ୟବହାରକୁ ବଢ଼ାଇବା ପାଇଁ ପ୍ରୟାସ କରାଯାଉଛି। ମୁଖ୍ୟତଃ ଟାୟାର-୨ ଓ ଟାୟାର-୩ ଅଞ୍ଚଳ ସହ ଗାଁଗହଳିରେ ଥିବା ଗ୍ରାହକମାନଙ୍କ ସଂଖ୍ୟା ବୃଦ୍ଧି ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଛି। ଏଥିମଧ୍ୟରେ ମୁଖ୍ୟତଃ ମଧ୍ୟମ ବର୍ଗ, ଉଚ୍ଚ ମଧ୍ୟମ ବର୍ଗ ଓ ଗ୍ରାମାଞ୍ଚଳ କ୍ଷେତ୍ରରେ ରହୁଥିବା ଗ୍ରାହକମାନେ ଅନ୍ତର୍ଭୁକ୍ତ ରହିଥିଲାବେଳେ ଉପରୋକ୍ତ ସମସ୍ତ ଗ୍ରାହକ ବର୍ଗରେ ବୀମାର ବ୍ୟବହାର ବୃଦ୍ଧି ଉପରେ ମୁଖ୍ୟତଃ ଧ୍ୟାନଦେବା ସହ ବାଗୀ ବର୍ତ୍ତମାନ ଗ୍ରାହକମାନଙ୍କର ବିଶେଷ ବର୍ଗକୁ ମଧ୍ୟ ସେବା ପ୍ରଦାନ କରିବ; ଯେଉଁଥିରେ ସାଧାରଣତଃ ବର୍ଦ୍ଧିତ କଭରେଜ୍ ସୀମା ସହ ଇନ୍ସ୍ୟୁରାନ୍ସଜନିତ ସମାଧାନ ମଧ୍ୟ ଆବଶ୍ୟକ ହୋଇଥାଏ। ଏପରି ବିବେକଶୀଳ ଗ୍ରାହକମାନଙ୍କର ଆର୍ଥିକ ଓ ଜୀବନଶୈଳୀର ପସନ୍ଦ ସହ ସଂଯୁକ୍ତ ଥିବା ବହୁମୁଖୀ ଆବଶ୍ୟକତା ଓ ବ୍ୟାପକ ସୁରକ୍ଷାକୁ ଚିହ୍ନଟକରି ପ୍ରିଭେ ପାରମ୍ପରିକ ଇନ୍ସ୍ୟୁରାନ୍ସଠାରୁ ବହୁତ ଅଧିକ ସୁବିଧା ପ୍ରଦାନ କରିଥାଏ। ଏ ସମ୍ପର୍କରେ ବାଗୀର ଏମ୍‌ଡି ତଥା ସିଇଓ ତପନ ସିଂଘେଲ କହିଛନ୍ତି, ଆମର ମୂଳ ଉଦ୍ଦେଶ୍ୟ ହେଉଛି, ସାରା ଦେଶରେ ପ୍ରତ୍ୟେକ ବ୍ୟକ୍ତିଙ୍କର ବିଭିନ୍ନ ଆବଶ୍ୟକତା ପୂରଣ କରୁଥିବା ଅଗ୍ରଣୀ ବୀମା ସେବା (ଇନ୍ସ୍ୟୁରାନ୍ସ ସଲ୍ୟୁସନ) ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବା। ଏପରିକି ପ୍ରିଭେ ଜରିଆରେ ଆମେ ନିରନ୍ତର ଭାବେ ଅଭିନବତା ଆଣୁଛୁ ଓ ବିବେକଶୀଳ ବ୍ୟକ୍ତିମାନଙ୍କର ବିଶିଷ୍ଟ ଆବଶ୍ୟକତାକୁ ସମାଧାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ସେହିଭଳି ଆମେ ଜାଣୁ ଯେ ସେମାନଙ୍କର ଅତ୍ୟାଧୁନିକ ଆସେଟ୍ ପୋର୍ଟଫୋଲିଓ,ଆସ୍ୟୁଟ୍ ଫାଇନାନ୍ସିଆଲ ପ୍ଲାନିଂ ଏବଂ ବିଶିଷ୍ଟ ଲାଇଫଷ୍ଟାଇଲ୍ ପାରମ୍ପରିକ ମାନଦଣ୍ଡରୁ ଆଗରେ ଥିବା ଇନ୍ସ୍ୟୁରାନ୍ସ ଅଫରିଂ ଆବଶ୍ୟକ କରିଥାଏ।

# କଟକରେ ଅରୁନ୍ଧତୀ ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟଲେଟ



ଭୁବନେଶ୍ୱର,୫।୫ (ଅଭୟ ଦାଶ)

## ଆଜି ଉଦ୍‌ଘାଟନ କରିବେ ରବିନା ଏବଂ ଅର୍ଚ୍ଚିତା

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ଅରୁନ୍ଧତୀ ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟଲେଟ କଟକର କ୍ୟାଣ୍ଟନମେଣ୍ଟ ଛକଠାରେ ଖୋଲିବାକୁ ଯାଉଛି। ଏପରିକି ଆଜି (ସୋମବାର) ଅରୁନ୍ଧତୀ ଜୁଏଲର୍ସର ନୂତନ ଶୋ'ରୁମକୁ ବଲିଉଡ ଅଭିନେତ୍ରୀ ରବିନା ଟଣ୍ଡନ ଏବଂ ଓଲିଉଡ ଅଭିନେତ୍ରୀ ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିବେ ବୋଲି ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀ କଟକର ପ୍ରମୋଦ ରିସୋର୍ଟଠାରେ ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଯୋଗ ଦେଇ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ, କଟକରେ ଏହା ଆମର ପ୍ରଥମ ଓ ରାଜ୍ୟର ୮ମ ଅଳଙ୍କାର ପ୍ରତିଷ୍ଠାନ ( ୮ମ ଫ୍ଲାଗଶିପ ଶୋ'ରୁମ)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରି ବେଶ ଉତ୍ସାହିତ ଅଛୁ। ଏପରିକି ଦୀର୍ଘ ୨୪ ବର୍ଷ ହେବ ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ ଅରୁନ୍ଧତୀ ଜୁଏଲର୍ସ ଉପରେ ଥିବା ପ୍ରଗାଢ ବିଶ୍ୱାସକୁ ପାଥେୟ କରି ଆମେ ଆଗକୁ ଆଗକୁ ବଢି ଚାଲିଛୁ।

ଉଲ୍ଲେଖଯୋଗ୍ୟ, ୭୦୦୦ବର୍ଗଫୁଟ ସ୍ଥାନରେ ଗଢି ଉଠିଥିବା ଏହି ନୂତନ ଶୋ'ରୁମରେ ଗ୍ରାହକମାନେ ୧୦,୦୦୦ରୁ ଅଧିକ ଡିଜାଇନ ଓ ସମ୍ପୂର୍ଣ୍ଣ ହଲମାର୍କଯୁକ୍ତ ସୁନା ଗହଣା, ହୀରା ଗହଣା ସାଙ୍ଗକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୁପାର ଗହଣା ଓ କଳାକୃତିର ବ୍ୟାପକ ସମ୍ଭାର ଉପଲବ୍ଧ।

ସେହିଭଳି ଉକ୍ତ ସମ୍ମିଳନୀରେ ଅରୁନ୍ଧତୀ ଜୁଏଲର୍ସର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେରଙ୍କ ସମେତ ଅରୁନ୍ଧତୀ ଜୁଏଲର୍ସର ଅପରେଶନ ହେଡ ନୀହାର ରଞ୍ଜନ ନନ୍ଦ,ଜୋନାଲ ମ୍ୟାନେଜର ନିରଞ୍ଜନ ବେହେରା, ଶାଖା ପରିଚାଳକ ତାଜଉଦ୍ଦିନ ଅହମ୍ମଦ ଖାନ୍ ଏବଂ ମ୍ୟାନେଜର ସେଲସ ବାବିସ୍ଥାନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ଏପ୍ରିଲ୍‌ରେ ୫,୪୧,୯୪୬ ୟୁନିଟ ଗାଡ଼ି ବିକ୍ରି

ଭୁବନେଶ୍ୱର,୫।୫

HONDA

ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ର ମାସିକ ଗାଡି ବିକ୍ରି ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ଚଳିତ ଆର୍ଥିକ ବର୍ଷ (୨୦୨୪-୨୫ ) କୁ ଚମତ୍କାର ଢଙ୍ଗରେ ଆରମ୍ଭ କରିଛି। ଏପରିକି ୨୦୨୪ ଏପ୍ରିଲ୍‌ରେ କମ୍ପାନୀ ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ ସହ ଏହି ମାସରେ ୫,୪୧,୯୪୬ ୟୁନିଟ ଗାଡ଼ି ବିକ୍ରି କରିଥିଲାବେଳେ ୪୫%ର ବିକ୍ରି ଅଭିବୃଦ୍ଧି ହାସଲ କରିଛି। ସେହିଭଳି ଦେଶ ଭିତରେ କମ୍ପାନୀ ୪,୮୧,୦୪୬ ୟୁନିଟ ଗାଡ଼ି ବିକ୍ରି କରିଥିବାବେଳେ ୬୦,୯୦୦ ୟୁନିଟ ଗାଡ଼ି ରପ୍ତାନୀ କରିଛି। ଏପରିକି ଦେଶ ଭିତର କମ୍ପାନୀ ବିକ୍ରି କ୍ଷେତ୍ରରେ ୪୨% ଅଭିବୃଦ୍ଧି ହାସଲ କରିଥିବା ବେଳେ ରପ୍ତାନି କ୍ଷେତ୍ରରେ ୬୭%ର ଉଚ୍ଚ ଅଭିବୃଦ୍ଧି ହାସଲ କରିଛି।

୨୦୨୪ ଏପ୍ରିଲ୍‌ରେ କମ୍ପାନୀ ଗୁରୁଗ୍ରାମର ମାନେସରଠାରେ ଥିବା ଗ୍ଲୋବାଲ ରିସୋର୍ସ ଫ୍ୟାକ୍ଟ୍ରିରେ ଏକ ଅତ୍ୟାଧୁନିକ ଇଞ୍ଜିନ ଆସେମ୍ବଲି ଲାଇନ୍ ଆରମ୍ଭ କରିଥିଲା। ପୂର୍ବ ଭାରତରେ କମ୍ପାନୀ ଉଲ୍ଲେଖନୀୟ ମାଇଲଖଣ୍ଟ ହାସଲ କରିଛି। ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଉତ୍ତର ପୂର୍ବ ଭାରତରେ କମ୍ପାନୀ ୮ନିୟୁତ ଗାଡ଼ି ବିକ୍ରି କରିଛି। ଏହି ମାସରେ କମ୍ପାନୀ ଉତ୍ତରପ୍ରଦେଶର ଅଯୋଧ୍ୟା, ମହାରାଷ୍ଟ୍ରର ଠାଣେ ଓ ନୂଆଦିଲ୍ଲୀଠାରେ ବିଗ୍ ୱିଙ୍ଗ ଡିଲରଶିପ୍ ଖୋଲିଥିଲାବେଳେ ଉତ୍ତରପ୍ରଦେଶର ଦେଓରିଆରେ ରେଡ୍ ୱିଙ୍ଗ ଡିଲର୍‌ଶିପ୍‌ର ଶୁଭାରମ୍ଭ କରିଛି।

ସଡ଼କ ସୁରକ୍ଷା ପାଇଁ ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ମହାରାଷ୍ଟ୍ରର ପୁଣେ, କେରଳର କୋଚି, ପଞ୍ଜାବର ପଟିଆଲା, ଝାଡ଼ଖଣ୍ଡର ରାଞ୍ଚି, ମହାରାଷ୍ଟ୍ରର ରତ୍ନଗିରି, ମଧ୍ୟପ୍ରଦେଶର ଗ୍ୱାଲିୟର, ତାମିଲନାଡୁର ହୋସୁର, ଉତ୍ତରପ୍ରଦେଶର ନୋଏଡା, ଆନ୍ଧ୍ରପ୍ରଦେଶର ବିଜୟୱାଡା ଓ ନୂଆଦିଲ୍ଲୀଠାରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ହାଇଦ୍ରାବାଦ ଟ୍ରାଫିକ୍ ଟ୍ରେନିଂ ପାର୍କର ୯ମ ବାର୍ଷିକୀ ଉତ୍ସବ ପାଳନ କରାଯାଇଥିଲା।

# ଆଇଡିବିଆଇର ୪ର୍ଥ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୫।୫

ଆଇଡିବିଆଇ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟକଳାପ ସହ ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି ବ୍ୟାଙ୍କର ଲାଭ ବାର୍ଷିକ ଆଧାରରେ ୫୫% ବୃଦ୍ଧି ହୋଇ ସର୍ବକାଳୀନ ଉଚ୍ଚସ୍ତର ୫୬୩୪ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ମଧ୍ୟରେ ବ୍ୟାଙ୍କର ଲାଭ ୧୨% ବୃଦ୍ଧି ହୋଇ ୧୬୨୮କୋଟି ଟଙ୍କାରେ ରହିଛି। ଏହି ଅବଧି ମଧ୍ୟରେ ବ୍ୟାଙ୍କର ପରିଚାଳନାଗତ ଲାଭ ୯୫୯୨କୋଟି ଟଙ୍କା ରହିଥିଲାବେଳେ ବ୍ୟାଙ୍କର ଏନଆଇଏମ୍ ୪.୯୩% ଏବଂ ସୁଧ ଆୟ ବାର୍ଷିକ ଆଧାରରେ ୧୨% ବୃଦ୍ଧି ହୋଇ ୩୬୮୮କୋଟି ଟଙ୍କା ହୋଇଛି। ବ୍ୟାଙ୍କର ଜମା ମୂଲ୍ୟ ୪ର୍ଥ ତ୍ରୈମାସିକରେ ୪.୪୮%ରହିଛି, ଯାହା ଗତ ୪ର୍ଥ ତ୍ରୈମାସିକରେ ୩.୭୧% ଥିଲା। ଏହାଛଡା ସିଆର୍‌ଏଆର୍ ବାର୍ଷିକ ଆଧାରରେ ୧୮୨ ବିପିଏସ୍ ବୃଦ୍ଧି ହୋଇ ୨୨.୨୬% ରହିଛି। ରିଟର୍ନ ଅନ୍ ଆସେଟ୍ସ (ଆର୍‌ଓଏ) ୪ର୍ଥ ତ୍ରୈମାସିକରେ ୧.୮୨% ବୃଦ୍ଧି ହୋଇ ୩୯ ବିପିଏସ୍ ରହିଛି। ଯାହା ଏହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୧.୪୩% ଥିଲା। ଏଥିସହିତ ରିଟର୍ନ ଅନ୍ ଇକ୍ୱିଟି (ଆର୍‌ଓଇ) ବାର୍ଷିକ ଆଧାରରେ ୩୩୫ ବିପିଏସ୍ ବୃଦ୍ଧି ହୋଇ ୧୯.୫୦% ରହିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ନେଟ୍ ଏନ୍‌ପିଏ ୨୦୨୩ ମାର୍ଚ୍ଚ ୩୧ରେ ୦.୯୨%ରୁ ହ୍ରାସ ହୋଇ ୦.୩୪% ରହିଛି। ଗ୍ରସ୍ ଏନ୍‌ପିଏ ୨୦୨୩ ମାର୍ଚ୍ଚ ୩୧ସୁଦ୍ଧା ଶେଷ ହୋଇଥିବା ଆର୍ଥିକ ବର୍ଷର ୬.୩୮%ରୁ ହ୍ରାସ ହୋଇ ୨୦୨୪ଆର୍ଥିକ ବର୍ଷରେ ୪.୫୩% ରହିଛି। ପିସିଆର୍ ମଧ୍ୟ ୨୦୨୩ ଆର୍ଥିକ ବର୍ଷର ୯୭.୯୪% ତୁଳନାରେ ବୃଦ୍ଧି ହୋଇ ୯୯.୦୯% ରହିଛି।

# ଉଚ୍ଚତର ଶିକ୍ଷା,ଗବେଷଣାକୁ ୟୁଜିସିର ପ୍ରାଧାନ୍ୟ



ଭୁବନେଶ୍ୱର,୫।୫

ରାଜ୍ୟରେ ଉଚ୍ଚତର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ହାସଲ ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପ୍ରାଧାନ୍ୟ ଦେଉଛି, ଏଥିପାଇଁ ପର୍ଯ୍ୟାପ୍ତ ଆର୍ଥିକ ଅନୁଦାନ ବ୍ୟବସ୍ଥା ମଧ୍ୟ ରହିଛି। ଶିକ୍ଷାନୁଷ୍ଠାନଗୁଡିକ ଏହି ସୁଯୋଗର ସଦୁପଯୋଗ କରିବାକୁ ୟୁଜିସିର ନବ ନିଯୁକ୍ତ ସଦସ୍ୟ ତଥା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ.ସଚ୍ଚିଦାନନ୍ଦ ମହାନ୍ତି କହିଛନ୍ତି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଦିନିକିଆ କର୍ମଶାଳାରେ ଯୋଗ ଦେଇ ପ୍ରଫେସର ମହାନ୍ତି କହିଥିଲେ ଆମ ସାମ୍ବିଧାନିକ ବ୍ୟବସ୍ଥାରେ ଶିକ୍ଷାକୁ ଯୁଗ୍ମ ତାଲିକାଭୁକ୍ତ କରାଯାଇଛି,ଯେଉଁଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆବଶ୍ୟକତା ଅନୁଯାୟୀ ଶିକ୍ଷା ବିକାଶ ଓ ସଂସ୍କାର ନିମନ୍ତେ ନୀତି ନିୟାମକ ପ୍ରଣୟନ କରିପାରିବେ। ଏହି ଅବସରରେ କର୍ମଶାଳାର ମୁଖ୍ୟ ପୁରୋଧା ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପ୍ରଫେସର ମହାନ୍ତିଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ପ୍ରଫେସର ମହାନ୍ତି ତାଙ୍କ ମାଆ ତଥା ବିଶିଷ୍ଟ ଓଡ଼ିଆ ନାରୀ କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ଜୀବନୀ ସଂକଳିତ ଏକ ପୁସ୍ତକ ଡ.ରଥଙ୍କୁ ପ୍ରଦାନ କରିଥିଲେ। ଅପରପକ୍ଷରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ.ପ୍ରକାଶ କୁମାର ହୋତା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଡ୍ରିମ୍‌ସ ମେଡିକାଲ କଲେଜର 'ଡିନ୍' ପ୍ରଫେସର ଡ. ବିରଞ୍ଚି ନାରାୟଣ ମହାପାତ୍ର, ଉପଦେଷ୍ଟା ପ୍ରଫେସର ସୁଶାନ୍ତ ଦାସ, ଭୁବନେଶ୍ୱରସ୍ଥିତ ରାଷ୍ଟ୍ରୀୟ ବୈଷୟିକ ଶିକ୍ଷକ ପ୍ରଶିକ୍ଷଣ ଓ ଅନୁସନ୍ଧାନ କେନ୍ଦ୍ରର ପରାମର୍ଶଦାତା ଉତ୍କଳ ରଞ୍ଜନ ଦାସ, ଶିକ୍ଷାବିତ୍ ସ୍ମିତା ପଟ୍ଟନାୟକ, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, କ୍ରୀଡା ନିର୍ଦ୍ଦେଶକ ନବ କିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ସଚିବ ସୁଧାଂଶୁ ଭୂଷଣ କରଙ୍କ ସମେତ ବିଭିନ୍ନ ବିଭାଗର 'ଡିନ୍',ଅଧ୍ୟାପକ, ଅଧ୍ୟାପିକା, ଅଧିକାରୀ ଓ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।


## CLASSIFIED DISPLAY

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SHUBHRA RANJAN
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
Comprehensive Coverage
Conceptual Clarity
Weekly Answer Writing
Doubt Session
800+ Hours Classes
Mentorship
MODULAR COURSES
Test Series
Current Affairs
CSAT
ESSAY
Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

ଆଡ୍‌ୱାର୍ଲ୍ଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁଡ୍ଡାଳି ଓମେଡ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-୬୭, ସେକ୍ଟର ୫, ନୋଏଡ଼ା
9810432170
7606841840

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମବାର୍ଷିକୀର ଶୁଭକାମନା**

ବର୍ଷା ପ୍ରିୟଦର୍ଶିନୀ
ଜନ୍ମ- ୬.୫.୨୦୧୪
ବଉଲାଙ୍ଗ, କୁଜଙ୍ଗ
ଜଗତସିଂହପୁର
ଜଗତକଲ୍ୟାଣମୟୀ ମା'ମଙ୍ଗଳାଙ୍କ ଆଶିର୍ବାଦ ନେଇ ଆଜି ତୁ ଦଶବର୍ଷରେ ପଦାର୍ପଣ କରିଛୁ। ଆଗାମୀର ଚଲାପଥ ତୋର କୁସୁମିତ, ସୁରଭିତ ଓ ଚନ୍ଦନ ଚର୍ଚ୍ଚିତ ହେଉ ଦେବୀଙ୍କ ପାଦ ତଳେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ଓ ଆଶୀର୍ବଚନ ସହ
ସଂଜୟ-ପ୍ରିୟଙ୍କା, ଦେବ-ଲିପିକା, ଦୀପିକା
ଜେଜେମା-ଜେଜେବାବା ଓ ପରିବାରର
ସମସ୍ତ ସଦସ୍ୟଙ୍କ ସହ ଅଂଶୁ, ଦିବ୍ୟାଂଶୁ
ଧ-୨୨୮

# Classified Everyday
0674-2580101, 2549949


REAL ESTATE
SALE

2/3 BHK premium completed flat sale Patia Mainroad side - 9776866520. D-75953

**Duplex sale at Bhubaneswar @ 57 Lakhs only. Contact: 9777433701.** D-75954

**Plot for sale near Trisulia, CISF Campus CDA, RERA approved (RP/07/2023/01069), (www.rera.odisha.gov.in). Contact- 7008513309.** D-192

ଭୁବନେଶ୍ୱରରେ ସବୁଠୁ ଶସ୍ତାରେ ଘରବାଡ଼ି ପ୍ଲଟ୍ କିଣନ୍ତୁ। Sqft.- 1850/-, 950/-, 650/-. 9938016295. D-75952

**Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call- 9437631769.** D-093

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ **30ft.** ରୋଡ୍, ଘରବାଡ଼ି **boundary** ଇଲେକ୍ଟ୍ରିସିଟି ସୁବିଧା ଥାଇ **Govt. Road**କୁ ଲାଗି **SC** ପ୍ଲଟ୍ ବିକ୍ରିହେବ। **9777617151, 9090142564.** D-75951

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




Shoproom (10'x10') 2Nos. near Bijupatnaik College, mainroad, Jayadev Vihar, Bhubaneswar. Contact- 70 08296802. D-219

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Kerala body Massage best Therapist, Bhubaneswar. 9337672475. D-210

Monalisa massage Club:All types Body massage with hiprofile smart lady rooms service available. 9708545108. D-226

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**
୧୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ପ୍ରମୋଦ କୁମାର କର
ଆବିର୍ଭାବ - ୦୩.୦୨.୧୯୫୪
ତିରୋଧାନ - ୧୯.୦୪.୨୦୧୨
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୫୫୩୩

# ଭିଟାମିନ୍ 'ଡି' କମାଏ ହୃଦ୍‌ଘାତ ଆଶଙ୍କା

ଭିଟାମିନ୍ 'ଡି' ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ଅନାବଶ୍ୟକ। ତେବେ ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ବିଶେଷଭାବରେ ହୃଦ୍‌ଜନିତ ସମସ୍ୟା ଆଶଙ୍କାରୁ ଏହା କେତେକାଂଶରେ ରକ୍ଷା କରିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। 'ଭିଟାମିନ୍-ଡି ଏବଂ ହୃଦ୍‌ଘାତ' ବିଷୟକୁ ନେଇ ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ କରିଥିବା ଗବେଷଣାରୁ ଏକଥା ଜଣାପଡ଼ିଛି। ଜଣେ ବ୍ୟକ୍ତିଙ୍କ ଶରୀରରେ ଏହାର ପରିମାଣ ଆବଶ୍ୟକତା ଠାରୁ ଅଧିକ କମିଲେ ହୃଦ୍‌ଘାତ ଆଶଙ୍କା ରହିଛି। ତା' ସହ ରକ୍ତଚାପରେ ଅସନ୍ତୁଳନ ଦେଖାଦେଇପାରେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଭଳି ଭିଟାମିନ୍ ମାତ୍ରା କମ୍ ହେଲେ ସ୍ନାୟୁଗୁଡ଼ିକ ଦୁର୍ବଳ ହୋଇପଡ଼େ ଓ ବ୍ୟକ୍ତିଟି କେତେକ ରୋଗରେ ଆକ୍ରାନ୍ତ ହେବାର ମଧ୍ୟ ଆଶଙ୍କା ରହିଛି। ତେଣୁ ଶରୀରରେ ଭିଟାମିନ୍ 'ଡି'



ପରିମାଣ ସନ୍ତୁଳିତ ରଖିବା ଲାଗି ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଯଥା- କଦଳୀ, କମଳା, ଆଳମଣ୍ଡ, ଛତୁ, ଅଣ୍ଡା କେଶର ଖାଇବା ସହ କ୍ଷୀର, ଜୁସ୍ ପିଇବା ନିହାତି ଆବଶ୍ୟକ।

# ସନ୍ତୁଳିତ ଡାଇବେଟିସ୍ ଅନ୍ତରାଳେ...

ଆଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ଏହା ଯଦି ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟିଶକ୍ତି ଉପରେ ପଡ଼ିଥାଏ। ଏଭଳି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବା ପରେ ତାହାର ଉପଯୁକ୍ତ ଚିକିତ୍ସା ସହ କେତୋଟି ଦିଗ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡ଼ିଥାଏ। ବିଶେଷଭାବରେ ଜଣେ ବ୍ୟକ୍ତିର ଜୀବନଶୈଳୀର ଡାଇବେଟିସ୍ ସହ ସଂଯୋଗ ରହିଛି। ଯଦି ଏହା ଅସନ୍ତୁଳିତ ରହେ ତେବେ ଏଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏଥିପ୍ରତି ସତର୍କ ରହିବା ସହ ଖାଦ୍ୟପେୟ ପ୍ରତି ନଜର ଦେବା ମଧ୍ୟ ଜରୁରୀ। ତେଣୁ ସବୁବେଳେ ଏକ ରୁଟିନ୍ ଲାଇଫ୍ ଅନୁସରଣ



କରନ୍ତୁ। ଯେତେ ବ୍ୟସ୍ତ ରହିଲେ ମଧ୍ୟ ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ। ଟେନ୍‌ସନ୍ ଏବଂ ଅବସାଦଠାରୁ ନିଜକୁ ଦୂରେଇ ରଖନ୍ତୁ। ଡାଇବେଟିସ୍ ସମସ୍ୟା ଥିଲେ ନିୟମିତ ଔଷଧ ଖାଇବା ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

# ରୋଗ ପ୍ରତିରୋଧକ କ୍ଷମତା ଓ ଆଣ୍ଟିବାୟୋଟିକ



ଡା. ଆଶିଷ ବାନାର୍ଜୀ

"ବର୍ତ୍ତମାନ କଳକାରଖାନା, ଯାନବାହନର ଧୂଆଁ, ରାସାୟନିକ ଦ୍ରବ୍ୟ ପାଣି, ପବନ ମାଟିରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ମିଶୁଛି। ଅନ୍ୟପକ୍ଷରେ ପ୍ରକୃତିରେ ବିଘଟନ ହେଉ ନ ଥିବା ଦ୍ରବ୍ୟ ପ୍ଲାଷ୍ଟିକ, ଗ୍ୟାସ୍, ବିଷାକ୍ତ ପଦାର୍ଥ, ଇଲେକ୍ଟ୍ରୋନିକ ଜିନିଷର ବିଷାକ୍ତ ବିକିରଣ ଏବଂ ଶବ୍ଦ ପ୍ରଦୂଷଣ ଦ୍ୱାରା ଏହାର କୁପ୍ରଭାବ ଜୀବଜଗତ ଉପରେ ପଡୁଛି। ଏହାଦ୍ୱାରା ପ୍ରାଣୀଜଗତ ମୃତ୍ୟୁ ଆଡକୁ ଗତି କରୁଛି।"





ବ୍ୟାଧି ବା ରୋଗ ପ୍ରତିରୋଧକ କ୍ଷମତା ଏକ ଶକ୍ତି, ଯାହାକି ପ୍ରତ୍ୟେକ ପ୍ରାଣୀ, ପ୍ରକୃତି, ମାଆଠାରୁ ଓ ବଂଶରୁ ପ୍ରାପ୍ତ କରିଥାଏ। ଏହା ଯେତେବେଳେ ପ୍ରକୃତି ସହ ମିଶେ ସେତେବେଳେ ବଢ଼େ। ଯଦି ଏହା ଜୀବାଣୁ, ଭୂତାଣୁ ପ୍ରତିରୋଧ କରିବାରେ ଅକ୍ଷମ ହୁଏ, ତେବେ ଶରୀର ରୋଗଗ୍ରସ୍ତ ହୋଇପଡ଼େ। ସେହି ସମୟରେ ଆଣ୍ଟିବାୟୋଟିକର ଆବଶ୍ୟକତା ପଡ଼େ। ଏହି କୃତ୍ରିମ ଆଣ୍ଟିବାୟୋଟିକ ମାତ୍ରାଧିକ ବ୍ୟବହାର କରିବା ଦ୍ୱାରା ଶରୀରର ବ୍ୟାଧି ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇ କୋଷଗୁଡିକ ରୁଗ୍ଣ ହୋଇପଡେ। ଫଳରେ ଶରୀର ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାଏ।

ଶିଶୁ ଜନ୍ମ ହେବା ପରେ ମାଆ ବକ୍ଷରୁ ନିସୃତ କଷ କ୍ଷୀର (କୋଲେଷ୍ଟ୍ରମ)କୁ ପାନ କରେ। ଏହା ହେଉଛି ପ୍ରକୃତିଦତ୍ତ ଆଣ୍ଟିବାୟୋଟିକ, ଯାହା ଶିଶୁକୁ ଜୀବାଣୁ, ଭୂତାଣୁରୁ ରକ୍ଷାକରି ବ୍ୟାଧି ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏହାପରେ ପ୍ରତ୍ୟହ ସକାଳ କଅଁଳ ସୂର୍ଯ୍ୟକିରଣରେ ପିଲାକୁ ଖୁଆଇବା, ବାହ୍ୟ ବାତାବରଣରେ ନେଇ ବସିବା, ବୁଲିବା, ପିଲା ବଡ଼ ହୋଇ ଚାଲିଲେ, ଖେଳିଲେ, ଦୌଡ଼ିଲେ ବାହ୍ୟ ପରିବେଶରେ ବେଶି ସମୟ ବିତାଇଲେ ତାହାର ରୋଗ ପ୍ରତିରୋଧକ ଶକ୍ତି ସ୍ୱତଃପ୍ରବୃତ୍ତ ଭାବେ ବଢ଼େ। ସେହିପରି ପଶୁପକ୍ଷୀମାନେ ମଧ୍ୟ ବାହ୍ୟ ପରିବେଶରେ ବୁଲିଲେ ନିଜର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ପ୍ରକୃତି ଉପଲବ୍ଧ ଜ୍ଞାନରୁ ଗଛ, ପତ୍ର ଓ ଫଳ ଖାଇ ବିଭିନ୍ନ ରୋଗରୁ ରକ୍ଷା ପାଇଥାଆନ୍ତି। ତେଣୁ ପ୍ରାଣୀଜଗତ ତିଷ୍ଠିବା ପାଇଁ ବାହ୍ୟ ବାତାବରଣ ସ୍ୱଚ୍ଛ ନିର୍ମଳ ହେବା ଉଚିତ।

ବର୍ଣ୍ଣ ଭେଦରେ କଳା ଲୋକଙ୍କର ଗୋରା ଲୋକଙ୍କ ଅପେକ୍ଷା ଏବଂ ସହରୀ ଶିଶୁ ଅପେକ୍ଷା ଗ୍ରାମ୍ୟ ପରିବେଶରେ ବଢୁଥିବା ଶିଶୁଙ୍କର ବ୍ୟାଧି ପ୍ରତିରୋଧକ କ୍ଷମତା ଅଧିକ ଥାଏ। ସେହିପରି ଜାତିଗତ ବ୍ୟାଧି ପ୍ରତିରୋଧକ କ୍ଷମତା ଥିବା କୁକୁର, ଛେଳି, ମୂଷା ଏବଂ ଗାଈମାନଙ୍କଠାରେ ଯକ୍ଷ୍ମାରୋଗ ପ୍ରତିରୋଧକ ଶକ୍ତି ରହିଛି। ଆଫ୍ରିକାରେ ବସବାସ କରୁଥିବା ନିଗ୍ରୋମାନଙ୍କର ପିତ୍ତ ଜ୍ୱର ହୋଇ ନ ଥାଏ। ଆଉ ଏକ କଥା-ଆଫ୍ରିକା ଛେଳିରେ ଆନ୍ଥ୍ରାକ୍ସ ରୋଗ ପ୍ରତିରୋଧକ ଶକ୍ତି ଥାଏ। ମସୁରିକା, ପ୍ଲେଗ୍ ରୋଗ ଥରେ ହେଲେ ଏହା ବ୍ୟାଧି ପ୍ରତିରୋଧକ ଶକ୍ତି ଶରୀରରେ ସ୍ୱତଃପ୍ରବୃତ୍ତ ଭାବେ ଉତ୍ପନ ହୋଇଥାଏ। ଶାକାହାରୀମାନଙ୍କର ମାଂସାହାରୀମାନଙ୍କ ଅପେକ୍ଷା ଅଧିକ ରୋଗ ପ୍ରତିରୋଧକ ଶକ୍ତି ଥାଏ। ତେଣୁ ପ୍ରକୃତି ପରିବେଶ ସହ ଯେଉଁମାନେ ଓତପ୍ରୋତ ଭାବରେ ଜଡ଼ିତ ଓ ବିଭିନ୍ନ ଋତୁ ଅନୁଯାୟୀ ଖାପ ଖୁଆଇ ଚାଲିଥାଆନ୍ତି। ସେମାନଙ୍କର ବ୍ୟାଧି ପ୍ରତିରୋଧକ ଶକ୍ତି ଅନ୍ୟମାନଙ୍କଠାରୁ ଅଧିକ ଥିବାରୁ ପରିବେଶ ପ୍ରଭାବରେ ଜୀବାଣୁ ଭୂତାଣୁଙ୍କଠାରୁ ନିଜକୁ ରକ୍ଷା କରିଥାଆନ୍ତି। ଏହାଦ୍ୱାରା ଶରୀରରେ ଆଣ୍ଟିବଡି ସୃଷ୍ଟି ହେବା ଦ୍ୱାରା ରୋଗ ହୋଇ ନ ଥାଏ। ଯଦି କେତେବେଳେ କେମିତି ଶରୀର ଅସୁସ୍ଥ ହୁଏ,ତେବେ ସାମାନ୍ୟ ଟୁଟୁକା ଚିକିତ୍ସା ଦ୍ୱାରା ଭଲ ହୋଇଯାଆନ୍ତି। ପଶୁପକ୍ଷୀମାନେ ମଧ୍ୟ ପ୍ରତିକୂଳ ପରିସ୍ଥିତିରେ କିପରି ଶରୀରକୁ ରୋଗରୁ ରକ୍ଷା କରିବେ ସେଥିନିମନ୍ତେ ପ୍ରକୃତିରୁ ଜ୍ଞାନ ଆହୋରଣ କରିଥାଆନ୍ତି।

ଯେଉଁ ବ୍ୟକ୍ତିମାନେ ପିଲାଦିନରୁ ବାହ୍ୟ ପରିବେଶରେ ଖେଳ କସରତ କରି ପ୍ରାକୃତିକ ଔଷଧ ଗ୍ରହଣ କରି ସୁସ୍ଥ ଥାଆନ୍ତି, ସେମାନଙ୍କୁ ସହଜରେ ରୋଗ ଆକ୍ରମଣ କରେ ନାହିଁ। ଯଦି କରେ ତେବେ ସ୍ୱଳ୍ପ ଔଷଧରେ ଅଳ୍ପ ଦିନରେ ସୁସ୍ଥ ହୋଇଯାନ୍ତି।

ବର୍ତ୍ତମାନ କଳକାରଖାନା, ଯାନବାହନର ଧୂଆଁ, ରାସାୟନିକ ଦ୍ରବ୍ୟ ପାଣି, ପବନ, ମାଟିରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ମିଶୁଛି। ଅନ୍ୟପକ୍ଷରେ ପ୍ରକୃତିରେ ବିଘଟନ ହେଉ ନ ଥିବା ଦ୍ରବ୍ୟ ପ୍ଲାଷ୍ଟିକ, ଗ୍ୟାସ୍, ବିଷାକ୍ତ ପଦାର୍ଥ, ଇଲୋକ୍ଟ୍ରନିକ ଜିନିଷର ବିଷାକ୍ତ ବିକିରଣ ଏବଂ ଶବ୍ଦ ପ୍ରଦୂଷଣ ଦ୍ୱାରା ଏହାର କୁପ୍ରଭାବ ଜୀବଜଗତ ଉପରେ ପଡୁଛି। ଏହାଦ୍ୱାରା ପ୍ରାଣୀଜଗତ ମୃତ୍ୟୁ ଆଡକୁ ଗତି କରୁଛି।

ସେହିପରି ଖାଦ୍ୟପଦାର୍ଥ, ପନିପରିବା, ଫଳ ଇତ୍ୟାଦିରେ ମାତ୍ରାଧିକ ରାସାୟନିକ ସାର ଓ ବିଷର ପ୍ରୟୋଗ, ସଂରକ୍ଷଣ ପାଇଁ ମଧ୍ୟ ରାସାୟନିକ ପ୍ରୟୋଗ କରାଯାଉଛି। ଏହାକୁ ଖାଇ ଜୀବଜଗତର ବ୍ୟାଧି ପ୍ରତିରୋଧକ ଶକ୍ତି କମିଯାଉଛି। ଫଳରେ ସେମାନେ ରୁଗ୍ଣ ହୋଇ କେତେକ ମୃତ୍ୟୁ ମୁଖରେ ପଡୁଛନ୍ତି। ରୋଗରୁ ଉପଶମ ପାଇବା ଲାଗି ପ୍ରଚୁର ପରିମାଣରେ ଆଣ୍ଟିବାଓଟିକ୍ସ ଖାଇବା ଦ୍ୱାରା ଶରୀରର 'ଆଣ୍ଟିବାୟୋଟିକ ରେଜିଷ୍ଟାନ୍ସ' କମିଯାଉଛି। ଏହାଦ୍ୱାରା କେତେକ ସମୟରେ ଆଣ୍ଟିବାୟୋଟିକ୍ କାମ କରୁନାହିଁ। ସେଥିଯୋଗୁ ରୋଗୀର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇପଡୁଛି।

ପ୍ରକୃତି ବଞ୍ଚିଲେ ଜୀବଜଗତ ତିଷ୍ଠି ରହିବ। ଏଥିପାଇଁ ବିଶ୍ୱରେ ବନୀକରଣ ଉପରେ ଗୁରୁତ୍ୱ ଦେବା। ଜଳବାୟୁ ପରିବର୍ତ୍ତନ ଉପରେ ତୀକ୍ଷ୍ଣ ଦୃଷ୍ଟି ଦେବା। ଆଣ୍ଟିବାୟୋଟିକ ଔଷଧ ଯେତେ ସମ୍ଭବ କମ୍ ଖାଇବା। ପ୍ରତିଦିନ ବ୍ୟାୟାମ, ଯୋଗ, ପ୍ରାଣାୟାମ ଉପରେ ଗୁରୁତ୍ୱ ଦେବା। ଏହାର ବିକଳ୍ପ ଭାବରେ ଆୟୁର୍ବେଦିକ ଔଷଧକୁ ଆପଣେଇ ପାରନ୍ତି। ପ୍ରତି ପଞ୍ଚାୟତରେ ବନୌଷଧି ଉଦ୍ୟାନ କରି ଏହାର ଉପାଦେୟତା ଉପରେ ପ୍ରଚାର ପ୍ରସାର କଲେ ଜଣେ ସୁସ୍ଥ ତଥା ଦୀର୍ଘଜୀବୀ ହୋଇପାରିବ।

-ଆନନ୍ଦ ବଜାର, ବେତନଟୀ,ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫

# ବିଳମ୍ବରେ ଉଠୁଥିଲେ...



ପ୍ରତିଦିନ ଭୋରରୁ ଉଠିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ହେଲେ ଏପରି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ରାତିରେ ଡେରିରେ ଶୋଇଥାନ୍ତି ଓ ସକାଳୁ ବହୁ ବିଳମ୍ବରେ ଉଠିଥାନ୍ତି। 'ବିଳମ୍ବରେ ଉଠିବା ଅଭ୍ୟାସ ଏବଂ ଏହାର ଶରୀର ଉପରେ ପ୍ରଭାବ' ଶୀର୍ଷକ ବିଷୟକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ନିକଟରେ ଏ ନେଇ ଏକ ଗବେଷଣା କରିଥିଲେ। ଏଥିରୁ ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ ଏଭଳି ଅଭ୍ୟାସର ନକାରାତ୍ମକ ପ୍ରଭାବ ସେମାନଙ୍କ ମସ୍ତିଷ୍କ ଉପରେ ପଡିଥାଏ। ଏହି ଗବେଷଣା ପରିସରଭୁକ୍ତ କେତେକ ବ୍ୟକ୍ତିଙ୍କ ଜୀବନଶୈଳୀକୁ ଅନୁଧ୍ୟାନ କରି ସେମାନେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ବିଳମ୍ବରେ ଉଠିବା ଏକ ଧାରାରେ ପରିଣତ ହୋଇଗଲେ ଏହାଦ୍ୱାରା ମସ୍ତିଷ୍କରେ 'ଆମ୍‌ଲଏଡ୍' ନାମକ ଏକ ପ୍ରୋଟିନ୍‌ର ମାତ୍ରା ବୃଦ୍ଧିପାଇଥାଏ। ଭବିଷ୍ୟତରେ ଏହା ଆଲଜିମର୍ସ ପରି ସମସ୍ୟାର କାରଣ ସାଜିପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। କେବଳ ସେତିକି ନୁହେଁ, ଏହାଦ୍ୱାରା ସ୍ମରଣଶକ୍ତି ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏଭଳି ଅଭ୍ୟାସକୁ ଯେତେ ସମ୍ଭବ ପରିବର୍ତ୍ତନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ମେଦବହୁଳତା କମାଏ କଲରା

ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ତେବେ ଏହା ସନ୍ତୁଳିତ ନ ରହିଲେ ତାହା ପରୋକ୍ଷରେ ଆଉ କେତେକ ରୋଗର କାରଣ ସାଜିଥାଏ। ମେଦବହୁଳତାକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରଥମେ ନିଜର ଖାଦ୍ୟପେୟ ପ୍ରତି ସର୍ତକତା ଅବଲମ୍ବନ କରନ୍ତୁ। ଏହାବ୍ୟତୀତ ନିଜର ଦୈନନ୍ଦିନ ରୁଟିନ୍‌ରେ ବ୍ୟାୟାମ, ଯୋଗ, ପ୍ରାଣାୟାମ ସାମିଲ କରନ୍ତୁ। ଏହି ତାଲିକାରେ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଆଉ ଏକ କଥା ଯୋଡ଼ିଛନ୍ତି। ତାହା କ'ଣ ଜାଣନ୍ତି? କଲରା। ଅର୍ଥାତ୍, ନିୟମିତ କଲରା ଖାଉଥିଲେ ତାହା କେତେକାଂଶରେ ଓଜନକୁ ସନ୍ତୁଳିତ ରଖିବାରେ ସାହାଯ୍ୟ



କରିଥାଏ ବୋଲି ସେମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏଥିରେ ଭିଟାମିନ୍ 'ଏ', 'ସି' ଭରି ରହିଛି। ଜଣେ ଡାଇବେଟିସ୍ ରୋଗୀ ଏହାକୁ ପ୍ରତିଦିନ ଖାଇବା ଦରକାର। ରୋଗ ପ୍ରତିରୋଧକ ଶକ୍ତିକୁ ଏହା କେତେକାଂଶରେ ବୃଦ୍ଧି କରିଥାଏ। ରକ୍ତଚାପକୁ ସନ୍ତୁଳିତ ରଖେ। କଲରା ଆଲର୍ଜି ସମସ୍ୟା ଠାରୁ ମଧ୍ୟ ଦୂରେଇ ରଖିଥାଏ।



# ଫ୍ୟାଟ୍ ଜାତୀୟ ଖାଦ୍ୟ ଅଧିକ ଖାଉଥିଲେ...

ଅଧିକ ମସଲା ଏବଂ ଫ୍ୟାଟ୍‌ଜାତୀୟ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଏଭଳି ଖାଦ୍ୟ ଆବଶ୍ୟକତାଠାରୁ ଅଧିକ ଖାଉଛନ୍ତି କି? ଯଦି ହଁ, ତେବେ ତାହା ବ୍ରେନ୍ ଷ୍ଟ୍ରୋକ୍‌ର କାରଣ ସାଜିପାରେ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କ ଖାଦ୍ୟପେୟକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରିବା ପରେ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକଥା ଜାଣିପାରିଛନ୍ତି। ଏଭଳି ଖାଦ୍ୟ ଶରୀରରେ ଚର୍ବି ପରିମାଣ ବଢ଼ାଇ ଦେଇଥାଏ। ତେଣୁ ଭବିଷ୍ୟତରେ କେବଳ ଷ୍ଟ୍ରୋକ୍ ନୁହେଁ, ହୃଦ୍‌ଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ସବୁଜ ପନିପରିବା, କ୍ଷୀର, ମାଛ, ସୋୟାବିନ୍ ଆଦି ଖାଇବା ଦ୍ୱାରା ଷ୍ଟ୍ରୋକ୍ ଆଶଙ୍କା ଅନେକାଂଶରେ କମିଯାଇଥାଏ ବୋଲି ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସ୍ୱାସ୍ଥ୍ୟ ସୂଚନା

➤ପ୍ରତିଦିନ ଜଳଖିଆରେ ଗଜାମୁଗ ଏବଂ ସାଲାଡ୍ ସାମିଲ୍ କରନ୍ତୁ। ଏଥିରୁ ଶରୀରକୁ ଅନେକାଂଶରେ ଶକ୍ତି ମିଳିଥାଏ। ତା'ସହ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ।



➤ବେଳେବେଳେ ଶରୀରରେ ହରମୋନ୍ ଅସନ୍ତୁଳିତ ଅବସ୍ଥାରେ ରହିବା ଦ୍ୱାରା ଆମର ମୋଟାପଣ ବଢ଼ିଯାଏ। ଦହି ଖାଇଲେ ଏହା ଅନେକାଂଶରେ ସନ୍ତୁଳିତ ରହିଥାଏ। ତା' ସହ ଏହା କୋଲେଷ୍ଟରଲ୍‌କୁ ସନ୍ତୁଳିତ ରଖିବା ସହ ହାର୍ଟକୁ ମଧ୍ୟ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

➤ଛୋଟ ଛୋଟ କଥାକୁ ନେଇ ଚିନ୍ତା ପ୍ରକଟ କଲେ ତାହା ଅଯଥା ଟେନସନକୁ ଡାକି ଆଣିଥାଏ। ତେଣୁ ନିଜକୁ ଏଭଳି ସମସ୍ୟାଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ।

➤ଶୋଇବା ପୂର୍ବରୁ ମୁହଁକୁ ଭଲ ଭାବେ ଧୁଅନ୍ତୁ। ତା'ସହ ଭଲ ଭାବରେ ଗୋଡ , ହାତ ମଧ୍ୟ ଧୋଇ ହୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

➤ତରବର ହୋଇ ଖାଇବା କେତେକଙ୍କର ଅଭ୍ୟାସ। ସବୁବେଳେ ତରବର ନ ହୋଇ ଧୀରେ ଧୀରେ ଚୋବାଇ ଖାଆନ୍ତୁ। ଏହାଦ୍ୱାରା ଖାଦ୍ୟ ଭଲ ହଜମ ସହଜ ହୁଏ।

➤ସଜନା ଶାଗ ପ୍ରତିଦିନ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭପ୍ରଦ। ଏହା ରକ୍ତଚାପ ବା ବ୍ଲଡପ୍ରେସରକୁ ସନ୍ତୁଳିତ ରଖିଥାଏ। ତା' ସହ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ ମଧ୍ୟ ବୃଦ୍ଧି ପାଇଥାଏ।

# ଜାଣି ରଖନ୍ତୁ



►ଠିକ୍ ଖାଇବା ପୂର୍ବରୁ ଆଦୌ ଅଧିକ ପରିମାଣର ପାଣି ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। କେତେକ ବ୍ୟକ୍ତି ଖାଇବା ପରେ ପରେ କୋଲ୍ଡ ଡ୍ରିଙ୍କ୍‌ସ ପିଇବା ସହ ଆଇସକ୍ରିମ ଖାଇଥାଆନ୍ତି। ଏଭଳି ଅଭ୍ୟାସ ଥିଲେ ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହା ରକ୍ତ ପ୍ରବାହରେ ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି।

►ଯଦି ଘରେ କିଛି ମେଡିସିନ୍ ରଖୁଛନ୍ତି ତେବେ ସେଗୁଡିକୁ ଯତ୍ନର ସହ ରଖନ୍ତୁ। କେଉଁ ମେଡିସିନ୍ କେଉଁ ରୋଗ ପାଇଁ ଖାଇବାକୁ ପଡ଼ିବ ସେକଥା ଭଲ ଭାବରେ ମନେ ରଖନ୍ତୁ।

►ବିଶେଷଭାବରେ ବୟସ ୫୦ ଟପିଲେ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ନିକଟରେ ରୁଟିନ୍ ଚେକଅପ କରାଇ ନିଅନ୍ତୁ।

►ଦୃଷ୍ଟି ଶକ୍ତିଜନିତ ସମସ୍ୟା ପାଇଁ ଯଦି ଚଷମା ପିନ୍ଧୁଛନ୍ତି ତେବେ ବର୍ଷକୁ ଅତିକମ୍‌ରେ ଦୁଇ ଥର ଦୃଷ୍ଟି ଶକ୍ତି ପରୀକ୍ଷା କରାଇ ନିଅନ୍ତୁ।

►କେତେକ ରୋଗର ଲକ୍ଷଣ ହଠାତ୍ ଜଣାପଡ଼ି ନ ଥାଏ। ଯଦି ଆପଣଙ୍କୁ କିଛି ଦିନ ଧରି ଅସୁସ୍ଥ ଲାଗୁଛି ତେବେ ମେଡିସିନ୍ ଷ୍ଟୋରରୁ ଔଷଧ ଆଣି ଖାଇବା ଅପେକ୍ଷା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

ଧରିତ୍ରୀ 50 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୬/୨୦୨୪ Bhubaneswar, Monday, May 6/ 2024

# କିଙ୍ଗ୍ସ ଲଢ଼େଇରେ ଚେନ୍ନାଇର ବାଜିମାତ

## ଜାଡେଜା ପ୍ଲେୟର ଅଫ୍ ଦି ମ୍ୟାଚ



**ଧର୍ମଶାଳା, ୫।୫**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ କିଙ୍ଗ୍ସ ଲଢ଼େଇରେ ବାଜି ମାରିଛି ଚେନ୍ନାଇ। ରବୀନ୍ଦ୍ର ଜାଡେଜାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଚେନ୍ନାଇ ସୁପର କିଙ୍ଗ୍ସ ୨୮ ରନରେ ପଞ୍ଜାବ କିଙ୍ଗ୍ସକୁ ହରାଇ ପ୍ଲେଅଫ୍‌ର ନିକଟତର ହୋଇଛି। ଚେନ୍ନାଇ ପକ୍ଷରୁ ଧାର୍ଯ୍ୟ ୧୬୮ ରନ ବିଜୟ ଲକ୍ଷ୍ୟର ପିଛା କରି ପଞ୍ଜାବ ୨୦ ଓଭରରେ ୯ ଉଇକେଟ ହରାଇ ୧୩୯ ରନ କରିବାକୁ ସକ୍ଷମ ହୋଇଥିଲା। ଚେନ୍ନାଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଜାଡେଜା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ବିଜୟ ଫଳରେ ଚେନ୍ନାଇର ପଏଣ୍ଟ ସଂଖ୍ୟା ୧୨ରେ ପହଞ୍ଚିଛି। ଅନ୍ୟପକ୍ଷରେ ୧୧ ମ୍ୟାଚରୁ ୭ମ ପରାଜୟ ସହ ପଞ୍ଜାବ ୮ ପଏଣ୍ଟରେ ଅପରିବର୍ତ୍ତିତ ରହିଛି। ଫଳରେ ଏହି ଦଳର ପ୍ଲେ-ଅଫ୍ ସମ୍ଭାବନା କ୍ରମେ ମଉଳିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ଯଦିଓ ଅଜିଙ୍କ୍ୟ ରାହାନେଙ୍କ ଉଇକେଟ ଶୀଘ୍ର ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା ତେବେ ଟପ୍ ଅର୍ଡରରେ ଅଧିନାୟକ ଋତୁରାଜ ଗାଏକ୍ୱାଡ୍ ଓ ଡାରିଲ ମିଚେଲ ଏବଂ ମିଡିଲ ଅର୍ଡରରେ ରବୀନ୍ଦ୍ର ଜାଡେଜାଙ୍କ ଦୃଢ଼ ବ୍ୟାଟିଂ ବଳରେ ସମ୍ମାନଜନକ ସ୍କୋର କରି ପାରିଥିଲା। ୨୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଜାଡେଜା ସର୍ବାଧିକ ୪୩ (୩ ଚୌକା, ୨ଛକା) ରନ କରିଥିବାବେଳେ ଗାଏକ୍ୱାଡ୍ ୩୨ ଓ ମିଚେଲ ୩୦ ରନର ଯୋଗଦାନ ଦେଇଥିଲେ। ମହେନ୍ଦ୍ର ସିଂ ଧୋନୀ ଏଠାରେ ଗୋଲ୍ଡେନ ଡକ୍ (୦)ରେ ଆଉଟ ହେବା ତାଙ୍କ ପ୍ରଶଂସକଙ୍କୁ ନିରାଶ କରିଥିଲା। ଶିବମ୍ ଦୁବେ ମଧ୍ୟ ଖାତା ଖୋଲିପାରି ନ ଥିଲେ। ପଞ୍ଜାବ ବୋଲରଙ୍କ ମଧ୍ୟରେ ରାହୁଲ ଚହର ଓ ହର୍ଷଲ ପଟେଲ ୩ଟି ଲେଖାଏ, ଅର୍ଶଦୀପ ସିଂ ୨ଟି ଏବଂ ସାମ୍ କୁରାନ ଗୋଟିଏ ଉଇକେଟ ନେଇଥିଲେ। ଘରୋଇ ଗ୍ରାଉଣ୍ଡରେ ରନ୍‌ଚେଜ୍ କରିବାକୁ ପଡ଼ିଥିବା ପଞ୍ଜାବକୁ ଦ୍ୱିତୀୟ ଓଭରରେ ହିଁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ ପ୍ରତିପକ୍ଷ ବୋଲର ତୁଷାର ଦେଶପାଣ୍ଡେ। ତୁଷାର ନିଜ ପ୍ରଥମ ଓଭରର ତୃତୀୟ ବଲ୍‌ରେ ଜନି ବେୟାରଷ୍ଟୋ ଓ ୬ଷ୍ଠ ବଲ୍‌ରେ ରିଲି ରୋସୋଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ଇମ୍ପାକ୍ଟ ପ୍ଲେୟର ପ୍ରଭସିମରନ ସିଂ ୩୦ ଓ ସଙ୍କଟ ମୋଚକ ଶଶାଙ୍କ ସିଂ ୨୭ ରନ କରିଥିଲେ ହେଁ ତାହା ଦଳର ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ବଡ଼ ପାର୍ଟନରଶିପ୍‌ର ଅଭାବ ଦଳପାଇଁ ମହଙ୍ଗା ପଡ଼ିଥିଲା। ୧୩ତମ ଓଭରରେ ୨ଟି ସହ ମୋଟ ୩ ଉଇକେଟ ନେଇ ଜାଡେଜା ପଞ୍ଜାବ ଦଳର ବିଜୟ ସମ୍ଭାବନାକୁ ଶେଷ କରି ଦେଇଥିଲେ। ତୁଷାର ଓ ସିମରନଜିତ ସିଂ ୨ଟି ଲେଖାଏ ଏବଂ ମିଚେଲ ସାଣ୍ଟନର ଓ ଶାର୍ଦ୍ଦୂଳ ଠାକୁର ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ୨୦ ଓଭରରେ ୧୬୭/୯ (ରବୀନ୍ଦ୍ର ଜାଡେଜା-୪୩, ଋତୁରାଜ ଗାଏକ୍ୱାଡ୍-୩୨, ଡାରିଲ ମିଚେଲ-୩୦, ରାହୁଲ ଚହର-୩/୨୩, ହର୍ଷଲ ପଟେଲ-୩/୨୪, ଅର୍ଶଦୀପ ସିଂ-୨/୪୨, ସାମ୍ କୁରାନ-୧/୩୪)।

ପଞ୍ଜାବ ୨୦ ଓଭରରେ ୧୩୯/୯ (ପ୍ରଭସିମରନ ସିଂ-୩୦, ଶଶାଙ୍କ ସିଂ-୨୭, ରବୀନ୍ଦ୍ର ଜାଡେଜା-୩/୨୦, ତୁଷାର ଦେଶପାଣ୍ଡେ-୨/୩୫, ସିମରନଜିତ ସିଂ-୨/୨/୧୬, ମିଚେଲ ସାଣ୍ଟନର-୧/୧୦, ଶାର୍ଦ୍ଦୂଳ ଠାକୁର-୧/୧୨)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ ରୟାଲ୍ସ | ୧୦ | ୮ | ୨ | ୧୬ | +୦.୬୨୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୬ | ୫ | ୧୨ | +୦.୭୦୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୬ | ୪ | ୧୨ | +୦.୦୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୬ | ୫ | ୧୨ | -୦.୩୭୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୫ | ୬ | ୧୦ | -୦.୪୪୨ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୪ | ୭ | ୮ | -୦.୦୪୯ |
| ପଞ୍ଜାବ କିଙ୍ଗ୍ସ | ୧୧ | ୪ | ୭ | ୮ | -୦.୧୮୭ |
| ଗୁଜରାଟ ଟାଇଟନ୍ସ | ୧୧ | ୪ | ୭ | ୮ | -୧.୩୨୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୩ | ୮ | ୬ | -୦.୩୫୬ |

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ମୁମ୍ବାଇ ବନାମ ହାଇଦ୍ରାବାଦ**
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଶୀର୍ଷରେ କୋଲକାତା

**ଲକ୍ଷ୍ନୌ,୫।୫:** ରବିବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ୯୮ ରନ୍‌ରେ ହରାଇ ପଏଣ୍ଟ ଟେବୁଲ ଶୀର୍ଷରେ ପହଞ୍ଚିଛି କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)। କେକେଆର ୨୦ ଓଭରରେ ୬ ଉଇକେଟ ହରାଇ ୨୩୫ ରନ୍ କରିଥିଲା। ଜବାବରେ ଲକ୍ଷ୍ନୌ ୧୬.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୩୭ ରନ୍ କରିଥିଲା। ଏକାନା ଷ୍ଟାଡିୟମରେ ଲକ୍ଷ୍ନୌ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ମାତ୍ର କେକେଆର ପକ୍ଷରୁ ଦୁଇ ଓପନର ଫିଲ୍ ସଲ୍ଟ(୩୨) ଓ ସୁନୀଲ ନାରିନ୍(୮୧) ଦୃଢ ଆରମ୍ଭ କରିଥିଲେ। ନାରିନ ୩୯ ବଲ୍ ଖେଳି ୬ ଚୌକା ଓ ୭ ଛକା ମାରିଥିଲେ। ରମଣଦୀପ ସିଂ ମାତ୍ର ୬ ବଲ୍‌ରୁ ଅପରାଜିତ ୨୫ ରନ୍ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ନବୀନ ଉଲ ହକ୍ ୩ ଉଇକେଟ ନେଇଥିଲେ। ଜବାବରେ ଲକ୍ଷ୍ନୌ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୧୩୭ ରନ୍‌ରେ ଅଲଆଉଟ ହୋଇଥିଲା। ମାର୍କସ ଷ୍ଟୋଇନିସ୍ ୩୬ ଓ ଲୋକେଶ ରାହୁଲ ୨୫ ରନ୍ କରିଥିଲେ। କେକେଆର୍ ପକ୍ଷରୁ ବରୁନ ଚକ୍ରବର୍ତ୍ତୀ ଓ ହର୍ଷିତ ରାଣା ୩ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୨୩୫/୬ (ସୁନୀଲ ନାରିନ୍-୮୧, ଫିଲିପ୍ ସଲ୍ଟ-୩୨, ଅଙ୍ଗକ୍ରିଶ ରଘୁବଂଶୀ-୩୨, ନବୀନ ଉଲ ହକ-୩/୪୯, ଯୁଧବୀର ସିଂ ଚରକ-୧/୨୪, ରବି ବିଷ୍ଣୋଇ-୧/୩୩)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୧୬.୧ ଓଭରରେ ୧୩୭/୧୦ (ମାର୍କସ୍ ଷ୍ଟୋଇନିସ-୩୬, ଲୋକେଶ ରାହୁଲ-୨୫, ବରୁନ ଚକ୍ରବର୍ତ୍ତୀ-୩/୩୦, ଆନ୍ଦ୍ରେ ରସେଲ୍-୨/୧୭, ହର୍ଷିତ ରାଣା-୩/୨୪)।

# ବଜରଙ୍ଗ ପୁନିଆ ସାମୟିକ ବାସନ୍ଦ

## ନାଡାକୁ ନମୁନା ନ ଦେବା ପ୍ରସଙ୍ଗ



**ନୂଆଦିଲ୍ଲୀ, ୫।୫(ପି.ଟି.)**

ଅଲିମ୍ପିକ୍ସ ପଦକ ବିଜେତା ଭାରତୀୟ ରେସ୍‌ଲର ବଜରଙ୍ଗ ପୁନିଆଙ୍କୁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ପକ୍ଷରୁ ସାମୟିକ ବାସନ୍ଦ କରାଯାଇଛି। ଜାତୀୟ ଟ୍ରାଏଲ୍ସ ସମୟରେ ବଜରଙ୍ଗ ନିଜ ମୂତ୍ର ନମୁନା ପ୍ରଦାନ କରି ନ ଥିଲେ। ଏହି ଘଟଣାକୁ ନେଇ ନାଡା ପକ୍ଷରୁ ସାମୟିକ ବାସନ୍ଦ କରାଯାଇଥିବା ବେଳେ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଇଛି। ତେବେ ଏହି ଘଟଣା ସମ୍ପର୍କରେ ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍ଆଇ)କୁ କୌଣସି ସୂଚନା ଦିଆ ଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ଡବ୍ଲ୍ୟୁଏଫ୍ଆଇ ୱାଡାକୁ ପତ୍ର ଲେଖିବ ବୋଲି ମଧ୍ୟ ଜଣାପଡିଛି। ଏପ୍ରିଲ୍ ୨୩ ତାରିଖରେ ବଜରଙ୍ଗଙ୍କୁ ସାମୟିକ ଭାବରେ ବାସନ୍ଦ କରାଯାଇଥିବା ବେଳେ ମେ ୭ ତାରିଖ ସୁଦ୍ଧା ସନ୍ତୋଷ ଜନକ ଉତ୍ତର ରଖିବା ପାଇଁ ନିର୍ଦ୍ଦେଶ ଦେଇଛି। ବିଶକେକରେ ଖେଳାଯିବାକୁ ଥିବା ଏସିଆନ୍ ଅଲିମ୍ପିକ୍ସ କ୍ୱାଲିଫାୟର ପାଇଁ ଭାରତୀୟ ଦଳର ଚୟନ ପାଇଁ ହରିଆଣାର ସୋନେପତରେ ମାର୍ଚ୍ଚ ୧୦ ତାରିଖରେ ଏକ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ଟ୍ରାଏଲ୍ସରେ ପରାଜିତ ହେବା ପରେ ବଜରଙ୍ଗ ନାଡା ଅଧିକାରୀଙ୍କୁ ମୂତ୍ର ନମୁନା ନ ଦେଇ ଭେନ୍ୟୁ ଛାଡି ପଳାଇଥିଲେ।

ବଜରଙ୍ଗ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖିବା ସହ ସେ ମୂତ୍ର ନମୂନା ଦେବା ପାଇଁ କଦାପି ମନା କରି ନ ଥିବା ସୋସିଆଲ୍ ମିଡିଆ 'ଏକ୍ସ'ରେ ଲେଖିଛନ୍ତି ବଜରଙ୍ଗ। ମୋ ନମୁନା ନେବା ପାଇଁ ଯେଉଁ ଏକ୍ସପାୟର କିଟ୍ ଆଣିଛ ତା ଉପରେ କଣ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପଚାରିବା ସହ ଉତ୍ତର ମିଳିଲେ ଡୋପ୍ ଟେଷ୍ଟ ଦେବେ ବୋଲି କହିଥିଲେ ବଜରଙ୍ଗ। ସେହିପରି କାରଣ ଦର୍ଶାଅ ନୋଟିସର ଉତ୍ତର ତାଙ୍କ ଓକିଲ ବିଦୂଷ ସିଂଘାନିଆ ଦେବେ ବୋଲି ବଜରଙ୍ଗ ସ୍ପଷ୍ଟ କରିଛନ୍ତି। ଯଦି ବଜରଙ୍ଗ ଉତ୍ତର ରଖିବାରେ ଅସମର୍ଥ ହୁଅନ୍ତି ତା ହେଲେ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲରେ ବିଫଳ ହେବେ। ବଜରଙ୍ଗ ଆହୁରି ମଧ୍ୟ କହିଛନ୍ତି ନାଡାର ଅଧିକାରୀ ମାନେ ଏକ୍ସପାୟର କିଟ୍ ଆଣିଥିବା ନେଇ ତାଙ୍କ ଟିମ୍‌ର ସଦସ୍ୟ ଦେଖିଥିଲେ। ପୂର୍ବତନ ଡବ୍ଲ୍ୟୁଏଫ୍ଆଇ ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ଏହା ଚକ୍ରାନ୍ତ ବୋଲି କହିଥିଲେ ବଜରଙ୍ଗ। ଯେଉଁ ମହିଳା ମାନେ ତାଙ୍କୁ ବିରୋଧ କହୁଛନ୍ତି ସେମାନଙ୍କୁ ଡରାଇବା ପାଇଁ ବ୍ରିଜଭୂଷଣ ଏଭଳି କରିଥାନ୍ତି ବୋଲି ବଜରଙ୍ଗ ଅଭିଯୋଗ କରିଛନ୍ତି।

ଡବ୍ଲ୍ୟୁଏଫ୍ଆଇ ସଭାପତି ସଞ୍ଜୟ ସିଂ ଓ ଆଡ୍ ହକ୍ କମିଟି ମୁଖ୍ୟ ଭୂପିନ୍ଦର ସିଂ ବାଜୱା ଏହି ଘଟଣା ସମ୍ପର୍କରେ ଅନ୍ଧାରରେ ଥିବା କହିଛନ୍ତି। ଏ ସମ୍ପର୍କରେ ନାଡା ଓ ୱାଡାର ଅଧିକାରୀଙ୍କୁ ଚିଠି ଲେଖିବେ ବୋଲି ସଞ୍ଜୟ ସିଂ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଭିନେଶ ଫୋଗଟ, ଅନ୍ତିମ ପଘାଲ, ଅଂଶୁ ମଲିକ ଓ ରୀତିକା ହୁଦା ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

# ଅରବିନ୍ଦ ସ୍ମାରକୀ କ୍ରିକେଟ ଆରମ୍ଭ

**ଭୁବନେଶ୍ୱର, ୫।୫ (ତପନ ସ୍ୱାଇଁ)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ରବିବାର ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁକମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, କର୍ପୋରେଟର କେ. ଶାନ୍ତି, ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ କୁମାର ଜେନା ଓ ସମ୍ପାଦକ ଅକ୍ଷୟ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚରେ ପାରାମାଉଣ୍ଟ 'ଏ' ୧୨୬ ରନରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ-ଏ ନିର୍ଦ୍ଧାରିତ ୩୦ ଓଭରରେ ୨ ଉଇକେଟ ହରାଇ ୨୭୨ ରନ କରିଥିଲା। ଶତକ ହାସଲକାରୀ ପ୍ରାନ୍ତିକ ପ୍ରିୟାଂଶୁ ନାୟକ ୯୧ ବଲ୍‌ରୁ ୧୧୯ ଓ ମୃତ୍ୟୁଞ୍ଜୟ ତ୍ରିପାଠୀ ୫୫ ରନକରି ଆଉଟ ହୋଇଥିବାବେଳେ ସ୍ୱାଗତ ମିଶ୍ର ୪୮ ରନରେ ଅପରାଜିତ ରହିଥିଲେ। ଜବାବରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ୩୦ ଓଭରରେ ୬ ଉଇକେଟ ହରାଇ ୧୪୬ ରନ କରିବାକୁ ସକ୍ଷମ ହୋଇଥିଲା।

# ଚାଇନାକୁ ଉବର କପ୍

**ଚେଙ୍ଗଡୁ, ୫।୫ (ଏପି):** ଇଣ୍ଡୋନେସିଆକୁ ପରାସ୍ତ କରି ଚାଇନା ୧୬ତମ ଥର ପାଇଁ ଉବର କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଟାଇଟଲ ବିଜୟୀ ହୋଇଛନ୍ତି। ଦୁଇ ବର୍ଷ ପୂର୍ବେ ବ୍ୟାଙ୍କକ୍‌ଠାରେ ଚାଇନା ଫାଇନାଲରେ ଦକ୍ଷିଣ କୋରିଆ ନିକଟରୁ ହାରିଯାଇଥିଲା। ମାତ୍ର ଏଥର ୨୦୦୮ ପରେ ପ୍ରଥମ ଥର ଫାଇନାଲକୁ ଉନ୍ନୀତ ହୋଇଥିବା ଇଣ୍ଡୋନେସିଆକୁ ଦଳ ୩-୦ରେ ହରାଇ ଦେଇଛି। ଅଲିମ୍ପିକ ଚାମ୍ପିୟନ ଚେନ୍ ୟୁ ଫେଇ ଗ୍ରେଗୋରିଆ ମାରିସ୍କା ତୁନଜଙ୍ଗଙ୍କୁ ୨୧-୭, ୨୧-୧୬ରେ ପରାସ୍ତ କରି ଚାଇନାକୁ ଭଲ ଆରମ୍ଭ ଦେଇଥିଲେ। ପରେ ବିଶ୍ୱର ନମ୍ବର ୱାନ ଚେଙ୍ଗ୍ କ୍ୱିଙ୍ଗ୍ ଚେନ୍ ଓ ଜିଆ ୟି ଫାନ୍ ୨୧-୧୧, ୨୧-୮ରେ ସିତି ଫାଦିଆ ସିଲ୍‌ଭା ରାମାଧାନ୍ତି ଓ ରିବିକା ସଗିଆର୍ତ୍ତୋଙ୍କୁ ହରାଇଥିଲେ। ଇଷ୍ଟର ନୁରୁଇମି ଇଣ୍ଡୋନେସିଆର ହି ବିଙ୍ଗ୍ ଜିଆଓଙ୍କ ବିପକ୍ଷରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଥିଲେ।

# ଭାରତ-ପାକିସ୍ତାନ ମୁକାବିଲା ଅକ୍ଟୋବର ୬ରେ

## ମହିଳା ଟି୨୦ ବିଶ୍ୱକପ୍

**ଦୁବାଇ, ୫।୫ (ପି.ଟି.)**




ମହିଳା ଟି୨୦ ବିଶ୍ୱକପ୍ କାର୍ଯ୍ୟସୂଚୀ ଉନ୍ମୋଚନ ଅବସରରେ ଢାକାଠାରେ ଆୟୋଜିତ ଏକ ଇଭେଣ୍ଟରେ ଉପସ୍ଥିତ ଅଛନ୍ତି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା, ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ନାଜମୁଲ ହସନ, ଆଇସିସି ସିଇଓ ଜେଫ୍ ଆଲାରଡିସ୍ ଏବଂ ଭାରତ ଓ ବାଂଲାଦେଶ ମହିଳା କ୍ରିକେଟ ଦଳ ଅଧିନାୟିକା ହରମନପ୍ରୀତ କୌର ଓ ନିଗାର ସୁଲ୍‌ତାନା।

ଚଳିତବର୍ଷ ଅକ୍ଟୋବର ୩ରୁ ୨୦ ତାରିଖ ପର୍ଯ୍ୟନ୍ତ ବାଂଲାଦେଶରେ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ର ୯ମ ସଂସ୍କରଣ ଅନୁଷ୍ଠିତ ହେବ। ରବିବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଡ୍ର' ଅନୁସାରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ କ୍ୱାଲିଫାୟର-୧ ସହିତ ଭାରତ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛନ୍ତି। ସମସ୍ତ ଗ୍ରୁପ୍ ମ୍ୟାଚ ସିଲ୍‌ହେଟ୍‌ରେ ଖେଳାଯିବ। ଭାରତ ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୪ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଦଳ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଅକ୍ଟୋବର ୬ରେ ମୁକାବିଲା କରିବ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଅକ୍ଟୋବର ୯ରେ କ୍ୱାଲିଫାୟର-୧ ଦଳ ସହିତ ଖେଳିବ। ଏହି ଦଳ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇପାରି ନାହିଁ। ଅକ୍ଟୋବର ୧୩ରେ ଭାରତ ୬ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ। ଟୁର୍ନାମେଣ୍ଟରେ ପ୍ରତି ଦଳ ୪ ଗ୍ରୁପ୍ ମ୍ୟାଚ ଖେଳିବ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ସେମିଫାଇନାଲ ୧୭ ଓ ୧୮ରେ ଖେଳାଯିବ। ଢାକାଠାରେ ଅକ୍ଟୋବର ୨୦ରେ ଫାଇନାଲ ମ୍ୟାଚ ଖେଳାଯିବ। ଆଇସିସି ୱେବ୍‌ସାଇଟ୍‌ରେ ଏହା ପୋଷ୍ଟ କରାଯାଇଛି। ଟୁର୍ନାମେଣ୍ଟରେ ୧୯ ଦିନ ଧରି ଢାକା ଓ ସିଲ୍‌ହେଟ୍‌ଠାରେ ମୋଟ ୨୩ଟି ମ୍ୟାଚ ଖେଳାଯିବ। ସେମିଫାଇନାଲ ଓ ଫାଇନାଲ ପାଇଁ ରିଜର୍ଭ ଦିବସ ରଖାଯାଇଥିବା ଆଇସିସି କହିଛି। ଗ୍ରୁପ୍ 'ବି'ରେ ଆୟୋଜକ ବାଂଲାଦେଶ ସମେତ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ ଏବଂ କ୍ୱାଲିଫାୟର-୨ ଦଳ ସ୍ଥାନ ପାଇଛି। କ୍ୱାଲିଫାୟର ଦୌଡ଼ରେ ଆୟର୍ଲାଣ୍ଡ, ୟୁଏଇ, ଶ୍ରୀଲଙ୍କା ଓ ସ୍କଟଲାଣ୍ଡ ରହିଛନ୍ତି।

# ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଜୁନିୟର୍ସ ଆରମ୍ଭ

**ଭୁବନେଶ୍ୱର, ୫।୫ (ତପନ ସ୍ୱାଇଁ)**

ଭୁବନେଶ୍ୱରରେ ଆରମ୍ଭ ହୋଇଛି ଆଉ ଏକ ଅନ୍ତର୍ଜାତୀୟ ଟେନିସ ଟୁର୍ନାମେଣ୍ଟ। ଜେ୩୦ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଜୁନିୟର୍ସ ଟୁର୍ନାମେଣ୍ଟ ରବିବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଉଦ୍‌ଘାଟିତ ହୋଇଛି। ଏହା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ନେପାଳ, କାନାଡ଼ା, ଆମେରିକା ଓ ଆୟୋଜକ ଭାରତରୁ ମୋଟ ୧୧୫ ପ୍ରତିଯୋଗୀ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଉଭୟ ବାଳିକା ଓ ବାଳକ ବିଭାଗ କ୍ୱାଲିଫାଇଂରେ ୩୨ ଜଣ ଲେଖାଏ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଅର୍ନ୍ତଜାତୀୟ ସ୍ତରରେ ୧୪୦ଟି ଦେଶରେ ୮୦୦ରୁ ଊର୍ଦ୍ଧ୍ୱ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଜୁନିୟର ଟୁର୍ନାମେଣ୍ଟରେ ବିଶ୍ୱର ପ୍ରତିଭା ସମ୍ପନ୍ନ ଖେଳାଳିମାନେ ସେମାନଙ୍କ ଦକ୍ଷତା ପ୍ରତିପାଦନର ସୁଯୋଗ ପାଉଛନ୍ତି। କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ତଥା ଓଟିଏର ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା, ଆଇଟିଏଫ୍ ସୁପରଭାଇଜର ପ୍ରବୀଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ସିଙ୍ଗଲ୍ସ ବିଜେତା ୩୦ ଓ ଡବଲ୍ସ ବିଜେତା ୨୫ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ପାଇବେ।




କଳିଙ୍ଗ ଷ୍ଟାଡିୟମରେ ରବିବାର ଜେ୩୦ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଜୁନିୟର୍ସ ଟୁର୍ନାମେଣ୍ଟ ଆରମ୍ଭ ଅବସରରେ ଖେଳାଳିଙ୍କ ସହ ଅତିଥି ଓ କର୍ମକର୍ତ୍ତା।

# ରାଜ୍ୟ ଓପନ ଚେସ୍: ଲଳିତ ଚାମ୍ପିୟନ

**ଭୁବନେଶ୍ୱର, ୫।୫ (ତପନ ସ୍ୱାଇଁ):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୨ୟ ନଳିନୀକାନ୍ତ ଆଚାର୍ଯ୍ୟ ସ୍ମାରକୀ ଓପନ ଚେସ୍ ଟୁର୍ନାମେଣ୍ଟ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କଟକର ଲଳିତ ରଞ୍ଜନ ସାହୁ ଓ ହର୍ଷିତ ରଞ୍ଜନ ସାହୁ ୪.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ଭୁବନେଶ୍ୱରର କୌସ୍ତୁଭ ଦାଶ, କଟକର ରବୀନ୍ଦ୍ର କୁମାର ଓଝା, ସୁନ୍ଦରଗଡ଼ର କମଲେଶ ଗୁପ୍ତା, ଭୁବନେଶ୍ୱରର ସୃଜନ ପ୍ରଣୟୀ ରାୟ ଓ କଟକର ସେକ୍ ସୟେଦ ଟପ୍-୭ ଫିନିଶ୍ କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ସାମାଜିକ କର୍ମୀ ସଙ୍ଗୀତା ଷଡ଼ଙ୍ଗୀ ଅତିଥି ଭାବେ ଯୋଗ ଦେଇଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ